

‘ସ୍ପିରିଟ୍’
ପ୍ରଭାସ ନେଇଛନ୍ତି ୧୬୦ କୋଟି
▸ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-163 ◆TUESDAY ◆9 DECEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୬୩ ◆ମଙ୍ଗଳବାର ◆୯ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର ଘଟଣା

# ଗୋଷ୍ଠୀ ସଂଘର୍ଷରେ ଜଳୁଛି ମାଲକାନଗିରି

■ ମାଲକାନଗିର/କୋରୁକୋଣ୍ଡା, ୮ ।୧୨(ସମିସ): ମୁଣ୍ଡବିହୀନ ମହିଳାଙ୍କ ଶବ ଉଦ୍ଧାର ଘଟଣାକୁ ନେଇ କୋରୁକୁଣ୍ଡା ବ୍ଲକ୍ ମାରିବେଡ଼ା ପଞ୍ଚାୟତ ଅଧୀନ ରଖେଲଗୁଡ଼ା ଓ ଏମ୍‌ଭି-୨୬ ଗ୍ରାମରେ ଲାଗି ରହିଥିବା ସଂଘର୍ଷ ଥମିବାର ନାଁ ଧରୁନି । ଆଜି ମଧ୍ୟ ରଖେଲଗୁଡ଼ାର କିଛି ଗ୍ରାମବାସୀ ଏମ୍‌ଭି-୨୬ ଗ୍ରାମର ବହୁ ଲୋକଙ୍କ ଘର ଜାଳି ଦେଇଛନ୍ତି । ଅପରପକ୍ଷେ, ଏହାର ପ୍ରତିବାଦରେ ୨ ହଜାରରୁ ଊର୍ଦ୍ଧ୍ୱ ବଙ୍ଗଳା ଭାଷାଭାଷୀ ଲୋକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିଛନ୍ତି । ମାଲକାନଗିରିସ୍ଥିତ ଏମ୍‌ଭି-୩ରୁ ସେମାନେ ଏକ ବିଶାଳ ରାଲିରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । ବଙ୍ଗଳା ଭାଷାଭାଷୀଙ୍କ ବିରୋଧରେ ଅତ୍ୟାଚାର ବଢ଼ୁଥିବା ବେଳେ କାହିଁକି ଜିଲ୍ଲା ଏବଂ ପୁଲିସ୍ ପ୍ରଶାସନ କାହିଁକି ଚୁପ୍ ବସିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଘଟଣାକୁ ଗୁରୁତ୍ୱର ସହ ନେଇ ପ୍ରଶାସନ ତଦନ୍ତ ଆରମ୍ଭ କରିଛି । ଉତ୍ତେଜନା କ୍ରମଶଃ ବଢ଼ୁଥିବାରୁ ପ୍ରଶାସନ ପକ୍ଷରୁ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଜିଲ୍ଲାରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଛି । ଏହାସହ ମଙ୍ଗଳବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ମଦ ଦୋକାନକୁ ମଧ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି,

**ଇଣ୍ଟରନେଟ୍ ସେବା ଓ ମଦ ଦୋକାନ ବନ୍ଦ**

**ଧସ୍ତାଧସ୍ତିରେ ପୁଲିସ ଆହତ**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ବଙ୍ଗଳା ଭାଷାଭାଷୀ**

**ପୋଟେରୁ ଜଳ ଶୁଖାଇ ଖୋଜା ଚାଲିଛି କଟାମୁଣ୍ଡ**



ଆଜି ସଂଧ୍ୟାରେ ପୁଲିସ ଡିଜି ୱାଇ.ବି ଖୁରାନିଆ, ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଅଖିଳେଶ୍ୱର ସିଂ, ଏଡିଜି (ଅପରେସନ୍) ସଂଜୀବ ପଣ୍ଡା ପ୍ରମୁଖ ମାଲକାନଗିରିରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି ।

ସୂଚନାନୁଯାୟୀ, ରାଖେଲଗୁଡ଼ାର ବିଧବା ଲୋକେ ପଡ଼ିଆମି (୫୧) ଗତ ୧ ତାରିଖ ଦିନ ଜମିକୁ କାମ କରିବାକୁ ଯାଇ ଆଉ ଘରକୁ ଫେରିନଥିଲେ । ଦୁଇ ଦିନ ପରେ ମହିଳାଙ୍କ ମୁଣ୍ଡବିହୀନ ଶବ ପୋଟେରୁ ନଦୀର ଡୁଡୁମେଟଲା ଗ୍ରାମର ମଶାଣି ନିକଟସ୍ଥ ଏକ ଗଛ କଡ଼ରୁ ଉଦ୍ଧାର ହୋଇଥିଲା । ଲୋକେଙ୍କ ସହ ଏମ୍‌ଭି-୨୬ ଗ୍ରାମର ୩ଜଣଙ୍କ ଜମିବାଡ଼ି ବିବାଦ ଥିବାରୁ ତାଙ୍କୁ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଛି ବୋଲି ରାଖେଲଗୁଡ଼ା ଗ୍ରାମବାସୀ ଅଭିଯୋଗ ଆଣିଥିଲେ । ଏହାକୁ ନେଇ ଦୁଇ ଗାଁ ମଧ୍ୟରେ ୩ ଦିନ ହେଲା ଉତ୍ତେଜନା ଲାଗି ରହିଛି । ଗତକାଲି ରାଖେଲଗୁଡ଼ା ଗ୍ରାମବାସୀ ▸ପୃଷ୍ଠା-୭

## ବିଧାନସଭାରେ ମାଲକାନଗିରି ତାତି

■ ଭୁବନେଶ୍ୱର,୮ ।୧୨(ସମିସ): ମାଲକାନଗିରିରେ ସୃଷ୍ଟି ହୋଇଥିବା ଗୋଷ୍ଠୀ ସଂଘର୍ଷର ତାତି ଆଜି ବିଧାନସଭାରେ ଅନୁଭୂତ ହୋଇଛି । ବିଜେଡି ଓ କଂଗ୍ରେସର ସଦସ୍ୟ ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରିବା ସହ ସରକାର କ’ଣ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି । ସୋମବାର ଶୂନ୍ୟକାଳରେ ବିଜେଡି ବିଧାୟକ ପ୍ରତାପ ଦେବ୍ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ରାଜ୍ୟ ସରକାର ନିଘୋଡ଼ ନିଦ୍ରାରେ ଶୋଇଛନ୍ତି । ମାଲକାନଗିରିର ଅଘଟଣ ବିଷୟରେ ଗୃହ ବିଭାଗ ଜାଣି ନ ପାରିବା ଦୁର୍ଭାଗ୍ୟଜନକ । ▸ପୃଷ୍ଠା-୭

**ତୁରନ୍ତ ଡିଜିଙ୍କୁ ମାଲକାନଗିରି ପଠାଯିବାକୁ ବିଜେଡିର ଦାବି**

**ଆଇନଶୃଙ୍ଖଳା ପ୍ରତି ମୁଖ୍ୟମନ୍ତ୍ରୀ ଧ୍ୟାନ ଦିଅନ୍ତୁ: କଂଗ୍ରେସ**

### ବଜେଟ ପ୍ରସଙ୍ଗରେ ନବୀନଙ୍କ କଟାକ୍ଷ

## ଫମ୍ପା ମାଠିଆର ଶବ୍ଦ ବେଶି

**ଲୋକଙ୍କ ବିକାଶ ପାଇଁ ଅର୍ଥ ଖର୍ଚ୍ଚ କରୁନାହାନ୍ତି ସରକାର**



■ ଭୁବନେଶ୍ୱର,୮ ।୧୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଗୃହରେ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଗତ କରିଛନ୍ତି । ଏହାକୁ ନେଇ ଗୃହ ବାହାରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ନବୀନ କହିଛନ୍ତି ଯେ ଆମେ ସମସ୍ତେ ଜାଣୁ ଯେ ଫମ୍ପା ମାଠିଆ ଭଲ ଶବ୍ଦ କରେ, ଆଉ ସେହି ଶବ୍ଦରେ ହିଁ ସେମାନେ (ସରକାର) ସନ୍ତୁଷ୍ଟ । ବଜେଟ ଉପରେ ପ୍ରତିକ୍ରିୟା ରଖି ନବୀନ କହିଛନ୍ତି ଯେ ଦୁଃଖର ସହ କହିବାକୁ ଚାହୁଁଛି ଯେ ଏହା କେବଳ ମୋର ମତ ନୁହେଁ; ଏହା ରାଜ୍ୟର ଅନେକ ଲୋକଙ୍କର ମତ ଅଟେ । ରାଜ୍ୟ ସରକାର ଏହି ରାଜ୍ୟର ଲୋକଙ୍କ ପାଇଁ ଏବଂ ସେମାନଙ୍କ ବିକାଶ ପାଇଁ କୌଣସି ଅର୍ଥ ଖର୍ଚ୍ଚ କରୁନାହାନ୍ତି । ଏହା ଅତ୍ୟନ୍ତ ଦୁଃଖର ବିଷୟ । ବାରମ୍ବାର ବିଜେଡି ପକ୍ଷରୁ ରାଜ୍ୟର ଲୋକଙ୍କ ବିକାଶ ପାଇଁ କିଛି ଖର୍ଚ୍ଚ ହେବା ଉଚିତ୍ ବୋଲି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି । ମାତ୍ର ସେମାନେ ଏ ବିଷୟରେ ସମ୍ପୂର୍ଣ୍ଣ ଅବହେଳା କରୁଛନ୍ତି । ଏଥିପାଇଁ କେବଳ କିଛି ଲୋକ ନୁହେଁ, ସମସ୍ତେ ଅସୁବିଧା ଭୋଗୁଛନ୍ତି ବୋଲି ସେ କହିଛନ୍ତି ।

### ଆଜିଠୁ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦

## ଲାଲ୍‌ମାଟିରେ ବାରବାଟୀ ଲଢ଼େଇ



■ କଟକ,୮ ।୧୨(ସମିସ): ଐତିହାସିକ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତାକାଲି ବା ମଙ୍ଗଳବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମୁକାବିଲା ଖେଳାଯିବ । ଏହି ମୁକାବିଲା ଲାଗି ଉଭୟ ଦଳ ଯେପରି ପ୍ରସ୍ତୁତି କରିଛି, ଠିକ୍ ସେହିପରି ମ୍ୟାଚ୍‌କୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବାକୁ ଓଡ଼ିଶା କ୍ରିକେଟ ସଂଘ ଓ ସରକାରୀ ଏଜେନ୍ସିଗୁଡ଼ିକ ସେହିପରି ପ୍ରସ୍ତୁତ ହୋଇଛନ୍ତି । ଦର୍ଶକଙ୍କୁ ନିୟନ୍ତ୍ରଣ କରିବା, ମ୍ୟାଚ୍‌କୁ ଶୃଙ୍ଖଳିତ କରିବା ଆଦି ପୁଲିସ ଓ ପ୍ରଶାସନ ଲାଗି ଏକ ବଡ ଚ୍ୟାଲେଞ୍ଜ ହୋଇଛି । ପୂର୍ବରୁ ଦକ୍ଷିଣ ଆଫ୍ରିକା ମ୍ୟାଚ୍ ବେଳେ ୨୦୧୫ରେ ଦର୍ଶକ ବିଶୃଙ୍ଖଳା ଓ ଚଳିତବର୍ଷ ଫ୍ଲଡ୍‌ଲାଇଟ୍ ଲିଭିବା ଘଟଣା ସମସ୍ତଙ୍କ ମନରେ ରହିଛି । ଏହାର ଯେପରି ପୁନରାବୃତ୍ତି ନ ହୁଏ, ସେଥିଲାଗି ସମସ୍ତ ଆୟୋଜକ ଓ ଆୟୋଜନକାରୀ ସଂସ୍ଥାଗୁଡ଼ିକ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିଛନ୍ତି ।

ଅନ୍ୟପକ୍ଷରେ ବାରବାଟୀରେ ଉଭୟ ଦଳ ଲାଗି ଦୁଇଟି ଆହ୍ୱାନ ରହିଛି । ପ୍ରଥମଟି ହେଉଛି ▸ପୃଷ୍ଠା-୭

### ଏସ୍‌ଆଇଆର୍ ପାଇଁ ଚିନ୍ତା

## ତାମିଲନାଡୁରେ ହଟିବେ ୮୪ ଲକ୍ଷ ଭୋଟର

■ ଚେନ୍ନାଇ, ୮ ।୧୨(ଏଜେନ୍ସି): ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଚାଲୁରହିଛି । ଆସନ୍ତା ୧୧ ତାରିଖ ଫର୍ମ ଦାଖଲ କରିବାର ଶେଷ ଦିନ ରହିଛି । ଇତିମଧ୍ୟରେ ଏପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁସାରେ ଜଣାପଡ଼ିଛି ଯେ, ବିଭିନ୍ନ ରାଜ୍ୟରେ ଏବେକାର ଭୋଟର ତାଲିକାରୁ ବହୁ ସଂଖ୍ୟାରେ ଭୋଟର ବାଦ୍ ପଡ଼ିବେ ବୋଲି ଆଶଙ୍କା କରାଯାଉଛି । ଏହି ରାଜ୍ୟଗୁଡିକ ମଧ୍ୟରେ ତାମିଲନାଡୁ ସର୍ବାଗ୍ରେ ରହିଛି । ତାମିଲନାଡୁରେ ୮୪.୯୧ ଲକ୍ଷ ଫର୍ମ ଅସଂଗ୍ରହଣୀୟ ଶ୍ରେଣୀରେ ରହିଛନ୍ତି । ଅର୍ଥାତ ଏହି ଫର୍ମଗୁଡିକ ଭିନ୍ନ ଭିନ୍ନ କାରଣ ଯୋଗୁଁ ଏକାଠି ହୋଇପାରିନାହିଁ । ଏଥିରେ ଅସମ୍ପୂର୍ଣ୍ଣ ସୂଚନା, ୨୦୦୩ ତାଲିକାରୁ ନାମ ହଜିବା ଭୋଟରଙ୍କ ମୃତ୍ୟୁ କିମ୍ବା ସ୍ଥାନାନ୍ତର ଅନ୍ତର୍ଭୁକ୍ତ । ଇତିମଧ୍ୟରେ ତାମିଲନାଡୁରେ ମିଳିଥିବା ସୂଚନା ଅନୁସାରେ ଏବେକାର ଭୋଟର ତାଲିକାରୁ ୮୪ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କ ନାମ କରିବାର ଆଶଙ୍କା ସୃଷ୍ଟି ହୋଇଛି । ସେହିପରି ପଶ୍ଚିମବଙ୍ଗରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହୋଇଛି । ଏହି ରାଜ୍ୟରେ ▸ପୃଷ୍ଠା-୭

**ପଶ୍ଚିମବଙ୍ଗରେ ଫର୍ମ ଦାଖଲ କରିନାହାନ୍ତି ୫୪ ଲକ୍ଷ**

## ୧୨ ପର୍ଯ୍ୟନ୍ତ ଶୀତ ଲହରୀ

■ ଭୁବନେଶ୍ୱର, ୮ ।୧୨ (ସମିସ): ସାରା ରାଜ୍ୟରେ ପ୍ରବଳ ଶୀତ ଜାରି ରହିଛି । ପଶ୍ଚିମରୁ ଉପକୂଳ ସବୁଠି ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବା ବେଳେ କିଛି ସ୍ଥାନରେ ପ୍ରବଳ ଜାଡ ଅନୁଭବ ହେଉଛି । ରାଜ୍ୟକୁ କ୍ରମାଗତ ଭାବେ ଆସୁଥିବା ଥଣ୍ଡା ପବନ ଯୋଗୁଁ ତାପମାତ୍ରା କମିଛି । ତେଣୁ ରାଜ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି । ଅନ୍ୟପଟେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି ସ୍ଥାନରେ ପ୍ରବଳ ଶୀତ ଆଶଙ୍କା କରି ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲାକୁ ଶୀତ ଲହରୀ ଚେତାବନୀ ଜାରି କରିଛି ।

**୪.୩ ଡିଗ୍ରୀକୁ ଖସିଲା ଜି. ଉଦୟଗିରି**

ଅନ୍ୟପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ହାଡ଼ଭଙ୍ଗା ଶୀତ ଜାରି ରହିଛି । ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୪.୩ ଡିଗ୍ରୀକୁ ଖସିଥିବା ବେଳେ ସେମିଳିଗୁଡାରେ ୪.୬, ଫୁଲବାଣୀ ୭.୨, ଝାରସୁଗୁଡା ୭.୪, ଦାରିଙ୍ଗବାଡି ୭.୫, ରାଉରକେଲା ୭.୬, ଚିପିଲିମା ୮, ଅନୁଗୁଳ ୮.୮, ସୁନ୍ଦରଗଡ଼ର କିରେଇ ୮.୯, ଭବାନୀପାଟଣା ୯ ଓ ନବରଙ୍ଗପୁରରେ ପାରଦ ୧୦ ଡିଗ୍ରୀ ଛୁଇଁଛି । ଏହି ତାପମାତ୍ରା ସହ ଝାରସୁଗୁଡ଼ାରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୬.୨ ଡିଗ୍ରୀ ତଳକୁ ଖସିଛି । ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ସାରା ରାଜ୍ୟରେ ବର୍ତ୍ତମାନ ଚାଲିଥିବା ଥଣ୍ଡା ଆସନ୍ତା ୨୦ ତାରିଖ ▸ପୃଷ୍ଠା-୭

# ଜୀବନ ଯୁଦ୍ଧରେ ହାରିଗଲେ ଶ୍ରୁତି



**ଯୁବକଙ୍କ ନିର୍ଯାତନା ସହି ନ ପାରି କରିଥିଲେ ଆତ୍ମାହୁତି ଉଦ୍ୟମ**

**କ୍ଷତିପୂରଣ, ନ୍ୟାୟ ଦାବିରେ ବିଜେଡି ଓ ପରିବାର ବର୍ଗଙ୍କ ଧାରଣା**

**୪ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା ପରେ ଉଠିଲା ଶବ**

■ ରାଉରକେଲା, ୮ ।୧୨(ସମିସ): ଜଣେ ଯୁବକର ନିର୍ଯାତନାରେ ଅତିଷ୍ଠ ହୋଇ ନିଜ ଦେହରେ ନିଆଁ ଲଗାଇ ଦେଇଥିବା ଲାଞ୍ଜିବେର୍ଣ୍ଣାର ଛାତ୍ରୀ ଶ୍ରୁତି ଟପ୍ପୋ ଜୀବନଯୁଦ୍ଧରେ ହାରି ଯାଇଛନ୍ତି । ଗତକାଲି ରାତିରେ ସେ ରାଉରକେଲାର ଆଇଜିଏଚ୍‌ର ବର୍ଣ୍ଣ ୟୁନିଟ୍‌ରେ ଆଖି ବୁଜିଛନ୍ତି । ଏହି ଘଟଣାରେ ରାଜଗାଙ୍ଗପୁର ପୁଲିସ୍ ଅଭିଯୁକ୍ତ ନିଲେଶ ସାହୁକୁ ଗିରଫ କରି କୋର୍ଟ ଚାଲାଣ କରିଛି । ତା’ ବିରୋଧରେ ▸ପୃଷ୍ଠା-୭

## ହୃଦୟ ବିଦାରକ: ନବୀନ

**ସରକାର ଆଉ କେତେ ନିରୀହ ଜୀବନ ଏପରି ଜଳିବାକୁ ଛାଡ଼ିଦେବେ**

■ ଭୁବନେଶ୍ୱର, ୮ ।୧୨ (ସମିସ): ରାଜଗାଙ୍ଗପୁର ଲାଞ୍ଜିବେର୍ଣ୍ଣାରେ ନିଆଁରେ ଜଳି କଲେଜ ଛାତ୍ରୀ ପ୍ରାଣ ହରାଇବା ଘଟଣାକୁ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଉକ୍ତ ଘଟଣାକୁ ନବୀନ ଅତ୍ୟନ୍ତ ହୃଦୟବିଦାରକ ବୋଲି ନବୀନ ଅଭିହିତ କରିବା ସହ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ନବୀନ କହିଛନ୍ତି ଯେ ଏପରି ଦୁଃଖଦ ସମୟରେ ପରିବାରବର୍ଗଙ୍କ ▸ପୃଷ୍ଠା-୭


**ଆଇନଶୃଙ୍ଖଳା ବ୍ୟବସ୍ଥା ସଜାଡ଼ିବା ଦିଗରେ ସରକାର କଠୋର ହୁଅନ୍ତୁ**

### ଚରମ ଅରାଜକତା

## ରାଜ୍ୟରେ ଦିନକୁ ୭ ଦୁଷ୍କର୍ମ, ୨୧ ଅସଦାଚରଣ

■ ଭୁବନେଶ୍ୱର,୮ ।୧୨(ସମିସ): ଦିନକୁ ଦିନ ବଢ଼ୁଛି ରାଜ୍ୟରେ ମହିଳା ବିରୋଧୀ ହିଂସା । ଅଶାନ୍ତ ହେଉଛି ଓଡ଼ିଶା, ବିପର୍ଯ୍ୟସ୍ତ ହୋଇ ଚାଲିଛି ଆଇନଶୃଙ୍ଖଳା ପରିସ୍ଥିତି । ବିଧାନସଭାରେ ଖୋଦ ସରକାର ଦେଇଛନ୍ତି ଏ ସଂକ୍ରାନ୍ତ ତଥ୍ୟ । ଗତ ୧୫ ମାସ ମଧ୍ୟରେ ରାଜ୍ୟର ୩୨୦୫ ଜଣ ମହିଳା ଦୁଷ୍କର୍ମ ବା ଗଣ ଦୁଷ୍କର୍ମର ଶିକାର ହୋଇଥିବା ସରକାର ସ୍ୱୀକାର କରିଛନ୍ତି । ଗୋଟିଏ ପଟେ ଝିଅ ପୋଡିକୁ ନେଇ ଜାତୀୟ ତଥା ଅର୍ନ୍ତଜାତୀୟ ସ୍ତରରେ ଓଡ଼ିଶା ନିନ୍ଦିତ ହୋଇଛି । ଗୋଟିଏ ପରେ ଗୋଟିଏ ଘଟଣା ରାଜ୍ୟ ପାଇଁ ଅପବାଦ ଡାକି ଆଣୁଛି । ଏପରି ମାମଲା ଥମିବାର ନାଁ ଧରୁ ନ ଥିବାବେଳେ ଦୁଷ୍କର୍ମ ଓ ମହିଳା ହିଂସା ତଥ୍ୟ ସମସ୍ତଙ୍କୁ ଭୟଭୀତ କରିଛି ।

ରାଜ୍ୟରେ ମହିଳା ହିଂସା ସଂକ୍ରାନ୍ତରେ ବିଧାନସଭାରେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଛି । ଗତ ୧୫ ମାସ ମଧ୍ୟରେ ରାଜ୍ୟରେ ମୋଟ୍ ୩୨୦୫ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି । ସେହିପରି ଏହି ସମୟ ମଧ୍ୟରେ ୨୦୨ ଜଣ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଥିବା ନେଇ ମଧ୍ୟ ମାମଲା ରୁଜୁ ହୋଇଛି ।



**୧୫ ମାସରେ ସର୍ବସାଧାରଣ ସ୍ଥାନରେ ୨୩୧୦ ମହିଳାଙ୍କୁ ବିବସ୍ତ୍ର କରାଯାଇଛି**

ଅନ୍ୟପକ୍ଷରେ ରାଜ୍ୟରେ ଅସଦାଚରଣ ମାମଲା ସବୁ ରେକର୍ଡ ଭାଙ୍ଗି ଦେଇଛି । ଗତ ୧୫ ମାସ ମଧ୍ୟରେ ରାଜ୍ୟରେ ୯ ହଜାର ୮୫୧ଜଣ ମହିଳା ଅସଦାଚରଣଜନିତ ହିଂସାର ଶିକାର ହୋଇଛନ୍ତି । ସେହିପରି ଗତ ୧୫ ମାସରେ ୧୪୭୬ ଜଣ ମହିଳା ଯୌନ ପ୍ରତାରଣାର ଶିକାର ହୋଇଛନ୍ତି ଏବଂ ୮୮୬୩ ଜଣଙ୍କୁ ଅପହରଣ କରାଯାଇଛି । ସର୍ବସାଧାରଣସ୍ଥଳରେ ୨୩୧୦ ଜଣ ମହିଳାଙ୍କୁ ବିବସ୍ତ୍ର କରାଯାଇଥିବାବେଳେ ୧୨୯ ଜଣଙ୍କୁ ଚାଲାଣ କରାଯାଇଛି । ସେହିପରି ମହିଳାଙ୍କୁ ଖରାପ ନଜରରେ ଦେଖିବା ଯୋଗୁଁ ୫୫୬ଟି ମାମଲା ରୁଜୁ ହୋଇଥିବାବେଳେ ଅଶ୍ଳୀଳ ଆଚରଣ ପାଇଁ ୭୯୬ ମାମଲା ରୁଜୁ କରାଯାଇଥିବା ତଥ୍ୟ ପ୍ରକାଶ ପାଇଛି । ପୁଲିସ କାର୍ଯ୍ୟାନୁଷ୍ଠାନରେ ଶିଥିଳତା ଯୋଗୁଁ ରାଜ୍ୟରେ ଅପରାଧୀ ଉପରମୁହାଁ ହୋଇଯାଇଛନ୍ତି । ମହିଳା ବିରୋଧୀ ହିଂସା ରୋକିବାରେ ପୁଲିସର ନିଷ୍କ୍ରିୟତା ଚିନ୍ତା ବଢ଼ାଇଲାଣି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

ବିଧାନସଭାରେ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା ବେଳେ ବିଧାୟକ ଅରୁଣ ସାହୁ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି, ମହିଳା ଅସଦାଚରଣ କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ଅଛି । ଓଡ଼ିଶା ତଳକୁ ମହାରାଷ୍ଟ୍ର ରହିଥିବା କହି ସେ ସରକାରଙ୍କୁ ସମାଲୋଚନା କରିଛନ୍ତି ।

### ବଢୁଛି ମିଲର୍‌ଙ୍କ ମନମୁଖୀ କାରବାର

## କଟ୍‌ନୀଛଟ୍‌ନୀକୁ ବିରୋଧ, ଧାନଗାଡ଼ି ଅଟକାଇଲେ ଚାଷୀ

■ ସମ୍ବଲପୁର, ୮ ।୧୨ (ସମିସ) : ଚଳିତ ଖରିଫ୍ ଧାନକିଣା ଆରମ୍ଭରୁ ସମ୍ବଲପୁର ଜିଲ୍ଲାରେ ଅଚଳାବସ୍ଥା ଦେଖାଦେଇଛି । ଏବେ ଟୋକନ ସମସ୍ୟା ସହ ନୂତନ ସମସ୍ୟା ଭାବେ କଟ୍‌ନୀଛଟ୍‌ନୀ ଦେଖାଦେଲାଣି । ବହୁ ଚାଷୀଙ୍କ ଟୋକନ ଆସିନଥିବାବେଳେ ଯେଉଁ ମାନଙ୍କ ଟୋକନ ଆସିଛି, ସେମାନେ ମିଲ୍‌କୁ ଧାନ ନେଇ ଗଲାପରେ ମିଲର୍ ମନଇଚ୍ଛା କଟ୍‌ନୀଛଟ୍‌ନୀ କରୁଛନ୍ତି । ଏପରିକି ଆଦ୍ରତା ୧୭ ପଏଣ୍ଟରୁ ଅଧିକ ଥିଲେ, ଧାନଗାଡ଼ି ଫେରାଇ ଦେଉଛନ୍ତି । ପୁଣି ସମସ୍ତ ଚାଷୀଙ୍କ ଅଧକିଲୋ କିମ୍ବା ୧ କିଲୋ ଧାନ କଟ୍‌ନୀକୁ ଚାଷୀ ମାନିନେଉଛି । ଏବେ ମିଲର୍ ୪ରୁ ୫ କିଲୋ ପର୍ଯ୍ୟନ୍ତ କଟ୍‌ନୀ ଆରମ୍ଭ କଲେଣି । ଧାନକିଣା ଗୋଟିଏ ମାସ ବିଳମ୍ବରେ ଚାଲିଥିବାବେଳେ ଚାଷୀ ଧାନ ଅମଳ ଓ ଆନୁସଙ୍ଗିକ କାର୍ଯ୍ୟର ଶ୍ରମିକଙ୍କ ପାଉଣା ତଥା ▸ପୃଷ୍ଠା-୭



### ସରକାରୀ ତଥ୍ୟ: ଉଠିଲାଣି ୨ ଲକ୍ଷ ୪୦ କ୍ୱିଣ୍ଟାଲ ଧାନ

ସମ୍ବଲପୁର ଜିଲ୍ଲାରେ ଥିବା ୧୩୪ଟି ମଣ୍ଡିରେ ପ୍ରଥମ ପର୍ଯ୍ୟାୟ ଟାର୍ଗେଟ୍ ୨୮ ଲକ୍ଷ ୨ ହଜାର କ୍ୱିଣ୍ଟାଲ ରହିଛି । ଏଥିରୁ ଆଜି ପର୍ଯ୍ୟନ୍ତ ୩୯୫୮ ଜଣ ଚାଷୀଙ୍କଠାରୁ ୨ ଲକ୍ଷ ୪୦ କ୍ୱିଣ୍ଟାଲ ଧାନ କିଣାଯାଇଛି ବୋଲି ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ସୁବ୍ରତ ହୋତା କହିଛନ୍ତି । ୨୩୮୦ ଜଣ ଚାଷୀଙ୍କ ପ୍ରାପ୍ୟ ପ୍ରେରଣ କରାଯାଇଛି ଏବଂ ୪୮ ଘଣ୍ଟା ମଧ୍ୟରେ ଦେୟ ମିଳିବା ▸ପୃଷ୍ଠା-୭

# ଲୋକସଭାରେ 'ବନ୍ଦେ ମାତରମ୍': ସରକାର-ବିରୋଧୀ ମୁହାଁମୁହିଁ




■ ଜାତୀୟ ସଙ୍ଗୀତକୁ ଖଣ୍ଡ ଖଣ୍ଡ କରିଥିଲା କଂଗ୍ରେସ: ମୋଦୀ

■ ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରାଯାଉଛି: ପ୍ରିୟଙ୍କା ଭଦ୍ରା

ନୂଆଦିଲ୍ଲୀ, ୮ା୧୨ (ଏଜେନ୍ସି): ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ'କୁ ୧୫୦ ବର୍ଷ ପୂରଣ ହୋଇଛି। ଏହି ଅବସରରେ ସଂସଦରରେ ଜାତୀୟ ସଙ୍ଗୀତ ଉପରେ ସ୍ୱତନ୍ତ୍ର ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଲୋକସଭା ାରେ ଚର୍ଚ୍ଚା ଆରମ୍ଭ କରି କହିଛନ୍ତି ଯେ ବନ୍ଦେ ମାତରମକୁ କଂ ାଗ୍ରେସ ଖଣ୍ଡ ଖଣ୍ଡ କରିଦେଇଛି। ମହମ୍ମଦ ଅଲ୍ଲି ଜିନ୍ନାଙ୍କ ଚାପ ାରେ କଂଗ୍ରେସ ନଇଁ ଯାଇଥିଲା। ଏଥିପାଇଁ ସେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜାବହର ଲାଲ ନେହରୁଙ୍କୁ ଦାୟୀ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିବାକୁ ଯାଇ କହିଛନ୍ତି ବନ୍ଦେ ମାତରମକୁ ନେଇ ସଂସଦରେ ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରାଯାଉଛି।

ଲୋକସଭାରେ ଆଲୋଚନା ଆରମ୍ଭ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବନ୍ଦେ ମାତରମ ଇଂ ାରେଜଙ୍କୁ ଦୃଢ଼ ଜବାବ ଦେଇଥିଲେ। ସ୍ୱାଧୀନତା ପୂର୍ବରୁ ଏହା ପ୍ରେରଣାର ସ୍ରୋତ ପାଲଟିଥିଲା। ଏହା ମହାତ୍ମା ଗାନ୍ଧୀଙ୍କ ପସନ୍ଦ ଥିଲା। ସେ ଏହାକୁ ଜାତୀୟ ସଙ୍ଗୀତ ଭାବେ ଦେଖୁଥିଲେ। ଏହାସତ୍ତ୍ୱେ ଗତ କିଛି ଦଶନ୍ଧି ହେଲା ବନ୍ଦେ ମାତରମ ସହ ଅନ୍ୟାୟ ଏବଂ ବିଶ୍ୱାସଘାତ କାହିଁକି କରାଯାଇଥିଲା ବୋଲି ସେ ପ୍ରଶ୍ନ କରିଥିଲେ। କାହା ପାଇଁ ବାପୁଙ୍କ ଭାବନାକୁ ଆଘାତ ଦିଆଯାଇଥିଲା? କଂଗ୍ରେସ ବନ୍ଦେ ମାତରମକୁ ଭାଗ ଭାଗ କରିଥିଲା ବୋଲି ମୋଦୀ ଅଭିଯୋଗ କରିଥିଲେ। ତାଙ୍କ ମତରେ, ଜିନ୍ନାଙ୍କ ମୁସଲିମ ଲିଗ୍ ଆଗରେ ନେହରୁ ନଇଁ ଯାଇଥିଲେ। ୧୯୩୬ ଅକ୍ଟୋବର ୧୫ରେ ଜିନ୍ନା ବନ୍ଦେ ମାତରମକୁ ବିରୋଧ କରିଥିଲେ। ମୁସଲିମ ଲିଗ୍‌କୁ ଜବାବ ଦେବା, ନିନ୍ଦା କରିବା ପରିବର୍ତ୍ତେ ସେ ଓଲଟା ଆଭିମୁଖ୍ୟ ଗ୍ରହଣ କରିଥିଲେ। ସେ ବନ୍ଦେ ମାତରମକୁ ଖଣ୍ଡ ଖଣ୍ଡ କରି ଦେଇଥିଲେ ବୋଲି ମୋଦୀ କହିଥିଲେ।

ପ୍ରଧାନମନ୍ତ୍ରୀ ଘଣ୍ଟାଏ ପର୍ଯ୍ୟନ୍ତ ଦେଇଥିବା ତାଙ୍କ ବକ୍ତବ୍ୟରେ ସେ ୧୨୧ ଥର ବନ୍ଦେ ମାତରମ, ୫୦ ଥର ଦେଶ, ୩୪ ଥର ଇଂରେଜ, ୧୭ ଥର ପଶ୍ଚିମବଙ୍ଗ, ୧୩ ଥର କଂଗ୍ରେସ, ୧୦ ଥର ବଙ୍କୀମ ଚନ୍ଦ୍ର ଚାଟାର୍ଜୀ, ୭ ଥର ଜବାହାରଲାଲ ନେହେରୁଙ୍କ ନାମ ନେଇଥିଲେ। ମୋଦୀ ମଝିରେ ବଙ୍କୀମ ଚନ୍ଦ୍ର ଦା କହିବାରୁ ଟିଏମସି ସାଂସଦ ତାଙ୍କୁ ଅଟକାଇ ଥିଲେ। ବଙ୍କୀମ ଚନ୍ଦ୍ର ବାବୁ କହିବା ପାଇଁ ମୋଦୀଙ୍କୁ ପରାମର୍ଶ ଦେଇଥିଲେ।

ପ୍ରଧାନମନ୍ତ୍ରୀଙ୍କ ଅଭିଯୋଗକୁ ଖଣ୍ଡନ କରିବାକୁ ଯାଇ ପ୍ରିୟଙ୍କା କହିଥିଲେ ଯେ ସମ୍ବିଧାନ ସଭାରେ ବନ୍ଦେ ମାତରମର ସାଂପ୍ରତିକ ସ୍ୱରୂପକୁ ଜାତୀୟ ସଙ୍ଗୀତ ରୂପେ ଗ୍ରହଣ କରିବାକୁ ସମ୍ମତି ପ୍ରକାଶ ପାଇଥିଲା। ସମ୍ବିଧାନସଭାରେ ଏହାକୁ କେହି ବିରୋଧ କରିନଥିଲେ। କଂ ାଗ୍ରେସ ଓ ନେହରୁଙ୍କୁ ଟାର୍ଗେଟ କରି ଯାହା କୁହାଯାଉଛି, ତାହାର ସମ୍ବିଧାନସଭା ଓ ସ୍ୱତନ୍ତ୍ର ସଂଗ୍ରାମୀଙ୍କ ପ୍ରତି ଅପମାନ ଛଡ଼ା ଆଉ କିଛି ନୁହେଁ। ବନ୍ଦେ ମାତରମ ହେଉଛି ଦେଶର ଆତ୍ମାର ଅଂଶବିଶେଷ। ଏହା ୭୫ ବର୍ଷ ହେଲା ଲୋକଙ୍କୁ ହୃଦୟରେ ରହିଛି। ତଥାପି ଆଜି ଏହା ଉପରେ ବିତର୍କ କାହିଁକି ହେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। କେବଳ ପଶ୍ଚିମବଙ୍ଗରେ ନିର୍ବାଚନକୁ ଦୃଷ୍ଟିରେ ରଖି ଏହା ଉପରେ ରାଜନୀତି କରାଯାଉଛି। ଏହାକୁ ନେଇ ନିର୍ବାଚନ ାରେ ମୋଦୀ ନିଜ ଭୂମିକା ନିର୍ବାହ କରିବାକୁ ଚାହୁଁଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ଯେମିତି ଥିଲେ, ଏବେ ସେମିତି ନାହାନ୍ତି। ନେହରୁଙ୍କୁ ଟାର୍ଗେଟ କରାଯାଉଥିବାରୁ ଏହାର ସମାଲୋଚନା କରି ପ୍ରିୟଙ୍କା କହିଲେ ଯେ ମୋଦୀ ଯେତିକି ବର୍ଷ ପ୍ରଧାନମନ୍ତ୍ରୀ ଅଛନ୍ତି, ସେତିକି ବର୍ଷ ନେହରୁ ଜେଲ୍‌ରେ କଟାଇ ଥିଲେ। ବାରମ୍ବାର ନେହରୁଙ୍କୁ ସବୁକଥାରେ ଦୋଷ ଦେବା ଅପେକ୍ଷା ସଂସଦରେ ଥରେ ଏହା ଉପରେ ସ୍ୱତନ୍ତ୍ର ଆଲୋଚନା ହେଉ ବୋଲି ସେ ପରାମର୍ଶ ଦେଇଥିଲେ। । ସେହିପରି କଂଗ୍ରେସ ସାଂସଦ ଗୌରବ ଗୋଗୋଇ ସରକାରଙ୍କ ନୀତିକୁ ନେଇ ପ୍ରଶ୍ନ ଉଠାଇ ଥିଲେ। ପଶ୍ଚିମବଙ୍ଗ ନିର୍ବାଚନ ଆସିଥିବାରୁ ବିଭ୍ରାନ୍ତିକର ପ୍ରସଙ୍ଗ ଉଠା ଯାଉଥିବା ସେ କହିଥିଲେ।

ସ୍ୱାଧୀନ ସାଂସଦ ପପୁ ଯାଦବ ଏହି ଚର୍ଚ୍ଚାକୁ ବିରୋଧ କରି ସ୍ୱଚ୍ଛ ବାୟୁ, ଜଳ, ପରିବେଶ, ଆର୍ଥିକ ସ୍ୱାଧୀନତା ଆଦି ପ୍ରସଙ୍ଗ ଉପରେ ବିତର୍କ କରାଯାଉ ବୋଲି କହିଛନ୍ତି। ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ କହିଲେ ଯେ ଯେଉଁମାନେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ନଥିଲେ, ସେମାନେ ଏହାର ମହତ୍ତ୍ୱକୁ ବୁଝିପାରିବେ ନାହିଁ। ସେମାନେ ରାଷ୍ଟ୍ରବାଦୀ ନୁହନ୍ତି, ସେମାନେ ହେଉଛନ୍ତି ରାଷ୍ଟ୍ରବିବାଦୀ। ସ୍ୱାଧୀନତା ସଂଗ୍ରାମର ସବୁ ସଫଳତା ବିଜେପି ନିଜ ନାମରେ କରିବାକୁ ଚାହୁଛି ବୋଲି ସେ କହିଥିଲେ। ସେହିଭଳି ଡିଏମକେର ଏ.ରାଜା କହିଥିଲେ ଯେ ଏଥିରେ କୌଣସି ଦୁଇମତ ନାହିଁ ଯେ ମୁସଲିମ ସମାଜକୁ ଟାର୍ଗେଟ କରି ବନ୍ଦେ ମାତରମର ରଚନା କରାଯାଇଥିଲା।

ତେବେ ଆଲୋଚନା ଶେଷ କରି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଲେ ଯେ ବନ୍ଦେ ମାତରମକୁ ଜନ ଗଣ ମନ ଭଳି ସମ୍ମାନ ଦେବା ଉଚିତ। ସେ କହିଲେ ଯେ ବନ୍ଦେ ମାତରମ ଏବଂ ଆନନ୍ଦ ମଠ ଆଦୌ ମୁସଲିମ ବିରୋଧୀ ନଥିଲା। ବେଙ୍ଗଲ ନବାବ ଏବଂ ବ୍ରିଟିଶ ଶାସନ ବିରୋଧରେ ଥିଲା ଏହା ଜନମତର ପ୍ରତିଫଳନ। କଂଗ୍ରେସର ତୁଷ୍ଟୀକରଣ ନୀତି ଯୋଗୁଁ ଦେଶ ଭାଗ ଭାଗ ହେଲା ବୋଲି ସେ କହିଥିଲେ।

## ସଂକ୍ଷିପ୍ତ

### ବାବରୀ ମସଜିଦ୍ ନିର୍ମାଣ ପାଇଁ ୧୧ ବାକ୍ସ ଚାନ୍ଦା ମିଳିଛି

■ ଅନ୍‌ଲାଇନ୍‌ରେ ମିଳିଛି ୯୩ ଲକ୍ଷ

ମୁର୍ସିଦାବାଦ୍, ୮ା୧୨(ଏଜେନ୍ସି): ପଶ୍ଚିମବଙ୍ଗର ମୁର୍ସିଦାବାଦ୍ ଜିଲ୍ଲାର ବେଲଡାଙ୍ଗାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ନୀଳମ୍ବିତ ବିଧାୟକ ହୁମାୟୁନ କବୀର ଡିସେମ୍ବର ୬ରେ ବାବରୀ ମସଜିଦର ନିଅଁ ରଖିଥିଲେ। ବାବରୀ ମସଜିଦ୍ ଭଙ୍ଗା ଘଟଣାର ୩୩ ବର୍ଷ ପୂରଣ ଦିନ ସେ ଶିଳାନ୍ୟାସ କରିଥିଲେ। କଡ଼ା ସୁରକ୍ଷା ବଳୟ ଭିତରେ କବୀର ମୌଲବୀଙ୍କ ସହ ମଞ୍ଚ ଉପରେ ଫିତା କାଟିବା ସହ ଔପଚାରିକତା ପୂରଣ କରିଥିଲେ। ଏବେ ଏହି ମସଜିଦ ନିର୍ମାଣ ପାଇଁ ଏକାଠି କରାଯାଇଥିବା ଚାନ୍ଦାର ଏକ ଭଡିଓ ସାମ୍ନାକୁ ଆସିଛି। କବୀର ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍‌ରେ ଏ ନେଇ ଏକ ଭିଡିଓ ସେୟାର କରିଛନ୍ତି। ଏଥିରେ କିଛି ଲୋକ ଟଙ୍କା ଗଣୁଥିବାର ଦେଖାଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ ଶିଳାନ୍ୟାସ ସମାରୋହରେ ୧୧ଟି ବାକ୍ସ ଚାନ୍ଦା ଏକାଠି କରାଯାଇଛି। ଏହାକୁ ଗଣିବା ପାଇଁ ୩୦ ଜଣ ଲୋକ ଓ ନୋଟ ଗଣିବା ମେସିନକୁ ନିୟୋଜିତ କରିବାକୁ ପଡ଼ିଛି। ଇତିମଧ୍ୟରେ କବୀର ଆଉଏକ ନୂଆ ଘୋଷଣା କରିଛନ୍ତି। ସେ ଏକ ଲକ୍ଷ ଲୋକଙ୍କୁ ନେଇ କୋରାନ ପାଠ କରିବାକୁ ଘୋଷଣା କରିଛନ୍ତି।

### ଗୌରବ ଖାନ୍ନା ବିଗ୍ ବସ୍ ୧୯ର ବିଜେତା



ନୂଆଦିଲ୍ଲୀ, ୮ା୧୨ (ଏଜେନ୍ସି): ଜଣାଶୁଣା ରିୟାଲିଟି ଶୋ ବିଗ୍ ବସ୍‌ର ୧୯ତମ ସଂସ୍କରଣ ଶେଷ ହୋଇଛି। ଗ୍ରାଣ୍ଡ ଫିନାଲେରେ ବିଜୟୀ ହୋଇ ଗୌରବ ଖାନ୍ନା ବିଜେତା ଘୋଷିତ ହୋଇଛନ୍ତି। ସେହିପରି ଫରହାନ ଭଟ୍ଟ ରନର୍ସଅପ ବିବେଚିତ ହୋଇଛନ୍ତି। ପ୍ରଣିତ ମୋରେ ତୃତୀୟ, ତାନ୍ୟା ମିତ୍ତଲ ଚତୁର୍ଥ ଓ ଅମାନ ମଲିକ ପଞ୍ଚମ ସ୍ଥାନରେ ରହିଛନ୍ତି। ଗୌରବ ଜଣେ ଜଣାଶୁଣା ଟେଲିଭିଜନ ଅଭିନେତା। ସିଆଇଡି ଓ ଅନୁପମା ଭଳି ଟିଭି ଶୋ'ରେ ତାଙ୍କୁ ଦେଖିବାକୁ ମିଳିଛି। ଶୋ ଜିତିବା ପରେ ଗୌରବଙ୍କୁ ବିଗ ବସ ଟ୍ରଫି ସହ ୫୦ ଲକ୍ଷ ଟଙ୍କା ନଗଦ ପୁରସ୍କାର ରାଶି ମିଳିଛି। ଗ୍ରାଣ୍ଡ ଫିନାଲେରେ କାର୍ତ୍ତିକ ଆର୍ଯ୍ୟନ, ଅନନ୍ୟା ପାଣ୍ଡେ, ଅରମାନ ମଲିକ, କରଣ କୁନ୍ଦ୍ରାଙ୍କ ଭଳି ତାରକା ଉପସ୍ଥିତ ଥିଲେ। ଭୋଜପୁରୀ ସୁପରଷ୍ଟାର ତଥା ଗାୟକ ପବନ ସିଂ ମଧ୍ୟ ଏଥିରେ ଯୋଗ ଦେଇଥିଲେ। ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ତରଫରୁ ଧମକ ମିଳିବା ସତ୍ତ୍ୱେ ସେ ଫିନାଲେରେ ଯୋଗ ଦେଇଥିଲେ।

### ଯୌନ ଉତ୍ପୀଡ଼ନ ମାମଲାରୁ ମାଲାୟଲମ୍ ଅଭିନେତା ଦିଲୀପ ମୁକ୍ତ



କୋଚି, ୮ା୧୨(ଏଜେନ୍ସି): ୨୦୧୭ରେ ଘଟିଥିବା ଏକ ଯୌନ ଉତ୍ପିଡନ ମାମଲାରେ ମାଲାୟଲମ ଅଭିନେତା ଦିଲୀପ ଦୋଷ ମୁକ୍ତ ହୋଇଛନ୍ତି। ୨୦୧୭ରେ ଦକ୍ଷିଣର ଜଣେ ଅଭିନେତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଥିଲେ। କେରଳ ଏର୍ଣ୍ଣାକୁଲମ ସେସନ କୋର୍ଟ ସୋମବାର ଏହି ମାମଲାରେ ଦିଲୀପଙ୍କୁ ମୁକ୍ତ କରିଛନ୍ତି। ବିଚାରପତି ହନୀ ଏମ୍ ବର୍ଗିସ କହିଛନ୍ତି ଯେ, ଦୀଲିପ ଅଭିନେତ୍ରୀଙ୍କ ଉତ୍ପୀଡ଼ନ ମାମଲାରେ ସାମିଲ ନଥିଲେ। ତାଙ୍କ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କ ମଧ୍ୟ କୋର୍ଟ ମୁକ୍ତ କରିଛନ୍ତି। ତେବେ କୋର୍ଟ ମୁଖ୍ୟ ଅଭିଯୁକ୍ତ ସୁନୀଲ ଏନ୍‌ଏସ୍ ଓରଫ୍ ପଲ୍ସର ସୁନୀଙ୍କ ସମେତ ୬ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଡିସେମ୍ବର ୧୨ରେ କୋର୍ଟ ଦୋଷୀଙ୍କ ବିରୋଧରେ ଦଣ୍ଡ ଘୋଷଣା କରିବେ। ଛବି ଓ କ୍ୟାରିଅର ଶେଷ କରିବାକୁ ମୋ ବିରୋଧରେ ଷଡଯନ୍ତ୍ର କରାଯାଇଥିଲା ବୋଲି କୋର୍ଟ ରୁମ ବାହରକୁ ଆସି ଦୀଲିପ କହିଛନ୍ତି। ଜଣେ ବିରଷ୍ଠ ମହିଳା ଅଧିକାରୀ ଓ କେତେଜଣ ଗୁଣ୍ଡା ମୋତେ ଫସାଇଥିଲେ ବୋଲି ସେ କହିଛନ୍ତି।

### ବାଂଲାଦେଶରେ ହିନ୍ଦୁ ଦମ୍ପତିଙ୍କ ଗଳାକାଟି ହତ୍ୟା

ଢାକା, ୮ା୧୨(ଏଜେନ୍ସି): ବାଂଲାଦେଶର ରଙ୍ଗପୁର ଜିଲ୍ଲାରେ ଜଣେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା କରାଯାଇଛି। ୧୯୭୧ ମୁକ୍ତି ସଂଗ୍ରାମରେ ସାମିଲ ଥିବା ୭୫ ବର୍ଷୀୟ ଯୋଗେନ୍ଦ୍ର ଚନ୍ଦ୍ର ରାୟ ଓ ତାଙ୍କ ପତ୍ନୀ ସୁବର୍ଣ୍ଣା ରାୟଙ୍କ ଗଳା କାଟି ନିର୍ମମ ଭାବେ ହତ୍ୟା କରାଯାଇଛି। ରବିବାର ସକାଳେ ଦୁଇଜଣଙ୍କ ମୃତଦେହ ସେମାନଙ୍କ ଘରୁ ଉଦ୍ଧାର କରାଯାଇଛି। ଏପର୍ଯ୍ୟନ୍ତ କୌଣସି ଏଫ୍‌ଆଇଆର୍ ଦାଏର କରାଯାଇନାହିଁ ଓ କାହାକୁ ଗିରଫ ମଧ୍ୟ କରାଯାଇନାହିଁ। ରବିବାର ସକାଳେ କବାଟ ବନ୍ଦ ଥିବା କାରଣରୁ ଘରୋଇ ସହାୟିକା କବାଟ ବାଡେଇଥିଲେ। କିନ୍ତୁ କିଛି ଜବାବ ମିଳି ନଥିଲା। ଫଳରେ ସେ ସିଡ଼ି ଲଗାଇ ଘର ଭିତରକୁ ଯାଇଥିଲେ ଓ ଦୁଇଜଣଙ୍କ ମୃତଦେହ ଦେଖିଥିଲେ। ଦୁଇଜଣଙ୍କ ଗଳା କଟାଯାଇଥିଲା। ରାତି ୧ଟାରେ ଆକ୍ରମଣ କରାଯାଇଥିଲା ବୋଲି ପୁଲିସ କହିଛି। ଏହି ଦମ୍ପତି ଗାଁ ଘରେ ଏକାଟିଆ ରହୁଥିଲେ। ଦମ୍ପତିଙ୍କ ଦୁଇ ପୁଅ ଶୋଭନ ଚନ୍ଦ୍ର ରାୟ ଓ ରାଜେଶ ଖାନ୍ନା ଚନ୍ଦ୍ର ରାୟ ବାଂଲାଦେଶ ପୁଲିସ ବିଭାଗରେ ଚାକିରି କରନ୍ତି।

# ସୁଧୁରୁନି ଇଣ୍ଡିଗୋ, ପୁଣି ୫୦୦ ବାତିଲ



■ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଉଦାହରଣ ସୃଷ୍ଟି କରିବୁ: ମନ୍ତ୍ରୀ

■ ତତ୍କାଳ ଶୁଣାଣି ପାଇଁ ମନା କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୮ା୧୨ (ଏଜେନ୍ସି): ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥିବା ଦେଶର ବଡ଼ ଏୟାରଲାଇନ ଇଣ୍ଡିଗୋ ଉଡ଼ାଣ ସମସ୍ୟାରୁ ବାହାରି ପାରୁନି। ନିୟମ କୋହଳ ସତ୍ତ୍ୱେ 'ଯଥା ପୂର୍ବଂ ତଥା ପରଂ' ସ୍ଥିତି ଲାଗି ରହିଛି। ବିମାନବନ୍ଦରରେ ଅପେକ୍ଷା କରି କରି ଯାତ୍ରୀ ନାକେଦମ ହେଉଛନ୍ତି। ଏହାକୁ ନେଇ ସଂସଦର ଉଭୟ ଗୃହରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ସରକାର କ'ଣ କରୁଛନ୍ତି ବୋଲି ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ବିପର୍ଯ୍ୟୟ ପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି। ଏପରି ସମୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ରାଜ୍ୟସଭାରେ ଇଣ୍ଡିଗୋ ସଙ୍କଟକୁ ନେଇ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ନୂଆ ନିୟମ କାର୍ଯ୍ୟକାରୀ ହେବା ପରେ କ୍ରୁ ରିଷ୍ଟୋରିଂ ଏବଂ ଆଭ୍ୟନ୍ତରୀଣ ଯୋଜନା ଅଭାବରୁ ଇଣ୍ଡିଗୋରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏଥିପାଇଁ ଯାତ୍ରୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାର ଏହି ମାମଲାକୁ ହାଲକାରେ ନେଉ ନାହାନ୍ତି। ମାମଲାର ତଦନ୍ତ ଜାରି ରହିଛି। ଏହି ବିଭ୍ରାଟକୁ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ, ଯାହା ଅନ୍ୟ ଏୟାରଲାଇନ ପାଇଁ ଉଦାହରଣ ପାଲଟିବ। ଯଦି ଟିକିଏ ବି ଅବହେଳା ଥାଏ ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଏହି କ୍ଷେତ୍ରକୁ ଅଧିକ କମ୍ପାନୀ ଆସନ୍ତୁ ବୋଲି ସରକାର ଚାହୁଁଛନ୍ତି। ଦେଶରେ ପାଞ୍ଚଟି ବଡ଼ ଏୟାରଲାଇନ ହେବାର କ୍ଷମତା ରହିଛି ବୋଲି ସେ କହିଛନ୍ତି। ତେବେ ମନ୍ତ୍ରୀଙ୍କ ଉତ୍ତରରେ ବିରୋଦୀ ସଦସ୍ୟ ସନ୍ତୁଷ୍ଟ ହୋଇ ନ ଥିଲେ। ସେମାନେ ଏହାକୁ ବିରୋଧ କରି କକ୍ଷତ୍ୟାଗ କରିଥିଲେ।

କ୍ରମାଗତ ସପ୍ତମ ଦିନରେ ଏହି ଏୟାରଲାଇନରେ ଅଚଳାବସ୍ଥା ଜାରି ରହିଛି। ଦିଲ୍ଲୀ, ଶ୍ରୀନଗର, ହାଇଦରାବାଦ, ବେଙ୍ଗାଲୁରୁ, ଅହମଦାବାଦ ଆଦି ବିମାନବନ୍ଦରରେ ସୋମବାର ୫୦୦ରୁ ଅଧିକ ଉଡ଼ାଣକୁ ବାତିଲ କରିଦିଆଯାଇଛି। ଦିନକ ତଳେ ୬୫୦ରୁ ଅଧିକ ଉଡ଼ାଣ ରଦ୍ଦ କରିଦିଆଯାଇଥିଲା। ଗତ ୬ ଦିନ ହେଲା ଇଣ୍ଡିଗୋର ୩, ୯୫୦ରୁ ଅଧିକ ଉଡ଼ାଣ ବାତିଲ ହେଲାଣି। ଏହାକୁ ନେଇ ଇଣ୍ଡିଗୋ ସିଇଓ ପିଟର ଏଲବର୍ସ କହିଛନ୍ତି ଯେ ପ୍ରତିଦିନ ସ୍ଥିତି ସୁଧୁରିବାରେ ଲାଗିଛି। ୧୯ ତାରିଖ ସୁଦ୍ଧା ସ୍ଥିତି ସ୍ୱାଭାବିକ ହେବାର ସମ୍ଭାବନା ରହିଛି। ସେହିପରି ଇଣ୍ଡିଗୋ ପକ୍ଷରୁ ଦାବି କରାଯାଇଛି ଯେ ସମ୍ପୂର୍ଣ୍ଣ ନେଟ୍‌ୱର୍କକୁ ରିଷ୍ଟୋର କରିଦିଆଯାଇଛି। ୯୧ ପ୍ରତିଶତ ବିମାନ ଠିକ୍ ସମୟରେ ଚାଲିଛି। ଏହା ରବିବାର ତୁଳନାରେ ୭୫ ପ୍ରତିଶତ ଅଧିକ। ଅନ୍ୟପଟେ ଆଜି ଏକ ଇଣ୍ଡିଗୋ ବିମାନରେ ଅବ୍ୟବସ୍ଥାର ଚିତ୍ର ସାମ୍ନାକୁ ଆସିଛି। ଇଣ୍ଡୋଗର ବେଙ୍ଗାଲୁରୁ-ଭଦଦୋରା ବିମାନ ଭିତରେ ପାରା ପଶି ଯାଇଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଇଣ୍ଡିଗୋର ସ୍ଥିତିରେ ସୁଧାର ଆସି ନ ଥିବା ବେଳେ ବିଭ୍ରାଟକୁ ନେଇ ସିଇଓ ଏବଂ କମ୍ପାନୀଙ୍କୁ ଜାରି କରାଯାଇଥିବା କାରଣ ଦର୍ଶାଅ ନୋଟିସ ଉପରେ ଜବାବ ଦେବାକୁ ଡିଜିସିଏ ଅଧିକ ୨୪ ଘଣ୍ଟା ସମୟ ଦେଇଛି।

ଆଜି ସୁପ୍ରିମକୋର୍ଟରେ ଇଣ୍ଡିଗୋ ବିଭ୍ରାଟ ମାମଲା ଉପରେ ଶୁଣାଣି ହୋଇଥିଲା। ତେବେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ଏହାର ତ୍ୱରିତ ଶୁଣାଣି କରିବାକୁ ମନା କରିଦେଇଥିଲେ। ସିଜେଆଇ କହିଥିଲେ ଯେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାମଲା। ଲକ୍ଷାଧିକ ଲୋକ ବିମାନବନ୍ଦରରେ ଫସି ରହିଛନ୍ତି। ଅନେକ ଲୋକେ ସ୍ୱାସ୍ଥ୍ୟ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସମସ୍ୟାରେ ପୀଡ଼ିତ ହୋଇ ବିମାନବନ୍ଦରରେ ଘଣ୍ଟା ଘଣ୍ଟା ଅପେକ୍ଷା କରୁଥିବା ଆମେ ଜାଣିଛୁ। ଭାରତ ସରକାର ଏହି ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ନେଇ ସାରିଛନ୍ତି। ତେଣୁ ୧୦ ତାରିଖରେ ଏହାର ଶୁଣାଣି କରାଯିବ।

## ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ୧୦ ପ୍ରଧାପକ ଛାଡ଼ିଲେ ଚାକିରି

ଫରିଦାବାଦ୍, ୮ା୧୨(ଏଜେନ୍ସି): ଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣ ମାମଲା ସହିତ ଜଡିତ ଫରିଦାବାଦ୍‌ର ଅଲ- ଫଲହା ବିଶ୍ୱବିଦ୍ୟାଳୟରେ ଏବେ ଶିକ୍ଷକ ଓ ପ୍ରଧାପକଙ୍କ ଅଭାବ ପରିଲକ୍ଷିତ ହୋଇଛି। ଫଳରେ ଏମ୍‌ବିବିଏସ୍ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ସପ୍ତାହ ପାଇଁ ଛୁଟିରେ ଯିବାକୁ କୁହାଯାଇଛି। ବିଶ୍ୱବିଦ୍ୟାଳୟ ଭିତରେ ଆତଙ୍କର ଜାଲ ସୃଷ୍ଟି କରିଥିବା ମହିଳା ଡାକ୍ତର ଶାହିନ ସହିଦ୍ ଓ ଡା ମୁଜାମିଲ ଶକିଲ ଗିରଫ ହେବା ପରେ ଲଗାତର କର୍ମଚାରୀମାନେ ଚାକିରି ଛାଡି ଚାଲିଯାଉଛନ୍ତି। ଏବେ ୧୦ ଜଣ ମେଡିକାଲ ପ୍ରାଧାପକ ଚାକିରି ଛାଡି ଚାଲିଯାଇଛନ୍ତି। ପ୍ରାଧାପକଙ୍କୁ ବାଦ୍ ଦେଲେ ଅନ୍ୟ ବିଭାଗର କର୍ମଚାରୀମାନେ ମଧ୍ୟରେ ଚାକିରି ଛାଡ଼ି ଯାଉଛନ୍ତି ବୋଲି କୁହାଯାଇଛି। ଫଳରେ ବିଶ୍ୱବିଦ୍ୟାଳୟରେ ମେଡିକାଲ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦିଲ୍ଲୀ ବିସ୍ଫୋରଣ ପରେ ଯାଞ୍ଚ୍ ଏଜେନ୍ସିଗୁଡିକ ଏହି ବିଶ୍ୱବିଦ୍ୟାଳୟ ଉପରେ ବାରମ୍ବାର ଚଢ଼ାଉ କରିଛନ୍ତି। ଦିଲ୍ଲୀ ବିସ୍ଫୋରଣ ପରେ ହିଁ ବିଶ୍ୱବିଦ୍ୟାଳୟ ସ୍ଥିର ହୋଇପାରୁ ନାହିଁ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ଦିଲ୍ଲୀ ବିସ୍ଫୋରଣ ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ୩ ଜଣ ଡାକ୍ତର ରହିଛନ୍ତି। ଉଲ୍ଲେଖଥାଉ କି, ନଭେମ୍ବର ୧୦ରେ ଦିଲ୍ଲୀର ଲାଲକିଲ୍ଲାରେ ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ଏଥିରେ ୧୫ଜଣ ମୃତ୍ୟୁବରଣ କରିଥିବା ବେଳେ ୨୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ।

## ୫୦୦ କୋଟି ଦେଲେ ଜଣେ ପଞ୍ଜାବର ମୁଖ୍ୟମନ୍ତ୍ରୀ ହେବେ: ସିଦ୍ଧୁଙ୍କ ପତ୍ନୀ

ଚଣ୍ଡିଗଡ଼, ୭ା୧୨(ଏଜେନ୍ସି): ପଞ୍ଜାବ କଂଗ୍ରେସରେ ଏବେ ଗୋଡ଼ ଟଣାଟଣା ଚାଲିଛି। ଇତିମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନଭଜୋତ ସିଂହ ସିଦ୍ଧୁଙ୍କ ପତ୍ନୀ ନଭଜୋତ କୌର ଏକ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି। କଂଗ୍ରେସରେ ମୁଖ୍ୟମନ୍ତ୍ରୀ ହେବାକୁ ୫ ଜଣ ନେତା ଦୌଡ଼ରେ ଅଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ପଦ କ୍ରୟ କରିବାକୁ ଆମ ପାଖରେ ୫୦୦ କୋଟି ଟଙ୍କା ନାହିଁ ବୋଲି ସେ ମନ୍ତବ୍ୟ ଦେଇଛନ୍ତି। ଏହାପରେ ରାଜ୍ୟରେ ରାଜନୈତିକ ହଟଚମଟ ସୃଷ୍ଟି ହୋଇଛି। ଯଦି ନଭଜୋତଙ୍କୁ କଂଗ୍ରେସ ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଘୋଷିତ କରିବାକୁ ଚାହୁଁଛି, ତେବେ ସେ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି। କିନ୍ତୁ ପାର୍ଟିରେ ଗୋଷ୍ଠୀ ବିବାଦ ଚାଲୁ ରହିଛି ବୋଲି ସେ କହିଛନ୍ତି। ଗୋଷ୍ଠୀ ବିବାଦରୁ କଂଗ୍ରେସ ମୁକୁଳିବାକୁ ପ୍ରୟାସ କରୁଥିବା ବେଳେ ନଭଜୋତ କୌରଙ୍କ ଏହି ମନ୍ତବ୍ୟ ବିଜେପିକୁ ପ୍ରଶ୍ନ କରିବା ପାଇଁ ଖୋରାକ ଯୋଗାଇଛି। କଂଗ୍ରେସ ଉପରୁ ଲୋକଙ୍କ ଭରସା ଉଠିଯାଇଛି ବୋଲି ପଞ୍ଜାବ ବିଜେପି ଅଧ୍ୟକ୍ଷ ସୁନୀଲ ଝାଖଡ଼ କହିଛନ୍ତି। ନଭଜତ କୌର ଦେଇଥିବା ଏହି ମନ୍ତବ୍ୟ ନେଇ ସ୍ପଷ୍ଟିକରଣ ଦେବାକୁ ବିଜେପି ଓ ଶାସନାଧିନ ଆମ ଆଦମୀ ପାର୍ଟି ଦାବି କରିଛନ୍ତି। ଅବଶ୍ୟ ନିଜ ମନ୍ତବ୍ୟ ନେଇ ନଭଜୋତ ସ୍ପଷ୍ଟିକରଣ ଦେଇଛନ୍ତି। କେହି ଆମକୁ ବ୍ୟକ୍ତିଗତ ଭାବେ ୫୦୦ କୋଟି ଟଙ୍କା ମାଗିନାହାନ୍ତି। କିନ୍ତୁ ଯେଉଁ ବ୍ୟକ୍ତି ୫୦୦ କୋଟି ଟଙ୍କା ପ୍ରଦାନ କରିବେ ସେ ମୁଖ୍ୟମନ୍ତ୍ରୀ ହୋଇପାରିବେ। କିନ୍ତୁ ଆମ ପାଖରେ ଏତେ ଅର୍ଥ ନାହିଁ।

## କୋର୍ଟଙ୍କ ମହିଳା ବିରୋଧୀ ଟିପ୍ପଣୀକୁ ନେଇ ସୁପ୍ରିମକୋର୍ଟ ଚିନ୍ତିତ

ନୂଆଦିଲ୍ଲୀ, ୮ା୧୨ (ଏଜେନ୍ସି): ଦୁଷ୍କର୍ମ ଏବଂ ଯୌନ ଉତ୍ପୀଡ଼ନ ମାମଲାର ଶୁଣାଣି ସମୟରେ କୋର୍ଟଗୁଡ଼ିକ ଦେଉଥିବା ମହିଳା ବିରୋଧୀ ବିବାଦୀୟ ଟିପ୍ପଣୀକୁ ନେଇ ସୁପ୍ରିମକୋର୍ଟ ସୋମବାର ଚିନ୍ତା ପ୍ରକଟ କରିଛନ୍ତି। ଏହି ମାମଲା ଉପରେ ବିସ୍ତୃତ ତଥ୍ୟ ହାସଲ ପରେ ସମସ୍ୟାର ସମାଧାନ ପାଇଁ ହାଇକୋର୍ଟଗୁଡ଼ିକ ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟ ମାର୍ଗଦର୍ଶିକା ଜାରି କରିବେ। ଆହ୍ଲାବାଦ ହାଇକୋର୍ଟ ଦେଇଥିବା ଏକ ବିବାଦୀୟ ଟିପ୍ପଣୀ ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ହାଇକୋର୍ଟ 'ଦୁଷ୍କର୍ମ ଅଭିଯୋଗ ଲଗାଇବା ପାଇଁ ଛାତି ଧରିବା ଏବଂ ପ୍ୟାଣ୍ଟ ହୁକ୍ ଭାଙ୍ଗିବା' ପର୍ଯ୍ୟାପ୍ତ ନୁହେଁ ବୋଲି କହି ଦୁଷ୍କର୍ମ ଉଦ୍ୟମ ଅଭିଯୋଗ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାରେ ସୁପ୍ରିମକୋର୍ଟ କହିଛନ୍ତି ଯେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଖାରଜ କରିଦିଆଯିବ। ଏହି ମାମଲାର ଟ୍ରାଏଲ ଜାରି ରହିବ। କୋର୍ଟଗୁଡ଼ିକର ଏଭଳି ଟିପ୍ପଣୀ ପୀଡ଼ିତଙ୍କ ଉପରେ ଭୟଙ୍କର ପ୍ରଭାବ ପକାଇ ଥାଏ। ଅନେକ ସମୟରେ ଅଭିଯୋଗ ପ୍ରତ୍ୟାହାର କରିବା ଭଳି ଚାପ ସୃଷ୍ଟି କରିଥାଏ। କୋର୍ଟଗୁଡ଼ିକୁ, ବିଶେଷ କରି ହାଇକୋର୍ଟମାନେ ନିଷ୍ପତ୍ତି ଲେଖିବା ଏବଂ ଶୁଣାଇବା ସମୟରେ ଏଭଳି ଦୁର୍ଭାଗ୍ୟପୂର୍ଣ୍ଣ ଟିପ୍ପଣୀ ଦେବାରୁ ଦୂରେଇ ରହିବା ଉଚିତ।

## ଜାପାନରେ ୭.୬ ତୀବ୍ରତାର ଭୂକମ୍ପ; ସୁନାମୀ ଚେତାବନୀ

ଟୋକିଓ, ୮ା୧୨ (ଏଜେନ୍ସି): ଜାପାନର ଆଓମୋରି ପ୍ରଦେଶରେ ୭.୬ ତୀବ୍ରତାର ଭୂକମ୍ପ ହୋଇଛି। ଭୂପୃଷ୍ଠରୁ ୫୦ କିମି ତଳେ ଏହାର କେନ୍ଦ୍ରସ୍ଥଳ ଥିଲା। ଏଥିରେ କୌଣସି ଜୀବନହାନୀ ହୋଇ ନ ଥିବା ତେବେ ଭୂକମ୍ପକୁ ନେଇ ଆଓମୋରି, ଇୱାତେ, ହୋକାଇଡୋ ପ୍ରଦେଶକୁ ସୁନାମୀ ଚେତାବନୀ ଜାରି କରାଯାଇଛି। ଆଓମୋରିରେ ବଡ଼ ଲହରୀ ଆସିବା ଆରମ୍ଭ ହୋଇଗଲାଣି। ୩ ମିଟର ଉଚ୍ଚର ଲହରୀ ଆସିବା ନେଇ ଚେତାବନୀ ଜାରି ହୋଇଛି।

# ସଂସଦରୁ ଦରମା, ବିଧାନ ପରିଷଦରୁ ଭତ୍ତା ନେଉଛନ୍ତି କୁଶ୍ୱାହ-ଠାକୁର

### ଦରମା ସହ ଭତ୍ତା ବି ନେଉଛନ୍ତି ମନ୍ତ୍ରୀ

ନୂଆଦିଲ୍ଲୀ, ୮ା୧୨ (ଏଜେନ୍ସି): ନିୟମ ପ୍ରସ୍ତୁତ କରି ଭାଙ୍ଗିବାର ସର୍ବାଧିକ ରେକର୍ଡ ବୋଧେ ନେତାମନ୍ତ୍ରୀଙ୍କ ନାମରେ ହିଁ ରହିଛି। ଏମାନେ ସଂସଦ ଏବଂ ବିଧାନସଭାରେ ନୂଆ ନିୟମ ଆଣିଥାନ୍ତି। ଏହାକୁ କଠୋର ଭାବେ କାର୍ଯ୍ୟକାରୀ କରିବାକୁ କହିଥାନ୍ତି। କିନ୍ତୁ ଯେତେବେଳେ ନିଜ ଉପରକୁ ଆସିଯାଏ ସେତେବେଳେ ତାହାକୁ ଉଲ୍ଲଙ୍ଘନ କରିଥାନ୍ତି। ଆଉ କଥା ବାହାରି ଗଲେ ଆଇନ ତା ବାଟରେ ଯିବ କହି ଦୋଷ ଝାଡ଼ି ଦେଇଥାନ୍ତି। ଏଭଳି ଏକ ଆଇନ ଉଲ୍ଲଙ୍ଘନର ଜଘନ୍ୟ ମାମଲା ବିହାର ଏବଂ କେନ୍ଦ୍ର ସରକାରରେ ସାମିଲ ମନ୍ତ୍ରୀ କରିଛନ୍ତି। ମନ୍ତ୍ରୀ ପଦରେ ଥାଇ ବି ମାନନୀୟ ଭତ୍ତା ନେଉଛନ୍ତି। ଏହା ନିୟମ ବିରୋଧୀ ଜାଣି ବି ଚୁପ୍ ହୋଇ ବସି ରହିଛନ୍ତି। ପ୍ରତି ବର୍ଷ ଜୀବିତ ଥିବା ପ୍ରମାଣ ଦେଖା ସରକାରୀ ପାଣ୍ଠି ଲୁଟ୍ କରି ଚାଲିଛନ୍ତି। ଆଉ ସରକାର ନିଜର ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ବି ଶୂନ ରହିଛି। ସୂଚନା ଅଧିକାର (ଆରଟିଆଇ) ବଳରେ ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ର ଓ ବିହାର କ୍ୟାବିନେଟରେ ସାମିଲ ଜଣେ ଲେଖାଏଁ ମନ୍ତ୍ରୀ ସରକାରଙ୍କଠାରୁ ଦରମା ସହିତ ଭତ୍ତା ବି ନେଉଛନ୍ତି।

ସୂଚନା ଅନୁଯାୟୀ, ବିହାରରେ ଏଭଳି ଅନେକ ନେତା ଅଛନ୍ତି ଯେଉଁମାନେ ସାଂସଦ ହେବା ସହିତ ପୂର୍ବତନ ସଦସ୍ୟ ଭାବେ ସରକାରଙ୍କଠାରୁ ଭତ୍ତା ବି ନେଉଛନ୍ତି। ଏମାନଙ୍କ ମଧ୍ୟରେ ବିହାର ମନ୍ତ୍ରୀ ବିଜେନ୍ଦ୍ର ପ୍ରସାଦ ଯାଦବ ଏବଂ କେନ୍ଦ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ସାମିଲ ଅଛନ୍ତି। ଗତ ୨ ତାରିଖରେ ଆରଟିଆଇ ମାଧ୍ୟମରେ ସାମ୍ନାକୁ ଆସିଥିବା ଏହି ତାଲିକାରେ ୮ ଜଣଙ୍କ ନାମ ରହିଛି। ଦୁବେ ଜୀ ୨୦୧୯ ମେ' ୨୬ରୁ ୫୯ ହଜାର ଲେଖାଏଁ ଭତ୍ତା ନେଉଛନ୍ତି। ୨୦୦୫ ମେ' ୨୪ରୁ ବିଜେନ୍ଦ୍ର ପ୍ରସାଦ ଯାଦବ (୧୦ ହଜାର ଟଙ୍କା), ୨୦୦୫ ଏପ୍ରିଲ ୭ରୁ ଉପେନ୍ଦ୍ର କୁଶ୍ୱାହ (୪୭ ହଜାର ଟଙ୍କା), ୨୦୨୦ ମେ' ୭ରୁ ଦେବେଶ ଚନ୍ଦ୍ର ଠାକୁର (୮୬ ହଜାର ଟଙ୍କା), ୨୦୨୦ ମେ' ୨୪ରୁ ଲଲନ କୁମାର ସରାଫ (୫୦ ହଜାର ଟଙ୍କା), ୨୦୧୮ ମେ' ୭ରୁ ସଞ୍ଜୟ ସିଂହ (୬୮ ହଜାର ଟଙ୍କା) ଏବଂ ୨୦୧୫ ସେପ୍ଟେମ୍ବର ୨୨ରୁ ନୀତୀଶ ମିଶ୍ରା (୪୩ ହଜାର ଟଙ୍କା) ଲେଖାଏଁ ଭତ୍ତା ନେଉଛନ୍ତି।

ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆରଏଲଏମ) ମୁଖ୍ୟ ଉପେନ୍ଦ୍ର କୁଶ୍ୱାହ ପ୍ରଥମେ ନିଜ ନାମ ଉପେନ୍ଦ୍ର ପ୍ରସାଦ ସିଂହ ଲେଖୁଥିଲେ। ସେ ଏବେ ରାଜ୍ୟସଭା ସାଂସଦ ଏବଂ ଏନଡିଏର ସହଯୋଗୀ ଅଛନ୍ତି। ଏଥିପାଇଁ ଦରମା ମଧ୍ୟ ନେଉଛନ୍ତି। ସେହପରି ପଶ୍ଚିମ ଚମ୍ପାରଣର ସତୀଶ ଦୁବେ ରାଜ୍ୟସଭା ସାଂସଦ ଅଛନ୍ତି। ସେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୯ରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ଜେଡିୟୁର ବରିଷ୍ଠ ନେତା ବିଜେନ୍ଦ୍ର ପ୍ରସାଦ ଯାଦବ ଏବେ ବିହାର ଅର୍ଥମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଶକ୍ତି ବିଭାଗ ମଧ୍ୟ ତାଙ୍କ ଅଧିନରେ ରହିଛି। ସେ ୧୯୯୦ରୁ କ୍ରମାଗତ ଭାବେ ସୁପୌଲରୁ ନିର୍ବାଚିତ ହୋଇ ଆସୁଛନ୍ତି। ୨୦୨୫ରେ ସେ ପଞ୍ଚମ ଥର ପାଇଁ ଶପଥ ନେଇଥିଲେ।

ଜେଡିୟୁ ନେତା ଦେବେଶ ଚନ୍ଦ୍ର ଠାକୁର ଲୋକସଭା ସାଂସଦ ଅଛନ୍ତି। ସେ ବିଧାନସଭା ବାଚସ୍ପତି ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। କିନ୍ତୁ ନିଜେ ନିୟମକୁ ଅଣଦେଖା କରି ଭତ୍ତା ନେଇ ଚାଲିଛନ୍ତି। ସେ ୨୦୨୪ରେ ଦେବେସ ସଂସଦୀୟ ଆସନରୁ ବିଜୟୀ ହୋଇଥିଲେ। ସେହିପରି ବିହାର ବିଧାନ ପରିଷଦ ସଦସ୍ୟ ଭାବେ ଲଲନ ସରାଫ ଦରମା ନେଉଛନ୍ତି। ଏହା ସହିତ ଭତ୍ତା ନେଇ ରାଜକୋଷ ଲୁଟ୍‌ରେ ସାମିଲ ଅଛନ୍ତି। ଜେଡିୟୁର ଏହି ପ୍ରଭାବଶାଳୀ ନେତା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଘନିଷ୍ଠ ଭାବେ ପରିଚିତ। ଏହା ବ୍ୟତୀତ ଝଞ୍ଝାରପୁରର ବିଜେପି ବିଧାୟକ ନୀତୀଶ ମିଶ୍ରା ୪୩ ହଜାର ଟଙ୍କା ଲେଖାଏଁ ଭତ୍ତା ସହିତ ଦରମା ମଧ୍ୟ ପାଉଛନ୍ତି। ତେବେ ସେ କୌଣସି ଭତ୍ତା ନେଉ ନ ଥିବା କହିଛନ୍ତି। ୨୦୧୫ରେ ବିଧାୟକ ନ ଥିବାବେଳେ ମାସେ ପାଇଁ ଭତ୍ତା ନେଇଥିବା ଉଲ୍ଲେଖ କରିଛନ୍ତି। ଜେଡିୟୁର ବିଧାନ ପରିଷଦ ସଦସ୍ୟ ସଞ୍ଜୟ ସିଂହ ୨୦୧୮ରୁ ଭତ୍ତା ନେବା ଜାରି ରଖିଛନ୍ତି।

# ରାସ୍ତାରେ ଶିକ୍ଷକ; ଶିକ୍ଷାଦାନ ବାଧାପ୍ରାପ୍ତ

## ଓଏଭିରେ ପାଠପଢ଼ା ଠପ୍




ଭୁବନେଶ୍ୱର, ୮ ।୧୨(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ର ଶିକ୍ଷକ ଶିକ୍ଷୟିତ୍ରୀମାନେ ୧୩ ଦଫା ଦାବିରେ ସୋମବାର ଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପୂର୍ବରୁ ସେମାନଙ୍କ ଦାବି ସମ୍ପର୍କରେ ସେମାନେ ସରକାରଙ୍କୁ ଅବଗତ କରିଥିଲେ ମଧ୍ୟ ସରକାର କର୍ଣ୍ଣପାତ କରି ନାହାନ୍ତି। ଏଣୁ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଚେତାବନୀ ଦେଇ ଅହୋରାତ୍ର ଆନ୍ଦୋଳନ ଜାରି ରଖିଛନ୍ତି।

ସଂଘର ଅଭିଯୋଗ ଅନୁଯାୟୀ ସରକାରୀ ମାନ୍ୟତା ସହ ଏଚ୍‌ଆର୍‌ଏମ୍‌ଏସ୍ ଆଇଡି ଖୋଲିବା, ୟୁନିଫର୍ମ କ୍ୟାଡ଼ର ମାନ୍ୟତା, ସମାନ କାମକୁ ସମାନ ଦରମା, ପିଇଟି, ମ୍ୟୁଜିକ ଓ କମ୍ପ୍ୟୁଟର ଶିକ୍ଷକଙ୍କୁ ମଧ୍ୟ ୪୬୦୦ ଗ୍ରେଡ୍ ପେ ପ୍ରଦାନ କରିବା, ଓଏଭିକୁ ପିଏମ୍ ଶ୍ରୀ ସ୍କୁଲ ମାନ୍ୟତା, କଳା ବିଭାଗ ଖୋଲିବା ପରି ମୋଟ୍ ୧୩ ଦଫା ପୂରଣ କରିବା ପାଇଁ ସରକାରଙ୍କୁ ଅବଗତ କରିଛନ୍ତି। ୮୦ ରୁ ଅଧିକ ବିଧାୟକ ଓ ମନ୍ତ୍ରୀଙ୍କ ସମେତ ଜିଲ୍ଲା ପ୍ରଶାନକୁ ଦାବିପତ୍ର ଦେଇଛନ୍ତି। ହେଲେ ସେମାନଙ୍କ ଦାବିକୁ କେହି ନ ଶୁଣିବାରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବା ସଂଗଠନର ରାଜ୍ୟ ସଭାପତି ରିପୁଦମନ ମିଶ୍ର କହିଛନ୍ତି। ସେମାନଙ୍କ ଦାବି ଯଥାର୍ଥ ଏବଂ ସରକାର ତାକୁ ତ୍ୱରିତ ପୂରଣ କରିବାକୁ ପଦକ୍ଷେପ ନିଅନ୍ତୁ, ଅନ୍ୟଥା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନ ଜାରି ରଖିବେ ବୋଲି କହିବା ସହ ପିଲାଙ୍କ ପାଠ ପଢ଼ାରେ ଯେଉଁ ବାଧା ସୃଷ୍ଟି ହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ରାଜ୍ୟ ସଂପାଦକ ସୁଭାଶିଷ ଦାସ କହିଛନ୍ତି।

ଓଏଭିର ପ୍ରାୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଆନ୍ଦୋଳନକୁ ଓହ୍ଲାଇବା ପରେ ପାଠପଢ଼ା ଠପ୍ ହୋଇଯାଇଛି। ବିଦ୍ୟାଳୟ ଖୋଲା ଥିଲେ ମଧ୍ୟ ଶିକ୍ଷାଦାନ କରିବାକୁ କେହି ନାହାନ୍ତି। ଅନେକ ସ୍ଥାନରେ ଅଧାରୁ ଅଘୋଷିତ ଭାବେ ବିଦ୍ୟାଳୟ ବନ୍ଦ ହୋଇଯାଇଛି। ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାକୁ ଆଉ ମାତ୍ର ଦୁଇମାସ ଥିବାବେଳେ ଶିକ୍ଷକଙ୍କ ଆନ୍ଦୋଳନ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ ଚିନ୍ତିତ ହୋଇଛନ୍ତି। ଆଗକୁ ଆନ୍ଦୋଳନ ଜାରି ରହିଲେ ଇଂରାଜୀ ମାଧ୍ୟମରେ ସିବିଏସ୍‌ଇ ପାଠ୍ୟକ୍ରମ ପଢୁଥିବା ପିଲାଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏଣୁ ତ୍ୱରିତ ଶିକ୍ଷକଙ୍କ ଦାବି ପୂରଣ କରିବା ସହ ବିଦ୍ୟାଳୟରେ ପାଠପଢ଼ା ସ୍ୱଭାବିକ କରିବା ପାଇଁ ପଦକ୍ଷେପ ନେବାକୁ ଅଭିଭାବକମାନେ ମଧ୍ୟ ଦାବି କରିଛନ୍ତି।

## ବ୍ଲକ୍ ଗ୍ରାଣ୍ଟ ଶିକ୍ଷକଙ୍କୁ ପେନ୍‌ସନ୍ ଦାବିରେ ଆନ୍ଦୋଳନ

ଭୁବନେଶ୍ୱର, ୮ ।୧୨(ସମିସ): ଦୀର୍ଘ ଦିନରୁ ବ୍ଲକ୍ ଗ୍ରାଣ୍ଟ ମାଧମିକ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷକମାନଙ୍କୁ ପେନସନ୍ ପ୍ରଦାନ କରିବାକୁ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ କେବଳ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ପ୍ରତାରିତ କରୁଛନ୍ତି। ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଖାଲି ହାତରେ ଅବସର ନେଇଛନ୍ତି। ଆଉ କିଛି ଅବସର ଦ୍ୱାର ଦେଶରେ ପହଞ୍ଚିଲେଣି। ଏଣୁ ସେମାନଙ୍କୁ ପେନସନ୍ ପ୍ରଦାନ ସହିତ ମୋଟ୍ ୭ ଦଫା ଏହାସହ ଚାକିରି ସର୍ତ୍ତାବଳୀ ପ୍ରଦାନ କରିବା, ଜିପିଏଫ୍, ଅବସର ବୟସ ୬୨କୁ ବଢ଼ାଇବା ପରି ମୋଟ୍ ୭ ଦଫା ଦାବିରେ ଆନ୍ଦୋଳନ କରିଛନ୍ତି। ଅପରପକ୍ଷରେ ଶିକ୍ଷକ ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ସରକାରଙ୍କ କମିଟି ଗଠନ ରଣନୀତିକୁ ସଂଘର ସଭାପତି କିଶୋର କୁମାର ମହାନ୍ତି ନିନ୍ଦା କରିଛନ୍ତି। କମିଟି ପରେ କମିଟି ଗଠନ କରି ଶିକ୍ଷକଙ୍କୁ ଠକି ଦେବାକୁ ଏହା ସରକାରଙ୍କ ଅପପ୍ରୟାସ ବୋଲି ସେ ଅଭିଯୋଗ କରିଛନ୍ତି। ସରକାର କାଳକ୍ଷେପଣ

**ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**



ଦାବିରେ ସୋମବାର ବ୍ୟାପକ ଆନ୍ଦୋଳନ କରିଛନ୍ତି।

ସଂଘର ଅଭିଯୋଗ ଅନୁଯାୟୀ ସେମାନଙ୍କ ଦାବିକୁ ସରକାର କର୍ଣ୍ଣପାତ କରୁ ନ ଥିବାରୁ ବ୍ଲକ୍ ଗ୍ରାଣ୍ଟ ବିଦ୍ୟାଳୟରେ କାର୍ଯ୍ୟାରତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସାମାଜିକ ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ଅଦାଲତଙ୍କ ନିର୍ଦ୍ଦେଶକୁ ମଧ୍ୟ ସରକାର ପାଳନ କରୁ ନାହାନ୍ତି। ମାତ୍ର ମାମଲାକୁ ଦୀର୍ଘ କରିବା ପାଇଁ ରାଜକୋଷରୁ ବ୍ୟାପକ ଅର୍ଥ ଖର୍ଚ୍ଚ କରିବା ସରକାରଙ୍କ କ୍ରୁର ମାନସିକତାକୁ ପ୍ରତିଫଳିତ କରୁଥିବା ସଂଘର ନେତାମାନେ ଅଭିଯୋଗ କରିଛନ୍ତି। ମାନସିକତାରୁ ବାହାରି ଶିକ୍ଷକଙ୍କ ଦାବି ପୂରଣ କରନ୍ତୁ ବୋଲି ସଂଘର ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ କୁମାର ମହାପାତ୍ର ଏବଂ ସାଧାରଣ ସମ୍ପାଦକ ଅଶୋକ କୁମାର ଲେଙ୍କା ପ୍ରମୁଖ ଦାବି କରିଛନ୍ତି। ସମସ୍ତ ଦାବି ନେଇ ସରକାରଙ୍କ ସହ ଆଲୋଚନା କରିବା ପରେ ସଂଘ ସାମୟିକ ଭାବେ ଆନ୍ଦୋଳନକୁ ସ୍ଥଗିତ ରଖିଛି। ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଗଣଶିକ୍ଷା ବିଭାଗର ପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇଥିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ସଂଘର ସଭାପତି ଶ୍ରୀ ଲେଙ୍କା ସୂଚନା ଦେଇଛନ୍ତି।

**ଗାନ୍ଧୀ ମାର୍ଗରେ ବସିଛନ୍ତି ଶିକ୍ଷକ**

## ଶୂନ୍ୟକାଳରେ ପ୍ରସଙ୍ଗ ଉଠାଇଲେ ଗୌତମବୁଦ୍ଧ

ଭୁବନେଶ୍ୱର,୮ ।୧୨(ସମିସ): ରାଜଧାନୀର ଗାନ୍ଧୀ ମାର୍ଗରେ ୪ଦିନ ହେବ ଶୀତ କାକରରେ ଶିକ୍ଷକମାନେ ବସି ରହିଛନ୍ତି। ହେଲେ ସରକାର ସେମାନଙ୍କ ଦାବି ପ୍ରତି ଆଦୌ ଦୃଷ୍ଟି ଦେଉ ନଥିବା କହି ଗୃହରେ ବର୍ଷିଛନ୍ତି ବିରୋଧୀ। ସୋମବାର ଶୂନ୍ୟକାଳରେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ଓ କଂଗ୍ରେସ ବିଧାୟକ ପବିତ୍ର ସାଉଁତା ଶିକ୍ଷକ ଆନ୍ଦୋଳନ ପ୍ରସଙ୍ଗ ଉଠାଇ ସରକାରଙ୍କୁ ସମାଲୋଚନା କରିଛନ୍ତି।

ବିଜେଡି ବିଧାୟକ ଶ୍ରୀ ଦାସ କହିଛନ୍ତି, ବିଧାନସଭା ଆରମ୍ଭ ହେବାଠାରୁ ଗାନ୍ଧୀ ମାର୍ଗରେ ହଜାର ହଜାର ଶିକ୍ଷକ ଧାରଣାରେ ବସି ରହିଛନ୍ତି। ପ୍ରାଥମିକ ଶିକ୍ଷକମାନଙ୍କର ଏକ ବଡ଼ ସଂଗଠନ ରହିଛି। ପ୍ରାୟ ଦେଢ଼ ଲକ୍ଷ ଶିକ୍ଷକ ଏଥିରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ୪୦-୫୦ ହଜାରରୁ ଅଧିକ ଶିକ୍ଷକ ରାଜରାସ୍ତାରେ ବସିଛନ୍ତି। ସେମାନଙ୍କର ପ୍ରମୁଖ ଦୁଇଟି ଦାବି ରହିଛି। ପ୍ରଥମତଃ ସେମାନଙ୍କ ଗ୍ରେଡ୍ ପେ' ୨୨୦୦ରୁ ୪୨୦୦ ଟଙ୍କା କରିବା ଓ ଠିକା କାର୍ଯ୍ୟକାଳକୁ ଚାକିରିକାଳ ମଧ୍ୟରେ ମିଶାଇବା ପାଇଁ ଦାବି କରି ଆସୁଛନ୍ତି। ସରକାର ଏହି ଦାବିକୁ ୬ ଘଣ୍ଟା କିମ୍ବା ୬ ଦିନ ମଧ୍ୟରେ ପୂରଣ କରିପାରିବେ। ମାତ୍ର ଏହାକୁ ବିଚାର କରିବାକୁ ୬ ମାସ ସମୟ ନେଇଛନ୍ତି। ସରକାର କ'ଣ ପାଇଁ ସମୟ ଗଡ଼ାଉଛନ୍ତି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ସେହିପରି ଅନ୍ୟ ଏକ ପ୍ରସଙ୍ଗରେ ସେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରସଙ୍ଗ ଉଠାଇଛନ୍ତି। ପୂର୍ବ ସରକାରର ଏହା ଏକ ଯୁଗାନ୍ତକାରୀ ଯୋଜନା। କିନ୍ତୁ, ୧୦ବର୍ଷ ଭିତରେ ପ୍ରଥମଥର ପାଇଁ ଆଦର୍ଶ ବିଦ୍ୟାଳୟ ଶିକ୍ଷକମାନେ ରାଜରାସ୍ତାକୁ ଆସିଛନ୍ତି। ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ, ପ୍ରିନ୍ସପାଲ୍ ଅଭାବ ରହିଛି। ନିକଟରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ହେବ ବୋଲି କୁହାଯାଇଥିବା ବେଳେ ବିଦ୍ୟାଳୟରେ ଥିବା ଲାଇବ୍ରେରୀଆନ୍ ପୋଷ୍ଟକୁ ଉଚ୍ଛେଦ କରି ଦିଆଯାଇଛି। ସେହିପରି ଆଦର୍ଶ

**ବିରୋଧୀରେ ଥିବା ବେଳେ ସମର୍ଥନ; ଏବେ କାହିଁକି ନୁହେଁ: ପବିତ୍ର**

ବିଦ୍ୟାଳୟ ଶିକ୍ଷକମାନଙ୍କ ପାଇଁ ଇଆରପି ପୋର୍ଟାଲ କରାଯାଇଛି। ଏହାକୁ ଏସ୍‌ଆଇ ପରୀକ୍ଷା ଦାୟିତ୍ୱ ନେଇଥିବା ସିଲିକନକୁ ଦିଆଯାଇଛି। ସେମାନଙ୍କୁ ଏଚ୍‌ଆରଏମ୍‌ଏସ୍ ପୋର୍ଟାଲରେ ସାମିଲ କରିବାକୁ ଦାବି କରାଯାଉଥିବା ବେଳେ ସରକାର ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ସେହିପରି ଏସ୍‌ଏସ୍‌ପିରେ ଯେଉଁ ଅଧ୍ୟାପକ ଅଧ୍ୟାପିକାମାନେ ଚୟନ ହୋଇ ଆସିଥିଲେ, ସେମାନେ ମଧ୍ୟ ସମାନ କାମକୁ ସମାନ ଦରମା ଦାବିରେ ଆନ୍ଦୋଳନରେ ବସିଛନ୍ତି। ଏହାସହ ୫ଲକ୍ଷ ସରକାରୀ କର୍ମଚାରୀଙ୍କୁ ବିଏସ୍‌କେୱାଇ ଦାବିକୁ ମଧ୍ୟ ଶ୍ରୀ ଦାସ ଦୋହରାଇଛନ୍ତି।

କଂଗ୍ରେସ ସଦସ୍ୟ ପବିତ୍ର ସାଉଁତା ମଧ୍ୟ ଏହି ପ୍ରସଙ୍ଗ ଉଠାଇ କହିଥିଲେ, ବିଜେପି ବିରୋଧୀ ଦଳରେ ଥିବା ବେଳେ ଯେଉଁ ଦାବିକୁ ସମର୍ଥନ କରୁଥିଲା, ସରକାରକୁ ଆସିବା ପରେ କାହିଁକି ପୂରଣ କରୁନାହିଁ ବୋଲି ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଶିକ୍ଷକମାନେ ରାଜରାସ୍ତାରେ ବସିଛନ୍ତି। ସେମାନଙ୍କ ଦାବି ପୂରଣ ହେଉନାହିଁ। ୨୨ଟି ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କ ଠିକା ବ୍ୟବସ୍ଥା ହଟି ସାରିଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ମଧ୍ୟ ୫୦୦୦ ହଜାର ଶିକ୍ଷକ ରାସ୍ତାରେ ବସିଛନ୍ତି। ଆଗକୁ ପରୀକ୍ଷା ଅଛି। ଏହି ସମୟରେ ସ୍କୁଲ ବନ୍ଦ ରହିଛି। ତେଣୁ ସରକାର ତୁରନ୍ତ ଏହି ଦାବି ଉପରେ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ସାଉଁତା ଶୂନ୍ୟକାଳରେ ଦାବି କରିଛନ୍ତି।

**ଚତୁର୍ଥ ଦିନରେ ପ୍ରାଥମିକ ଶିକ୍ଷକଙ୍କ ଧାରଣା**

## ଆଲୋଚନା ବିଫଳ ପରେ ବ୍ୟାପକ ହେଲା ଆନ୍ଦୋଳନ

ଭୁବନେଶ୍ୱର, ୮ ।୧୨(ସମିସ): ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଛି। ଶନିବାର ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ବିଫଳ ହେବା ପରେ ସୋମବାର ଆନ୍ଦୋଳନକୁ ଶିକ୍ଷକମାନେ ଆହୁରି ତୀବ୍ର କରିଛନ୍ତି। ବହୁ ସଂଖ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ଗାନ୍ଧୀ ମାର୍ଗରେ ଏକତ୍ରିତ ହୋଇ ଅହୋରାତ୍ର ଆନ୍ଦୋଳନ ଜାରି ରଖିଛନ୍ତି। ସେମାନଙ୍କ ଦାବି ପୂରଣ ନ

**ଅନ୍ୟ ପ୍ରରୋଚନାରେ ଧାରଣାରେ ବସିଛନ୍ତି ଶିକ୍ଷକ: ଗଣଶିକ୍ଷା ମନ୍ତ୍ରୀ**

ହେବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ରୋକଠୋକ୍ ଭାବେ ସରକାରଙ୍କୁ ଶୁଣେଇ ଦେଇଛନ୍ତି।

ମୂଳ ପଦକୁ ଅପଗ୍ରେଡ୍ କରିବା ସହ ୪୨୦୦ ଗ୍ରେଡ୍ ପେ ପ୍ରଦାନ ଏବଂ ପ୍ରାଥମିକ ଶିକ୍ଷାରୁ ଠିକା ବ୍ୟବସ୍ଥା ଉଚ୍ଛେଦ କରି ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହ ନୋସନାଲ୍ ଇନକ୍ରିମେଣ୍ଟ ପ୍ରଦାନ କରିବା ପରି ଦୁଇ ଦଫା ଦାବିରେ ଆନ୍ଦୋଳନ କରୁଥିବା ଶିକ୍ଷକଙ୍କ ସହ ସରକାର ପୁନଃ ଆଲୋଚନା ନ କରିବାକୁ ନେଇ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସରକାର ଯଦି ସେମାନଙ୍କ ଦାବିକୁ ନ ଶୁଣନ୍ତି, ତେବେ ବିଦ୍ୟାଳୟ ବନ୍ଦ କରି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମୁହ ଛୁଟିରେ ଯିବେ। ଏହି ଆନ୍ଦୋଳନକୁ ବ୍ଲକ୍ ସ୍ତର ପର୍ଯ୍ୟନ୍ତ ନେଇ ଦୁର୍ବାର ଲଢ଼େଇ ଲଢ଼ିବେ ବୋଲି ଚେତାବନୀ ଦେଇଛନ୍ତି।



ଅପରପକ୍ଷରେ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ସମ୍ପର୍କରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ଗତ ଶନିବାର ଦିନ ଶିକ୍ଷକ ନେତାଙ୍କ ସହ ସେ ସକରାତ୍ମକ ଆଲୋଚନା କରିଛନ୍ତି। ସେମାନେ ଆନ୍ଦୋଳନ ପ୍ରତ୍ୟାହୃତ କରିବ ବୋଲି କହିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଅନ୍ୟ କାହା ପ୍ରରୋଚନାରେ ଆସି ଧାରଣାରେ ବସିଛନ୍ତି। ସରକାର ସେମାନଙ୍କ ସମସ୍ୟାକୁ ତର୍ଜମା କରୁଛନ୍ତି। ଆବଶ୍ୟକ ସ୍ଥଳେ ପୁନର୍ବାର ଶିକ୍ଷକ ପ୍ରତିନିଧିଙ୍କ ସହ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

ଶୀତ କାକରକୁ ଖାତିର ନ କରି ୨ ଦଫା ଦାବିରେ ଅହୋରାତ୍ର ଧାରଣା ଜାରି ରଖିଛନ୍ତି। ୩ଦିନ ଧରି ରାଜ୍ୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିବାବେଳେ ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା କରାଯାଇଥିବାରୁ ଆଗକୁ ମଧ୍ୟ ଅଚଳାବସ୍ଥା ଲାଗି ରହିବାର ଆଶଙ୍କା ସୃଷ୍ଟି ହୋଇଛି। ପିଲାଙ୍କ ଶିକ୍ଷାଦାନ ଗୁରୁତ୍ର ଭାବେ ପ୍ରଭାବିତ ହେଉଥିବାରୁ ଅଭିଭାବକମାନେ ମଧ୍ୟ ଉଦବେଗ ପ୍ରକାଶ କରିଛନ୍ତି।

## ଆଗକୁ ଅଧିକ ଶିକ୍ଷକ ଆନ୍ଦୋଳନ

ଭୁବନେଶ୍ୱର, ୮ ।୧୨(ସମିସ): ବିଧାନସଭା ସମୟରେ ଶିକ୍ଷକ ଆନ୍ଦୋଳନ ସରକାରଙ୍କ ପାଇଁ ଶିରପୀଡ଼ା ହୋଇଥିବାବେଳେ ଆଗକୁ ଏହା ଅଧିକ ବଢ଼ିବ। ପ୍ରାଥମିକ ଶିକ୍ଷକ ମହାସଂଘ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ସମେତ ବିଭିନ୍ନ ଶିକ୍ଷକ ସଂଗଠନ ଆନ୍ଦୋଳନ ଜାରି ରଖିଥିବାବେଳେ ଆସନ୍ତା ୧୦ରୁ ୧୩ ତାରିଖ ମଧ୍ୟରେ ଏକାଧିକ ସଂଘ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ରାଜ୍ୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିବାବେଳେ ଆଗକୁ ଅଧିକ ଶିକ୍ଷକ ସଂଗଠନ ଆନ୍ଦୋଳନ ମୁହାଁ ହେଉଥିବାରୁ ସରକାରଙ୍କ ଶିରପୀଡ଼ା ଅଧିକ ବଢ଼ିବା ନେଇ ଆଲୋଚନା ହେଉଛି। ଶିକ୍ଷା ଓ ଶିକ୍ଷକଙ୍କ ଦାବି ନେଇ ଆସନ୍ତା ୧୦ ତାରିଖରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆନ୍ଦୋଳନକୁ ଓହ୍ଲାଇବ। ପୂର୍ବରୁ ସେମାନଙ୍କ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଇ ପରେ ପ୍ରତାରିତ କରିଥିବାରୁ ହଜାର ହଜାର ସଂଖ୍ୟାରେ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ବିଧାନସଭା

- ୧୦ରେ ହେବ ସମନ୍ୱୟ ସମିତିର ସମାବେଶ
- ୬୬୨ ବର୍ଗ କଲେଜ ସଂଘ ଆନ୍ଦୋଳନ ୧୧ରେ
- ଅଣ-ଅନୁଦାନପ୍ରାପ୍ତ କଲେଜ ଆନ୍ଦୋଳନ ୧୨ରେ

ସମ୍ମୁଖ ଗାନ୍ଧିମାର୍ଗରେ ଆନ୍ଦୋଳନ କରିବେ। ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସର ନେଉଥିବା ଓ ନେଇଥିବା ଶିକ୍ଷାକର୍ମଚାରୀଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ, ଅବସର ବୟସ ସୀମା ୬୨କୁ ବୃଦ୍ଧି ଦାବି ପୂରଣ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାକୁ ପୂରଣ କରିବା ପରିବର୍ତ୍ତେ କାଳକ୍ଷେପଣ ନୀତି ଆପଣେଇ ଆଉ ଏକ କମିଟି ଗଠନ କରିଛନ୍ତି। ଯାହାକୁ ସଂଘ ବିରୋଧ କରି ଆନ୍ଦୋଳନ କରିବ।

ସେହିପରି ୬୬୨ ବର୍ଗ କଲେଜରେ କାର୍ଯ୍ୟରତ ଅଧ୍ୟାପକମାନେ ମଧ୍ୟ ୧୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସୋମବାର ଘୋଷଣା କରିଛନ୍ତି। ରାଜ୍ୟ ସଭାପତି ଗୋଲକ ନାୟକ କହିଛନ୍ତି ଯେ ଚାକିରି ସର୍ତ୍ତାବଳୀ ସହ ପେନସନ୍ ପ୍ରଦାନ, ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ଓ ଅବସର ବୟସ ସୀମା ୬୨କୁ ବଢ଼ାଇବା ଦାବିରେ ସେମାନେ ବିଭିନ୍ନ ସମୟରେ ଆନ୍ଦୋଳନ କରିଛନ୍ତି। ସରକାର ସେମାନଙ୍କୁ ଦାବିକୁ ପୂରଣ କରିବ ପାଇଁ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ପ୍ରତାରିତ କରୁଛନ୍ତି। ଅନେକ ଦୁର୍ଦ୍ଦଶା ଭୋଗୁଥିଲେ ମଧ୍ୟ ସେମାନଙ୍କ ଦାବି ପ୍ରତି ସରକାର କର୍ଣ୍ଣପାତ କରୁ ନାହାନ୍ତି। ଏଣୁ ସେମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ହୋଇଥିବା ଶ୍ରୀ ନାୟକ କହିଛନ୍ତି। ଅନୁରୂପ ଭାବେ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ସଂସ୍କୃତ ଶିକ୍ଷାନୁଷ୍ଠାନରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଳନ କରି ନାହାନ୍ତି। ବିରୋଧୀ ଦଳରେ ଥିବାବେଳେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଧାରଣା ସ୍ଥଳରେ ସେମାନଙ୍କ ଦାବିକୁ ଯଥାର୍ଥ ଦର୍ଶାଇ ନୈତିକ ସମର୍ଥନ ଦେଇଥିଲେ। ହେଲେ ସରକାରକୁ ଆସିବବା ପରେ ସେମାନେ ପ୍ରତାରିତ କରିଥିବା ସଂଘ ଅଭିଯୋଗ କରିଛି। ଏଣୁ ସେମାନଙ୍କ ଏକମାତ୍ର ଦାବି 'ସରକାରୀ ଅନୁଦାନ ପ୍ରଦାନ' ଦାବିରେ ୧୨ ତାରିଖରେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘର ସଭାପତି ଡ. ଦେବ ବିଜୟ ମିଶ୍ର ଚେତାବନୀ ଦେଇଛନ୍ତି।

## ମନ୍ତ୍ରୀଙ୍କ ଆବାସ ନବୀକରଣ ପାଇଁ ପାଣି ପରି ଟଙ୍କା ଖର୍ଚ୍ଚ

ଭୁବନେଶ୍ୱର,୮ ।୧୨(ସମିସ): ରାଜ୍ୟରେ ସରକାର ପରିବର୍ତ୍ତନ ପରେ ନୂତନ ମନ୍ତ୍ରିମଣ୍ଡଳ ଗଠନ ହୋଇଥିଲା। ଏହି ମନ୍ତ୍ରୀମାନଙ୍କୁ ବିଭିନ୍ନ ସରକାରୀ ବାସଭବନ ଆଲର୍ଟ ହୋଇଛି। ପୂର୍ବରୁ ମନ୍ତ୍ରୀମାନେ ରହିଆସୁଥିବା ବାସଭବନ ମଧ୍ୟରୁ ଅଧିକାଂଶ ବାସଭବନକୁ ନୂତନ ସରକାରଙ୍କ

- ମୁଖ୍ୟମନ୍ତ୍ରୀଙ୍କ ଦୁଇ ବାସଭବନ ପାଇଁ ଖର୍ଚ୍ଚ ୭୩ ଲକ୍ଷ ଟଙ୍କା
- ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର ସବୁଠୁ କମ୍ ୫ ଲକ୍ଷ
- କେଭିଙ୍କ ପାଇଁ ୨୮, ସୂର୍ଯ୍ୟବଂଶୀଙ୍କର ୨୫ ଲକ୍ଷ ଖର୍ଚ୍ଚ

ମନ୍ତ୍ରୀଙ୍କୁ ଆବଣ୍ଟନ ହୋଇଛି। ତେବେ ଏହି ସରକାରୀ କ୍ୱାର୍ଟର୍ସ ଆବଣ୍ଟନ ପରେ ଏହାର ନବୀକରଣ ବାବଦକୁ ସରକାରୀ ତହବିଲ୍‌ରୁ ପାଣି ଭଳି ଟଙ୍କା ଖର୍ଚ୍ଚ ହୋଇଛି। ବିଧାନସଭାରେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସଙ୍କ ପ୍ରଶ୍ନରେ ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ଏହି ତଥ୍ୟ ରଖିଛନ୍ତି।

ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ ଗୋଟିଏ ସରକାରୀ ଆବାସର ମରାମତି ପାଇଁ ୫୦ ଲକ୍ଷ ୧୦ ହଜାର ୮୭୧ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଅନ୍ୟ ଏକ ସରକାରୀ ବାସଭବନ ପାଇଁ ୨୩ ଲକ୍ଷ ୪୭ ହଜାର ୪୮୭ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଘର ମରାମତି ପାଇଁ ୧୮ ଲକ୍ଷ ୯୦ ହଜାର, ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓଙ୍କ ଘର ମରାମତି ପାଇଁ ୨୮ ଲକ୍ଷ ୨୧ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଜଙ୍ଗଲ ପରିବେଶ ମନ୍ତ୍ରୀଙ୍କ ବାସଭବନ ମରାମତି ୨୫ ଲକ୍ଷ ୭୪ ହଜାର ୬୭୨ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବାସଭବନ ପାଇଁ ଖର୍ଚ୍ଚ ହୋଇଛି ୨୫ ଲକ୍ଷ ୭୨ ହଜାର ୫୧୭ ଟଙ୍କା। ପୂର୍ବତନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବାସଭବନ ନବୀକରଣ ପାଇଁ ୨୦ ଲକ୍ଷ ୯୩ ହଜାର୮୧୧ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ନିଜ ସରକାରୀ ବାସଭବନରେ ସବୁଠାରୁ କମ ଖର୍ଚ୍ଚ କରିଥିବା ମନ୍ତ୍ରୀ ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରହିଛନ୍ତି। ତାଙ୍କ ବାସଭବନ ପାଇଁ ମାତ୍ର ୫ ଲକ୍ଷ ୧୧ ହଜାର ୫୭୮ ଟଙ୍କା ଖର୍ଚ୍ଚ ହୋଇଛି।

## ରାଜ୍ୟରେ ଡାକ୍ତର ମରୁଡ଼ି



**୧୨ ମେଡିକାଲ କଲେଜ ସତ୍ତ୍ୱେ ଡାକ୍ତର ଅଭାବ**

ଭୁବନେଶ୍ୱର,୮ ।୧୨(ସମିସ): ରାଜ୍ୟରେ ବର୍ତ୍ତମାନ ଡାକ୍ତର ମରୁଡ଼ି ସ୍ଥିତି। ଏବେ ବି ୬୦ ପ୍ରତିଶତ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ଖାଲି ପଡ଼ିଛି। ରାଜ୍ୟରେ ମୋଟ୍ ମଞ୍ଜୁରୀପ୍ରାପ୍ତ ୧୫୭୭୪ ଡାକ୍ତର ପଦବୀରୁ ୯୫୦୩ ଡାକ୍ତର ପଦବୀ ଖାଲି ପଡ଼ିଛି। ଏବେ ମାତ୍ର ୬୨୭୧ ଡାକ୍ତର କାର୍ଯ୍ୟରତ ରହିଛନ୍ତି। ଏମିତି କି ଏହି ଡାକ୍ତରମାନଙ୍କ ମଧ୍ୟରୁ ୧୧୩୫ ଡାକ୍ତର ଠିକାରେ ମଧ୍ୟ ନିଯୁକ୍ତ ହୋଇଛନ୍ତି। ତେଣୁ ସ୍ଥାୟୀ ନିଯୁକ୍ତି ପାଇ ରାଜ୍ୟରେ ମାତ୍ର ୫୦୦୩ ଡାକ୍ତର କାର୍ଯ୍ୟ କରୁଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିଧାନସଭାରେ ଏହି ତଥ୍ୟ ଦେଇଛନ୍ତି।

୨୦୨୪ ସୁଦ୍ଧା ଓଡ଼ିଶା ଡାକ୍ତର ବଳକା ରାଜ୍ୟ ଭାବେ ଉଭା ହେବ ବୋଲି ପୂର୍ବତନ ମୁଖ୍ୟମମନ୍ତ୍ରୀ କହିଥିଲେ। ମୁଖ୍ୟତଃ ରାଜ୍ୟରେ ଗଢ଼ି ଉଠୁଥିବା ମେଡିକାଲ୍ କଲେଜରୁ ପ୍ରତିବର୍ଷ ବାହାରୁଥିବା ଡାକ୍ତର ଓ ସେମାନଙ୍କ ନିଯୁକ୍ତି ଫଳରେ ଏହି ସମସ୍ୟା ହଟିଯିବ ବୋଲି ପୂର୍ବ ସରକାର ଲକ୍ଷ୍ୟ ରଖିଥିଲେ। ହେଲେ ଏବେ ଡାକ୍ତର ବଳକା ରାଜ୍ୟ ଓଡ଼ିଶା ପାଇଁ ଏକ ଆହ୍ୱାନପୂର୍ଣ୍ଣ ହୋଇପଡ଼ିଛି।

- ଖାଲି ପଡ଼ିଛି ୬୦ ପ୍ରତିଶତ ମଞ୍ଜୁରୀପ୍ରାପ୍ତ ପଦବୀ
- ନବୀନଙ୍କ ଡାକ୍ତର ବଳକା ରାଜ୍ୟ ଲକ୍ଷ୍ୟ ମୋହନଙ୍କ ପାଇଁ ଆହ୍ୱାନ

ଡାକ୍ତର ବଳକା ବଦଳରେ ବଡ଼ ବଡ଼ କୋଠା ଛିଡ଼ା ହୋଇଥିବା ଡାକ୍ତରଖାନାରେ ବି ଡାକ୍ତର ମରୁଡ଼ି ଦେଖା ଦେଇଛି। ଫଳରେ ଆଜି ବି ରାଜ୍ୟର ବିଭିନ୍ନ ସ୍ଥାନରୁ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ସାମ୍ନାକୁ ଆସୁଛି। ରୋଗୀ ହନ୍ତସନ୍ତ ହେବାର ଧାରା କମିବା ବଦଳରେ ବିଭିନ୍ନ ପ୍ରକାର ଅବହେଳା ଯୋଗୁଁ ଏହି ସମସ୍ୟା ବଢ଼ିବାରେ ଲାଗିଛି। ଗାଁ ଗଣ୍ଡାରୁ ଲୋକମାନେ ସହରକୁ ସରକାରୀ ଡାକ୍ତରଖାନା ଭରସାରେ ଆସୁଛନ୍ତି; ହେଲେ ସେଠି ଡାକ୍ତର ରହୁ ନାହାନ୍ତି। ଯଦିଓ କେଉଁଠି କେତେବେଳେ ଜଣେ ଅଧେ ଡାକ୍ତର ରହୁଛନ୍ତି, ସେଠାରେ ଶହଶହ ରୋଗୀ ଲମ୍ବା ଲାଇନ୍‌ରେ ଠିଆ ହୋଇ ରହୁଛନ୍ତି। ଡାକ୍ତର ଦେଖାଇବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ବି ଉନ୍ନତ ଚିକିତ୍ସା ସୁନିଶ୍ଚିତ ହୋଇପାରୁ ନ ଥିବା ଅଭିଯୋଗ ହେଉଛି।

୨୦୦୦ ମସିହାରେ ବର୍ଷକୁ ୩୨୧ ଜଣ ଡାକ୍ତର ଓ ୨୫୪ ସ୍ପେଶାଲିଷ୍ଟ ବାହାରୁଥିବା ବେଳେ ଏବେ ଏହି ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଛି। ଓଡ଼ିଶାରେ ବର୍ତ୍ତମାନ ୧୨ଟି ସରକାରୀ ମେଡିକାଲ କଲେଜ ସାଙ୍ଗକୁ ୬ଟି ବେସରକାରୀ କଲେଜ ଓ ଗୋଟିଏ ଏମ୍‌ସ ରହିଛି। ଗୋଟିଏ ଡେଣ୍ଟାଲ କଲେଜ ଓ ଦୁଇଟି ପିଜି ଇନ୍‌ଷ୍ଟିଚ୍ୟୁଟ୍ କାର୍ଯ୍ୟକ୍ଷମ ଅଛି। ଏବେ ପ୍ରତିବର୍ଷ ୨୨୦୦ରୁ ଊର୍ଦ୍ଧ୍ୱ ଡାକ୍ତର ଓ ୮୦୦ରୁ ଊର୍ଦ୍ଧ୍ୱ ସ୍ପେଶାଲିଷ୍ଟ ବାହାରୁଛନ୍ତି; ତଥାପି ରାଜ୍ୟରେ ଡାକ୍ତର ଅଭାବ ରହୁଛି। ସବୁ ପ୍ରକାର ସାଧନ ଥିବା ସତ୍ତ୍ୱେ ଓଡ଼ିଶାର ସାଧାରଣ ରୋଗୀଟିଏ ହନ୍ତସନ୍ତ ହେଉଛି। ନବୀନ ସରକାର "ଡାକ୍ତର ବଳକା' ରାଜ୍ୟ ନେଇ ଘୋଷଣା କରିଥିବା ବେଳେ ମୋହନ ସରକାର ଏହି ଚାଲେଞ୍ଜକୁ ପୂରା କରି ପାରୁଛନ୍ତି କି ନାହିଁ ତା' ଉପରେ ଉପରେ ବର୍ତ୍ତମାନ ସମସ୍ତଙ୍କ ନଜର ରହିଛି।

ସୂଚନାଥାଉ କି ରାଜ୍ୟରେ କେତେ ଡାକ୍ତର ପଦବୀ ଫାଙ୍କା ପଡ଼ିଛି ବୋଲି ବିଧାନସଭାରେ ବିଜେଡି ବିଧାୟକ ଗଣେଶ୍ୱର ବେହେରା ପ୍ରଶ୍ନ ପଚାରି ଥିଲେ। ଏହାର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ, ମଞ୍ଜୁରୀପ୍ରାପ୍ତ ୧୫,୭୭୪ରୁ ୫୦୩ ପଦବୀ ଖାଲି ପଡିଛି। ତେବେ ୫୨୪୮ ଡାକ୍ତର ପଦବୀ ପୂରଣ ପାଇଁ ଓପିଏସ୍‌ସିକୁ ଅନୁରୋଧ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଆଦିବାସୀ ମହିଳାଙ୍କୁ ମିଳୁନି ନ୍ୟାୟ

ପାଟଣାଗଡ଼,୮ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଲରମ୍ଭା ଥାନାରେ ଶନିବାର ଜଣେ ଆଦିବାସୀ ମହିଳାଙ୍କ ଲିଖିତ ଅଭିଯୋଗକୁ ଲରମ୍ଭା ଥାନାଧିକାରୀ ଫେରାଇଦେଇଥିଲେ । ଏହାପରେ ମହିଳା ଜଣକ ନ୍ୟାୟ ନପାଇ ଶନିବାର ସନ୍ଧ୍ୟାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଥିଲେ । ଅଧୀକ୍ଷକ ଉପସ୍ଥିତ ନ ଥିବାରୁ ମହିଳା ନ୍ୟାୟ ନ ପାଇ ଫେରିଆସି ଗଣମାଧମକୁ ଗୁହାରି କରିଥିଲେ । ଏନେଇ ରବିବାର "ସକାଳ'ରେ ଖବର ପ୍ରକାଶ ପରେ ରବିବାର ଅପରାହ୍ନ ୩ ଟା ୩୦ ସମୟରେ ଲରମ୍ଭା ଥାନାଧିକାରୀ ଭାନୁଶଙ୍କର ଯାଦବଙ୍କ ନେତୃତ୍ୱରେ ପାଞ୍ଚ ଜଣିଆ ଟିମ୍ ଆଦିବାସୀ ମହିଳାଙ୍କ ଘରେ ପହଁଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଏଥିସହ ଅଧିକ ତଦନ୍ତ ପାଇଁ ସୋମବାର ଅଭିଯୋଗକାରୀ ମହିଳା ଯଶୋଦା ଓ ଦାଦନ ଦଲାଲ ସୁଲେମାନ ଖାନଙ୍କ ପୁଅ ରୋଶନ ଖାନକୁ ଏସ୍‌ଡିପିଓ ଅଫିସ ପାଟଣାଗଡ଼କୁ ଯିବାପାଇଁ କହିଥିଲେ ।



ସୋମବାର ଏସ୍‌ଡିପିଓ ସଦାନନ୍ଦ ପୁଝାରୀଙ୍କ କାର୍ଯ୍ୟାଳୟରେ ତଦନ୍ତ କରାଯାଇଥିଲା । କିନ୍ତୁ ନିରପେକ୍ଷ ତଦନ୍ତ କରାଯାଇ ନ ଥିବା ଅଭିଯୋଗ ଆଣିଛନ୍ତି ଆଦିବାସୀ ମହିଳା ଯଶୋଦା । ସେ କହିଛନ୍ତି ଆମେ ଗରିବ ଆଦିବାସୀ ହୋଇଥିବାରୁ ଆମକୁ ନ୍ୟାୟ ମିଳୁନାହିଁ । ଅଭିଯୁକ୍ତ ରୋଶନ ଆମ ପରିବାରକୁ ଭସାଇଦେଲା । ସାଢେ ପାଞ୍ଚ ଲକ୍ଷ ହଡ଼ପ କଲା । ଶେଷରେ ମୋତେ ଜାତିଆଣ ଆକ୍ଷେପ, ମାରପିଟ୍ କଲା । ମୋତେ ନ୍ୟାୟ ନ ମିଳିଲେ ବୁଧବାର ପିଲାଛୁଆକୁ ନେଇ ଏସ୍‌ପି ଅଫିସ ସମ୍ମୁଖରେ ଧାରଣା ଦେବି । ଅପରପକ୍ଷରେ ଦାଦନ ଦଲାଲ ରୋଶନ ଓ ଇଟା ଭାଟି ମାଲିକଙ୍କ କଥାବାର୍ତ୍ତା ର ଅନେକ ଅଡ଼ିଓ "ସକାଳ" ର ହସ୍ତଗତ ହୋଇଛି । ଏହି ଅଡ଼ିଓରେ ଦାଦନ ଦଲାଲ ରୋଶନ କିଭଳି ଆଦିବାସୀ ପରିବାରକୁ ଷଡଯନ୍ତ୍ର କରି ଟଙ୍କା ହଡପ କରିଛି ସମସ୍ତ ପ୍ରମାଣ ରହିଛି । ଏ ଦିଗରେ ଏସ୍‌ପି ବଲାଙ୍ଗିର ଦୃଷ୍ଟିଦେଇ ଘଟଣାର ନିରପେକ୍ଷ ତଦନ୍ତ ସହ ଆଦିବାସୀ ମହିଳାଙ୍କୁ ନ୍ୟାୟ ଦେବାପାଇଁ ଜନସାଧାରଣ ମହଲରେ ଦାବି ହେଉଛି ।

### 'ସୁଭଦ୍ରା' ଯୋଜନାରେ ସୁଭଦ୍ରାଙ୍କୁ ହତାଦର

# ପ୍ରଥମରୁ ତୃତୀୟ କିସ୍ତି ମଧ୍ୟରେ ବାଦ୍ ପଡ଼ିଲେଣି ୨୭ ହଜାର

ବଲାଙ୍ଗିର,୮ ।୧୨(ସମିସ)

ରାଜ୍ୟରେ ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ବିଜୟୀ ହେବା ପଛରେ ବଡ଼ ଅସ୍ତ୍ର ସାଜିଥିଲା 'ସୁଭଦ୍ରା' ଯୋଜନା । ମହିଳାଙ୍କୁ ଏହି ଯୋଜନାରେ ସାମିଲ କରି ସ୍ୱାବଲମ୍ବୀ ହେବାପାଇଁ ୫୦ହଜାରଟଙ୍କାରଡିଜିଟାଲକାର୍ଡ ବଣ୍ଟନ କରିବା ପାଇଁ ବିଜେପି ନେତାମାନେ ସେତେବେଳେ ଘୋଷଣା କରିଥିଲା । କିନ୍ତୁ ନିର୍ବାଚନ ସରିବାପରେ ଏହି ଯୋଜନାର ରୂପରେଖରେ ପରିବର୍ତ୍ତନ କରାଯାଇଥିଲା । ବର୍ତ୍ତମାନ ସମୟରେ ବାର୍ଷିକଦୁଇଟି କିସ୍ତିରେ ମହିଳା ମାନଙ୍କୁ ଏହି ଯୋଜନାରେ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବାବେଳେ ବଲାଙ୍ଗିର ଜିଲ୍ଲାରେ ପ୍ରତି କିସ୍ତିରେ ହିତାଧିକାରୀ ମାନଙ୍କ ନାମ କାଟିଦିଆଯାଉଥିବା ଦେଖିବାକୁ ମିଳିଛି । ବିଭିନ୍ନ ଆଳ ଦେଖାଇ ପ୍ରଥମ କିସ୍ତିରୁ ତୃତୀୟ କିସ୍ତି ମଧ୍ୟରେ ପ୍ରାୟ ୨୭ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ବାଦ ଦିଆଯାଇଥିବା ଜଣାପଡ଼ିଛି । ବଲାଙ୍ଗିର ଜିଲ୍ଲାରେ ସୁଭଦ୍ରା ଯୋଜନାରେ ସୁଭଦ୍ରାଙ୍କୁ ଠକିଦେଲେ ସୁଭଦ୍ରା ସରକାର । ସୁଭଦ୍ରା ଯୋଜନା ନାମରେ ବିଜେପି ମହିଳା ଭୋଟ୍ ହାତେଇବା ପାଇଁ ସୁଭଦ୍ରା ଯୋଜନା କରିବାକୁ ଘୋଷଣା କରିଥିଲେ । ଏଥିରେ ମହିଳାମାନଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କିସ୍ତି ପ୍ରଦାନ ସମୟରେ ଏଥିରୁ ଅନେକଙ୍କୁ ବାଦ୍ ଦିଆଯାଇଥିଲା । ସେମାନଙ୍କୁ ଅଯୋଗ୍ୟ ଦର୍ଶାଇ ବାଦ ଦିଆଯାଇଥିବା ବେଳେ ଜିଲ୍ଲାରେ ଦ୍ୱିତୀୟ କିସ୍ତି ପାଇଥିବା ମହିଳା

**୪ ଲକ୍ଷ ୨୫ ହଜାର ୩୦୦ ହିତାଧିକାରୀଙ୍କୁ ମିଳିଥିଲା ୧ମ କିସ୍ତି**
**୩ୟ କିସ୍ତି ବେଳକୁ ୩ ଲକ୍ଷ ୯୮ ହଜାର ୨୮ ହିତାଧିକାରୀ**

ନିର୍ବାଚନୀ ବୈତରଣୀ ପାରି ହୋଇଥିବା ବିଜେପି ସରକାରଙ୍କ ପ୍ରତି ଏବେ ମହିଳାଙ୍କ ଅଭିଯୋଗ ସଂଖ୍ୟା ବଢିବାରେ ଲାଗିଛି । ସୁଭଦ୍ରା ଯୋଜନାରେ ବଲାଙ୍ଗିର ଜିଲ୍ଲାରେ ପ୍ରଥମରୁ ତୃତୀୟ କିସ୍ତି ମଧ୍ୟରେ ୨୭ ହଜାର ମହିଳା ହିତାଧିକାରୀଙ୍କୁ ବାଦ୍ ଦିଆଯାଇଥିବା ଜଣାପଡ଼ିଛି ।

ସୂଚନା ଅନୁସାର ନିର୍ବାଚନ ସମୟରେ କରିବା ପାଇଁ ଘୋଷଣା କରିଥିଲେ ସତ କିନ୍ତୁ ନିର୍ବାଚନ ସରିବା ପରେ ଏହାର ରୂପରେଖ ପରିବର୍ତ୍ତନ କରି ବାର୍ଷିକ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ଦେବା ବ୍ୟବସ୍ଥା କରିଛନ୍ତି । ଏହିକ୍ରମରେ ବଲାଙ୍ଗିର ଜିଲ୍ଲାରେ ପ୍ରଥମ କିସ୍ତି ପାଇଥିବା ହିତାଧିକାରୀଙ୍କ ସଂଖ୍ୟା ହେଉଛି ୩ ଲକ୍ଷ ୨୫ ହଜାର ୩୦୦ ଜଣ । ତେବେ ଦ୍ୱିତୀୟ ହିତାଧିକାରୀଙ୍କ ସଂଖ୍ୟା ହେଉଛି ୪ ଲକ୍ଷ ୨୧ ହଜାର ୫ ଜଣ । ଦ୍ୱିତୀୟ କିସ୍ତି ପାଇସାରିବା ପରେ ଏହି ଯୋଜନା ଗାଇଡଲାଇନରେ ପୁଣି ପରିବର୍ତ୍ତନ କରି ହିତାଧିକାରୀ ସଂଖ୍ୟା କାଟିବା ଆରମ୍ଭ କରାଯାଇଥିଲା । ବର୍ତ୍ତମାନ ତୃତୀୟ କିସ୍ତି ହିତାଧିକାରୀଙ୍କ ସଂଖ୍ୟା ହେଉଛି ୩ ଲକ୍ଷ ୯୮ ହଜାର ୨୮ ଜଣ । ତେବେ ପ୍ରଥମ କିସ୍ତିରୁ ତୃତୀୟ କିସ୍ତି ପହଞ୍ଚିବା ବେଳକୁ ଜିଲ୍ଲାର ୨୭ ହଜାର୨୭୨ ହିତାଧିକାରୀଙ୍କୁ ଉକ୍ତ ଯୋଜନାରୁ ବିଭିନ୍ନ କାରଣ ଦର୍ଶାଇ ବାଦ ଦିଆଯାଇଛି । ତେବେ ଏହି ସଂଖ୍ୟା ଆଗକୁ ଆହୁରି କମିବ ବୋଲି ମଧ ଆଲୋଚନା ହେଉଛି । ଉକ୍ତ ସୁଭଦ୍ରା ଯୋଜନା ତାଲିକାରେ ଏବେବି ଅନେକ ଅଯୋଗ୍ୟ ହିତାଧିକାରୀ ରହିଥିବାବେଳେ ଅନେକ ଯୋଗ୍ୟ ହିତାଧିକାରୀ ବାଦ ପଡ଼ିଛନ୍ତି । ଯାହାକି ଏବେ ମହିଳା ମାନଙ୍କ ମଧ୍ୟରେ ଅସନ୍ତୋଷ ବଢାଇଛି । ତେବେ ସୁଭଦ୍ରା ମାନଙ୍କୁ ଖୁସି କରିବା ପାଇଁ ଆରମ୍ଭ ହୋଇଥିବା ଏହି ଯୋଜନା ପଞ୍ଚାୟତ ନିର୍ବାଚନ ବେଳକୁ କାମରେ ଲାଗୁଛି ନା ହିତାଧିକାରୀଙ୍କୁ ବାଦ ଦିଆଯିବା ଘଟଣା ସରକାର ପ୍ରତି ଅଡୁଆ ସୃଷ୍ଟି କରିବ ତାହା ଆଗାମୀ ସମୟ କହିବ । କିନ୍ତୁ ବାଦ ପଡିଥିବା ହିତାଧିକାରୀଙ୍କ ବିଷୟରେ ପୁର୍ନବିଚାର କରିବା ପାଇଁ ମହିଳାମାନେ ଦାବି କରିଛନ୍ତି ।

# ବଲାଙ୍ଗିର ଫଳବଜାରରେ ଅଗ୍ନିକାଣ୍ଡ



ବଲାଙ୍ଗିର,୮ ।୧୨(ସମିସ): ବଲାଙ୍ଗିର ଫଳ ବଜାରରେ ବଡ଼ ଧରଣର ଅଗ୍ନିକାଣ୍ଡ । ଆଖି ପିଛୁଳାକେ ହୁ ହୁ ହୋଇ ଜଳିଗଲା ସମସ୍ତ ଫଳ ଦୋକାନ । ସନ୍ଧ୍ୟା କିମ୍ବା ରାତ୍ରୀ ନୁହଁ ସ୍ପଷ୍ଟ ଦିବାଲୋକରେ ଲାଗିଲା ନିଆଁ । ଯଦିଓ ଏଥିରେ କୌଣସି ଦୋକାନୀ କିମ୍ବା ଗ୍ରାହକଙ୍କ କିଛି କ୍ଷତି ହୋଇନାହିଁ ତଥାପି ଫଳବଜାରରେ ଥିବା ସମସ୍ତ ଦୋକାନ ପୋଡ଼ି ପାଉଁଶ ହୋଇଯାଇଛି । ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ତେବେ କିଭଳି ଏହି ଫଳ ବଜାରରେ ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ସର୍ଟ୍‌ସର୍କିଟରୁ ନିଆଁ ଲାଗିଥାଇପାରେ ବୋଲି ସନ୍ଦେହ କରାଯାଉଛି ।

ବଲାଙ୍ଗିର ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡରେ ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୩ ସମୟରେ ହଠାତ ନିଆଁ ଲାଗିଯାଇଥିଲା । କେହି କିଛି ଜାଣିବା ପୂର୍ବରୁ ବଜାରରେ ନିଆଁ ଲାଗି ଜଳିଯାଇଥିଲା । ସ୍ଥାନୀୟ ବ୍ୟବସାୟୀଙ୍କ କହିବା ଅନୁସାରେ ଏହି ବଜାରରେ ପ୍ରାୟ ୫୦ ଫଳ ଦୋକାନ ରହିଥିଲା । ଯାହାକି ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି । ସୌଭାଗ୍ୟବଶତଃ ଏଥିରେ କୌଣସି ଦୋକାନୀ କିମ୍ବା ଗ୍ରାହକଙ୍କ କିଛି କ୍ଷତି ହୋଇ ନ ଥିଲେ ମଧ ଦୋକାନୀମାନେ ବଡ଼ ଧରଣର କ୍ଷତିଗ୍ରସ୍ତ ହୋଇଛନ୍ତି । ସ୍ଥାନୀୟ ଅଗ୍ନିଶମ ବିଭାଗ ସୂଚନା ପାରେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଏଭଳି ଏକ ଦୁଃଖଦ ଘଟଣା ବିଷୟରେ ଖବର ପାଇ ଜିଲ୍ଲାପାଳ ଗୌରଓ ଶିବାଜୀ ଇସାଲୱର ଓ ପୌରାଧକ୍ଷା ଲିକା ସାହୁ ମଧ ଘଟଣାସ୍ଥଳରେ ପହଞ୍ଚିଥିଲେ । ବ୍ୟବସାୟୀ ମାନଙ୍କ ସହ ଆଲୋଚନା କରିବା ସହ ସାନ୍ତ୍ୱନା ଦେଇଥିଲେ । ଅନ୍ୟପକ୍ଷରେ ଏହିଭଳି ଭାବେ ନିଜ ଆଖି ସାମ୍ନାରେ ଦୋକାନ ଜଳିଯିବା ଘଟଣାକୁ ଦୋକାନୀ ମଧ ସହଜରେ ହଜମ କରିପାରୁନାହାନ୍ତି । କେମିତି, କେଉଁ ପରିସ୍ଥିତିରେ ବଜାରରେ ନିଆଁ ଲାଗିଲା ସେନେଇ ଚିନ୍ତା ପ୍ରକଟ କରିଥିବାବେଳେ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ଜଣାପଡିନାହିଁ । ତେବେ ଦୋକାନୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି । ଫଳ ବଜାରରେ ନିଆଁ ଲାଗିବା ଘଟଣା ସମ୍ପର୍କରେ ଜାଣିବା ପରେ ବଲାଙ୍ଗିର ସଦର ବିଧାୟକ କଳିକେଶ ସିଂହଦେଓ ଉଦ୍‌ବେଗ ପ୍ରକାଶ କରିଛନ୍ତି । ନିଜସ୍ୱ ପାଣ୍ଠିରୁ ଫଳ ବଜାରକୁ ପୁନଃନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ପୌରପରିଷଦ ପକ୍ଷରୁ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ୧୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିବା ବେଳେ ବ୍ୟବସାୟୀଙ୍କୁ ଥଇଥାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୌରାଧକ୍ଷା ଲିକା ସାହୁ ସୂଚନା ଦେଇଛନ୍ତି ।

# ହ୍ୟୁମାନଙ୍କୁ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି



ଟିଟିଲାଗଡ଼,୮ ।୧୨(ସମିସ): ଓଡ଼ିଶା କଳାକାର ଏକତା ମଞ୍ଚ ପକ୍ଷରୁ ସ୍ଥାନୀୟ ସରକାରୀ ବାଳକ ହାଇ ସ୍କୁଲ ଖେଳ ପଡ଼ିଆ ଠାରେ ଦିବଂଗତ ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ସଙ୍ଗୀତମୟ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ହ୍ୟୁମାନ ସାଗରଙ୍କ ହଜାରହଜାର ପ୍ରଶଂସକଙ୍କ ଗହଣରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ସିନେ ସୁପରଷ୍ଟାର ଅନୁଭବ ମହାନ୍ତି, ହ୍ୟୁମାନଙ୍କ ପ୍ରଥମ ସଙ୍ଗୀତ ଶିକ୍ଷକ ଶୁଭ୍ରାଂଶୁ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାସ, କୁଳଦୀପ ପଟ୍ଟନାୟକ, କଣ୍ଠ ଶିଳ୍ପୀ ଅସୀମା ପଣ୍ଡା, ଓଡ଼ିଶା ମ୍ୟୁଜିକ ଆୱାଡର ପ୍ରତିଷ୍ଠାତା ସଞ୍ଜୟ ମହାକୁର, ରୁକୁ ସୁନା ପ୍ରମୁଖଙ୍କ ସହ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବହୁ କଳାକାର ଯୋଗଦେଇ ହ୍ୟୁମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ବିଧାୟକ ନବୀନ ଜୈନ,ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ହ୍ୟୁମାନଙ୍କ ମା ଶେଫାଳୀ, ସ୍ତ୍ରୀ ଶ୍ରେୟା, ତାଙ୍କ ଝିଅ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ । ହ୍ୟୁମାନ ଗାଇଥିବା ହୃଦୟସ୍ପର୍ଶୀ ଗୀତଗୁଡ଼ିକୁ ବିଭିନ୍ନ କଳାକାର ମଞ୍ଚରେ ଗାଇ ଉପସ୍ଥିତ ଶ୍ରୋତାଙ୍କୁ ଭାବବିହ୍ୱଳ କରିଥିଲେ ।

# ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର

ଟିଟିଲାଗଡ଼,୮ ।୧୨(ସମିସ): ଟିଟିଲାଗଡ଼ ବିଜେପି ପକ୍ଷରୁ ନଗର ସଭାପତି ସୁନିଲ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ମାଗଣା ମେଗା ଚକ୍ଷୁ ଚିକିତ୍ସା ଶିବିର ସ୍ଥାନୀୟ ହାଟପଦା ଠାରେ ଅନୁଷ୍ଠିତ ହୋଇଯାଇଛି । ଦଳର ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା ମୁଖ୍ୟଅତିଥି ତଥା ବଲାଙ୍ଗିର ସାଂସଦ ପ୍ରତିନିଧି, ପ୍ରଶାନ୍ତ ଷଡ଼ଙ୍ଗୀ, ପୌରାଧକ୍ଷା ମମତା ଜୈନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ । ସ୍ଥାନୀୟ ଏସସିଡି ଚକ୍ଷୁ ଡାକ୍ତରଖାନାର ବିଶେଷଜ୍ଞ ତଥା କର୍ମଚାରୀ ଶିବିରରେ ମୋଟ ୩୪୨ ଜଣଙ୍କ ଚକ୍ଷୁ ପରୀକ୍ଷା ସହ ୧୨୪ ଜଣଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା । ସମ୍ପାଦକ ଶିବା ପାଣିଗ୍ରାହୀ, ନଗର ଉପସଭାପତି ଲିଙ୍ଗରାଜ ନାୟକ, ବରିଷ୍ଠ ନେତା ହରି ନାରାୟଣ ମିଶ୍ର, ଅରବିନ୍ଦ ପାଣିଗ୍ରାହୀ, ଟୁନିଆ ପାଣିଗ୍ରାହୀ, ପ୍ରୀତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଆମ୍ବେଦକରଙ୍କ ପରିନିର୍ବାଣ ଦିବସ




ଟିଟିଲାଗଡ଼,୮ ।୧୨(ସମିସ): ସମ୍ବିଧାନ ନିର୍ମାତା ବାବାସାହେବ ଡ଼. ଭୀମରାଓ ଆମ୍ବେଦକରଙ୍କ ୬୯ତମ ପରିନିର୍ବାଣ ଦିବସ ଅବସରରେ ଟିଟିଲାଗଡ଼ ଏସ୍‌ସିଏସଟି ରେଳବାଇ କର୍ମଚାରୀ ସଂଘ ପକ୍ଷରୁ ଏକ ସ୍ମୃତିସଭା ଆୟୋଜିତ ହୋଇଯାଇଛି । ସଂଘର ସମ୍ପାଦକ ସଞ୍ଜିତ କୁମାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରେଳ ବିଭାଗ ଏଏସ୍‌ଟିଇ ଦୟା ରାମ, ସମ୍ବଲପୁର ଡିଭିଜନାଲ ସଭାପତି କୈଳାସ ଛୁରା, ସମ୍ପାଦକ ସୌଦାଗର ଲୁହା ପ୍ରମୁଖ ବହୁ ପଦାଧିକାରୀ ଯୋଗଦେଇ ବାବାସାହେବଙ୍କ ସ୍ମୃତିଚାରଣ କରିଥିଲେ । ସଦସ୍ୟ ପିକେ ତାଣ୍ଡି ଏବଂ ତାଙ୍କ ଧର୍ମପତ୍ନୀ ଲିଲି ତାଣ୍ଡି ପ୍ରାରମ୍ଭରେ ବୁଦ୍ଧଙ୍କ ତ୍ରିସରଣ ଗାନ କରିଥିଲେ । କାର୍ଯ୍ୟକ୍ରମରେ ରେଳ ଷ୍ଟେସନମାଷ୍ଟର ପ୍ରଭାତ ବେହେରା, ହରିଶ ଦୀପ, ଅନିଲ କୌନଜିଆ, ଏକେ ବାନାର୍ଜୀ, ପିକେ ଦାଶ, ହରିବନ୍ଧୁ ବାଗ, ରାମ ରାଜ, ଏସସି ଦାଶ, ସିସି ସେଲମା, ହରେନ୍ଦ୍ର କୁମାର, ବିପି ଅଗ୍ରୱାଲ, ବାପି ସରକାର, ଅନିମା ବେହେରା, ରସିକ ବେହେରା ପ୍ରମୁଖ ସାମିଲ ହୋଇଥିଲେ ।

# ବୈଶାଖୀ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ





ଲୋଇସିଂହା,୮ ।୧୨(ସମିସ): ଲୋଇସିଂହା ବ୍ଲକ୍ ବୁର୍ଡା ରାଧାକୃଷ୍ଣ ମଣ୍ଡପ ଠାରେ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଏବଂ ବଲାଙ୍ଗିର - ସୋନପୁର ନିର୍ମାଣ ଶ୍ରମିକ ସଂଗଠନର ଆନୁକୂଲ୍ୟରେ ତିନି ଦିନ ବ୍ୟାପୀ ରାଜ୍ୟସ୍ତରୀୟ ବୈଶାଖୀ ନାଟ୍ୟ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ସଭାପତି ଓମ୍ ପ୍ରକାଶ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ନାଟ୍ୟ ମହୋତ୍ସବର ପ୍ରଥମ ଦିନରେ ଭାଗବତ ଭବାନୀ ଶଙ୍କର ବୁଡର଼ାର କଳାକାର ମାନେ ଲକ୍ଷ୍ମୀ ପୁରାଣ ପରିବେଷଣ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଲୋଇସିଂହା ତହସିଲଦାର ଟିକୁନୁ ପୁଟା, ସମ୍ମାନିତ ଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ ପାଣି ଉଦ୍ଗୁ ଓ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସଂଗଠକ ଅଶୋକ ମେହେର ଯୋଗଦାନ କରି ନାଟକ ମଣିଷର ମାନସ ନିର୍ମାଣ କରେ ବୋଲି ମତ ବ୍ୟକ୍ତ କରିଥିଲେ । ଦ୍ୱିତୀୟ ଦିନରେ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଡ କେଶ ରଞ୍ଜନ ପଧାନଙ୍କ ନିର୍ଦ୍ଦେଶିତ ନାଟକ 'ଅନ୍ଧାର ନୁ ଉକିଆ ତକ' ମଞ୍ଚସ୍ଥ ହୋଇଥିଲା । ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ କୁମାର ସେଠୀ ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ କେଶବ ବେହେରା ସମ୍ମାନିତ ଅତିଥି ଏବଂ ଡ.କେଶ ରଞ୍ଜନ ପଧାନ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ । ସେହିପରି ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର, ମୁଖ୍ୟବକ୍ତା ଭାବରେ ଲୋକ ସଂସ୍କୃତି ଗବେଷକ ଡ. ଦିଲୀପ ଦୀପ , ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାଶର ବାଗ ଓ ଲୋଇସିଂହା ଥାନା ଅଧିକାରୀ ସୁଜ୍ଞାନ କୁମାର ବାରିକ ଯୋଗ ଦେଇଥିବା ବେଳେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ନାଟକ ବିଭାଗର ଅଧ୍ୟାପକ ଡ. ଚନ୍ଦ୍ରକାନ୍ତ ମହାନନ୍ଦଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଶକୁନ୍ତଳା' ପରିବେଷିତ ହୋଇଥିଲା । ଅଞ୍ଚଳର ବର୍ଷୀୟାନ ନାଟ୍ୟ ପୁରୁଷ ଅରକ୍ଷିତ ସାହୁଙ୍କୁ 'ବୈଶାଖୀ ନାଟ୍ୟ ସମ୍ମାନ ୨୦୨୫' ରେ ସମ୍ମାନିତ କରାଯାଇଥିଲା । ନାଟ୍ୟକାର ସରୋଜ ବିଶ୍ୱାଳ, ବୁଲୁ ବହିଦାର, ଅଭିନେତା ରାଜକିଶୋର ପାଇକ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ଅନୁଷ୍ଠାନ ସହ ସମ୍ପାଦକ ସୁରେଶ ଶା, ସାଂସ୍କୃତିକ ସମ୍ପାଦକ ନିର୍ମଳ ନାୟକ, କୋଷାଧକ୍ଷ ରଘୁ ବାରିକ ଅତିଥିଙ୍କୁ ସମ୍ମାନିତ କରିଥିଲେ । ଜ୍ୟୋତି ପ୍ରକାଶ ସାହୁ ସଂଯୋଜନା କରିଥିବାବେଳେ ସମ୍ପାଦକ ଗୋପାଳ ସାହୁ ଧନ୍ୟବାଦ୍ ପ୍ରଦାନ କରିଥିଲେ ।

### ମାହେଶ୍ୱରୀ ମହୋତ୍ସବ ୨୦୨୫

# ଲୋକ ସଂସ୍କୃତି ଓ ପରମ୍ପରାର ପ୍ରଚାର ପାଇଁ ପ୍ରୟାସ

ବଲାଙ୍ଗିର,୮ ।୧୨(ସମିସ)



ବଲାଙ୍ଗିର ମାହେଶ୍ୱରୀ ସେନା ତରଫରୁ ୪ର୍ଥ ମାହେଶ୍ୱରୀ ମହୋତ୍ସବ ଆୟୋଜିତ ହୋଇଯାଇଛି । ଅଞ୍ଚଳର ସଂସ୍କୃତି ପରମ୍ପରା ପ୍ରଚାର ପ୍ରସାର ଏବଂ ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ମା' ମାହେଶ୍ୱରୀ ସେନାପକ୍ଷରୁ ଗତ କିଛିବର୍ଷ ହେଲା ଏହି ଉଦ୍ୟମ କରାଯାଇଛି ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ସହଯୋଗରେ ମା' ମାହେଶ୍ୱରୀ ସେନା ତରଫରୁ ଡିସେମ୍ବର ୬ ଓ ଡିସେମ୍ବର ୭ ତାରିଖ ଦୁଇଦିନ ଧରି ବଲାଙ୍ଗିର କୋଶଳ କଳାମଣ୍ଡପଠାରେ ମାହେଶ୍ୱରୀ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇଥିଲା । ଏହି ମହୋତ୍ସବର ପ୍ରଥମ ଦିନରେ କିରାବାହାଲ, ରାନିପାଲି ସ୍ଥିତ ମା ମାହେଶ୍ୱରୀଙ୍କ ମନ୍ଦିରରେ ପ୍ରଥମେ ପୂଜାର୍ଚ୍ଚନା ହୋଇ ଏକ ବିଶାଳ ମସାଲ ଶୋଭାଯାତ୍ରା ବଲାଙ୍ଗିର ସହରଭିମୂଖେ ବାହାରିଥିଲା । ଏହି ଶୋଭାଯାତ୍ରାରେ ବହୁଲୋକ ସାମିଲ ହୋଇଥିବା ବେଳେ ପାରମ୍ପାରିକ ସିଂହ ବାଦ୍ୟ, ବାଳିଖେଳ, ଦୁଲ୍‌ଦୁଲି, ଘୁଙ୍ଗୁଡ଼ା ଓ ପରସୌଭା ନୃତ୍ୟ ମଧ ସାମିଲ ହୋଇଥିଲେ ।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ରାଜ୍ୟ ଡୁମାଲ ସମାଜ ପରିଷଦ ସଭାପତି ଦୟାସାଗର ମେଣ୍ଡୁଲି, ରାଜ୍ୟ ଡୁମାଲ ପରିଷଦ ଯୁବ ସଭାପତି ତଥା ଦେଓଗାଁ ବ୍ଲକ ଅଧକ୍ଷ ତଥା ମାଁ ମାହେଶ୍ୱରୀ ସେନା ଉପଦେଷ୍ଟା ଦୟାନିଧି ଖମାରୀ, ରାଜ୍ୟ ଡୁମାଲ ପରିଷଦ ପୂର୍ବତନ ସଭାପତି ସୁଧିର କର୍ଣ୍ଣ, ଲମ୍ବୋଦର ମହାକୁର, ସୀତାଂସୁ ଶେଖର ମହାକୁଡ, ଗଣେଶ ପ୍ରଧାନ, ଓଡିଶା ପ୍ରଶାସନିକ ଅଧିକାରୀ ଆର୍ତ୍ତତ୍ରାଣ ଥାଟି, ଭଗବାନ କର୍ଣ୍ଣ, ହେମବତୀ କରନ, ମୁରଲୀ ମହାକୁର, ମାହେଶ୍ୱରୀ ସେନା ଉପଦେଷ୍ଟା ସୁଧୀର ମହାକୁଡ଼ ଓ ସଂଯୁକ୍ତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଥବିର କର୍ମି ଅତିଥି ପରିଚୟ କରିଥିବାବେଳେ ଦୟାନିଧି ଖାମାରୀ ସଭା ସଂଯୋଜନା କରିଥିଲେ ।

ଉଦ୍‌ଯାପନୀ ସମାରୋହରେ ଜଗଦାନନ୍ଦ ଛୁରିଆ, ଫକିର କର୍ଣ୍ଣ, ଦୟାନିଧ ଖମାରୀ, ଶିବ ପଧାନ, ସୁଧୁର ମହାକୁଡ଼, ପୁଷ୍ପାଞ୍ଜଳି କଲତା, ସରୋଜ କମ୍ପ, ମୁରଲୀ ମହାକୁର, ଲୋକନାଥ ଗେଜୋ, ଦେବଜାନୀ ମେଶୁଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଶଙ୍କର ବେହେରା ସଂଗୀତ ସାଧନା ଓ ଗ୍ରୁପ, ବରିଷ୍ଠ କଳାକାର ନବୀନ କୁଅଁର ସହ ଅମର ଦାସ, ହୀମାନୀ ହଂସରାଜ, ରକଷ୍ଟାର ରିଦିମ ଗୃପ୍ ନିବାସଙ୍କ ମନଛୁଆଁ ଗୀତରେ ଝୁମି ଉଠିଥିଲା କୋଶଳ କଳାମଣ୍ଡପ ପଡ଼ିଆ ।

# ତକ୍ଷଶୀଳା ଗୁରୁକୁଳର ବାର୍ଷିକ କ୍ରୀଡ଼ା



ବଲାଙ୍ଗିର,୮ ।୧୨(ସମିସ): ସ୍ଥାନୀୟ ଚିମନିଭାଟି ସ୍ଥିତ ତକ୍ଷଶୀଳା ଗୁରୁକୁଳ ସ୍କୁଲ ପଡ଼ିଆରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏଥିରେ ସରକାରୀ ଅଧିବକ୍ତା ସଞ୍ଜୟ ପ୍ରଧାନ ଓ କରାଟେ ସ୍ୱର୍ଣ୍ଣ ପଦକ ବିଜେତା କୋଚ ତଥା ଯୁବ ସମାଜସେବୀ ଅସୀମ କୁମାର ଭୋଇ ଅତିଥି ଭାବେ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ପ୍ରତିଷ୍ଠାତା ପ୍ରତିମା ପ୍ରଧାନ, ବାଳଗୋପାଳ ପ୍ରଧାନ, ଅଧକ୍ଷ ନଳିନିପ୍ରଭା ରାୟ ମଞ୍ଚାସୀନ ଥିଲେ । ଗରୁଡ଼ଧ୍ୱଜ୍ ସାଏ ଖେଳ ପରିଚାଳନା କରିଥିବାବେଳେ ଆର୍ତ୍ତତ୍ରାଣ ବାଗ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ୫୦ ମିଟର ଦୌଡ଼, ବୋଟଲ ଖେଳ, ନମ୍ବର ଖେଳ, ଲମ୍ବ ଡିଆଁ, ମ୍ୟୁଜିକ ଚେୟାର, ବେଙ୍ଗ ଡିଆଁ ପ୍ରସ୍ତୁତି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ

# ଦୀର୍ଘ ୫୫୦କିମି ସାଇକଲ ଯାତ୍ରା

**ଧର୍ମଗଡ଼, ୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ସମସ୍ୟାକୁ ନେଇ ଜନସଂଗ୍ରାମ ସମିତି ଆବାହକ ସାଉଲ ମଙ୍ଗରାଜ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଗତ ୩୦ରିଖ ରବିବାର ଦିନ ଗୋଲାମୁଣ୍ଡାରୁ ଭୁବନେଶ୍ୱର ଦୀର୍ଘ ୫୫୦କିମି ଅଭିମୁଖେ ସାଇକଲ ଯାତ୍ରା ଆରମ୍ଭ କରିଥିଲେ । ଗୋଲାମୁଣ୍ଡା ଉପକଣ୍ଠସ୍ଥିତ ଗ୍ରାମ ଦେବୀ ମାଁ ଠାକୁରାଣୀ ଓ ସର୍ବମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ସେ ଯାତ୍ରା ଆରମ୍ଭ କରିଥିଲେ । ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ସମସ୍ୟାକୁ ନେଇ ୮ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରିଛନ୍ତି । ଦାବି ଗୁଡିକ ମଧ୍ୟରେ ଗୋଲାମୁଣ୍ଡା ବ୍ଲକରେ ୨୦୨୪-୨୫ ମସିହାର ରବି ଋତୁ ମୁଗ ଚାଷୀଙ୍କ ଇନ୍ସୁରାନ୍ସ ଟଙ୍କା ପ୍ରଦାନ, ଉଦନ୍ତୀ ନଦୀରେ ବ୍ରିଜ ନିର୍ମାଣ, ମେଘା ଲିଫ୍ଟ ଜଳ ଯୋଗାଣକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଗୋଲାମୁଣ୍ଡା ବ୍ଲକରେ ଧନ୍ଦାମୂଳକ କଲେଜ ସ୍ଥାପନ, ରବି ଋତୁ ଚାଷ ପାଇଁ କେନାଲରେ ଜଳ ଯୋଗାଣ, ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକୀୟ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଗୋଲାମୁଣ୍ଡାରେ ଏମଏସଏମଇ ଓ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ସାଙ୍ଗକୁ ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଶବ ବ୍ୟବଚ୍ଛେଦ ଗୃହ ଓ ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ ଆଦି ଦାବି ରହିଛି । କିଛି ଦିନ ତଳେ ଶ୍ରୀ ମଙ୍ଗରାଜଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଲୋକେ ଗୋଲାମୁଣ୍ଡା ଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ପଦଯାତ୍ରା କରି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଦାବିପତ୍ର ପ୍ରଦାନ କରିଥିଲେ । ଏବେକାର ୮ ଦଫା ଦାବି ଗୁଡିକୁ ତୁରନ୍ତ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ସାଇକଲ ଯାତ୍ରାରେ ଅଞ୍ଚଳର ଅନେକ ସାଇକଲ ଯାତ୍ରୀ ସାମିଲ ହୋଇଥିଲେ । ସରକାର ଦାବିଗୁଡିକୁ ନିଶ୍ଚିତ ଭାବେ ଗ୍ରହଣ କରି କାର୍ଯ୍ୟକ୍ଷମ କରିବେ ବୋଲି ଶ୍ରୀ ମଙ୍ଗରାଜ ଆଶାପ୍ରକଟ କରିଛନ୍ତି ।



### ହତ୍ୟା ଅଭିଯୋଗ ଆଣିଲେ ପରିବାର

# ସର୍ଦ୍ଦାରଙ୍କ ଗାଁ ନିକଟରୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର

**ନୂଆପଡ଼ା, ୮ ।୧୨(ସମିସ)**

ରାଜ୍ୟ ବାହାରକୁ ଦାଦନ ଖଟିଯିବା ଏବଂ ସେଠାରେ ଇଟାଭାଟି ମାଲିକଙ୍କ ନିର୍ଯାତନାର ଶିକାର ହୋଇ ମୃତ୍ୟୁବରଣ କରିବା ଖବର ସବୁବେଳେ ନୂଆପଡ଼ା ଜିଲ୍ଲାପାଇଁ ଚିରା ଚରିତ । ହେଲେ ନୂଆପଡ଼ା ଜିଲ୍ଲା ଲଖନା ଥାନା ସଦରଗାଁର ଜଣେ ଶ୍ରମିକ ସ୍ଥାନୀୟ ସର୍ଦ୍ଦାରଙ୍କ ଘରକୁ ଯିବା ଏବଂ ଦୁଇ ଦିନ ପରେ ସେଠିକାର ଟ୍ରେନ୍ ଲାଇନ ନିକଟରୁ ମୃତଦେହ ଉଦ୍ଧାର ହେବା ଘଟଣା ଆଲୋଡନ ସୃଷ୍ଟି କରିଛି । ତାଙ୍କୁ ଯୋଜନା ବଦ୍ଧ ଭାବେ ଶ୍ରମିକ ସର୍ଦାର ହତ୍ୟା କରି ଫିଙ୍ଗି ଦେଇଥିବା ନେଇ ପରିବାର ତରଫରୁ ଅଭିଯୋଗ ହୋଇଛି । ଅନ୍ୟପକ୍ଷେ ଉଦ୍ଧାର ହୋଇଥିବା ଦାଦନ ଶ୍ରମିକଙ୍କ ମୃତଦେହକୁ ଗ୍ରାମବାସୀ ଲଖନା କୁରୁମପୁରୀ ରାସ୍ତା ଅବରୋଧ କରି ରଖିଥିଲେ । ଦୀର୍ଘ ସମୟ ପରେ ଲଖନା ଥାନା ପୁଲିସ ଧାରଣାସ୍ଥଳକୁ ଆସି ନିର୍ଭର ପ୍ରତିଶ୍ରୁତି ପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ । ପ୍ରକାଶ ଯେ ଲଖନାପୁରୁଣାବସ୍ତିର ବାଞ୍ଛାନିଧି କୈବର୍ତ୍ତ (ମାଖନୁ ) (୪୩) ସ୍ଥାନୀୟ ରାଜୁ ସୁନାନୀ ନାମକ ଜନୈକ ସର୍ଦ୍ଦାରଙ୍କ ସହ ଅଗ୍ରିମ ୩୦ ହଜାର ଟଙ୍କା ନେଇ ଆନ୍ଧ୍ର ପ୍ରଦେଶକୁ ଯିବା ପାଇଁ ଗତ ସୋମବାର ଦିନ ଘରୁ ବାହାରି ଯାଇଥିଲେ । ପ୍ରଥମେ ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଝରନି ଗାଁର ମୁଖ୍ୟ ସର୍ଦ୍ଦାର ଅରମାନ ଖାନ ନାମକ ବ୍ୟକ୍ତିଙ୍କ ଘରେ ରହିଥିଲେ । ଦୁଇଦିନ ପରେ ଶନିବାର ଶ୍ରମିକ ଜଣକ କୁଆଡେ ନିଖୋଜ ହୋଇ ଯାଇଥିବା ଘରକୁ ଖବର ଆସିଲା । ପରିବାର ଲୋକ ଯାଇ ବହୁ ଖୋଜା ଖୋଜି କରିବା ପରେ ମଧ୍ୟ ମିଳିନଥିଲେ । ପରେ ଝରଣୀ ଗ୍ରାମଠାରୁ ୨ କିମି ଦୂରତାରେ ରେଲୱେ ଟ୍ରାକ୍ ନିକଟରୁ ମାଖନୁଙ୍କ ଖଣ୍ଡ ବିଖଣ୍ଡ ମୃତଦେହ ପଡ଼ିରହିଥିବା ଦେଖାଯାଇଥିଲା । ଏନେଇ କଣ୍ଟାବାଞ୍ଜି ଜିଆରପି ପୁଲିସ ଖବର ପାଇ ମୃତ ଦେହକୁ ଉଦ୍ଧାର କରି ମୃତ ବ୍ୟକ୍ତିଙ୍କ ପରିଚୟ ଖୋଜିଥିଲେ । ପରିଚୟ ବିଳମ୍ବ ହେବା କାରଣରୁ ଜିଆରପି ପୁଲିସ ଟିଟିଲାଗଡ଼ ଡାକ୍ତରଖାନାରେ ଶବ ରଖି ବ୍ୟବଚ୍ଛେଦ କରିଥିଲେ । ଏହାପରେ ଏହି ବ୍ୟକ୍ତିଙ୍କ ପରିଚୟ ମିଳିଥିଲା ଯେଉଁଭଳି ଭାବେ ମାଖନୁଙ୍କ ଶରୀରକୁ ଖଣ୍ଡ ବିଖଣ୍ଡ ହୋଇପଡ଼ିଥିଲା ବେଳେ ତାଙ୍କ ସ୍ତ୍ରୀ ବିନତି କୈବର୍ତ୍ତ ମୋ ସ୍ୱାମୀକୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି । ସୋମବାର ମଧ୍ୟାହ୍ନରେ ମୃତଦେହ ଗାଁରେ ପହଞ୍ଚିବା ପରେ ପରିବାର ସହ ଗ୍ରାମବାସୀ ଲଖନାରୁ କୁରୁମଲଖନା ରାସ୍ତାରେ ଶବ ଥାନା ଅଧିକାରୀ କରିଥିଲେ । ଦୀର୍ଘ ସମୟ ପରେ ଥାନାଅଧିକାରୀ ରଞ୍ଜନ କୁମାର ନାୟକ ପହଞ୍ଚି ବୁଝାସୁଝା କରିବା ପରେ ଆନ୍ଦୋଳନକାରି ଧାରଣାରୁ ଉଠିଥିଲେ । ଥାନା ଅଧିକାରୀ ଶ୍ରୀ ନାୟକ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ପରିବାର ହେଲେ ସହ କଂଗ୍ରେସ ନେତା ରବି ମଙ୍ଗରାଜ, ଗୁରୁଚରଣବାଗ, ରଞ୍ଜନ କୈବର୍ତ୍ତ, ଅର୍ଜୁନ ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଭାନୁପ୍ରତାପ ସିଂ ମାଝୀ, ଦେବେନ୍ଦ୍ର ବାଗ, ବିଦ୍ୟାଧର ଶବର, ନୃପରାଜ ବରିହା, କାର୍ତିକ ବରିହା, ଟିପିଚନ୍ଦ କୈବର୍ତ୍ତ, ଭାରତ ରାଉତ ପ୍ରମୁଖ ସାମିଲ ଥିଲେ ।






**ଗାଁ ମୁଖ୍ୟ ରାସ୍ତାରେ ଶବ ରଖି ଅବରୋଧ**

## ଟ୍ରାକ୍ଟର ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

**କୋକସରା, ୮ ।୧୨(ସମିସ) :** କୋକସରା ଥାନା ମୋଟେର ଧାନମଣ୍ଡି ନିକଟରେ ସୋମବାର ସନ୍ଧ୍ୟାରେ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତଭକ୍ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି । ମୃତ ଯୁବକ ଖୁଟଲୁଗୁଡା ଗ୍ରାମର ରାମେଶ୍ୱର ଦଳପତି ଓ ଗୁରୁତର ଯୁବକ ରିତେଶ ବନ୍ଧୀଛୋଡ ବୋଲି ଜଣାପଡ଼ିଛି । ଗୁରୁତର ରିତେଶ ଜୁନାଗଡ଼ ମେଡିକାଲରେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି । ଅନ୍ୟପଟେ ଖବର ଲେଖା ହେବା ପର୍ଯ୍ୟନ୍ତ ଶବକୁ ରାସ୍ତାରୁ ଉଠାଇ ନଥିବାବେଳେ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଛି । ମୋଟେର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ବାଇକ୍ ଚୋରି ଅଭିଯୋଗରେ ଯୁବକ ଗିରଫ

**ଧର୍ମଗଡ଼, ୮ ।୧୨(ସମିସ):** ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ବୃନ୍ଦାବାହାଲ ଗ୍ରାମର ଜଣକ ଘରୁ ମୋବାଇଲ ଚୋରି ହୋଇଯାଇଥିଲା । ଏନେଇ ଜଣେ ଯୁବକଙ୍କୁ ମୋବାଇଲ ମାଲିକ ସନ୍ଦେହ ପ୍ରକାଶ କରି ପଚରାଉଚରା କରୁଥିବା ବେଳେ ଉଭୟଙ୍କ ମଧ୍ୟରେ ମାରପିଟ ପରିସ୍ଥିତି ସୃଷ୍ଟି ହୋଇଥିଲା । ଖବର ଯାଇ ପୁଲିସ ପାଖରେ ପହଁଞ୍ଚôଚଲା, ପହଞ୍ଚିବା ପରେ ଘଟଣାସ୍ଥଳକୁ ଗୋଲାମୁଣ୍ଡା ପୁଲିସ ପହଞ୍ଚି ଉଭୟଙ୍କୁ ଥାନାରେ ଅଟକ ରଖିଥିଲା । ଅଟକ ରଖି ପଚରାଉଚରା କରୁଥିବା ସମୟରେ ସନ୍ଦେହ ଥିବା ମୋବାଇଲ ଚୋରର ସବୁତକ କଳାକାରନାମା ପୁଲିସ ଜାଣିବାକୁ ପାଇଥିଲା । ଗୋଲାମୁଣ୍ଡା ଥାନା ଅଞ୍ଚଳର ବିଭିନ୍ନ ଗାଁ ବୁଲି ବାଇକ୍ ଗୁଡିକକୁ ଟାର୍ଗେଟ କରୁଥିଲା । ରାତ୍ରି ହେଲେ ଉକ୍ତ ବାଇକ୍ ଗୁଡିକୁ ଚୋରି କରିବା ପାଇଁ ଯୋଜନା ପ୍ରସ୍ତୁତ କରି ଚୋରି କରୁଥିଲା । ଏହି ସବୁ ଘଟଣା ର ସୁରାଗ ପାଇବା ପରେ ଗୋଲାମୁଣ୍ଡା ପୁଲିସ ତଦନ୍ତ ପ୍ରକ୍ରିୟାକୁ ଆଗେଇ ନେଇଥିଲା । ତଦନ୍ତ ସମୟରେ ଉକ୍ତ ବାଇକ ଚୋର କାହା କାହା ପାଖରେ ବାଇକ୍ ଗୁଡିକକୁ ବିକ୍ରି କରିଥିବା ଓ କିଛି ଲୋକଙ୍କ ଠାରେ ବନ୍ଧକ ଆକାର ରେ ଦେଇଥିବା ସେ ପ୍ରକାଶ କରିଥିଲା । ଏହାକୁ ଆଧାର କରି ଗୋଲାମୁଣ୍ଡା ପୁଲିସ ଗୋଲାମୁଣ୍ଡା ଥାନା ଅଞ୍ଚଳରୁ ୫ଟି ବାଇକ୍ ଜବତ କରିଛି ଓ ଯୁବକକୁ ଗିରଫ କରିଛି । ଗିରଫ ଯୁବକ ଜଣକ ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଅଧିନସ୍ଥ ଚିଚିଆ ଗ୍ରାମର ମାନସ ରଞ୍ଜନ ସରାଫ । ଏନେଇ ଗୋଲାମୁଣ୍ଡା ଥାନାରେ ୨୦୪/୨୫ରେ ମାମଲା ରୁଜୁ କରାଯାଇ ଯୁବକ ଜଣକକୁ କୋର୍ଟ ଚାଲାଣ କରାଯାଇଛି ।



# ଓପିଏସ୍‌ସିରେ କୃତକାର୍ଯ୍ୟ ହେଲେ ହିମାଂଶୁ




**ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ**

**କୋକସରା, ୮ ।୧୨(ସମିସ) :** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ମାଝୀଗୁଡା ଗ୍ରାମର ହିମାଂଶୁ ନାଏକ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓପିଏସ୍ଇ ପରୀକ୍ଷାରେ ଓଡ଼ିଶାରେ ୫୨ ନମ୍ବର ରାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ମାଝୀଗୁଡା ଗ୍ରାମର ଚିତ୍ରସେନ ନାଏକଙ୍କ ସୁପୁତ୍ର ହେଉଛନ୍ତି ହିମାଂଶୁ । ସେ ପିଲାଟି ଦିନରୁ ଭଲ ପାଠ ପଢ଼ିବା ସହ ଜୀବନରେ ଜଣେ ସଫଳ ମଣିଷ ହେବାକୁ ସ୍ୱପ୍ନ ଦେଖିଥିଲେ । ଆଜି ତାହା ବାସ୍ତବତା ରୂପ ନେଇଛି । ସୋମବାର ଯେତେବେଳେ ସେ ନିଜ ଭିଟାମାଟିକୁ ଫେରିଲେ ତାଙ୍କୁ ଗାଁମୁଣ୍ଡରୁ ବାଜା ବଜାଇ ବନ୍ଧାପଣା କରି ନାଚିଗାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ସହ ଗ୍ରାମଦେବୀଙ୍କୁ ନିକଟରେ ପୂଜାର୍ଚ୍ଚନା କରିଥିଲେ । ଉପସ୍ଥିତ ବନ୍ଧୁ ପରିଜନ ଓ ଗ୍ରାମବାସୀ ମାନେ ଗାଁର ସୁନାପୁଅକୁ ଫୁଲମାଳ ଦେଇ ଶୁଭେଚ୍ଛା ଜଣାଇଥିଲେ ।ହିମାଂଶୁ ନାଏକ ଗାଁର ଟେକ ରଖିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଖୁସି ର ଲହରୀ ଖେଳିଯାଇଛି । ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଦିଆଯାଇଛି ।

# ଲାଞ୍ଜିଗଡ଼ରୋଡ୍ ୧୦୮ ଆମ୍ବୁଲାନ୍ସ ଟିମ୍‌କୁ ସମ୍ମାନିତ

**ଲାଞ୍ଜିଗଡ଼, ୮ ।୧୨(ସମିସ):** ନିଜର ଉପସ୍ଥିତ ବୁଦ୍ଧି ଖଟାଇ ଆମ୍ବୁଲାନ୍ସ ମଧ୍ୟରେ ଜଣେ ଆସନ୍ନ ପ୍ରସବାଙ୍କୁ ସୁରକ୍ଷିତ ଭାବେ ପ୍ରସବ କରାଇ ସେ ବେଶ ପ୍ରଶଂସା ସାଉଁଟିଥିଲେ ୧୦୮ ଆମ୍ବୁଲାନ୍ସ ସେବାର ଫାର୍ମାସିଷ୍ଟ ମୋହିତ କୁମାର ସା । ତାଙ୍କ ସହିତ ସଞ୍ଜୀବ କୁମାର ଛତ୍ରିଆ ଓ ଅନୀଲ କୁମାର ନାଏକ ସହଯୋଗ କରିଥିଲେ । ଏହି ସମର୍ପିତ ସେବାକୁ ସମ୍ମାନ ଜଣାଇ ଆଜି ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମହମ୍ମଦ ଅସଲମଙ୍କ ଚତୁର୍ଥ ପୁଣ୍ୟତିଥି ଅବସରରେ ଆୟୋଜିତ ସ୍ମୃତିସଭାରେ ସମ୍ମାନିତ କରାଯାଇଛି । ମହମ୍ମଦ ଅସଲମ ସ୍ମୃତି କମିଟିର ସଭାପତି ବିଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର କୁଳପତି ଡ.ନିବେଦିତା ନାଥ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ, ଗାଳ୍ପିକ ଓ ଔପନ୍ୟାସିକ ଅମରେଶ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ଭକ୍ତ ତ୍ରିପାଠୀ ପ୍ରମୁଖ ଏହି ୧୦୮ ଆମ୍ବୁଲାନ୍ସ ଟିମକୁ ସମ୍ମାନିତ କରିଥିଲେ । ସୂଚନାଯୋଗ୍ୟ, ଗତ ଅଗଷ୍ଟ ମାସ ୧୩ ତାରିଖ ଦିନ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ୧୦୮ ଆମ୍ବୁଲାନ୍ସକୁ ବେ?ାଗାଁ ପଞ୍ଚାୟତର ଦୁର୍ଗମ ମନସ୍ତରା ଗାଁରୁ ଜଣେ ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନା ନେବାକୁ ଡାକରା ମିଳିଥିଲା । ଦୁର୍ଗମ ଅଞ୍ଚଳର ଏହି ମହିଳାଙ୍କୁ ଆମ୍ବୁଲାନ୍ସରେ ନିଆଯିବାବେଳେ ଖଜୁରଗୁଡା ନିକଟରେ ଗର୍ଭ ବେଦନା ଆରମ୍ଭ ହୋଇଥିଲା । ଏପରିକି ସମ୍ପୃକ୍ତ ମହିଳାଙ୍କୁ ସୁରକ୍ଷିତ ଭାବେ ହସ୍ପିଟାଲ ପହଞ୍ଚାଇବା ସମ୍ଭବ ନୁହେଁ ବୋଲି ଅନୁଭବ କରି ଆସନ୍ନ ପ୍ରସବା ମହିଳାଙ୍କୁ ଆମ୍ବୁଲାନ୍ସରେ ପ୍ରସବ କରାଇବାକୁ ଫାର୍ମାସିଷ୍ଟ ମୋହିତ ଉଦ୍ୟମ କରିଥିବାବେଳେ ତାଙ୍କୁ ସଞ୍ଜୀବ ଓ ଅନୀଲ ସହଯୋଗ କରିଥିଲେ । ସେମାନଙ୍କ ଉଦ୍ୟମ ବଳରେ ଆମ୍ବୁଲାନ୍ସ ମଧ୍ୟରେ ସୁରକ୍ଷିତ ପ୍ରସବ ହେବା ସହିତ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲା । ଏହାପରେ ଉଭୟ ପ୍ରସୂତି ଓ ନବଜାତ ଶିଶୁକୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏହି ତିନିଜଣ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିଥିଲେ । ଯାହାକୁ ନେଇ ବେଶ ଚର୍ଚ୍ଚା ହୋଇଥିବାବେଳେ ବିଭିନ୍ନ ମହଲରୁ ସେମାନଙ୍କୁ ପ୍ରଶଂସାର ସୁଅ ଛୁଟିଥିଲା । ଫଳସ୍ୱରୂପ ଆଜି ସେମାନଙ୍କୁ ସମ୍ମାନିତ କରାଯାଇଥିବା ଜଣାପଡ଼ିଛି ।



# ଆଦିବାସୀ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ

**ଲାଞ୍ଜିଗଡ଼, ୮ ।୧୨ (ସମିସ):** ବିଜେପୁର ଥାନା ଅଞ୍ଚଳର ପୁଣି ଜଣେ ଆଦିବାସୀ ମହିଳା (୩୭)ଙ୍କୁ ଲାଞ୍ଜିଗଡ଼ ବ୍ଲକ ପାହାଡ଼ପଦର ପଞ୍ଚାୟତ କାଞ୍ଚନ ମୁଖି ଗାଁର ମାନ ମାଝୀ (୩୮)ଦୁଷ୍କର୍ମ କରିଥିବା ଅଭିଯୋଗ ହେଉଛି । ସୂଚନା ଅନୁସାରେ ଅଭିଯୁକ୍ତ ମାନ ମାଝୀ ଉକ୍ତ ଗାଁର ଗାଁସାଥି ରହି ମନରେଗା କାମ ଦେଖାରେଖା କରୁଥିବା ବେଳେ ପୀଡ଼ିତା ମହିଳା ମଧ୍ୟ ସେହି ମନରେଗା କାମ କରି ଆସୁଥିଲେ । ଗତ ବୁଧବାର ଦିନ ମହିଳାଙ୍କ ଜମାବହିରେ ମନରେଗା ଟଙ୍କା ଜମା ହୋଇଛି କହି ଟଙ୍କା ଉଠାଇବା ପାଇଁ ନିଜ ବାଇକ୍ ଯୋଗେ ମହିଳାଙ୍କୁ ନିକଟସ୍ଥ ବ୍ୟାଙ୍କକୁ ନେଇଥିଲେ । ବ୍ୟାଙ୍କରେ ଜମା ଖାତା ଯାଞ୍ଚ କଲାପରେ ଜମା ଖାତାରେ କୌଣସି ଟଙ୍କା ପଡ଼ି ନଥିବାରୁ ବ୍ୟାଙ୍କ ଠାରୁ ପାନପଦାର-ପୁଞ୍ଜାମ ରାସ୍ତା ଦେଇ ଘରକୁ ଫେରିବା ସମୟରେ ଅଧବାଟ ପୁଞ୍ଜାମ ଜଙ୍ଗଲରେ ମିଠା ଖାଇବା ଓ ପାଣି ପିଇବା ବାହାନା କରି ବାଇକ୍ ଅଟକାଇ ବଳପୂର୍ବକ ଉଠାଇ ନେଇଁ ଦୁଷ୍କର୍ମ ସହିତ ଏହିକଥା କାହାକୁ କହିବୁ ତାହା ହେଲେ ଜୀବନରେ ମାରିଦେବି ବୋଲି ଧମକ ଦେଇଥିବା ଅଭିଯୋଗ ଆଣିଛନ୍ତି ମହିଳା । ମହିଳା ଜଣକ କୌଶଳକ୍ରମେ ସେଠାରୁ ପୁଞ୍ଜାମ ଗାଁକୁ ଆସି ସମ୍ପର୍କୀୟଙ୍କ ସାହାଯ୍ୟରେ ଘରକୁ ଆସିଥିଲେ । ଏନେଇ ମହିଳା ଜଣଙ୍କ ନ୍ୟାୟ ପାଇଁ ବିଜେପୁର ଥାନାର ଦ୍ୱାରସ୍ଥ ହୋଇ ଶୁକ୍ରବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଅଭିଯୋଗର ୪ଦିନ ପରେବି ପୁଲିସ ପକ୍ଷରୁ କୌଣସି ତଦନ୍ତ ହୋଇ ନଥିବା ପୀଡିତା ଅଭିଯୋଗ ଆଣିଛନ୍ତି । ତେବେ ଦୋଷୀଙ୍କୁ ଉଚିତ ଦଣ୍ଡ ଦିଆ ନଗଲେ ଆତ୍ମହତ୍ୟା କରିବି ବୋଲି ଚେତାବନୀ ଦେଇଛନ୍ତି ପୀଡିତା । ଏନେଇ ବିଜେପୁର ପୁଲିସ ଏସ୍ଆଇ ଶ୍ୟାମ କୁଲସିକାଙ୍କୁ ପଚାରିବାରୁ ଆମ ଥାନା ଅଧିକାରୀ ନିଳାମ୍ବର ଯାନୀ ଛୁଟିରେ ଅଛନ୍ତି । ଲାଞ୍ଜିଗଡ଼ ଥାନା ଅଧିକାରୀଙ୍କୁ ବିଜେପୁର ଥାନା ଦାୟିତ୍ୱରେ ଅଛନ୍ତି ।କେସ ରୁଜୁ ହୋଇନାହିଁ । ଆସନ୍ତାକାଲି କେଶ୍ ରୁଜୁ ହେବ ବୋଲି ପ୍ରକାଶ କରିଛନ୍ତି ।

# ଓଡିଶୀ ନୃତ୍ୟ ବିଦ୍ୟାଳୟର ସ୍ୱନକ୍ଷତ୍ର ଉତ୍ସବ




**ଭବାନୀପାଟଣା, ୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ସଂସ୍କୃତି ପରିଷଦ ପରିଚାଳିତ କଳାହାଣ୍ଡି କଳା କେନ୍ଦ୍ର ଓଡିଶୀ ନୃତ୍ୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍ଥାନୀୟ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଗୁରୁ ସତ୍ୟବାନ ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ବିଡିଓ ଚନ୍ଦନ କୁମାର ଭୋଇ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଭାରତ ଭୂଷଣ ଠାକୁର, ନୃତ୍ୟ ଗୁରୁ ଭୀମସେନ ସାହୁ ଓ ଲୋକକଳା ସଂଗଠକ ଧ୍ୟାନାନନ୍ଦ ପଣ୍ଡା ମଞ୍ଚାସୀନ ଥିଲେ । ପ୍ରଶାସନିକ ସ୍ତରରେ ଓଡିଶୀ ନୃତ୍ୟ ବିଦ୍ୟାଳୟ ପ୍ରତି ସହନଶୀଳ ଭାବ ରହିଲେ ନୂତନ ପ୍ରତିଭାର ଆବିଷ୍କାର ହୋଇପାରିବ ବୋଲି ଅତିଥିଗଣ ମତ ପ୍ରକାଶ କରିଥିଲେ । ଏହି ଅବସରରେ ନୃତ୍ୟ ପ୍ରତି ଥିବା ଅବଦାନ ପାଇଁ ନୃତ୍ୟ ସଂଗଠକ ଶିବାମ୍ବିକା ନନ୍ଦ ତଥା ଓଡିଶୀ ନୃତ୍ୟ ଶିଳ୍ପୀ ରାଜଲକ୍ଷ୍ମୀ ପ୍ରଧାନ, ସୁରଭି ମହାରଣା, ବିଜୟ ମୁନୀ ଓ ଶକ୍ତି ରଞ୍ଜନ ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ପରେ ଭିନ୍ନଭିନ୍ନ ମୁଦ୍ରାବନ୍ଧୀରେ ଚିତ୍ତାକର୍ଷକ ‘ଓଡିଶୀ ବୃନ୍ଦନୃତ୍ୟ’ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଯୁବଗୁରୁ ଆକାଶ ଓ ସାଥୀଙ୍କ ପରିବେଷିତ ଗୀତଗୋବିନ୍ଦ ଏବଂ ମା’ମାନଙ୍କ ଓଡିଶୀ ନୃତ୍ୟ ବିଶେଷ ଆକର୍ଷଣ ଥିଲା । ଶୁଭମ ପ୍ରଧାନୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁମିତ, ଅଜୟ, ସଞ୍ଜୀବ, ରାଜୁ, ଅନ୍ୱେଷା ପ୍ରମୁଖ ସହଯୋଗ କରିଥିଲେ । ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ସଂଯୋଜନା କରିଥିବା ବେଳେ ସୁଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆମର୍ ଦୁଃଖ୍ କିଏ ଶୁଣୁଛେ ଯେ ବାବୁ

## କାହାର୍ ଲାଗି ଇ ସରକାର୍ ଅଛେ

**ଥୁଆମୂଳରାମପୁର, ୮ ।୧୨(ସମିସ)**

ଆମର୍ ଆରୁ କିଏ ନାଇଁ ବାବୁ । ଆମର୍ ଦୁଃଖ୍ କିଏ ନାଇଁ ବୁଝୁଛନ୍ । ଇ ସରକାର କି ନେତା ମନ୍ତ୍ରୀ କିଏ ବି ଆମର୍ ଗୁହାରୀ ନାଇଁ ଶୁଣୁଛନ୍ । ସରକାର୍ ଚାଉଲ୍ କାର୍ଡ ନାଇଁ ଦେଇ କି ଆବାସ୍ ଘର୍ ବି ନାଇଁ ମିଳି । ଏନ୍ତାକି ଆମେ ଦୁଇ ବୁଢାବୁଢୀ ଭିତରେ ଜଣକେ

**ସରକାରୀ ଯୋଜନାରୁ ବଞ୍ଚିତ**

**ଅସହାୟ ଅବସ୍ଥାରେ ବୃଦ୍ଧ ଦମ୍ପତ୍ତି**


ଏକା ଭତ୍ତା ଦେଉଛେ ସରକାର୍ ।ଆମେ କେତେ ଗୁଲଗୁଲା ନେ ଚଲୁଁଛୁ କହେଲେ ନାଇଁ ସରେ ବାବୁ । ଚାଉଲ୍ କାର୍ଡ ନାଇଁ ବଲି ଲୁକର୍ ଘର୍ ଘର୍ ବୁଲି ଭିଖ୍ ମାଗି ଚଲୁଁଛୁ ବାବୁ । କେବେ କେବେ ବେଶୀ ଅସୁବିଧା ହେଲେ ଭୁଖେ ଭି ରହେବାକେ ପଡୁଛେ । ଗୋଟିଏ ଅସହାୟ ବୃଦ୍ଧ ଦମ୍ପତିଙ୍କ କଣ୍ଠରୁ ଏମିତି କୋହଭରା କାହାଣୀ ଶୁଣିବାକୁ ମିଳିଥିଲା ।ଏହି ବାସ୍ତବ ଘଟଣା ହେଉଛି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ପାଡେପଦର ପଞ୍ଚାୟତ ଅଧିନସ୍ଥ ଖମାରପଦର ତୋଟାପଡ଼ାରେ ବସବାସ କରୁଥିବା ବୃଦ୍ଧ ଦମ୍ପତ୍ତି ଗଦା ମାଝୀ ଏବଂ କେମେଲ୍ ଦେଇଙ୍କ ଜୀବନର କାହାଣୀ । ଉଭୟ ବୟସର ଅପରାହ୍ନରେ ଅସହାୟ ଅବସ୍ଥାରେ ଏକ ଚାଳମାଟିର କୁଡିଆରେ ଦୁର୍ବିସହ ଜୀବନ କାଟୁଛନ୍ତି । ସ୍ୱାମୀ ଗଦା ମାଝୀଙ୍କ ବୟସ ୭୫ ଏବଂ ତାଙ୍କ ସ୍ତ୍ରୀ କେମେଲ୍ ଦେଇଙ୍କ ବୟସ ୭୦ । ପରିବାର କହିଲେ ଆଉ କେହି ନଥିବା ବେଳେ ଦୁହେଁ ଦୁହିଁଙ୍କ ପାଇଁ ଆଶା ଓ ଭରସା । ଏମାନଙ୍କ ପାଇଁ ସରକାରୀ ଯୋଜନା ସାତସପନ ହୋଇପଡ଼ିଛି । ସରକାରୀ ଯୋଜନା କହିଲେ ସ୍ତ୍ରୀ କେମେଲ ଦେଇଙ୍କୁ ସାମାଜିକ ସୁରକ୍ଷା ଯୋଜନାରୁ ୧ ହଜାର ଟଙ୍କା ମିଳୁଛି । ହେଲେ ସ୍ୱାମୀ ଗଦା ମାଝୀ ଏହି ଯୋଜନାରୁ ବଞ୍ଚିତ ରହିଛନ୍ତି । ଦେଶରେ କୌଣସି ଲୋକ ଯେମିତି ଭୋକିଲା ନରହିବେ ସେଥିପାଇଁ ସରକାର ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ଚାଉଳ, ଗହମ ଏବଂ ମାଣ୍ଡିଆ ଯୋଗାଇବା ବ୍ୟବସ୍ଥା କରିଛନ୍ତି । କିନ୍ତୁ ଏହି ବୃଦ୍ଧ ଦମ୍ପତ୍ତିଙ୍କ ପାଇଁ ଏହି ଯୋଜନା ମଧ୍ୟ ମରୀଚିକା ସାଜିଛି । ଅନ୍ୟ ପଟରେ ଆବାସ ଯୋଜନାରୁ ବଞ୍ଚିତ ରହୁଥିବା ବେଳେ ଚାଳଛପର ସେଇ କୁଡିଆ ହିଁ ମୁଣ୍ଡ ଗୁଞ୍ଜିବାର ଆଶ୍ରୟ ସ୍ଥଳ ପାଲଟିଛି । ଏଠାରେ ସବୁଠାରୁ ବଡ ବିଡମ୍ବନାର ବିଷୟ ହେଉଛି ସ୍ତ୍ରୀ କେମେଲ୍ ଦେଇ ନିଜର ଦୁଇ ଚକ୍ଷୁର ଦୃଷ୍ଟି ଶକ୍ତି ଚାଲିଯାଇଥିବା ବେଳେ ନିଜର ଆବଶ୍ୟକୀୟ କାମ କରିବା ପାଇଁ ଗୁରୁଣ୍ଡି ଗୁରୁଣ୍ଡି ଅବା ନିଜ ସ୍ୱାମୀଙ୍କ ସାହାରା ନେବାକୁ ପଡୁଛି । ହେଲେ ଏଭଳି ଦୟନୀୟ ପରିସ୍ଥିତିରେ ପେଟର ଭୋକ ମେଣ୍ଟାଇବା ପାଇଁ ଖମାରପଦର ଗାଁକୁ ଯାଇ ଭିକ ମାଗି ଚଳୁଥିବା କହିଛନ୍ତି ସ୍ତ୍ରୀ କେମେଲ୍ ଦେଇ । ଅନ୍ୟ ପଟରେ ନିଜର ଚାଳଛପର ଭଙ୍ଗା କୁଡିଆକୁ ସଜାଡିବା ପାଇଁ ନିଜର ଭତ୍ତାକାର୍ଡକୁ ବନ୍ଧକ ରଖିଥିବା କହିଛନ୍ତି ବୃଦ୍ଧା ଜଣକ । ଏହି ବୃଦ୍ଧ ଦମ୍ପତ୍ତିଙ୍କ ଦୁଃଖ କେବେ ବୁଝିବ ପ୍ରଶାସନ ତାହା ଦେଖିବା ବାକି ରହିଲା ।





ସକାଳ
THE SAKALA

# ସମ୍ପାଦକୀୟ



ଶିକ୍ଷା ନାମକ ବୃକ୍ଷର ମୂଳ ତିକ୍ତ, କିନ୍ତୁ ଏହାର ଫଳ ମିଠା।
-ଆରିଷ୍ଟୋଟଲ୍

## ବିବାଦରେ ପରୀକ୍ଷା ଓ ପ୍ରଶ୍ନପତ୍ର

ରାଜ୍ୟ ସରକାରଙ୍କ ନିଯୁକ୍ତି ପରୀକ୍ଷା ପରିଚାଳନା ଓ ପ୍ରଶ୍ନପତ୍ର ପ୍ରଘଟ ଏତେ ବିବାଦୀୟ ଓ ଦୋଷଯୁକ୍ତ ଯେ ଯେତେ ଯାହା କହିଲେ ବି ତାହା ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ଅଧିକ ବିଗୁଡୁଥିବାର ଲକ୍ଷ୍ୟ କରାଯାଉଛି। ନିକଟରେ ଏଏନଏମ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଛି। ଏକାଧିକ ବାର ଏଭଳି ବିଭ୍ରାଟ ପରିଦୃଷ୍ଟ ହୋଇଥିଲେ ମଧ୍ୟ ସବୁକିଛି ସେହି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତିରେ ସୀମିତ ରହିଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ପରୀକ୍ଷା ଘୁଞ୍ଚାଇ ଦେବା ନିଷ୍ପତ୍ତି ଘୋଷଣା ହେବା ପୂର୍ବରୁ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ପାଇ ପରୀକ୍ଷାଖାତାରେ ଉତ୍ତର ଲେଖିବା ଆରମ୍ଭ କରିଦେଇଥିଲେ। ସେମାନଙ୍କୁ ପରୀକ୍ଷାଖାତା ଓ ପ୍ରଶ୍ନପତ୍ର ଫେରାଇ ଦେଇ ଚାଲିଯିବାକୁ କୁହାଯାଇଥିଲା। ପରୀକ୍ଷାର୍ଥୀଙ୍କ ପ୍ରସ୍ତୁତି ଓ ବହୁମୂଲ୍ୟ ସମୟରେ ଅପଚୟ ସ୍ୱାଭାବିକ ଭାବେ ହତାଶା ସୃଷ୍ଟି କରିଛି।

ପରୀକ୍ଷା ପରିଚାଳନାର ଅନ୍ୟ ଏକ ଦିଗ ସାମ୍ନାକୁ ଆସିଛି। ଏଲଟିଆଇ ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ହୋଇଥିବା ଯୋଗ୍ୟତା ପରୀକ୍ଷାରେ ଶହେ ନମ୍ବରରୁ ୧ ରଖିଲେ ପାସ ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରିଛି। ଏମାନେ ମୁଖ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଗଲେ ବିଦ୍ୟାଳୟରେ କି ପାଠ ପଢ଼ାଇବେ? ଅନୁସୂଚିତ ଜାତି ଓ ଜନଜାତି ଏବଂ ମହିଳାଙ୍କ ସକାଶେ ସ୍ୱତନ୍ତ୍ର ସୁବିଧା ସୃଷ୍ଟି କରିବାରେ କାହାର ଆପତ୍ତି ନାହିଁ। କିନ୍ତୁ ଏକ ବେଞ୍ଚମାର୍କ ନିର୍ଦ୍ଧାରଣ କରି ତାହାକୁ ଅତିକ୍ରମ କରିପାରୁଥିବା ପରୀକ୍ଷାର୍ଥୀଙ୍କୁ ବର୍ଗ ବିଶେଷରେ ଚୟନ କରିବାରେ କିଛି ଅସୁବିଧା ନଥିଲା। ଯେଉଁ ଉଦ୍ଦେଶ୍ୟରେ ଏମାନଙ୍କୁ ନିଯୁକ୍ତି ଦିଆଯିବ ତାହା ଯେ ଚରିତାର୍ଥ ହେବ ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ମୁଖ୍ୟ ପରୀକ୍ଷା ପାଇଁ ଯୋଗ୍ୟତା ହାସଲ ଦିଗରେ କର୍ତ୍ତୃପକ୍ଷ ବର୍ଗବିଶେଷରେ କଟଅଫ ମାର୍କ ୧, ୨.୫, ୨.୭୫, ୩,୨୩.୫ ଓ ୨୯ ରଖିଛନ୍ତି। ଏଭଳି ଏକ ଅର୍ଥହୀନ ପରୀକ୍ଷା କରିବା ଅପେକ୍ଷା ସମସ୍ତଙ୍କୁ ମୁଖ୍ୟ ପରୀକ୍ଷା ଦେବାକୁ ସୁଯୋଗ ଦେଇଥିଲେ ଅସୁବିଧା ହୋଇନଥା'ନ୍ତା। ଏଠାରେ ଉଲ୍ଲେଖଯୋଗ୍ୟ କି ଦୁଇମାସ ତଳେ ନିୟମ ଉଲ୍ଲଂଘନ କରି ୭୧୧ ହିନ୍ଦୀ ଶିକ୍ଷକଙ୍କୁ ଦିଆଯାଇଥିବା ନିଯୁକ୍ତିକୁ ହାଇକୋର୍ଟ ରଦ୍ଦ କରିଥିଲେ। ଆମେ ଆଶା କରିବା ଅନ୍ତତଃ ଏହି ଯେଉଁ ପ୍ରକ୍ରିୟା ଚାଲିଛି ତାହା ପୁଣି ଥରେ ବାତିଲ ନହେଉ। ତାହାପୂର୍ବରୁ କର୍ତ୍ତୃପକ୍ଷ ବ୍ୟବସ୍ଥାରେ ଅନ୍ତତଃ ସଂଶୋଧନ ଆଣିବା ଉଚିତ।

ବିହାର, ଉତ୍ତର ପ୍ରଦେଶ ଭଳି ଆମ ରାଜ୍ୟରେ ପ୍ରଶ୍ନପତ୍ର ପ୍ରଘଟ ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ଏଦିଗରେ ସରକାର ତେତେଦୂର ସଚେତନ ଅଛନ୍ତି ତାହା ଆମେ ଜାଣୁନା। ତେବେ ଘଟଣାର ପୁନରାବୃତ୍ତି କେବଳ ପରୀକ୍ଷାର୍ଥୀ ନୁହନ୍ତି, ଅଭିଭାବକ ମହଲରେ ସରକାରଙ୍କ ନିଷ୍ଠା ଓ ଆନ୍ତରିକତା ପ୍ରତି ସନ୍ଦେହ ସୃଷ୍ଟି କରିଛି। ଅବଶ୍ୟ ମୁଖ୍ୟମନ୍ତ୍ରୀ ବିଧାନସଭାରେ କହିଛନ୍ତି ଆଉ ପ୍ରଶ୍ନପତ୍ର ପ୍ରଘଟ ହେବନି, ସରକାରୀ ବ୍ୟବସ୍ଥାରେ କୌଣସି ରାଜନୈତିକ ହସ୍ତକ୍ଷେପ ହେବନି। ତାଙ୍କର ଏହି ବକ୍ତବ୍ୟରୁ ପ୍ରମାଣିତ ହେଉଛି ଯେ ପ୍ରଶ୍ନପତ୍ର ପ୍ରସ୍ତୁତିରେ ଏପର୍ଯ୍ୟନ୍ତ ରାଜନୈତିକ ହସ୍ତକ୍ଷେପ ଚାଲିଛି। ଏମିତିରେ ବ୍ୟବସ୍ଥା ସୁଧୁରି ଗଲେ ତ ଭଲ କଥା।

## କାହା ପାଇଁ ସୁଧହ୍ରାସ

ଖୁଚୁରା ମୁଦ୍ରାସ୍ଫୀତି ହାର ଗତ ଅକ୍ଟୋବର ମାସରେ ୦.୨୫ ପ୍ରତିଶତରେ ପହଞ୍ଚିଛି। ଆମ ଅର୍ଥନୈତିକ ବ୍ୟବସ୍ଥାରେ ବଜାର ପରିସ୍ଥିତିର ଆକଳନ ସାଧାରଣତଃ ଚାହିଦା ଓ ଯୋଗଣ ସ୍ଥିତିରୁ ସ୍ଥିରୀକୃତ ହୋଇଥାଏ। କିନ୍ତୁ ଯୋଗାଣ ତୁଳନାରେ ଚାହିଦା ହ୍ରାସ ପାଇଲେ ଦରଦାମ କମିବା ସ୍ୱାଭାବିକ। ଆମର ଏମିତି କ'ଣ ଉତ୍ପାଦନ ବଢ଼ିଗଲା ଯେ ତାହା ଚାହିଦା ତୁଳନାରେ ବଳକା ହେଉଛି? ଅସଲ କଥା ହେଉଛି ବଜାରରେ ଉପଲବ୍ଧ ସାମଗ୍ରୀ କିଣିବା ପାଇଁ ଆମର କ୍ରୟ ସାମର୍ଥ୍ୟ ଅପେକ୍ଷାକୃତ କମ। ରିଜର୍ଭବ୍ୟାଙ୍କ ମୁଦ୍ରାନୀତି ନିର୍ଦ୍ଧାରକମାନେ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ମୁଦ୍ରା ପ୍ରଚଳନକୁ କ୍ରମାଗତ ଭାବେ ସଂକୋଚନମୁକ୍ତ କରି ଚାଲିଛନ୍ତି। କାରଣ ଭାରତ ଭଳି ବିଶାଳ ବଜାରର କାରବାର ଉପରେ ଦେଶର ଅର୍ଥନୈତିକ ସମୃଦ୍ଧି ନିର୍ଭରଶୀଳ। ଯେହେତୁ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ପାଇଁ କୌଣସି ବିଦେଶୀ ସଂସ୍ଥା ଆମ ଉପରେ ଭରସା କରିପାରୁନାହାନ୍ତି ତେଣୁ ଦେଶୀ ମହାଜନ ଓ ଖରିଦଦାର ଉପରେ ସରକାର ନିର୍ଭର କରିବାର ବାଧ୍ୟବାଧକତା ଉପୁଜିଛି। ବିଶ୍ୱର ଚତୁର୍ଥ ଅର୍ଥନୀତି ଭାରତର ଜିଡିପି ଅଭିବୃଦ୍ଧି ହାର ୮.୨ ପ୍ରତିଶତ ହୋଇଥିଲେ ମଧ୍ୟ ଆମ ମହାଜନଙ୍କ ଦୌରାତ୍ମ୍ୟରେ ବିଦେଶୀ ବଣିକ ଛାନିଆରେ ମୁହଁ ଫେରାଉଛନ୍ତି। ଏହା ହେଉଛି ଭାରତୀୟ ଅର୍ଥନୀତିର ବାସ୍ତବ ଚିତ୍ର।

ଗତ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ୪ଟି ଦଫାରେ ୧.୨୫ ବେସିସ୍ ପଏଣ୍ଟ ରିପୋରେଟ ହ୍ରାସ କରିଛନ୍ତି। ଏହାଫଳରେ ଦେଶରେ ମୁଦ୍ରା ପ୍ରଚଳନ ସଂପ୍ରସାରିତ ହୋଇଚାଲିଛି। ହେଲେ ତାହାର ଅନୁକୂଳ ପ୍ରଭାବ କ'ଣ ପଡ଼ିଛି? ମୁଦ୍ରାସ୍ଫୀତି ବା ଦରଦାମ କ୍ରମାଗତ ଭାବେ ହ୍ରାସ ପାଇଛି। ବଜାରରେ ଲୋକଙ୍କ ଯେଉଁ ଅନୁପାତରେ ଚାହିଦା ବୃଦ୍ଧି ପାଇବା କଥା ତାହା ଅନୁଭୂତ ହେଉନି। ଏଭଳି ପରିସ୍ଥିତିରେ ଦେଶର ସାମଗ୍ରିକ ଅଭିବୃଦ୍ଧି ହାର ପୂର୍ବ ଆକଳନକୁ ଅତିକ୍ରମ କରି ୮.୨ ପ୍ରତିଶତ ହେଲା କିପରି? ଏହି ଯୁକ୍ତିର ଯଥାର୍ଥତା ଥିଲେ ମଧ୍ୟ ଦେଶକୁ ଯଦି 'ଇଣ୍ଡିଆ' ଓ 'ଭାରତ' ଦୁଇବର୍ଗରେ ବିଭକ୍ତ କରାଯାଏ ତେବେ 'ଭାରତ'ର ଗତିଶୀଳତା ଏବେ ମଧ୍ୟ ଶିଥିଳ। ଅନ୍ୟପକ୍ଷରେ 'ଇଣ୍ଡିଆ' ଦୌଡୁଛି ଏବଂ ଦେଶର ଅଭିବୃଦ୍ଧି ହାର ବଢ଼ିଚାଲିଛି। ଆମେ ଯେଉଁ ବିକଶିତ ଭାରତରେ ସୁଖ ସ୍ୱପ୍ନ ଦେଖୁଛେ ଓ ଲୋକଙ୍କୁ ଦେଖାଉଛେ ଏହି ପ୍ରଗତି ଧାରା ତାହାର ପରିପନ୍ଥୀ।

ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଗତ ମୁଦ୍ରାନୀତି ନିର୍ଦ୍ଧାରଣ କମିଟି ବୈଠକ ପରେ ୦.୨୫ ପ୍ରତିଶତ ରିପୋରେଟ ହ୍ରାସ ଘୋଷଣା କଲା ବେଳେ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ଦୁର୍ବଳ ସ୍ଥିତି ସଂପର୍କରେ କୌଣସି ମତାମତ ନଦେବା ବିସ୍ମୟକର। ଅଥଚ ରିଜର୍ଭବ୍ୟାଙ୍କ ଡଲାର କ୍ରୟ କରି ଭାରତୀୟ ମୁଦ୍ରାକୁ ସବଳ କରିବା ସକାଶେ ପାରୁପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିଛନ୍ତି। ରିପୋରେଟ ୪ଟି କିସ୍ତିରେ ହ୍ରାସ ପାଇ ୫.୨୫ ପ୍ରତିଶତରେ ପହଞ୍ଚିଛି। ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଛି ବ୍ୟାଙ୍କ କାରବାର ଉପରେ। ଦେଶର ବାଣିଜ୍ୟକୁ ନେଇ ଉପୁଜିଥିବା ପ୍ରତିକୂଳ ପରିସ୍ଥିତିରେ ରପ୍ତାନିଯୋଗ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଏହି କୋହଳ ସୁଧହାରର ସଠିକ ଉପଯୋଗ ହୋଇପାରିଛି କି? ଏହାର ଉତ୍ତର ହେଉଛି ଭାରତ ପାଇଁ ବ୍ୟାଙ୍କରେ ରହିଛି ନାନା କଟକଣା। କିଏ ଯୁଝିବ, କିଏ ଉପରକୁ ଉଠିବ?

# ଆମ ସମୟର କିଛି କଥା, କିଛି ବ୍ୟଥା

ଆରାଧନା ଦାଶ

ଏବେ ଆମ ଦେଶର ଜନସଂଖ୍ୟା ବୃଦ୍ଧି ସହିତ ଲୋକମାନଙ୍କର ଜୀବନଯାପନ ଶୈଳୀ ମଧ୍ୟ ବଦଳୁଛି। ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ମଣିଷ ଜୀବନକୁ ଅଧିକ ସହଜ ଓ ଆରାମଦାୟକ କରିଛି। ହାତ ପାଆନ୍ତାରେ ମିଳୁଛି ସୁଖ ସ୍ୱାଚ୍ଛନ୍ଦର ସବୁ ସାମଗ୍ରୀ। ମାତ୍ର ଆମ ମାନଙ୍କର ଅସାବଧାନତା ଯୋଗୁଁ ଅନେକ ବର୍ଷର ପରମ୍ପରା ଓ ସଂସ୍କୃତିର ଅବକ୍ଷୟ ହୋଇଚାଲିଛି। ମଣିଷ ପୁରୁଣା ସଂସ୍କୃତିର ଗଳାଚିପି ପାଶ୍ଚାତ୍ ସଂସ୍କୃତିକୁ ବେଶୀ ଆପଣେଇ ନେଇଛି। ଏପରି ଏକ ପରିସ୍ଥିତିର ଗମ୍ଭୀରତା ସଂପର୍କରେ ଜାଣି ମଧ୍ୟ ଆମେ ସମସ୍ତେ ଚୁପ୍ ରହିଛେ।

ସମୟର ସ୍ରୋତରେ ଆମେ ସମସ୍ତେ ଆଗକୁ ଆଗକୁ ଆଗେଇ ଚାଲିଛୁ। ପ୍ରତ୍ୟେକ ମଣିଷ ଜୀବନ ସଂଗ୍ରାମ ପାଇଁ ସଂଘର୍ଷରତ। କିନ୍ତୁ ଏହାର ଶେଷ କେଉଁଠି? ଆମେ ସମସ୍ତେ ନଦୀ କୂଳରେ ଠିଆ ହୋଇ ପାଣି ପାଣି ହେଉଛୁ। ହେଲେ ଶୋଷ ମେଣ୍ଟୁଛି କେଉଁଠି? ଆମେ ସମସ୍ତ ବୁଦ୍ଧିଜୀବୀ ସଭା ସମିତିରେ ନିଜ ଭାଷା ପାଇଁ ଭାଷଣ ଦେଉଛୁ, ସଂସ୍କୃତିର ସୁରକ୍ଷା ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛୁ। କିନ୍ତୁ ଏଥିରେ କ'ଣ ସଂସ୍କୃତିର ସୁରକ୍ଷା ହୋଇପାରୁଛି? ଆୟତନ ଓ ଜନସଂଖ୍ୟା ଦୃଷ୍ଟିରୁ ପୃଥିବୀର ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ର ଏବେ ମଧ୍ୟ ଅପେକ୍ଷା କରିଛି କେବେ ତା'ଦେଶର ଜନତା ସଚେତନ ହେବେ! କେବେ ତାଙ୍କର ନିଦ ଭାଙ୍ଗିବ! ଆଉ କେବେ ଫେରିବ ନବ ଜାଗରଣ! ହେଲେ କଳ୍ପନାଠାରୁ ବାସ୍ତବିକତା ଯେ ଅନେକ ଦୂର ଆଉ ଏକଥା ବୁଝିବାକୁ ଡେରି ନାହିଁ।

ଯୁଗର ପରିବର୍ତ୍ତନ ହୋଇଛି ସତ; କିନ୍ତୁ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସୁନାହିଁ। ଆମେ ସମସ୍ତେ ଆଜି ଆତ୍ମକେନ୍ଦ୍ରିକ ହୋଇପଡ଼ିଛୁ। କ୍ଷଣିକ ମୋହର ବଶବର୍ତ୍ତୀ ହୋଇ ଯେକୌଣସି ହୀନ କାମ କରିବାକୁ ପଛାଉନାହୁଁ। ଏବେ ତ ଦେଖାଯାଉଛି ରାଜକୋଷରୁ କେତେ ଧନ ବାଣ୍ଟିଲେ ଭୋଟ ହାତେଇବାକୁ ସୁବିଧା ହେବ ସେ ନେଇ ନେତାମାନେ ବ୍ୟସ୍ତ। କିଛି ଅସୁବିଧା ନ ଥିଲେ ମଧ୍ୟ ଛତର (ରିଲିଫ୍) ଖାଇବା ପାଇଁ ଆମେ ରାଜରାସ୍ତା ଉପରେ ବସିବାକୁ କୁଣ୍ଠାବୋଧ କରୁନାହୁଁ। ଦରିଦ୍ରନାରାୟଣଙ୍କ ସେବା କରିବା ତ ଦୂରର କଥା କେଉଁବାଟେ ସେମାନେ ସେମାନଙ୍କର ପ୍ରାପ୍ୟ ଅଧିକାରରୁ ବଞ୍ଚିତ ହେବେ ସେହି କାର୍ଯ୍ୟ କରିବା ପାଇଁ ଆମେ ସଦାତତ୍ପର। ସବୁଠାରୁ ଦୁଃଖର କଥା ଆମ ଦେଶର ଲୋକମାନେ ଯେତେ ସୁଖରେ ଥିଲେ ମଧ୍ୟ ଦାରିଦ୍ର୍ୟ ସୀମାରେଖା ତଳେ ନାମ ରଖିବାକୁ ବିଭିନ୍ନପ୍ରକାର କୌଶଳ ଅବଲମ୍ବନ କରି ସୁଯୋଗ ହାତେଇବାକୁ ଆଗ୍ରହୀ। ଫଳରେ ଏମାନଙ୍କ ସଂଖ୍ୟା ବଢ଼ି ବଢ଼ିଚାଲିଛି।

ପ୍ରତିଦିନ ଖବରକାଗଜର ପୃଷ୍ଠାମଣ୍ଡନ କରେ କିଛି କାପୁରୁଷତାର, ଆଉ କିଛି ବର୍ବରତାର କାହାଣୀ ତ କେତେବେଳେ ଅବକ୍ଷୟ ଓ ଅଧୋଗତିର ବାର୍ତ୍ତା। ଦିନକୁ ଦିନ ବଢ଼ି ଚାଲିଛି ଆତଙ୍କବାଦ ଆଉ ପୁଞ୍ଜିବାଦର ଆଧିପତ୍ୟ। ଧର୍ମ, ପ୍ରେମ ଓ ସାମ୍ପ୍ରଦାୟିକତା ନାମରେ ପ୍ରତିଦିନ ଘଟୁଛି ରକ୍ତାକ୍ତ ଘଟଣା। ଚାରିତ୍ରିକ ଦୁର୍ବଳତା ଓ ଆତ୍ମିକ ଇଚ୍ଛାଶକ୍ତିର ଅଭାବ ଆମକୁ ଭ୍ରଷ୍ଟାଚାର ଆଡ଼କୁ ଟାଣି ନେଉଛି। ଆମେ ଭୁଲିଛୁ ଆମର ନୈତିକ କର୍ତ୍ତବ୍ୟ ଆଉ ଆମର ସମାଜ ତଥା ଦେଶ ପ୍ରତି ଦାୟିତ୍ୱ। ତ୍ୟାଗ ଓ ମଣିଷପଣିଆ ସତେଯେମିତି ଆମଠାରୁ ବହୁଦୂରକୁ ଚାଲି ଯାଇଛି। ଏସବୁ ପାଇଁ ଆମେ ସମସ୍ତେ ନିଜ ନିଜକୁ ଦାୟୀ କରିବା ଉଚିତ୍।

ଉପଯୁକ୍ତ ସମାଜଟିଏ ଗଠନ କରିବା ପୂର୍ବରୁ ଉତ୍କୃଷ୍ଟ ଭାଷା, ଉଚ୍ଚ ଚିନ୍ତାଧାରା, ନିଃସ୍ୱାର୍ଥପରତା ଓ ସୁସ୍ଥ ମାନସିକତା ରହିବା ନିତାନ୍ତ ଆବଶ୍ୟକ। କିନ୍ତୁ ଆଜି ତାହା ସମ୍ଭବ ହୋଇ ପାରୁନାହିଁ। କାରଣ ମଣିଷ ଆଜି ତା' ନିଜ ଭାଷାକୁ ଆପଣେଇ ପାରୁନାହିଁ କି ନିଜ ମାତୃଭୂମିକୁ ଶ୍ରଦ୍ଧା ମଧ୍ୟ କରି ପାରୁନାହିଁ। ଏପରିସ୍ଥଳେ ଗୋଟିଏ ସୁସ୍ଥ ସମାଜର ପରିକଳ୍ପନା କ'ଣ ସମ୍ଭବ? ଗୋଟିଏ ଭଲ ସମାଜ ଗଠନ ପାଇଁ କିଛି ଭଲ ନାଗରିକଙ୍କର ଆବଶ୍ୟକତା ରହିଛି। ଏବେ ଦେଖା ଦେଉଛି ପ୍ରତ୍ୟେକ ପରିବାରରେ ସ୍ନେହ ପ୍ରେମର ଅଭାବ। ଆମେ ସମସ୍ତେ ବସ୍ତୁବାଦୀ ହୋଇପଡୁଛୁ ଏବଂ କିଛି ବସ୍ତୁକୁ ଆଖି ଆଗରେ ରଖି ଆମେ ସମସ୍ତେ ସେହି ଲକ୍ଷ୍ୟରେ ଧାଉଁଛୁ। ତେଣୁ ଆଦର୍ଶ ଓ ସତ୍‌ପଥର ପ୍ରତିକୂଳରେ ଆମେ ପ୍ରବାହିତ ହୋଇ ଚାଲିଛୁ।

ଯୌଥ ପରିବାର ଅଭାବ ଗୋଟିଏ ଶିଶୁର ଅନ୍ୟକୁ ଭଲ ପାଇବା ଏବଂ ସମାଜ ପାଇଁ କିଛି କରିବାର ମନୋବୃତ୍ତି କ୍ରମଶଃ କମି ଯାଉଛି। ପିଲାଦିନରୁ ଆଜିର ଶିଶୁ ଏକ ଯନ୍ତ୍ର ପରି ବଢ଼ୁଛି। ତା'ର ନୈତିକ କର୍ତ୍ତବ୍ୟ କ'ଣ ସେ ଜାଣିପାରୁ ନାହିଁ। ତା'ର ପରିବାର, ପଡ଼ୋଶୀ, ଗାଁ, ସର୍ବୋପରି ସମାଜ ପ୍ରତି ଯେ ତା'ର କିଛି କର୍ତ୍ତବ୍ୟ ରହିଛି ସେ ତାହା ଜାଣିପାରୁନି। ଯେଉଁ ପିଲା ନିଜର ବାପା ମାଆ ତଥା ପଡ଼ୋଶୀଙ୍କର ଦୁଃଖରେ ସାମିଲ୍ ହୋଇନାହିଁ ସେ ସମାଜ ପ୍ରତିଥିବା ତା'ର କର୍ତ୍ତବ୍ୟକୁ କିପରି ବା ବୁଝି ପାରିବ? ପିଲାବେଳୁ ସେମାନଙ୍କ ମୁଣ୍ଡରେ ପାଠପଢ଼ା ଓ ପରୀକ୍ଷା ଚିନ୍ତା ଛଡ଼ା ଅନ୍ୟ କୌଣସି ଭାବନା ପଶିବାକୁ ଦିଆଯାଉନାହିଁ। ସେମାନଙ୍କ ପାଇଁ ଜୀବନଟା କେତେଗୁଡ଼ିଏ ପରୀକ୍ଷାର ସମାହାର ପାଲଟି ଯାଇଛି। ତାଙ୍କର ଶୈଶବ ଆଜି ଅପହୃତ। ଶୈଶବର ଚପଳତା, ଶିଶୁର ଦରୋଟି ହସଠାରୁ ସେମାନେ ବହୁଦୂରରେ। ସେ ଦେଖୁଛି ତା' ଚାରି ପାଖର ସମସ୍ତ ବ୍ୟକ୍ତି ବସ୍ତୁବାଦୀ ହୋଇ ମାୟା ମରୀଚିକା ପଛରେ ଧାଇଁଛନ୍ତି। ସେ ଅବା ସେଥିରୁ ବାଦ୍ ପଡ଼ନ୍ତା କିପରି? ନିଜର ସଂସ୍କାର ଓ ସଂସ୍କୃତି ବିଷୟରେ ଭାବିବାକୁ ତା'ର ବେଳ ବା କାହିଁ?

ଏପରି ଅବସ୍ଥାରେ ଭାରତୀୟ ପରମ୍ପରା ଓ ଉତ୍କଳୀୟ ସଂସ୍କୃତି ଆଜି ଧୀରେ ଧୀରେ ତା'ର ସତ୍ତା ହରାଉଛି। ସମସ୍ତେ ପାଶ୍ଚାତ୍ୟ ସଭ୍ୟତାକୁ ଆପଣେଇବାରେ ବ୍ୟସ୍ତ। ଯେଉଁ ଦେଶ ତା'ର ମହାନ ସଂସ୍କୃତି ପାଇଁ ବିଶ୍ୱ ଦରବାରରେ ପରିଚିତ ଥିଲା, ତା'ର ସାଂସ୍କୃତିକ ଅବକ୍ଷୟରେ ମଧ୍ୟ ତା'ର ଅତୀତ ଗୌରବକୁ ନିଶ୍ଚୟ ହରାଇ ବସିବ। ଆଜି ଦେଶରେ କୋଣ ଅନୁକୋଣରେ ସହରୀ ସଭ୍ୟତା ମୁଣ୍ଡଟେକିଛି। ଏହି ସଭ୍ୟତାର ରସାସ୍ୱାଦନରେ ଆମେ ସମସ୍ତ ବିଭୋର। ସମସ୍ତେ ଗାଁ କୁ ଛାଡ଼ି ଆଜି ସହରାଭିମୁଖୀ। ସହରର ଚାକଚକ୍ୟ, କୋଠାବାଡ଼ି, ଗାଡ଼ିମଟର ସବୁ ଆମର ଅତିପ୍ରିୟ ହୋଇପଡ଼ିଛି। ଗାଁ ତୋଟାମାଳ ନଦୀକୂଳ ସବୁ ଆଜି ଖାଁ ଖାଁ। ଗାଁମାନଙ୍କର ଥିବା ଭାଗବତ ଟୁଙ୍ଗି ଆଜି ଶ୍ରୀହୀନ। ଗାଁକୁ ରଜ ଆସିଲେ ଜଣାପଡୁନି। ପାନଭଙ୍ଗା, ପିଠାପଣା, ବାଗୁଡ଼ିଖେଳ ଓ ଦୋଳିଖେଳ ସବୁ ଆଜି ସ୍ୱପ୍ନ ପାଲଟିଛି। ହୋଲି, ଦୀପାବଳି ଭଳି ବିଭିନ୍ନ ପର୍ବପର୍ବାଣିରେ କୋଳାହଳରେ ଫାଟି ପଡୁଥିବା ଗାଁ ଦାଣ୍ଡ ଆଜି ଶୂନଶାନ୍। ଘର ଅଗଣାରେ ଚଉଁରା ଅଛି, ହେଲେ ମୁରୁଜ ଆଉ ଝୋଟି, କାର୍ତ୍ତିକ ମାସରେ ନାମ ସଂକୀର୍ତ୍ତନରେ ଫାଟି ପଡୁଥିବା ଗାଁ ଦାଣ୍ଡ ଆଜି ନିରବ ହୋଇପଡ଼ିଛି। ସବୁକିଛି ତା'ର ପୂର୍ବ ମହିମା ହରେଇ ବସିଛି। ପିଲାର ଜନ୍ମଦିନରେ ଆଉ କେହି ମେଳା ପୂଜାଟିଏ କରୁନାହିଁ, ବରଂ ପାଶ୍ଚାତ୍ୟଦେଶର କେକ୍ କଟା ଆଉ ମହମବତୀ ଜଳା ଏବେ ଘରେ ଘରେ ପ୍ରଚଳିତ। ପୂଜାପାର୍ବଣରେ ଅଶ୍ଳୀଳ ନାଚ ଆଉ ଗୀତରେ ଫାଟି ପଡୁଛି ପରିବେଶ, ତାହା ପୁଣି ଗୁରୁଜନମାନଙ୍କ ଆଗରେ। ଏସବୁ ଦେଖି ଆମେ ମଧ୍ୟ କେବେ ପ୍ରତିବାଦ କରିନୁ। ଏ ସବୁ ଆମ ସଂସ୍କୃତିର ଅବକ୍ଷୟର ଗୋଟିଏ ଗୋଟିଏ ନିଚ୍ଛକ ନମୁନା। ଆମ ସଂସ୍କୃତିକୁ ଭଲ ପାଇବାର ଅଭାବ ହିଁ ଆଜି ଆମ ବିପନ୍ନତାର କାରଣ।

ବସ୍ତୁବାଦୀ ଦୁନିଆ ପଛରେ ଦୌଡ଼ି ଦୌଡ଼ି ଆମେ ଯେତେ ହିନସ୍ତା ହେଲୁଣି ତାହା ଆମେ ସମସ୍ତେ ଜାଣିଛୁ। ଆମର ସୁଦୃଢ଼ ପାରିବାରିକ ଭିତ୍ତିଭୂମି, ସୁସ୍ଥ ସମାଜ ବ୍ୟବସ୍ଥା ଆଜି ଧ୍ୱଂସାଭିମୁଖୀ। ବୁଦ୍ଧିଜୀବୀମାନେ ନିର୍ବିକାର। ସରକାର ନିର୍ଲିପ୍ତ, ଦେଶବାସୀ ସୁପ୍ତ। ଆମେ ସମସ୍ତେ ମାୟା ସଂସାରରେ ପାର୍ଥିବ ବସ୍ତୁ ପ୍ରତି ଅଧିକ ମୋହଗ୍ରସ୍ତ। ଲୋଭର ବଶୀଭୂତ ହୋଇ ଆମେ ନିଜର ବୁଦ୍ଧି ବିବେକକୁ ଜଳାଞ୍ଜଳି ଦେଉଛୁ। ନିଜକୁ ନିଜେ ଶୁଣିବା ପାଇଁ ଭଲ କାନଟିଏ ଏବଂ ନିଜେ ନିଜକୁ ଦେଖିବା ପାଇଁ ଯେଉଁ ଆଖିଟିଏ ଆବଶ୍ୟକ ହୁଏ, ତାହାକୁ ଆମେ ଗୁରୁତ୍ୱ ଦେଉନାହୁଁ। ଶ୍ରୀଅରବିନ୍ଦଙ୍କ ଭାଷାରେ ଏ ଦୁନିଆରେ ଏମିତି କେହି ବ୍ୟକ୍ତି ନାହାନ୍ତି, ଯାହାର ଜୀବନ ତ୍ରୁଟିରହିତ। କିନ୍ତୁ ଏହି ତ୍ରୁଟି ଆଦୌ ଅସାମର୍ଥ୍ୟର ଚିହ୍ନ ନୁହେଁ। ଏହି ତ୍ରୁଟିକୁ ସୁଧାରିବା ପାଇଁ ଚେଷ୍ଟା ନକରିବା ହିଁ ବିଡ଼ମ୍ବନା। ଥରେ ପରିବର୍ତ୍ତନ ରୂପୀ ଫୁଲର ବାସ୍ନାରେ ବିମୋହିତ ହେଲେ ଆଉ ନର୍ଦ୍ଦମାର ଦୁର୍ଗନ୍ଧ ଆଡ଼କୁ ମନ ଯିବ ନାହିଁ।

ଆମର ଅତୀତ ଆମ ଆୟତ୍ତରେ ନାହିଁ। ଭବିଷ୍ୟତ ମଧ୍ୟ ଅନିଶ୍ଚିତତା ମଧ୍ୟରେ। କେବଳ ବର୍ତ୍ତମାନ ହିଁ ସତ୍ୟ ଓ ଆମ ଆୟତ୍ତାଧୀନ। ତେଣୁ ବର୍ତ୍ତମାନ ପ୍ରତି ସଚେତନତା ହିଁ ବୁଦ୍ଧିମାନର କାର୍ଯ୍ୟ। ଏଥିନିମନ୍ତେ ଆମେ ଅଧିକରୁ ଅଧିକ ସଚେତନ ହେବା ପାଇଁ ପ୍ରୟାସ କରିବାକୁ ପଡ଼ିବ। ପ୍ରତି ମୁହୂର୍ତ୍ତରେ ଠିକ୍ ଓ ଭୁଲ୍‌ର ତର୍ଜମା କରି ଠିକ୍ ମାର୍ଗରେ ଯିବାକୁ ହେବ। ସତ୍ୟର ସନ୍ଧାନ କରିବାକୁ ହେବ। ନଚେତ ନେଡ଼ିଗୁଡ଼ କହୁଣୀକୁ ବୋହି ସାରିଥିବ।

(ପ୍ରଧାନ ଶିକ୍ଷୟିତ୍ରୀ)
କେନ୍ଦ୍ରାପଡ଼ା, ମୋ: ୯୯୩୭୩୦୬୬୭୯

# ଘାତକ ହେଉଛି ବାୟୁ

ବୈଷ୍ଣବ ମେହେର

ଉତ୍ତର ଭାରତରେ ଭୟଙ୍କର ବାୟୁ ପ୍ରଦୂଷଣକୁ ନେଇ ଲୋକସଭା ଓ ରାଜ୍ୟସଭାର ଚଳିତ ଅଧିବେଶନରେ ବିରୋଧୀ ଦଳଙ୍କ ଦ୍ୱାରା ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦିଲ୍ଲୀ ଏନସିଆର ଓ ଉତ୍ତର ଭାରତର ଅନେକ ସହରରେ ଏକ୍ୟୁଆଇ ୪୦୦ ଅତିକ୍ରମ କରି ଗମ୍ଭୀର ସ୍ତରରେ ରହିଥିବା ଦର୍ଶାଇ ବିରୋଧୀ ଦଳ ଜାତୀୟ ସ୍ୱାସ୍ଥ୍ୟ ଜରୁରୀ ସ୍ଥିତି ଘୋଷଣା କରିବାକୁ ଦାବି କରିଛନ୍ତି। କେବଳ ରାଜନୈତିକ ସ୍ତରରେ ନୁହେଁ, ବାୟୁ ପ୍ରଦୂଷଣକୁ ନେଇ ନିକଟରେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଉଦବେଗ ପ୍ରକାଶ କରି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ୟାର ସମାଧାନ ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ବାୟୁ ଗୁଣବତ୍ତା ପରିପାଳନ ଆୟୋଗ (ସିଏକ୍ୟୁଏମ) କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ତଥ୍ୟ ଅନୁସାରେ ୨୦୨୧ ନଭେମ୍ବରରେ ରାଜଧାନୀ ଦିଲ୍ଲୀର ହାରାହାରି ଏକ୍ୟୁଆଇ ମାତ୍ର ୨୮ ଥିବା ବେଳେ ୨୦୨୨ରେ ୨୨୭, ୨୦୨୩ରେ ୨୧୮ ଓ ୨୦୨୪ରେ ୩୦୩କୁ ବୃଦ୍ଧି ପାଇଥିଲା। ବିଶେଷଜ୍ଞଙ୍କ ମତରେ ସାଧାରଣ ବାୟୁର ମାନ ସୂଚକାଙ୍କ (ଏକ୍ୟୁଆଇ) ୫୦ କିମ୍ବା ତା'ଠାରୁ ତଳକୁ ରହିଲେ ଏହା ଉତ୍ତମ ବାୟୁ ବୋଲି ଧରାଯାଏ। ଅପରପକ୍ଷେ ସୂଚକାଙ୍କ ୫୦ ରୁ ୧୦୦ ମଧ୍ୟରେ ରହିଲେ ସନ୍ତୋଷଜନକ, ୧୦୧ ରୁ ୨୦୦ ମଧ୍ୟରେ ମଧ୍ୟମ, ୨୦୧ ରୁ ୩୦୦ ଭିତରେ ସାଂଘାତିକ ଓ ୩୦୧ ରୁ ୪୦୦ ମଧ୍ୟରେ ରହିଲେ ଅତିସାଂଘାତିକ ବୋଲି କୁହାଯାଏ।

୨୦୧୮ ରୁ ୨୦୨୪ ପର୍ଯ୍ୟନ୍ତ କ୍ରମାଗତ ସାତବର୍ଷଧରି ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ରାଜଧାନୀ ତାଲିକାର ଶୀର୍ଷରେ ରହିଛି ବୋଲି ସ୍ୱିସ୍ କମ୍ପାନିର ଆଇକ୍ୟୁଏୟାର କହିଛି। ଦୁଇବର୍ଷ ତଳେ ଦିଲ୍ଲୀ ଓ ମୁମ୍ବାଇର ୪୦୦ ଲୋକଙ୍କ ଉପରେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସଂସ୍ଥା ପ୍ରିଷ୍ଟିନ କେୟାର ଦ୍ୱାରା କରାଯାଇଥିବା ସର୍ବେକ୍ଷଣରେ ପ୍ରତି ୧୦ ଜଣରେ ୯ ଜଣ ପ୍ରଦୂଷିତ ବାୟୁ ଦ୍ୱାରା ପ୍ରଭାବିତ ବୋଲି ଜଣାପଡ଼ିଛି। ପୀଡ଼ିତ ବ୍ୟକ୍ତିମାନେ କାଶ, ଶ୍ୱାସକ୍ରିୟା ସମସ୍ୟା, ମୁଣ୍ଡ ବୁଲାଇବା, ଗଳା ଯନ୍ତ୍ରଣା, ଆଖିଖରାପ ଭଳି ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଛନ୍ତି। ବାୟୁ ପ୍ରଦୂଷଣ ଅନେକ ସାଂଘାତିକ ରୋଗର ବାହକ ହେଉଛି। ଏଥିଯୋଗୁଁ କର୍କଟ, ହୃଦରୋଗ ଓ ଶ୍ୱାସପ୍ରଶ୍ୱାସ ଜନିତ ରୋଗ ସହ ଛୋଟ ପିଲାଙ୍କ ମସ୍ତିଷ୍କର ବିକାଶରେ ବାଧକ ହେବା ନିଶ୍ଚିତ ଉଦବେଗର ବିଷୟ। ବାୟୁ ପ୍ରଦୂଷଣ ଦ୍ୱାରା ମଣିଷର ପ୍ରଜନନ ଶକ୍ତି ପ୍ରଭାବିତ ହେଉଥିବା ମଧ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି। ସମ୍ବେଦନଶୀଳ ବିଷୟ ଯେ, ପ୍ରଦୂଷିତ ବାୟୁ ଯୋଗୁଁ କୋଭିଡ୍ ଟିକାର ପ୍ରଭାବ ହ୍ରାସ ପାଉଥିବା ଭଳି ଚିନ୍ତାଜନକ ତଥ୍ୟ ମଧ୍ୟ ସାମନାକୁ ଆସିଛି। 'ଜର୍ଣ୍ଣାଲ୍ ଅଫ୍ ହେଲଥ୍ ପରସପେକ୍ଟିଭ୍'ରେ ପ୍ରକାଶିତ ଏକ ଗବେଷଣାତ୍ମକ ତଥ୍ୟ ଅନୁଯାୟୀ କୋଭିଡ୍ ଟିକାରେ ଆଣ୍ଟିବଡି ପ୍ରସ୍ତୁତ କରୁଥିବା ପ୍ରକ୍ରିୟାକୁ ବାୟୁ ପ୍ରଦୂଷଣ ପ୍ରଭାବିତ କରୁଥିବା ସ୍ପଷ୍ଟ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ପ୍ରଦୂଷିତ ବାୟୁ କାରଣରୁ ବିଶ୍ୱରେ ବର୍ଷକୁ ପାଖାପାଖି ୫୦ ଲକ୍ଷରୁ ଅଧିକ ଏବଂ ଭାରତରେ ପ୍ରାୟ ପାଞ୍ଚଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଛି।

ଓଡ଼ିଶାରେ ମଧ୍ୟ ବାୟୁ ପ୍ରଦୂଷଣର ମାତ୍ରା କିଛି କମ ନୁହେଁ। ବାୟୁମଣ୍ଡଳକୁ ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ ରଖିବାକୁ ପଦକ୍ଷେପ ନେବା ପାଇଁ ଗତ ଜୁନ ମାସରେ ଓଡ଼ିଶାରେ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏସସିଏପି) ଆରମ୍ଭ କରାଯାଇଛି। ସେହିଭଳି ଜାତୀୟ ସ୍ତରରେ ବାୟୁମଣ୍ଡଳର ସ୍ୱଚ୍ଛତା ନିମନ୍ତେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନସିଏପି) କାର୍ଯ୍ୟ କରୁଥିବା ବେଳେ ଏହା ଅଧୀନରେ ଆମ ରାଜ୍ୟର ରାଉରକେଲା, ଅନୁଗୁଳ, ତାଳଚେର, ବାଲେଶ୍ୱର, ରାଇରଙ୍ଗପୁର, କଟକ ଓ ଭୁବନେଶ୍ୱର ଭଳି ଶିଳ୍ପାଞ୍ଚଳ ଅନ୍ତର୍ଭୁକ୍ତ ରହିଛି। ଅନ୍ୟପକ୍ଷରେ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ ଅପେକ୍ଷାକୃତ ଅଧିକ ପଦୂଷିତ ବଡ଼ବିଲ, ବ୍ରହ୍ମପୁର, ବେଲପାହାଡ଼, ବଣାଇ, ବ୍ରଜରାଜନଗର, ଝାରସୁଗୁଡ଼ା, ଯୋଡ଼ା, କେନ୍ଦୁଝର, ପାରାଦୀପ, ପୁରୀ, ରାଜଗାଙ୍ଗପୁର, ସମ୍ବଲପୁର ଆଦି ସହରକୁ ପ୍ରାଧାନ୍ୟ ଦିଆଯାଇଛି।

ଦେଶର ଛୋଟ ପିଲାଙ୍କଠାରୁ ବୟସ୍କ ଯାଏଁ ପ୍ରଦୂଷିତ ବାୟୁଣ୍ଡଳର ଅଦୃଶ୍ୟ ବିଷ ପ୍ରଭାବରେ ଯେ କେବଳ ଆକ୍ରାନ୍ତ ହେଉଛନ୍ତି ତା'ହା ନୁହେଁ, ବରଂ ଏହା ଯୋଗୁଁ ଦେଶର ଅର୍ଥନୀତି ଉପରେ ମଧ୍ୟ ଭୟାବହ ପ୍ରଭାବ ପଡ଼ିଆସୁଛି। ପ୍ରଦୂଷିତ ବାୟୁର ପ୍ରଭାବରେ ଆକ୍ରାନ୍ତ ହୋଇ ଫୁସଫୁସ କର୍କଟ, ପିଲାଙ୍କ ଶ୍ୱାସ ସମସ୍ୟା, ବୟସ୍କଙ୍କ ହୃଦରୋଗ ଭଳି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାରେ ପ୍ରପୀଡ଼ିତ ଦେଶର ଲକ୍ଷଲକ୍ଷ ପରିବାରର ଚିକିତ୍ସା ଜନିତ ଆର୍ଥିକ କ୍ଷତି ଯୋଗୁଁ ଗତ ୨୦୨୨ରେ ଆମ ଦେଶର ଜିଡିପିର ୯.୫ ପ୍ରତିଶତ ଖର୍ଚ୍ଚ ହୋଇଥିବା ଜଣାପଡ଼େ।

ମଣିଷ ଚାହିଁଲେ ବାୟୁ ପ୍ରଦୂଷଣକୁ ଅନେକାଂଶରେ ନିୟନ୍ତ୍ରଣ କରିପାରିବ। ଅତୀତରେ ଆମ ଦେଶରେ ଚୁଲି କାଠ ଜାଳି ପାରମ୍ପରିକ ପଦ୍ଧତିରେ ରୋଷେଇ କରାଯାଉଥିଲା। ଫଳରେ ଲକ୍ଷଲକ୍ଷ ପରିବାରରୁ ପ୍ରତ୍ୟହ ଧୂଆଁ ବାହାରି ବାୟୁଣ୍ଡଳକୁ ପ୍ରଦୂଷିତ କରୁଥିଲା। ଏବେ ଏହି ରୋଷେଇ ପଦ୍ଧତିରେ ବ୍ୟାପକ ପରିବର୍ତ୍ତନ ଘଟି ଧୂଆଁମୁକ୍ତ ରୋଷେଇ ପ୍ରକ୍ରିୟାକୁ ଆପଣା ଯାଇସାରିଛି। ଜୀବାଶ୍ମ ଇନ୍ଧନ ଧୀରେଧୀରେ ବନ୍ଦ କରି ସୌର, ପବନ, ଜଳବିଦ୍ୟୁତ ଆଦି ସ୍ୱଚ୍ଛ ଶକ୍ତିକୁ ଏବେ ବହୁଳ ବ୍ୟବହାର କରିବାର ସମୟ ଆସିଛି। ଏଭଳି ଉପଯୋଗୀ ବିକଳ୍ପ ପଦ୍ଧତି ପାରମ୍ପରିକ ଶବଦାହ, ଯାନବାହନ ଚଳାଚଳ, ଶିଳ୍ପାୟନ ଆଦି କ୍ଷେତ୍ରରେ ଆପଣାଯାଇ ବ୍ୟାପକ ଚାରାରୋପଣ ଓ ଜଙ୍ଗଲ ସଂରକ୍ଷଣ ସହ କଳକାରଖାନାଗୁଡ଼ିକରେ କଠୋର ପ୍ରଦୂଷଣ ନିୟନ୍ତ୍ରଣ ନିୟମ ଲାଗୁ, ଫିଟନେସ ଯୁକ୍ତ ଯାନବାହନ ଚଳାଚଳ, ବ୍ୟକ୍ତିଗତ ଗାଡ଼ି ବଦଳରେ ସାର୍ବଜନୀନ ଗାଡ଼ି ସେବାର ବ୍ୟବହାରକୁ ପ୍ରାଧାନ୍ୟ, ବିଦ୍ୟୁତଶକ୍ତିର ଅପବ୍ୟବହାର ଓ ପ୍ଲାଷ୍ଟିକ ବ୍ୟବହାରରେ କଟକଣା, ଆବର୍ଜନା ଜଳାଇବା ବନ୍ଦ କରିବା ଆଦି ବିହିତ ପଦକ୍ଷେପ ବାୟୁରେ ସ୍ୱଚ୍ଛତା ଆଣିବାରେ ସହାୟକ ହୋଇପାରିବ।

ସୁନ୍ଦର ଜୀବନ ପାଇଁ ସ୍ୱଚ୍ଛ ଜଳ ଭଳି ନିର୍ମଳ ବାୟୁ ମଧ୍ୟ ଅତ୍ୟନ୍ତ ଜରୁରୀ। ଆମେ ନିଜେ ଯଦି ବାୟୁକୁ ସ୍ୱଚ୍ଛ, ପ୍ରଦୂଷଣ ମୁକ୍ତ ନରଖିବା ତେବେ ଆଗାମୀ ଦିନରେ ସ୍ୱଚ୍ଛ ବାୟୁ ପାଇବା ଦୁଃସ୍ୱପ୍ନ ହୋଇଯିବ।

ସିନାପାଲି(ନୂଆପଡ଼ା),
ମୋ: ୯୭୭୭୭୫୩୯୩୫

# ମାନସିକ ଚାପ ନିବାରକ ତୁଳସୀ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଆମ ସଂସ୍କୃତିରେ ତୁଳସୀ କେବଳ ପବିତ୍ରତମ ବୃକ୍ଷ ନୁହେଁ, ଆମ ଆୟୁର୍ବେଦରେ ମଧ୍ୟ ରହିଛି ଏହାର ଔଷଧୀୟ ଗୁଣ ସମ୍ପର୍କରେ ବହୁଳ ସୂଚନା। ଏହି ସୁଦୀର୍ଘ ତାଲିକାରେ ଏବେ ନୂଆ ହୋଇ ଯୋଗ ଦେଇଛି ତାହାର ମାନସିକ ଚାପ ହ୍ରାସକାରୀ ସାମର୍ଥ୍ୟ। ନିକଟରେ 'ଦ ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନ୍'(ଅଗଷ୍ଟ ୨୦୨୫ ସଂଖ୍ୟା)ରେ ପ୍ରଦତ୍ତ ଏକ ସୂଚନା ଅନୁସାରେ ଏହା ଶରୀରରୁ 'ଚାପ ହର୍ମୋନ୍' ବୋଲି କୁହାଯାଉଥିବା 'କୋର୍ଟିସଲ୍'ର ସ୍ତର ନିମ୍ନଗାମୀ କରି ମାନସିକ ଚାପ ଏବଂ ଅସନ୍ତୁଳନକୁ ଦୂର କରେ।

ଆମ ମନରେ ନାନାଦି କାରଣରୁ ଚାପ ବୃଦ୍ଧି ଘଟେ। ଏହାର ପ୍ରାକୃତିକ ପ୍ରତିକ୍ରିୟା ରୂପେ ଶରୀରରେ ଏହାର କ୍ଷରଣ ଅଧିକ ହୁଏ। ଏହା ସାଧାରଣ ମାତ୍ରାରେ ଘଟିଲେ କିମ୍ବା ଅଳ୍ପ ସମୟ ପାଇଁ ଅଧିକ ହେଲେ ତାହାର ପ୍ରଭାବ ଦୃଶ୍ୟମାନ ହୁଏ ନାହିଁ। କିନ୍ତୁ ଦୀର୍ଘ ସମୟ ଧରି ତାହା ହେଲେ ଦେହ ଓ ମନ ଉପରେ ନାନାଦି କୁପ୍ରଭାବ ପଡ଼େ। ଫଳରେ ଦୁଶ୍ଚିନ୍ତା ଓ ରକ୍ତଚାପ ବୃଦ୍ଧି, ରୋଗ ପ୍ରତିରୋଧ ଶକ୍ତି ହ୍ରାସ, ହୃତ୍ସ୍ପନ୍ଦନ ହାର ବୃଦ୍ଧି, ରକ୍ତ ଶର୍କରାର ସ୍ତର ଉର୍ଦ୍ଧ୍ୱଗାମୀ ହେବା ଆକାରରେ ତାହା ପ୍ରକଟିତ ହୋଇଥାଏ। ତୁଳସୀ ଏସବୁ ଦୂର କିମ୍ବା ହ୍ରାସ କରେ। ଏହାର ପତ୍ରରେ ରହିଛି ନାନାଦି ସ୍ୱାସ୍ଥ୍ୟ ପ୍ରଦାନକାରୀ ଉପାଦାନ। ସେଗୁଡ଼ିକ ହେଲା ବିବିଧ ପ୍ରକାର ପଲିଫିନଲ୍, ଫ୍ଲାଭାନଏଡ, ଭିଟାମିନ୍, ଧାତବ ଲବଣ, ଆଲ୍କା ଲଏଡ, ଟ୍ୟାନିନ୍, ଗ୍ଲାଇକୋସାଇଡ ଓ ଫ୍ୟାଟି ଏସିଡ୍। ଏହି ଫ୍ୟାଟି ଏସିଡମାନଙ୍କ ଅନ୍ତର୍ଭୁକ୍ତ ହେଲା ୟୁରୋସୋଲିକ୍ ଏସିଡ୍ ଓ ୟୁଜେନଲ। ଏ ଦୁଇଟି ରସାୟନ ଶରୀର ମଧ୍ୟରେ 'କୋର୍ଟିସଲ୍' ର ସ୍ତର ହ୍ରସ କରନ୍ତି।

କୋର୍ଟିସଲ୍ ଉପରେ ତୁଳସୀର ଏଭଳି ପ୍ରଭାବ ୨୦୨୪ ମସିହାରେ ଆବିଷ୍କୃତ ହୋଇଥିଲା ଜାତୀୟ ଆୟୁର୍ବେଦିକ ସଂସ୍ଥାନର ଗବେଷକମାନଙ୍କ ଦ୍ୱାରା। ସେମାନଙ୍କ ପରୀକ୍ଷାରେ ୧୮ ରୁ ୨୫ ବର୍ଷ ବୟସ୍କ ୧୦୦ ଜଣ ପ୍ରାପ୍ତ ବୟସ୍କଙ୍କୁ ଦୁଇଭାଗରେ ବିଭକ୍ତ କରି ଗୋଟିକୁ ପ୍ଲାସେବୋ (ମିଛ ଔଷଧ, ଅର୍ଥାତ୍ ଔଷଧ ଭଳି ମନେ ହେଉଥିବା, କିନ୍ତୁ ତାହାର ଔଷଧୀୟ ଗୁଣ ନଥିବା ପଦାର୍ଥ) ଏବଂ ଅନ୍ୟଟିକୁ ୧୨୫ ମିଲିଗ୍ରାମ ତୁଳସୀପତ୍ର ରସ ଦିନକୁ ଦୁଇଥର କରି ୮ ଦିନ ପର୍ଯ୍ୟନ୍ତ ଦିଆଯାଉଥଲା। ସେହି ଅବସରରେ ସେମାନଙ୍କ କେଶ ଓ ଲାଳରେ କୋର୍ଟିସଲର ସ୍ତର ମାପିବା ସହିତ ତାଙ୍କ ରକ୍ତ ଚାପ, ନିଦ୍ରାର ଗଭୀରତା, ହୃତସ୍ପନ୍ଦନ ହାର ଇତ୍ୟାଦି ମପା ଯାଉଥିଲା। ଏହାର ଲକ୍ଷ୍ୟ ଥିଲା ମାନସିକ ଚାପ ପ୍ରତି ଶରୀରର ପ୍ରତିକ୍ରିୟାକୁ ଏହି ଔଷଧୀୟ ଗୁଳ୍ମଟି କେତେ ଦୂର କରିପାରିବ ତାହା ଆକଳନ କରିବାକୁ। ଉକ୍ତ ପରୀକ୍ଷାରେ ଅଂଶ ଗ୍ରହଣକାରୀ ସ୍ୱେଚ୍ଛାସେବୀଙ୍କ ସେବନ ପାଇଁ ଦିଆଯାଉଥିବା ପଦାର୍ଥ ସଂପର୍କରେ କୌଣସି ସୂଚନା ଦିଆଯାଉ ନଥିଲା। ନିର୍ଦ୍ଧାରିତ ୮ ସପ୍ତାହ ସମୟ ପରେ ଦେଖାଗଲା ଯେ ତୁଳସୀ ରସ ସେବନକାରୀଙ୍କ କେଶ ଓ ଲାଳରେ କୋର୍ଟିସଲ ୩୬ ଶତାଂଶ ହ୍ରାସ ପାଇଛି। ଅତଏବ ସେମାନଙ୍କ ମାନସିକ ଚାପ ନିମ୍ନଗାମୀ ହୋଇଛି। ନିଦ୍ରା ଅଧିକ ଗାଢ଼ ହୋଇଛି। ହୃଦ୍‌ସ୍ପନ୍ଦନ ହାର ସ୍ଥିର ହୋଇଛି। ରକ୍ତଶର୍କରା ହ୍ରାସ ପାଇଛି ଏବଂ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପ୍ରାପ୍ତ ହୋଇଛି।

ବର୍ତ୍ତମାନ ଜୀବନ ଅଧିକ ଜଞ୍ଜାଳମୟ ହେବା ସହିତ ବଢ଼ିଚାଲିଛି କାର୍ଯ୍ୟଭାର ଏବଂ ଜୀବନ ସଂଗ୍ରାମର ତୀବ୍ରତା। ଏହା ମନକୁ ଅଧିକ ଚାପଗ୍ରସ୍ତ କରୁଛି। ଫଳରେ କୋର୍ଟିସଲର ସ୍ତର ବୃଦ୍ଧି ପାଇଁ ନାନାଦି ଶାରୀରିକ ଓ ମାନସିକ ରୋଗର କାରଣ ହେଉଛି। ତୁଳସୀପତ୍ରର ରସ ସେବନ ଏହି ହରମୋନଟିକୁ ହ୍ରାସ କରିବା ଫଳରେ ତାହାର ସବୁ କମ୍ ହେବାର ଦେଖାଯାଉଛି। ଅତଏବ ହ୍ରାସ ପାଇଚାଲୁଛି ଦେହ ଓ ମନ ଉପରେ ତାହାର ନକାରାତ୍ମକ ପ୍ରଭାବ। ଏପରି ସ୍ଥଳେ ଆମ ପରମ୍ପରା ଅନୁସାରେ ପ୍ରତ୍ୟେହ ଏଥିରୁ କିଛି କିଛି ସେବନ ସ୍ୱାସ୍ଥ୍ୟ ପକ୍ଷେ ଉପାଦେୟ ବୋଲି ପ୍ରମାଣିତ ହେଇଛି।

ତେବେ ତୁଳସୀପତ୍ର ବା ତାହାର ରସ ବ୍ୟବହାର କରିବାରେ କେତେକ ସତର୍କତା ଅବଲମ୍ବନ କରିବାକୁ ଗବେଷକମାନେ ଉପଦେଶ ଦେଇଛନ୍ତି। ପ୍ରଥମେ ଏହା କମ୍ ମାତ୍ରାରେ ସେବନ କରି କ୍ରମେ ମାତ୍ରା ବଢ଼ାଇ ଚାଲିବା ନିରାପଦ। ଦିନକୁ ଦୁଇ ଥର ୧୨୫ ମିଲିଗ୍ରାମ ମଧ୍ୟରେ ସୀମିତ ରହିଲେ ଭଲ। ଦୀର୍ଘକାଳୀକ ରୋଗୀମାନେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com
ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# 'ଜନ୍ମ ପ୍ରମାଣପତ୍ର' ଦେଇ ନପାରିବାରୁ ପୁଅର ହେପାଜତରୁ ବାପାକୁ ବଞ୍ଚିତ କରାଯାଇପାରିବ ନାହିଁ: ହାଇକୋର୍ଟ

କଟକ, ୮ ।୧୨(ସମିସ): ଜନ୍ମ ପ୍ରମାଣପତ୍ର ପ୍ରଦାନ କରିବାରେ ବିଫଳ ପାଇଁ ଜଣେ ବାପାକୁ ତା' ନାବାଳକ ପୁଅର ହେପାଜତରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଭଦ୍ରକ ପରିବାର ଅଦାଲତଙ୍କ ନିର୍ଦ୍ଦେଶକୁ ଖାରଜ କରି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ଏପରି ରାୟ ଶୁଣାଇଛନ୍ତି। ମା'ର ମୃତ୍ୟୁ ପରେ ବାପା ଆଇନ ଅନୁଯାୟୀ ଶିଶୁର ପ୍ରକୃତ ଅଭିଭାବକ। ଯଦି ଆବେଦନକାରୀଙ୍କୁ ପିଲାର ହେପାଜତ ପ୍ରଦାନ କରାଯିବ ନାହିଁ, ତେବେ ପିଲା ଏବଂ ବାପା ଉଭୟ ପରସ୍ପରର ପ୍ରେମ ଏବଂ ସ୍ନେହରୁ ବଞ୍ଚିତ ହେବେ ବୋଲି ହାଇକୋର୍ଟ କହିଛନ୍ତି। ହିନ୍ଦୁ, ସଂଖ୍ୟାଲଘୁ ଅଭିଭାବକ ଆଇନ, ୧୯୫୬ର ଧାରା-୬ ଅନୁଯାୟୀ ଆଇନଗତ ବ୍ୟବସ୍ଥା ଏବଂ ପରିସ୍ଥିତିକୁ ବିଚାରକୁ ନେଇ ଅଦାଲତ ଏହା କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଗତ ୨୦୧୯ ଜୁନ୍ ୧୯ରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଥିଲେ। ସେମାନଙ୍କ ଏକ ଶିଶୁପୁତ୍ର ଜନ୍ମ ହେବାର କିଛି ସମୟ ପରେ ପତ୍ନୀ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ। ପତ୍ନୀଙ୍କ ମୃତ୍ୟୁ ପରେ ପ୍ରତିପକ୍ଷ ତଥା ଆବେଦନକାରୀଙ୍କ ଶ୍ୱଶୁର ପିଲାଟିକୁ ନିଜ ହେପାଜତରେ ରଖିଥିଲେ। ଅଭିଯୋଗ ଅନୁଯାୟୀ ଆବେଦନକାରୀଙ୍କୁ ତାଙ୍କ ସନ୍ତାନ ସହ ଭେଟିବାକୁ ମଧ୍ୟ ଅନୁମତି ଦେଇନଥିଲେ ଶଶୁର। ଅନ୍ୟ କୌଣସି ଉପାୟ ନପାଇ ସେ ତାଙ୍କ ପିଲାକୁ ନିଜ ହେପାଜତକୁ ନେବା ପାଇଁ ଭଦ୍ରକ ପରିବାର ଅଦାଲତରେ ଆବେଦନ କରିଥିଲେ। କିନ୍ତୁ ପୁଅର ଜନ୍ମ ପ୍ରମାଣପତ୍ର ଏବଂ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିବାରେ ବିଫଳ ହୋଇଥିବା ଆଧାରରେ ତାଙ୍କର ଦାବିକୁ ପରିବାର ଅଦାଲତ ଖାରଜ କରିଥିଲେ। ପରିବାର ଅଦାଲତଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

# ଦାଦନ ସର୍ଦ୍ଦାର ହତ୍ୟା କରି ଫିଙ୍ଗିଦେଲା!



କଣ୍ଟାବାଞ୍ଜି/ତୁରେକେଲା, ୮ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ମହୁଲବାହାଲି ଗାଁଠାରେ ରେଳଧାରଣାରୁ ଜଣେ ଯୁବକଙ୍କ ଗଣ୍ଡିମୁଣ୍ଡ ଅଲଗା ଶବ ଉଦ୍ଧାର ହେବା ଘଟଣା ଭିନ୍ନ ମୋଡ଼ ନେଇଛି। ଏହା ଏକ ଦୁର୍ଘଟଣା ନୁହେଁ, ବରଂ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହୋଇଛି। ଆଜି ମୃତ ଯୁବକଙ୍କ ପରିଚୟ ମିଳିଛି। ସେ ହେଲେ, ନୂଆପଡ଼ା ଜିଲ୍ଲା ଲଖନା ଥାନା ଅଞ୍ଚଳ ବାଞ୍ଛାନିଧି କୈବର୍ତ୍ତ ଓରଫ୍ ମାଖନୁ (୪୩)। ମାଖନୁଙ୍କୁ ଦାଦନ ସର୍ଦ୍ଦାର ଅରମାନ ଖାନ ହତ୍ୟା କରିବା ପରେ ରେଳ ଧାରଣାକୁ ଫିଙ୍ଗି ଦେଇଛନ୍ତି ବୋଲି ମାଖନୁଙ୍କ ପତ୍ନୀ ବିନତି କୈବର୍ତ୍ତ ସାଂଘାତିକ ଅଭିଯୋଗ ଆଣିଛନ୍ତି। ବିନତିଙ୍କ କହିବାନୁଯାୟୀ, ଗତ ସୋମବାର ମାଖନୁ ଦାଦନ ଯିବା ପାଇଁ ସ୍ଥାନୀୟ ସେକେଣ୍ଡ ସର୍ଦ୍ଦାର ରାଜୁ ସୁନାନୀଙ୍କଠାରୁ ଅଗ୍ରିମ ୩୦ ହଜାର ଟଙ୍କା ନେଇଥିଲେ। ଆନ୍ଧ୍ରପ୍ରଦେଶର ଏକ ଇଟାଭାଟିରେ କାମ କରିବା ପାଇଁ ସେ ଚୁକ୍ତି କରିଥିଲେ। ମଙ୍ଗଳବାର ସେ ଲଖନାରୁ ଝରଣୀ ଗାଁକୁ ଆସି ମୁଖ୍ୟ ସର୍ଦ୍ଦାର ଅରମାନ ଖାନଙ୍କ ଘରେ ରହିଥିଲେ। ଶନିବାର ସକାଳେ ଝରଣୀ ଗାଁଠାରୁ ୨ କିମି ଦୂରତାରେ ଥିବା ରେଳଧାରଣାରୁ ମାଖନୁଙ୍କ ଖଣ୍ଡବିଖଣ୍ଡିତ ଶରୀର ଉଦ୍ଧାର ହୋଇଥିଲା। ଖବର ପାଇ କଣ୍ଟାବାଞ୍ଜି ଜିଆରପି ମୃତଦେହକୁ ଉଦ୍ଧାର କରିଥିଲା।

# ପୋଖରୀରେ ବୁଡ଼ିଗଲେ ଦମ୍ପତି

ଥୁଆମୂଳରାମପୁର, ୮ ।୧୨ (ସମିସ): ପୋଖରୀରେ ବୁଡ଼ି ଦମ୍ପତି ମୃତ। କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଥାନା ମହୁଲପାଟଣା ଫାଣ୍ଡି ଅନ୍ତର୍ଗତ ଖମାର ଗ୍ରାମରେ ଏହି ଅଘଟଣ ଘଟିଛି।



ମୃତକ ହେଲେ, ଗ୍ରାମର ସତ୍ୟବାନ୍ ନାଏକ (୬୧) ଓ ତାଙ୍କ ସ୍ତ୍ରୀ ପ୍ରତିମା ନାଏକ (୬୦)। ରବିବାର ସକାଳେ ଦୁହେଁ ଗାଁ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାରଲୋକଙ୍କ ମନକୁ ପାପ ଛୁଇଁଥିଲା। ଗ୍ରାମବାସୀଙ୍କ ସହ ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର ପତ୍ତା ମିଳିନଥିଲା। ସୋମବାର ସକାଳୁ ପ୍ରତିମାଙ୍କ ଶବ ପୋଖରୀରେ ଭାସୁଥିବା ଦେଖି ଗ୍ରାମବାସୀ ପୁଲିସକୁ ସୂଚନା ଦେଇଥିଲେ। ଅଗ୍ନିଶମବାହିନୀ ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ଦୁହିଁଙ୍କ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଥୁଆମୂଳରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଏକାସାଙ୍ଗରେ ସ୍ୱାମୀ-ସ୍ତ୍ରୀ କିପରି ପୋଖରୀରେ ବୁଡ଼ିଗଲେ ନା ମୃତ୍ୟୁ ପଛରେ ଅନ୍ୟ କିଛି କାରଣ ରହିଛି, ତାହାକୁ ନେଇ ପୁଲିସ ତଦନ୍ତ ଚଳାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗୋଷ୍ଠୀ ସଂଘର୍ଷରେ...

ଏମ୍‌ଭି-୨୬ ଗ୍ରାମରେ ପଶି ବ୍ୟାପକ ଭଙ୍ଗାରୁଜା ଓ ପୋଡ଼ାଜଳା କରିଥିଲେ। ଆଜି ମଧ୍ୟ ସମାନ ଘଟଣା ଘଟିଛି। ଏମ୍‌ଭି-୨୬ ଗ୍ରାମରେ ପଶି ରାଖେଲଗୁଡ଼ା ଗ୍ରାମବାସୀ ବହୁ ଘରେ ନିଆଁ ଲଗାଇ ଦେଇଛନ୍ତି। ଏହି ସମୟରେ ସେଠାରେ ଉପସ୍ଥିତ ପୁଲିସ ସେମାନଙ୍କୁ ବାରଣ କରିବାରୁ ପୁଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଛି। ଏଥିରେ ୩ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ନିମନ୍ତେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏଚ୍ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ପ୍ରତି ନଜର ରଖିଛନ୍ତି। ସେପଟେ, ମୃତ ମହିଳା ଲୋକେଙ୍କ କଟା ମୁଣ୍ଡ ଖୋଜିବା ପାଇଁ ପୁଲିସ ପ୍ରଶାସନ ଓ ଅଗ୍ନିଶମ ବାହିନୀ ଆଜି ପୋଟେରୁ ନଦୀରେ ଖାନତଲାସି କରିଛନ୍ତି। ଏଥିପାଇଁ ବାଲିମେଲା ଓ ଚିତ୍ରକୋଣ୍ଡାରେ ଡ୍ୟାମ୍ ଗେଟ୍ ବନ୍ଦ କରି ନଦୀର ଜଳସ୍ତରକୁ କମ୍ କରାଯାଇଥିଲା।

### ବିଧାନସଭାରେ...

ଆଜି ଖବରକାଗଜରେ ଏହି ପ୍ରସଙ୍ଗ ବାହାରିଛି କିନ୍ତୁ ଘଟଣା ଦୁଇ ଦିନ ବିତି ଗଲାଣି। ଗୃହ ବିଭାଗ ଓ ଗୁଇନ୍ଦା ବିଭାଗ ଶୋଇଥିଲେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ମାଲକାନଗିରି ମାଓପ୍ରବଣ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳ। ସେଠାରେ ୫୦ ଘର ପୋଡ଼ିଲା, ଦୁଇ ଗୋଷ୍ଠୀ ଭିତରେ ବିବାଦ ହେଲା। ହେଲେ ପୁଲିସ କେମିତି ଜାଣିପାରିଲା ନାହିଁ। ସେଠାରେ ଏଭଳି ଘଟଣା ଘଟିବା ଦର୍ଶାଉଛି ଯେ, ଆଇନଶୃଙ୍ଖଳା ନିୟନ୍ତ୍ରଣରେ ସରକାର ବିଫଳ। କେନ୍ଦ୍ର ସରକାର କହିଛନ୍ତି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କର। କିନ୍ତୁ ସେହି କେନ୍ଦ୍ର ସରକାର ବାଂଲାଦେଶୀ ମାନଙ୍କୁ ସେଠାରେ ରଖି ନ ଥିଲେ କି? ମୁଖ୍ୟମନ୍ତ୍ରୀ ଆଇନଶୃଙ୍ଖଳାକୁ ନେଇ ଗୃହରେ ଭୁଲ ତଥ୍ୟ ଦିଅନ୍ତୁ ନାହିଁ। ତତକ୍ଷଣାତ୍ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ରିପୋର୍ଟ ଦେବା ପାଇଁ ସେ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରତାପ ଦେବ୍ ଗୃହରେ କହିଛନ୍ତି। ସମାନ ଭାବେ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ମଧ୍ୟ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ମାଲକାନଗିରି କୋରକଣ୍ଡାରେ ମହିଳାଟିଏ ବିଲକୁ ଧାନ କାଟିବାକୁ ଯାଉଛି। କିନ୍ତୁ ତାଙ୍କୁ ୪ ଜଣ ଜଣ ବଙ୍ଗାଳି ଦୁଷ୍କର୍ମ କରିବା ସହ ବିଭତ୍ସ ହତ୍ୟା କରିଛନ୍ତି। ପରେ ଗୋଟେ ମିସିଂ କେସ ରୁଜୁ ହେଲା। କିନ୍ତୁ ଯେତେବେଳେ ମହିଳାଙ୍କୁ ଖୋଜାଖୋଜି କରାଗଲା ସେତେବେଳେକୁ ତାଙ୍କର ମୃତ ଦେହ ମିଳୁଛି। ଯାହାକୁ ନେଇ ସେଠାରେ ବଡ ଧରଣର ଗୋଷ୍ଠୀ ସଂଘର୍ଷ ଆରମ୍ଭ ହୋଇଛି। ବଙ୍ଗାଳୀ - ଆଦିବାସୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଜାରି ରହିଛି। ତାକୁ କାହିଁକି ହାଲକା ଭାବରେ ନେଉଛି ପୁଲିସ ନେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଘଟଣା ପୂର୍ବରୁ କାହିଁକି ପୁଲିସ ଚୁପ୍ ବସିଥିଲା ବୋଲି ପ୍ରଶ୍ନ କରିବା ସହ ମାଲକାନଗିରିର ଆଇନ ଶୃଙ୍ଖଳା ପ୍ରତି ମୁଖ୍ୟମନ୍ତ୍ରୀ ଧ୍ୟାନ ଦିଅନ୍ତୁ ବୋଲି ମଙ୍ଗୁ ଖିଲ ଦାବି କରିଛନ୍ତି।

### ଲାଲ୍‌ମାଟିରେ ବାରବାଟୀ...

କାକର ବା କୁହୁଡି ସମସ୍ୟା। ଏହାକୁ କେହି ନିୟନ୍ତ୍ରଣ କରିବା ସମ୍ଭବପର ନୁହେଁ। ଦ୍ୱିତୀୟଟି ହେଉଛି ବାରବାଟୀରେ ନିର୍ମିତ ହୋଇଥିଲା ରେଡ୍ ସଏଲ ପିଚ୍ ବା ଲାଲମାଟିର ପିଚ୍। ବାରବାଟୀରେ ଏହା ପ୍ରଥମଥର ବ୍ୟବହାର କରାଯାଉଛି। ଏ ପ୍ରକାର ପିଚ୍‌ରେ ବଲର ଗତି ତୀବ୍ର ହୋଇଥାଏ। ବାଉନ୍ସ ମଧ୍ୟ ହୁଏ। ପିଚ୍‌ରେ ଘାସ ରହୁଥିବାରୁ ଫାଷ୍ଟ ବୋଲରମାନେ ଏଥିରୁ ଫାଇଦା ନେଇଥାନ୍ତି। ଏଭଳି ପିଚ୍‌ରେ ଆମେ ଅନ୍ୟଠାରେ ଖେଳିଛୁ। ଏଣୁ ଏହା ଆମଲାଗି ସମସ୍ୟା ସୃଷ୍ଟି କରିବ ନାହିଁ। କିନ୍ତୁ କଳାମାଟିରେ ପିଚ୍ ହୋଇଥିଲେ ଭଲ ହୋଇଥାନ୍ତା ବୋଲି ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଛନ୍ତି। କିନ୍ତୁ ବ୍ୟାଟରଙ୍କ ଲାଗି ଏହି ପିଚ୍ ବେଶ ଉପଯୋଗୀ ବୋଲି ପିଚ୍ ନିର୍ମାତା ଅଞ୍ଜନ ଖୁଣ୍ଟିଆ କହିଛନ୍ତି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଅଧିନାୟକ ଆଇଡେନ୍ ମାରକ୍ରମଙ୍କ ମତରେ ଆମେ ସମସ୍ତ ପ୍ରକାର ପିଚ୍ ଓ ପରିବେଶରେ ଲଢ଼େଇ କରିବା ଲାଗି ପ୍ରସ୍ତୁତ ରହିଛୁ। ଭାରତୀୟ ଦଳରେ ଅନେକ ଶ୍ରେଷ୍ଠ ଖେଳାଳି ରହିଛନ୍ତି। ଏହା ସତ୍ତ୍ୱେ ଆମେ ନୂଆ ରଣନୀତି ନେଇ ପଡ଼ିଆକୁ ଓହ୍ଲାଇବୁ ବୋଲି ସେ ଦୃଢ଼ ଆତ୍ମବିଶ୍ୱାସର ସହ କହିଛନ୍ତି।

ଗତ ୧୦ ବର୍ଷରେ ଭାରତ ପ୍ରତିପକ୍ଷ ଦକ୍ଷିଣ ଆଫ୍ରିକାଠାରୁ ଟି-୨୦ ଶୃଙ୍ଖଳା ହାରିନାହିଁ। ୨୦୨୪ ଟି-୨୦ ବିଶ୍ୱକପ୍ ଫାଇନାଲରେ ଭାରତଠାରୁ ମଧ୍ୟ ଦକ୍ଷିଣ ଆଫ୍ରିକା ପରାଜିତ ହୋଇଥିଲା। ୨୦୨୬ ବିଶ୍ୱକପ୍ ପୂର୍ବରୁ ନିଜର ଦକ୍ଷତା ଓ ଦୁର୍ବଳତା ଆକଳନ କରିବା ଭାରତକୁ ଏହି ସିରିଜ୍ ବଡ଼ ସୁଯୋଗ ଦେଇଛି। ଏହା ପରେ ନ୍ୟୁଜିଲାଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ସହ ଭାରତର ବିଶ୍ୱକପ୍ ପ୍ରସ୍ତୁତି ଶେଷ ହେବ।

### ତାମିଲନାଡୁରେ ହଟିବେ...

ଅସଂଗ୍ରହଣୀୟ ଶ୍ରେଣୀରେ ସାମିଲଥିବା ଫର୍ମ ସଂଖ୍ୟା ହେଉଛି ୫୪.୫୯ ଲକ୍ଷ। ଅର୍ଥାତ ଏହି ସଂଖ୍ୟାର ଭୋଟରଙ୍କ ନାମ ତାଲିକାରୁ କଟିବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି କେରଳରେ ଏହି ସଂଖ୍ୟା ୨୦ ଲକ୍ଷରୁ ଅଧିକ ବୋଲି ଜଣାପଡ଼ିଛି। କେରଳରେ ଯେଉଁ ଭୋଟରଙ୍କ ଖୋଜ ଖବର ମିଳୁନାହିଁ, ସେମାନେ ମୃତ୍ୟୁବରଣ କରିଛନ୍ତି କିମ୍ବା ଅନ୍ୟସ୍ଥାନକୁ ସ୍ଥାନାନ୍ତର ହୋଇଛନ୍ତି ବୋଲି କୁହାଯାଇଛି। ଡିସେମ୍ବର ୧୬ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହେବ। ଏଥିରୁ ଏହି ଭୋଟରଙ୍କ ନାମ କଟିବାର ଯଥେଷ୍ଟ ଆଶଙ୍କା ରହିଛି। ଉଲ୍ଲେଖଥାଉ କି, ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଅକ୍ଟୋବର ୨୮ରୁ ଏସ୍‌ଆଇଆର ପ୍ରକ୍ରିୟା ଚାଲୁ ରହିଛି। ଏହି ପ୍ରକ୍ରିୟାରେ ଭୋଟର ତାଲିକାର ସଂଶୋଧନ ହେଉଛି। ଏଥିରେ ନୂଆ ଭୋଟରଙ୍କ ନାମ ଯୋଡା ଯାଉଥିବା ବେଳେ ଭୋଟର ତାଲିକାରେ ଥିବା ତ୍ରୁଟିଗୁଡିକୁ ଠିକ୍ କରାଯାଇଥାଏ।

### ଜୀବନ ଯୁଦ୍ଧରେ...

ପୋକ୍ସୋ ଏବଂ ଆଟ୍ରୋସିଟି ଦଫାରେ ମାମଲା ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଶୃତି ରାଜଗାଙ୍ଗପୁରର ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଏକ ଓଡ଼ିଆ ସମ୍ମାନ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ। କୁତ୍ରା ଅଞ୍ଚଳର ନିଲେଶ ତାଙ୍କୁ ବାରମ୍ବାର ଫୋନ୍ କରି ଧମକଚମକ ଦେବା ସହ ମାନସିକ ନିର୍ଯାତନା ଦେଉଥିଲା। ଏଥିରେ ଅତିଷ୍ଠ ହୋଇ ଶନିବରା ରାତିରେ ଶୃତି ଘର ଭିତରେ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଏଥିରେ ତାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ି ଯାଇଥିଲା। ପରିବାରଲୋକ ତାଙ୍କୁ ରାଉରକେଲା ଆଇଜିଏଚ୍‌ର ବର୍ଣ୍ଣ ୟୁନିଟ୍‌ରେ ଭର୍ତ୍ତି କରାଇଥିଲେ। ହସ୍ପିଟାଲ ବେଡ୍‌ରେ ୨୪ ଘଣ୍ଟା ସଂଘର୍ଷ କରିବା ପରେ ରବିବାର ରାତିରେ ସେ ସବୁଦିନ ପାଇଁ ଆଖି ବୁଜି ଦେଇଛନ୍ତି। ଏହି ଖବର ପ୍ରଘଟ ହେବା ପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଶୃତିଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ରାଜଗାଙ୍ଗପୁର ବିଜୁ ଜନତା ଦଳ ପକ୍ଷରୁ ଆଇଜିଏଚ୍ କାଜୁଆଲିଟି ସମ୍ମୁଖରେ ଧାରଣା ଦିଆଯାଇଥିଲା। ରାଜଗାଙ୍ଗପୁରର ବିଜେଡି ନେତା ଅନିଲ ବରୁଆ, ଅମରେଶ ପଣ୍ଡା, ରାଜେନ୍ଦ୍ର ବେହେରା ଜିଲ୍ଲା ସମିତି ସଭ୍ୟ ସଂଘ ସଭାପତି ଜ୍ୟୋତି ରଂଜନ ନାୟକ, ରଶ୍ମି ଏକ୍କା, ଶିଲ୍ପା ଏକ୍କା ପ୍ରମୁଖଙ୍କ ସମେତ ଶୃତିଙ୍କ ପରିବାରଲୋକ ଏଥିରେ ସାମିଲ ଥିଲେ। ଖବର ପାଇ ରାଉରକେଲା ଅତିରିକ୍ତ ତହସିଲଦାର, ଡିଏସ୍‌ପି ଯୋଗେଶ୍ୱର ପଣ୍ଡା, ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ରାଜଗାଙ୍ଗପୁର ଅତିରିକ୍ତ ତହସିଲଦାର କିରଣ କୁମାର ସୋରେଙ୍ଗ, ଡିଏସ୍‌ପି ମନୋରଞ୍ଜନ ପ୍ରଧାନ, ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସ, ଲାଞ୍ଜିବେର୍ଣ୍ଣା ଫାଣ୍ଡି ଅଧିକାରୀ ପ୍ରୀତିରଂଜନ ପରିଡ଼ା ପ୍ରମୁଖ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରାୟ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ସହ ପରିବାର ଓ ନେତୃବୃନ୍ଦଙ୍କର ଆଲୋଚନା ହୋଇଥିଲା। ଶେଷରେ ଆପୋଷ ବୁଝାବଣା ପରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। ଏହାପରେ ପରିବାର ବର୍ଗ ଶବ ଇନକ୍ୱେଷ୍ଟ ଓ ବ୍ୟବଚ୍ଛେଦ କରିବା ପାଇଁ ରାଜି ହୋଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା।

### ହୃଦୟ ବିଦାରକ...

ପ୍ରତି ମୋର ଗଭୀର ସମବେଦନା ଜଣାଇବା ସହ ଛାତ୍ରୀଙ୍କ ଅମର ଆତ୍ମାର ସଦଗତି କାମନା କରୁଛି। ଜୀବନରୁ ମାରିଦେବା ପାଇଁ ପୂର୍ବରୁ ଧମକ ମିଳିଥିବା ନେଇ ପରିବାର ଲୋକେ କହିବା ପରେ ବି ସରକାରଙ୍କ ନିଷ୍କ୍ରିୟତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ସରକାର କେତେ ଆଉ ନିରୀହ ଜୀବନ ଏପରି ଜଳିବାକୁ ଛାଡ଼ିଦେବେ? ଓଡ଼ିଶାରେ ବଢୁଥିବା ଏହିପରି ଘଟଣାକୁ ରୋକିବା ଦିଗରେ ସରକାରଙ୍କ ଉଦାସୀନତା ଅପରାଧୀଙ୍କ ସାହସ ବଢ଼ାଉଛି। ଲୋକେ ଅସୁରକ୍ଷିତ ହେଉଛନ୍ତି, ଅପରାଧୀମାନେ ଖୁଲମଖୋଲା ବୁଲୁଛନ୍ତି। ସରକାର ସୁରକ୍ଷା କାହାକୁ ଦେଉଛନ୍ତି ବୋଲି ନବୀନ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ସଜାଡ଼ିବା ଦିଗରେ ସରକାର କଠୋର ହୁଅନ୍ତୁ। ଲୋକଙ୍କୁ ନ୍ୟାୟ ମିଳୁ, ଅପରାଧୀଙ୍କ ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି।

### ୧୨ ପର୍ଯ୍ୟନ୍ତ ଶୀତ...

ପର୍ଯ୍ୟନ୍ତ ଜାରି ରହିବ। ଉତ୍ତର ଆଭ୍ୟନ୍ତରୀଣ (ସୁନ୍ଦରଗଡ଼-ଝାରସୁଗୁଡ଼ା) ଓ ପଶ୍ଚିମ ଓଡ଼ିଶା (ସମ୍ବଲପୁରଠାରୁ ନବରଙ୍ଗପୁର) ଓ ସଂଲଗ୍ନ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ପ୍ରାୟତଃ ଅପରିବର୍ତ୍ତିତ ରହିବ। ୨୧ ତାରିଖ ପରେ ତାପମାତ୍ରା କିଛି ମାତ୍ରାରେ ବଢ଼ିପାରେ। ଉପକୂଳ ଜିଲ୍ଲା (ବାଲେଶ୍ୱର-ଗଞ୍ଜାମ) ଓ ସଂଲଗ୍ନ ଜିଲ୍ଲା (ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼ ଓ ଗଜପତି)ରେ ୧୧ ତାରିଖ ରାତିରୁ ଶୀତ ବଢ଼ିବ୍ୟ ୧୧-୧୩ ମଧ୍ୟରେ ୨ ଡିଗ୍ରୀ ଏବଂ କନ୍ଧମାଳ, ଢେଙ୍କାନାଳ, କୋରାପୁଟ ଜିଲ୍ଲାରେ ୩-୪ ଡିଗ୍ରୀ କମିବାର ସମ୍ଭାବନା ରହିଛି। ତେବେ ୧୪ରେ ଓ ୧୭ରେ ରାତିରେ ପୁଣି ଶିତ ବଢ଼ି ୧୯ ତାରିଖରେ ବର୍ତ୍ତମାନର ସ୍ଥିତି ଫେରିବାର ସମ୍ଭାବନା ରହିଛି। ବର୍ତ୍ତମାନ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ଚଳିତ ବର୍ଷ ଗତ ୪ ତାରିଖରୁ ଆରମ୍ଭ ହୋଇ ୨ ସପ୍ତାହରୁ ଅଧିକ ଦିନ ଥଣ୍ଡା ଜାରି ରହିବ। ଲା-ନିନା ଯୋଗୁଁ ଥଣ୍ଡା ବୃଦ୍ଧିର କରାଣ କୁହାଯାଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ପାଣିପାଗ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଝାରସୁଗୁଡ଼ା, ଅନୁଗୁଳ ଓ ସୁନ୍ଦରଗଡ଼ ପାଇଁ ଶୀତ ଲହରୀ ଚେତାବନୀ ଜାରି କରାଯାଇଥିବା ବେଳେ ବୁଧବାର ଓ ଗୁରୁବାର ୧୦ ଟି ଲେଖାଏଁ ଜିଲ୍ଲାକୁ ଶୀତ ଲହରୀ ଚେତାବନୀ ଜାରି କରାଯାଇଛି। ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି ବର୍ତ୍ତମାନ ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନଥିବା ବେଳେ ଅଧିକାଂଶ ଜିଲ୍ଲାରେ ମୁଖ୍ୟତଃ ଶୁଖିଲା ପାଗ ରହିବା ସହ କିଛି ସ୍ଥାନରେ ଘନ କୁହୁଡି ପାଇଁ ମଧ୍ୟ ପାଗ ଅନୁକୂଳ ରହୁଛି। ମଙ୍ଗଳବାର ସୁନ୍ଦରଗଡ଼ ଓ କନ୍ଧମାଳରେ ଘନ କୁହୁଡ଼ି ଆଶଙ୍କା ରହିଛି।

### ସରକାରୀ ତଥ୍ୟ...

ଆରମ୍ଭ ହେଲାଣି। ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟରେ ୪୯୩୩୩ ଜଣ ଚାଷୀଙ୍କ ଟୋକନ ଆସିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨୭୯୫ ଜଣ ଚାଷୀଙ୍କ ଟୋକନ ଆସିଛି। ଆଜିକାଲି ସୁଦ୍ଧା ସମସ୍ତ ଚାଷୀଙ୍କ ଟୋକନ ଆସିଯିବ ବୋଲି ସିଡିଏସ୍‌ଓ ଶ୍ରୀ ହୋତା ସୂଚନା ଦେଇଛନ୍ତି।

### କଟ୍‌ନୀଛଟ୍‌ନୀକୁ ବିରୋଧ...

ଆଗାମୀ ରବି ଋତୁ ସକାଶେ ବିହନ କିଣିବାକୁ ତା'ପାଖରେ ଟଙ୍କା ନାହିଁ। ମିଲର୍ ଏବେ ଧାନ କ୍ରୟବିକ୍ରୟକୁ ନିୟନ୍ତ୍ରଣ କରୁଥିବା ଅଭିଯୋଗ ହେଉଛି। କ୍ୱିଣ୍ଟାଲ ପିଛା ୪ରୁ ୫ କିଲୋ କଟ୍‌ନୀ ପାଇଁ ମନାକଲେ ଧାନ ଫେରାଇ ଦେବାକୁ ଧମକ ଦେଉଛି। ଏହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଆଜି ଚାଉଁରପୁର ମଣ୍ଡିରେ ଚାଷୀମାନେ କଟ୍‌ନୀକୁ ବିରୋଧ କରି ୧୮ରୁ ୨୦ଟି ଧାନ ବୋଝେଇ ଗାଡ଼ିକୁ ଅଟକ ରଖିଛନ୍ତି। ଚାଷୀମାନେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଏନେଇ ଜଣାଇଥିଲେ ସୁଦ୍ଧା ଏହାର କୌଣସି ସମାଧାନ ହୋଇନାହିଁ। ପ୍ରଶାସନିକ ଅଧିକାରୀମାନେ ଅସହାୟତା ପ୍ରକାଶ କରୁଛନ୍ତି। ମିଲର୍‌ଙ୍କ ଦୌରାତ୍ମ୍ୟ ଚରମସୀମାରେ ପହଞ୍ଚିଥିବାବେଳେ ଏଭଳି ସ୍ଥିତି ଜାରି ରହିଲେ ଆସନ୍ତା ଖରିଫ୍‌ରେ ଧାନଚାଷ କରିବା ନେଇ ବିଚାର କରିବେ ବୋଲି କହୁଛନ୍ତି। ଚାଉଁରପୁର ମଣ୍ଡିରେ ଆଜି ୧୮ ଟି ଧାନ ବୋଝେଇ ଗାଡ଼ି ଛିଡ଼ା ହୋଇଛି। ମିଲର୍ ମାନଙ୍କ କଟ୍‌ନୀ ଦୌରାତ୍ମ୍ୟ ସହି ନପାରି ଚାଷୀମାନେ ଧାନ ବିକ୍ରୟ କରିବାକୁ ଇଚ୍ଛାପ୍ରକାଶ କରୁନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ନଭେମ୍ବର ୨୮ରେ ସମ୍ବଲପୁର ଜିଲ୍ଲାରେ ମଣ୍ଡି ଖୋଲିଥିବାବେଳେ ୨୮ ଓ ୨୯ ତାରିଖ କୌଣସି ଧାନବିକ୍ରୟ ହୋଇନଥିଲା। ଚାଉଁରପୁର ମଣ୍ଡିରେ ସୋମବାର, ମଙ୍ଗଳବାର, ବୁଧବାର ଓ ଶୁକ୍ରବାର ଧାନ ବିକ୍ରୟ ହୋଇଥାଏ। ଚାଉଁରପୁର ମାର୍କେଟୟାର୍ଡରେ ୧ ତାରିଖ ଜଣେ ଚାଷୀଙ୍କ ୧୬୦ ପ୍ୟାକେଟ, ୨ ତାରିଖ ୨୯ ଜଣ ଚାଷୀଙ୍କ ୪୧୫୨ ପ୍ୟାକେଟ, ୩ ତାରିଖ ୨୧ ଜଣ ଚାଷୀଙ୍କ ୨୪୨୩ ପ୍ୟାକେଟ ଏବଂ ୫ ତାରିଖ ୪୯ ଜଣ ଚାଷୀଙ୍କ ୫୫୭୬ ପ୍ୟାକେଟ ଧାନ ବିକ୍ରୟ ହୋଇଥିବା ପ୍ୟାକ୍ସ ସୂତ୍ରରୁ ଜଣାପଡ଼ିଛି। ଆଜି ଗୋଟିଏ ହେଲେ ବସ୍ତା ଧାନ ବିକ୍ରୟ ହୋଇନଥିବା ପ୍ୟାକ୍ସ ସମ୍ପାଦକ କହିଛନ୍ତି। ସେହିପରି ସେନ୍‌ହାପାଲି ଧାନକ୍ରୟ କେନ୍ଦ୍ର (ପିପିସି)ରେ ୧ ତାରିଖ ୧୧ ଜଣ ଚାଷୀଙ୍କ ୧୫୫୪ ପ୍ୟାକେଟ, ୨ ତାରିଖ ୨୨ ଜଣ ଚାଷୀଙ୍କ ୨୫୫୮ ପ୍ୟାକେଟ, ୩ ତାରିଖ ୩୬ ଜଣ ଚାଷୀଙ୍କ ୩୯୪୧ ପ୍ୟାକେଟ ଏବଂ ୫ ତାରିଖ ୩୪ ଜଣ ଚାଷୀଙ୍କ ୪୧୦୪ ପ୍ୟାକେଟ ଧାନ ବିକ୍ରୟ ହୋଇଥିବା ପ୍ୟାକ୍ସ ସୂତ୍ରରୁ ଜଣାପଡ଼ିଛି। ଚାଉଁରପୁର ଓ ସେନ୍‌ହାପାଲି ମଣ୍ଡିରେ ଆଜି ଧାନବୋଝେଇ ଗାଡ଼ି ଗୁଡ଼ିକ ଛିଡ଼ା ହୋଇରହିଛି। ଉଲ୍ଲେଖଯୋଗ୍ୟ ଯେ, ଉଭୟ ଚାଉଁରପୁର ଓ ସେନ୍‌ହାପାଲି ମଣ୍ଡିକୁ ୧୨ଟି ଲେଖାଏ ମିଲ୍‌କୁ ଆଟାଚ୍ କରିଥିବାବେଳେ ଚାଉଁରପୁରରେ ପ୍ରଥମ ପର୍ଯ୍ୟାୟ ଟାର୍ଗେଟ୍ ୨୧୭୦୦ କ୍ୱିଣ୍ଟାଲ ଏବଂ ସେନ୍‌ହାପାଲିରେ ୨୦୫୦୦ କ୍ୱିଣ୍ଟାଲ ରହିଛି। ଜିଲ୍ଲା ଧାନସଂଗ୍ରହ କମିଟି (ଡିଏଲପିସି) ବୈଠକରେ ନଭେମ୍ବର ୨୮ ତାରିଖ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ଥିବାବେଳେ ମିଲର୍‌ଙ୍କ ଜିଦ୍ ଯୋଗୁଁ ଧାନ ଉଠିଲା ନାହିଁ। ଗତ ୧ ତାରିଖ ଚାଷୀ ଅସନ୍ତୋଷ ଉଗ୍ରରୂପ ଧାରଣ କରି ଚାଷୀମାନେ ସିନ୍ଦୂରପଙ୍କ ତୁମ୍ବେସିଂହା ଛକରେ ପ୍ରାୟ ୮ ଘଣ୍ଟା ଧରି ଅର୍ଥନୈତିକ ଅବରୋଧ କଲେ। ଏହାପରେ ଚାପଗ୍ରସ୍ତ ହେଲା ପ୍ରଶାସନ, ଚାପଗ୍ରସ୍ତ ହେଲେ ସରକାର। ୨ ତାରିଖରୁ ବିଭିନ୍ନ ମଣ୍ଡିରେ ଧାନ ଉଠିବା ଆରମ୍ଭ ହେଲା। କିନ୍ତୁ ସମସ୍ତ ଚାଷୀଙ୍କ ଟୋକନ ଆସିଲା ନାହିଁ। ପ୍ରାୟ ୧୯ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଟୋକନ ଆସିନାହିଁ। ପୁଣି ଯେଉଁ ଚାଷୀ ମାନଙ୍କ ଟୋକନ ଆସିଛି, ସମସ୍ତ ଟୋକନ ଆସିନାହିଁ। ଉଦାହରଣ ସ୍ୱରୂପ ସେମାନେ ୧୮୦ କ୍ୱିଣ୍ଟାଲ ଧାନ ବିକ୍ରୟ କରିବାକୁ ଥିଲେ ଏକକାଳୀନ ସମସ୍ତ ଟୋକନ ବିଭିନ୍ନ କ୍ରୟତାରିଖକୁ ନେଇ ଆସିଥାଏ। କିନ୍ତୁ ଚଳିତ ଖରିଫ୍‌ରେ ଚାଷୀ ମାନଙ୍କ କେବଳ ୭୫ କ୍ୱିଣ୍ଟାଲ ଧାନ ବିକ୍ରୟ ପାଇଁ ଟୋକନ ଆସିଛି। ସେହି ଧାନ ବିକ୍ରୟ ପରେ ଚାଷୀ ଧାନ ନେଇ ଜଗିବସିଛି, କେବେ ଆସିବ ଟୋକନ। ଗତ ଅକ୍ଟୋବରରୁ ଚାଷୀ ଧାନ ଅମଳ କରିବା ଆରମ୍ଭ କରି ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚାଷୀର ଧାନ ଗଚ୍ଛିତ ରଖିବା ସୁବିଧା ନାହିଁ। ପରିସ୍ଥିତିର ଫାଇଦା ଉଠାଇ ମିଲର୍‌ମାନେ ଏବେ ବ୍ୟାପକ କଟ୍‌ନୀ କରୁଥିବା ଦେଖାଯାଉଛି। ସମସ୍ତ ମିଲ୍ ମାନଙ୍କରେ ଧାନ ଶୁଖିଲା ଓ ସଫା ଥାଉ ବା ନଥାଉ, କ୍ୱିଣ୍ଟାଲ ପିଛା ତିନି କିଲୋରୁ କଟ୍‌ନୀ ଆରମ୍ଭ କରୁଛନ୍ତି। କେତେକ ମିଲ୍‌ରେ ୫ରୁ ୬ କିଲୋ ପର୍ଯ୍ୟନ୍ତ କଟ୍‌ନୀ କରାଯାଉଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଆଜି ଚାଉଁରପୁର ମଣ୍ଡିର ଚାଷୀମାନେ ଧାନଗାଡ଼ି ଅଟକ ରଖିବାକୁ ବାଧ୍ୟ ହୋଇଥିବା କହିଛନ୍ତି। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁବ୍ରତ ହୋତା କହିଛନ୍ତି, ଆଜି ଚାଉଁରପୁରରୁ କିଛି ଚାଷୀ ଆସିଥିଲେ, ସେମାନଙ୍କ ମିଲର୍‌ଙ୍କ ସହିତ କିଛି ବିବାଦ ରହିଛି, ସେମାନେ ମିଲର୍‌ଙ୍କ ସହ ଆଲୋଚନା କରିଥିଲେ। ଆମେ ମଧ୍ୟ ମିଲର୍‌ଙ୍କ ସହ ଯୋଗାଯୋଗ କରୁଛୁ, କଥାବାର୍ତ୍ତା କରି ଶୀଘ୍ର ତାହାର ସମାଧାନ କରିବୁ। ଆମେ ଚେଷ୍ଟା କରୁଛୁ ଖୁବ୍ ଶୀଘ୍ର ଏହାର ସମାଧାନର ରାସ୍ତା ବାହାର କରି କାଲି ସୁଦ୍ଧା ସ୍ୱାଭାବିକ ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, SAMBALPUR (R&B) DIVISION NO. II, SAMBALPUR.**
E-mail – eesbprnbdivision2@gmail.com Phone -0663-2410104
BID IDENTIFICATION No. SE / R and B / SBP II / 06 (online) / 2025-26
B-808 No. 5321 /Dated, 04.12.2025

**E-procurement notice**

| | | | |
|---|---|---|---|
| 1. | The Superintending Engineer, Sambalpur (R&B) Division No.II, Sambalpur on behalf of Governor of Odisha, invites Percentage Rate bids in Double / Single cover System in ONLINE MODE | | |
| 2. | No. of works | :- | 3 nos works<br>Road works – 2 nos<br>Building work – 1 No. |
| 3. | Tender Cost | :- | Rs.10,000/- & Rs.6,000/- Each paper |
| 4. | Class of Contractor | :- | 'C' & 'B' Class Contractor |
| 5. | Availability of bid document in the website. | :- | 11:00 Hours 09.12.2025 to 17:00 Hours of 20.12.2025 |
| 6. | Date of Opening of Tenders | :- | 11:30 Hours on dated 22.12.2025 |
| 7. | The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only. | | |

OIPR-34136/11/0021/2526 Sd/- Superintending Engineer, Sambalpur (R&B) Division No. II



**AFFIDAVIT**

By virtue of an affidavit sworn before the Executive Magistrate, Tangi, dated-01.12.2025 I Abanikanta Muduli of Village-Laxmidharpur, Po-Pariorada, Ps-Tangi, Dist-Khordha declare that I have changed my name from Abanikant Muduli to Abanikanta Muduli in Aadhar card. Henceforth, I shall be known as **Abanikanta Muduli** for all purposes.

**AFFIDAVIT**

By virtue of an affidavit SL.No.- 3048, dtd.08.12.2025 in the court of the Executive Magistrate, Phulbani, Dist.- Kandhamal, I, Jubati Kanhar, have changed my minor daughter's name from Asha Kanhar to Ashalata Kanhar. Henceforth She will be known as Ashalata Kanhar for all purposes.
S/d- Jubati Kanhar

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar on dated, 03.12.2025, I Shanti Karkaria, resident at Plot No- 1149, H K Nagar, Niladri Vihar, Bhubaneswar, Dist- Khordha, Odisha, PIN- 751021, declare that I have changed my name from Santima Karkariya to Shanti Karkaria, henceforth, I shall be known as **SHANTI KARKARIA** for all purposes.
(Shanti Karkaria)

**AFFIDAVIT**

By virtue of an affidavit sworn before the Executive Magistrate, Tigiria, Dt-06/12/2025, CF No-3 I, Nageswar Swain of Vill-Chasanara, Po-Puruna Tigiria, Ps-Tigiria, Dist-Cuttack declare that I have changed the name of my minor daughter's name from Swayam Sidhhikshya to Swayam Siddhika Swain in Aadhar card. Henceforth, she shall be known as **Swayam Siddhika Swain** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Sohela vide no.03 dtd. 01/12/2025 I, Saraswati Bag, D/o- Bhoja Bag, W/o- Sanjeeb Mahananda, Dist.- Bargarh, Odisha, PIN-768034 residing at Bisipali, Po.- Jatla, Ps.- Sohela, Dist.- Bargarh, Odisha, PIN- 768028 state that, I have changed my name from **Saraswati Mahananda** to **Saraswati Bag**. henceforth I shall be known as **Saraswati Bag** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar on dated, 03.12.2025, I P Subhashree Paul, resident of Plot No- 1149, HK Nagar, Niladri Vihar, Bhubaneswar, Dist- Khordha, Odisha, PIN- 751021, declare that I have changed my name from P. Subhashree Paul to P Subhashree Paul, henceforth, I shall be known as **P SUBHASHREE PAUL** for alpurposes.
(P Subhashree Paul)

**AFFIDAVIT**

By virtue of an affidavit before Executive Magistrate Bhawanipatna, Kalahandi on dated 08.12.2025. I Buhkhari Fakir Khan, S/o- Late Roshan Khan resident of At- Purnapada, Po/Ps-Bhawanipatana Town, Dist-Kalahandi, Odisha, PIN-766001, my father's actual name is Roshan Khan. Rosan Khan and Roshan Khan is one and same person. That now he shall be known as **ROSHAN KHAN** for all future purposes.

**AFFIDAVIT**

I, Purnima Tikadar, age 54 years, W/o- Milan Kumar Tikadar, resident of House No.38, Main Road Banjalaput, PO-Padwa, Dist- Koraput, Odisha, PIN- 764038 declared by this affidavit No. 104, dtd- 26/11/2025 that now onwards I shall be known as **PURNIMA RANI DAS** for all future purposes.

**NOTICE (FOR MINOR)**

By virtue of an affidavit sworn before the Executive Magistrate, Balangir, dated 06.12.2025 I, Indra Padhan, Address- At: Kermeli, PO: Barapudugia, PS. Balangir Sadar. Dist. Balangir-767024 (Odisha). declare that I have changed the name of my son from Pratush Padhan to Pratyush Padhan. Henceforth, he shall be known as **Pratyush Padhan** for all purposes.
Sd/- Indra Padhan

**AFFIDAVIT**

By virtue of an affidavit sworn before Executive Magistrate, Nabarangpur vide no.801 dtd. 16/09/2025 I, Angel Anjali Bagh, D/o- Sailesh Bagh, resident of Gabrielguda, Po./Ps./Dist.-Nabarangpur, Odisha, PIN-764059 state that, I have changed my name from **ANJELJALI BAGH** to **ANGEL ANJALI BAGH**. henceforth I shall be known as **ANGEL ANJALI BAGH** for all future purposes.

**AFFIDAVIT**

I Shyam Sundar Swian, s/o-Late Raghunath swain, permanent resident of DDL-361, Dumuduma Phase-1, Housing board colony, P.S. Khandagiri, Bhubaneswar-751019, Dist: Khordha, declare by this affidavit CF No- 55. dtd- 05/12/2025 that now onwards I shall be known as **SHYAM SUNDAR SWAIN** for all future purpose.

**AFFIDAVIT**

By virtue of an affidavit (CF No. 01, dtd- 08/12/2025) sworn before the Notary Public, Padampur. I, Neelima Kalet, W/o Prakash Kalet, permanent & current resident of AT/ Kendmundi, Po/Rengali, PS-Sohela, Dist- Bargarh, PIN-768033, Odisha declare that I have changed my name from Neelima Kalet to Padmini Kalet. Henceforth, I shall be known as Padmini Kalet (new name) for all purposes. **Sd/- Padmini Kalet**

**NOTICE**

By virtue of an affidavit sworn before the Executive Magistrate, Athmallik dated 05th December 2025, I, Mr. BANAMBAR PRADHAN address Village: DEKURD, P.O.: SANJAMURA, P.S.: KISHORENAGAR, District: ANGUL, PIN: 759126, STATE: ODISHA, declare that I have changed the name of my daughter from "SUBHASHREE PRADHAN" to "DENI PRADHAN". Henceforth, she shall be known as "DENI PRADHAN" for all purposes.
**Sd/- BANAMBAR PRADHAN**

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus: 262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

**ଲିଙ୍କ୍ କବଲା ଓ ପଟ୍ଟା ହଜିଛି**

**ମୁଁ ସ୍ୱାତୀ ସାହୁ**, ସ୍ୱାମୀ - ସୌମେନ୍ଦ୍ର ସାହୁ, ଗ୍ରାମ - ଦିଭାଇନ ନଗର, କଟକ। ଘୋଷଣା କରୁଅଛି ଯେ, ଗତ ତା ୨୪/୧୧/୨୦୨୫ ରିଖ ଦିନ, ମୋ ନିଜ ଦ୍ୱାରା କିଣା ଯାଇଥିବା ଜମି, ଯାହାର ଖାତା ନଂ: ୩୦୩/୪୦୦, ୩୦୩/୪୦୧ ଏବଂ ୩୦୩/୪୦୨ ସହ ସଂଶ୍ଳିଷ୍ଟ ଥିବା ଅସଲ କବଲା ଗୁଡ଼ିକ ମୋ ନିଜ ଦ୍ୱାରା ହଜି ଯାଇ ଅଛି। ଯାହାର ମୁଁ ବ୍ୟାଙ୍କ୍ ଲୋନ ପାଇଁ ଆବେଦନ କରିଅଛି। ଏକ ଜମି କାରବାର ବିଷୟରେ ନୟାଗଡ ସ୍ଥିତ ମୋ ସମ୍ପର୍କୀୟ ମାଉସୀ ଶାଶୁ, ଶ୍ରୀମତୀ ସୁଷମା ମହାପାତ୍ର (ସ୍ୱାମୀ: ସ୍ୱର୍ଗତ ମନୋରଞ୍ଜନ ମହାପାତ୍ର) ଙ୍କ ନୟାଗଡ଼ ସ୍ଥିତ ଘରକୁ ଯାଇଥିଲି। ସେଠାରୁ ଫେରିବା ସମୟରେ ଏହି ଘଟଣା ଘଟିଅଛି, ବହୁ ଖୋଜାଖୋଜି କରିବା ପରେ ମଧ୍ୟ ମୁଁ ତାହା ପାଇପାରିଲି ନାହିଁ। ମୁଁ ଏହାର ରିପୋର୍ଟ ନୟାଗଡ଼ ଥାନା, ଷ୍ଟେସନ ଡାଏରୀ ନମ୍ବର - ୦୨୩ ରେ କରିଅଛି। ହଜିଯାଇଥିବା ମୂଳ କାଗଜପତ୍ର ଗୁଡିକର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ୧. ବିକ୍ରି ଦଲିଲ୍ ନଂ (Sale Deed No): ୧୬୯୯ (ତା ୧୦/୦୨/୨୦୦୫) ୨. ବିକ୍ରି ଦଲିଲ୍ ନଂ (Sale Deed No): ୧୦୯୫୮ (ତା ୨୧.୦୭.୨୦୦୮) - ଲାଲକୋ ସିଟି ସ୍କେପ ପ୍ରାଇଭେଟ୍ ଲିମିଟେଡ ସପକ୍ଷରେ, ୩. ମୂଳ ଖାତା ନଂ (Original Khata No): ୧୩୮, ୩୦୩/ ୨୯୧, ୩୦୩/ ୨୯୦, ଏବଂ ୩୦୩/୨୯୨।

■ ଏନ୍‌ଏଚ ୨୬ ହେବ ପ୍ରଶସ୍ତୀକରଣ

# ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ଅଭିଯାନ

**କେସିଙ୍ଗା, ୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ତହସିଲ ଲଇତରା ମୌଜା ଅଧୀନ କେସିଙ୍ଗା ୨୬ ନୁମ୍ବର ଜାତୀୟ ରାଜପଥ ଉପରେ ଥିବା ଯୋଲକୋ ଛକରୁ ସୋମବାର ଠାରୁ ସରକାରୀ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି । କେସିଙ୍ଗା ୨୬ନମ୍ବର ଜାତୀୟ ରାଜପଥ ପ୍ରଶସ୍ତିକରଣ ପାଇଁ ଜାତୀୟ ରାଜପଥ ବିଭାଗ ସହିତ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ଓ ସ୍ଥାନୀୟ ପୁଲିସର ସହାୟତାରେ ଜବରଦଖଲ ପ୍ରକ୍ରିୟା ଆରମ୍ଭ କରିଥିଲେ । ତେବେ ଜବରଦଖଲକାରୀଙ୍କୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ପୂର୍ବରୁ ସୂଚନା ଦେଇଥିଲେ ଏବଂ କେସିଙ୍ଗା ପୁଲିସ ସହାୟତା ରେ ଜବରଦଖଲ ବେଳେ ସ୍ଥାନୀୟ ଜନସାଧାରଣ ବିଶେଷ ସହଯୋଗ କରିଥିବା କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ପ୍ରକାଶ କରିଥିଲେ । ଯୋଲକୋ ଛକରେ ସରକାରୀ ଜାଗାରେ ଥିବା ଦୁଇଟି ଦୋକାନ ଗୃହକୁ ଜେସିବି ସାହାଯ୍ୟରେ ଭଙ୍ଗା ଯାଇଛି । ଆଗକୁ କସ୍ତୁପଡ଼ା ପଞ୍ଚାୟତର ବିନେକେଲାରେ ମଧ୍ୟ ଜବର ଦାଖଲ ଉଚ୍ଛେଦ ଅଭିଯାନ କରାଯିବ ବୋଲି କେସିଙ୍ଗା ତହସିଲଦାର ପ୍ରକାଶ କରିଛନ୍ତି । ଜବରଦଖଲ ସମୟରେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ, ଜାତୀୟ ରାଜପଥ ବିଭାଗ କର୍ତ୍ତୃପକ୍ଷ, ଲଇତରା ରାଜସ୍ୱ ନିରୀକ୍ଷକ ମୋହନ ମାଝୀ, ରାଜସ୍ୱ ପରିଦର୍ଶକ, କେସିଙ୍ଗା ପୋଲିସ ପ୍ରଶାସନ ଏବଂ ସ୍ଥାନୀୟ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ।



ବିକାଶ ଖୋଜୁଛି ପରାବାହିଲିଗାଁ

# ରାସ୍ତା, ବିଜୁଳି ସ୍ୱପ୍ନ





**ଲାଞ୍ଜିଗଡ଼, ୮ ।୧୨(ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଉଟାଙ୍ଗପଦର ପଞ୍ଚାୟତର ପରାବାହିଲି ଗାଁ । ଏହି ଗାଁରେ ସ୍ୱାଧୀନତା ପୂର୍ବରୁ ୧୮ଆଦିବାସୀ ପରିବାର ବସବାସ କରୁଛନ୍ତି । ଏଠାକାର ମୁଖ୍ୟ ସମସ୍ୟା ହେଉଛି ଗମନା ଗମନ । ଉଟାଙ୍ଗପଦର ପଞ୍ଚାୟତର ସୁଲିଆ ଗାଁଠାରୁ ୭ କିମି ଦୂରରେ ପାହାଡ଼ ମଝିରେ ଜଙ୍ଗଲ ଘେରା ମଧ୍ୟରେ ରହିଛି ଏହି ଗାଁ । ଗାଁକୁ କେବଳ ପାଦଚଲା ରାସ୍ତା ଅଛି । ଗାଁକୁ ଆମ୍ବୁଲାନ୍ସ ଯାଇ ପାରୁନ ଥିବାରୁ ଗର୍ଭବତୀଙ୍କୁ ଖଟିଆରେ ୭ କିମି ସୁଲିଆ ଗାଁ ପର୍ଯ୍ୟନ୍ତ ବୋହି ମୁଖ୍ୟରାସ୍ତା ଯାଏ ନେବାକୁ ପଡ଼ିଥାଏ । ଗାଁ ପିଲା ପାଦଚଲା ଜଙ୍ଗଲ ରାସ୍ତାରେ ଚାଲି ଚାଲି ଆମପଦର ଗାଁ ପ୍ରାଥମିକ ବିଦ୍ୟାଳୟକୁ ୫ କିମି ଦୂର ପଢ଼ିବାକୁ ଯାଉଛନ୍ତି ।କିନ୍ତୁ ବର୍ଷା ୪ ମାସ ପିଲାଙ୍କ ପାଠ ପଢ଼ିବା ସମ୍ଭବ ହୋଇନଥାଏ । ବ୍ଲକ ଶିକ୍ଷା ବିଭାଗକୁ ଅଭିଯୋଗ ପରେ କିଛି ପଲାଙ୍କୁ ବିଭାଗ ପକ୍ଷରୁ ହଷ୍ଟେଲ ସ୍କୁଲରେ ଛାଡିଥିବା ଗାଁ ଲୋକଙ୍କ ଠାରୁ ଜଣାଯାଉଛି । ସେଭଳି ସୁଲିଆ ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ରହିଥିବା ବେଳେ ଶିଶୁ ୭ କିମି ଦୂର ଯାଇ ପାରୁନାହାନ୍ତି । ଶିଶୁଙ୍କ ଖାଦ୍ୟ ପାଇଁ ପରିବାର ଲୋକେ ଯାଇଥାନ୍ତି । ଗାଁରେ ବିଜୁଳି ନାହିଁ ।କିଛି ବର୍ଷ ପୂର୍ବେ ଗାଁ ଲୋକଙ୍କୁ ସୌଭାଗ୍ୟ ଯୋଜନାରେ ସୋଲାର ଲାଇଟ ଯୋଗାଇ ଦିଆ ଯାଇଥିଲା । କିଛିଦିନ ଜଳିବା ପରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବର୍ଷ ବର୍ଷ ଧରି ଅଚଳ ହୋଇ ରହିଛି । ଗାଁରେ ବିଜୁଳି ସଂଯୋଗୀକରଣ ନେଇ ପଞ୍ଚାୟତ, ବ୍ଲକ ପ୍ରଶାସନ ଓ ବିଦ୍ୟୁତ୍ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି । ପ୍ରଶାସନ ପକ୍ଷରୁ ଏମାନଙ୍କୁ ଠିକ୍ ଭାବେ କାମ ମିଳୁନଥିବା ଯୋଗୁଁ ନିକଟରେ ଥିବା ଜଙ୍ଗଲରେ ପୋଡୁ ଚାଷ କରି ପରିବାର ପ୍ରତିପୋଷଣ କରୁଥିବା କହିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କିଛି ଲୋକଙ୍କୁ ଘର ମିଳିଥିବା ବେଳେ ରାସ୍ତା ନଥିବା ଯୋଗୁଁ ନିଜେ ନକରି ଠିକାଦାରଙ୍କୁ ନିର୍ମାଣ ଦାୟିତ୍ୱ ଦିଆଯାଇଛି । ଠିକାଦାର ମଧ୍ୟ ଆଦିବାସୀଙ୍କ ସରଳତା ଦେଖି ନିର୍ମାଣରେ ବିଳମ୍ବ କରୁଥିବା ଦେଖିବାକୁ ମିଳିଛି । ଗାଁରେ ସ୍ୱଚ୍ଛ ଭାରତ ମିଶନ ସମ୍ପୂର୍ଣ୍ଣ ଭାବେ ଫେଲ ମାରିଛି । ଗାଁରେ ଗୋଟିଏ ହେଲେ ପାଇଖନା ନାହିଁ । ସ୍ୱଚ୍ଛ ପାଇଁ ଗ୍ରାମବାସୀ ବାହାରକୁ ଯାଉଛନ୍ତି । ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ଗରମ ପାଣି ପଡ଼ି ଯୁବକ ଗୁରୁତର

# ଅର୍ଥାଭାବରୁ ହୋଇପାରୁନି ଉପଯୁକ୍ତ ଚିକିତ୍ସା

**କୋକସରା, ୮ ।୧୨(ସମିସ):** ଗାଧୋଇବା ପାଇଁ ନେଉଥିବା ଗରମ୍ ପାଣି ପଡ଼ି କୋକସରା ବ୍ଲକ ଆମପାଣି ପଞ୍ଚାୟତ କନ୍ଦାଗଡ଼ ଟିକ୍ରାପଡ଼ାର ଯୁବକ ଘନଶ୍ୟାମ ମାଝୀ(୩୮) ଗୁରୁତର ହୋଇଛନ୍ତି । ରବିବାର ଦିନ ଗାଧୋଇବା ପାଇଁ ଗରମ ପାଣି ନେଇ ଯାଉଥିବା ସମୟରେ ଅସାବଧାନତା କାରଣରୁ ଗଡ଼ ଖସି ଯିବାରୁ ଘନଶ୍ୟାମ



ଉପରେ ଗରମ ପାଣି ପଡ଼ିଯାଇଥିଲା । ଫଳରେ ଘନଶ୍ୟାମଙ୍କ ମୁହଁ, ହାତ ଓ ଗୋଡ଼ରେ ଗରମ ପାଣି ପଡ଼ିବାରୁ ଗୁରୁତର ହୋଇଥିଲେ । ପରିବାର ଲୋକେ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ । ତେବେ ଭବାନୀପାଟଣା ମେଡିକାଲରେ ଚିକିତ୍ସାପରେ ଅବସ୍ଥା ଜଟିଳ ଥିବାରୁ ଘନଶ୍ୟାମଙ୍କୁ ବୁର୍ଲା ମେଡ଼ିକାଲ ରେଫର କରାଯାଇଥିଲା । ତେବେ ଘନଶ୍ୟାମଙ୍କ ପରିବାର ଗରିବ ଶ୍ରେଣୀର ହେଇଥିବାରୁ ଅର୍ଥ ଅଭାବ ଯୋଗୁଁ ବୁର୍ଲା ମେଡ଼ିକାଲ ନେଇ ନପାରି ଘରକୁ ଫେରାଇ ଆଣିଛନ୍ତି । ଘନଶ୍ୟାମଙ୍କ ମୁହଁ, ହାତ ଓ ଗୋଡ଼ରେ ଗରମ ପାଣି ପଡ଼ି ପ୍ରାୟ ୪୦ ପ୍ରତିଶତ ପୋଡ଼ି ଯାଇଛି । ବର୍ତ୍ତମାନ ସେ ଘରେ ଗୁରୁତର ଅବସ୍ଥାରେ ପଡ଼ି ରହି କଷ୍ଟ ଭୋଗୁଛନ୍ତି । ତେଣୁ ପ୍ରଶାସନ ପକ୍ଷରୁ ଏହି ଗରିବ ପରିବାରକୁ ଚିକିତ୍ସା ସହାୟତା କରିବା ପାଇଁ ପରିବାର ଓ ଗ୍ରାମବାସୀ ଦାବି କରିଛନ୍ତି ।

# କୋମନା ବ୍ଲକ୍‌ରେ ଯୁଗ୍ମ ଅଭିଯୋଗର ଶୁଣାଣି




**କୋମନା, ୮ ।୧୨(ସମିସ):** କୋମନା ସ୍ଥିତ ବ୍ଲକ ସଭାଗୃହରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ୍ ସିଂଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ ୫୧ ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ୩୫ବ୍ୟକ୍ତିଗତ ୧୬ ଗୋଷ୍ଠୀଗତ ଅଭିଯୋଗ ଆସିଥିଲା ।ଅତିଶିଘ୍ର ଉକ୍ତ ସମସ୍ୟାର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ବନଖଣ୍ଡ ଅଧିକାରୀ ଖରୀଆର ଅଜିଜ ଖାନ, ଡିଏଫ୍ ଓ କେନ୍ଦୁପତ୍ର, ଏ ମାଧବୀ ଲତା, ଡିଏଫ୍‌ଓ ବନ୍ୟଜନ୍ତୁ, ସମିର କୁମାର ସାହୁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ବ୍ଲକ ଅଧ୍ୟକ୍ଷା ଅନୁସୁୟା କୁମ୍ଭାର, ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।ବିଡିଓ ସର୍ବେଶ୍ୱର ଜାଲ, ତହସିଲଦାର ସୋନିଆ ଶ୍ରୀ ମଲ୍ଲିକ, ଡେପୁଟି କଲେକ୍ଟର ଶେଖ୍ ନସିମ, ଏ ବିଡିଓ ଭକ୍ତବନ୍ଧୁ ଧରୁଆ, ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ ।ଅଭିଯୋଗ ଶିବିର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିରର ଆୟୋଜିତ ହୋଇଥିଲା । ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ରକ୍ତଦାନ ଶିବିରରେ ରକ୍ତଦାନ କରିଥିବା ଟିପିଡବ୍ଲ୍ୟୁଓଡିଏଲ୍ କର୍ମଚାରୀଙ୍କୁ ଅଭିଯୋଗ ଶୁଣାଣି ଶିବିରରେ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।

# କୈକେୟୀଙ୍କୁ ମିଳିବ ପକ୍କା ଘର

**କେସିଙ୍ଗା, ୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ କାଣ୍ଡେଲ ପଞ୍ଚାୟତର କୈକେୟୀ ମାଝୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ମିଳିବ ସରକାରୀ ଘର ମିଳିବ । ଏ ନେଇ ଗତ ୨୬.୧୦ରେ 'ସକାଳ' ଖବର ପ୍ରସାରଣ କରାଯାଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା ।ପ୍ରକାଶ ଥାଉକୀ କୈକେୟୀ ମାଝୀଙ୍କ ନିଜ ବିବାହିତ ଝିଅ ବ୍ୟତୀତ ଆଉ କେହି ନାହାନ୍ତି । ଗତ ବର୍ଷା ଦିନରେ କୈକେୟୀ ନିଜ ଝାଟିମାଟି କୁଡ଼ିଆରେ ଶୋଇଥିବା ବେଳେ ହଠାତ୍ ରାତିରେ ଘର ଭାଙ୍ଗି ଯାଇଥିଲା ଭାଗ୍ୟ ବଶତଃ ସୋଇଥିବା କୈକେୟୀ ଓ ତାଙ୍କ ତିନି ବର୍ଷ ର ନାତୁଣୀ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ । ପରେ ଖବର ପ୍ରସାରଣ ପରେ କେସିଙ୍ଗା ତହସିଲଦାର, ବିଡିଓଙ୍କ ସମେତ ସ୍ଥାନୀୟ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଚାଉଳ, ଡାଲି ଓ କିଛି ଦରକାରୀ ଜିନିଷ ଦେଇ କାଣ୍ଡେଲ ରାଜସ୍ୱ ନୀରିକ୍ଷକଙ୍କୁ କ୍ଷୟକ୍ଷତି ଆକଳନ କରି ଯଥା ଶୀଘ୍ର ରିପୋର୍ଟ ପ୍ରଦାନ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ । ପରେ ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟକୁ ଆଧାର କରି କୈକେୟୀଙ୍କ ଅବସ୍ଥାକୁ ଦେଖି ଗୁରୁତ୍ୱର ସହିତ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ଯଥା ଶୀଘ୍ର ଘର ଯୋଗାଇ ଦେବା ପାଇଁ ବ୍ଲକ ଚିଠି ନମ୍ବର ୪୫୪୪/ ୩.୧୧.୨୦୨୫ରେ ଦର୍ଶା ଯାଇଛି ।

ସକାଳ THE SAKALA ପ୍ରଭାବ





OFFICE OF THE PANCHAYAT SAMITI, KESINGA
DIST:-KALAHANDI

E_mail: ori-kesinga@nic.in    Tel:-06670-222003

Letter No. 4544 /    Date. 03 / 11 /2025

To
The Collector & District Magistrate,
Kalahandi.

Sub:- Submission of compliance report of Grievance report No:- [redacted]

Sir,

With reference to the subject cited above, As per the report from BPC, RH, Smt. Kaikeya Majhi of Kandel Village, Kandel Gram Panchayat, Kesinga Block, has been found eligible for the Antodaya Gruha Yojana (AGJ) Scheme under the Natural Calamity category. The Revenue Inspector (RI) has submitted a factual report, and her name has been placed at the top priority in the AGJ list. She will be allotted a house as soon as the government issues the allotment order.

This is for favour of your kind information and necessary action.

Encl:- Report of BPC, RH.

Yours faithfully,
Block Development Officer
Kesinga

# କ୍ଷତ୍ରୀୟ ପାଇକ ସମାଜର ବାର୍ଷିକ ସମ୍ମିଳନୀ



**କଳମପୁର, ୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ରାଜପୁତ କ୍ଷତ୍ରୀୟ ପାଇକ ସମାଜ ପଶ୍ଚିମମଣ୍ଡଳ ଭଇରୀଗୁଡାର ବାର୍ଷିକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭା କଳମପୁର ବ୍ଲକ ଦେପୁରମଣ୍ଡଳ ପୋଟେସପଲ୍ଲି ଠାରେ ଅନୁଷ୍ଠିତ ହୋଇଯାଇଛି । ବାର୍ଷିକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭାକୁ କୁଳପତି ରଜନୀକାନ୍ତ ବିଶିଙ୍କ ସଭାପତିତ୍ୱ ଓ ମୁଖ୍ୟ ପରାମର୍ଶ ଦାତା ଯୁଗଳ କିଶୋର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷର ମୂର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମି ଦ୍ୱାରା ସମ୍ମାନଜନକ ଓଡ଼ିଶା ଏକାଡେମି ସମ୍ମାନ ପ୍ରାପ୍ତ କୃପାସିନ୍ଧୁ ନାଏକ, ପ୍ରଣବ ପ୍ରକାଶ ଭଞ୍ଜ(ମୁଖ୍ୟ ଉପସ୍ଥାପକ) ଓ ଘୁମୁରା ଗୁରୁ ତଥା କବି ଦୟାନିଧି ବାଣୁଆଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତ କୁଳସୋଦର, ମଣ୍ଡଳ ସଦସ୍ୟ, ପରାମର୍ଶ ଦାତାମାନଙ୍କୁ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ବୈଠକରେ ଆଗାମୀ ଦିନରେ ସମାଜର ବିଭିନ୍ନ କାର୍ଯ୍ୟକୁ ନେଇ ଆଲୋଚନା କରିଥିଲେ । କୁଳପତି ଶ୍ରୀ ବିଶିଙ୍କ ସମେତ କୁଳ ସଚିବ ନରୋତ୍ତମ ପୁଝାରି, ସହ ସଚିବ ଲବ ଦଳପତି, ସାଙ୍ଗଠାନିକ ସମ୍ପାଦକ ଶେଷଦେବ ପାତ୍ର, କୋଷାଧ୍ୟକ୍ଷ ଦ୍ୱିତୀକୃଷ୍ଣ ପୁଝାରି, କୁଳସୋଦର ନୀଳକଣ୍ଠ ପାତ୍ର, ଇନ୍ଦ୍ରମଣି ଧଙ୍ଗଡ଼ା ମାଝୀ, ଘନଶ୍ୟାମ ଗୁରୁ, ପାରେଶ୍ୱର ପୁଝାରି, ମୁଖ୍ୟ ପରାମର୍ଶ ଦାତା ଯୁଗଳ କିଶୋର ନାଏକ, ରାମ ଦଣ୍ଡସେନା, ଅଶୋକ ପ୍ରଧାନୀ, ଗୁଣନିଧି ଧଙ୍ଗଡ଼ା ମାଝୀ, ସମସ୍ତ ମଣ୍ଡଳ ସଦସ୍ୟ, ପଲ୍ଲି ସଭାପତି ପ୍ରମୁଖ ସମାଜର ବିଭିନ୍ନ ବ୍ୟବସ୍ଥା ଉପରେ ନିଜର ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ଶେଷଦେବ ପାତ୍ର ଓ କୃପାସିନ୍ଧୁ ନାଏକ ପରିଚାଳନା କରିଥିବା ବେଳେ ପୋଟେସ ପଲ୍ଲିର ସାମାଜିକ ସଦସ୍ୟ ମାନେ ସହଯୋଗ କରିଥିଲେ ।

# ଭାଗବତ ପ୍ରବଚନ ଉଦ୍‌ଯାପିତ

**କେସିଙ୍ଗା, ୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଜଗନ୍ନାଥଙ୍କ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ୩ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଗୀତା ଜୟନ୍ତୀ ଉପଲକ୍ଷେ ପ୍ରବଚକ ଆଚାର୍ଯ୍ୟ ସ୍ୱାମୀ ସାସ୍ୱତା ନନ୍ଦ ସରସ୍ୱତିଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିର ପରିସରରେ ଥିବା ରଷି ସାହା ସଂସ୍କୃତି ଭବନଠାରେ ଦିବ୍ୟ ପ୍ରବଚନ ହୋଇ ସୋମବାର ଉଦ୍‌ଯାପିତ ହୋଇଯାଇଛି । ୩ ତାରିଖ ବୁଧବାର ଶ୍ରୀମଦ୍ ଭାଗବତ ଗୀତା ପାରାୟଣ ଓ ଆହୁତି ପ୍ରଦାନ ପରେ ୩ ତାରିଖଠାରୁ ୭ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟାରେ ଆଚାର୍ଯ୍ୟ ସ୍ୱାମୀ ଶାଶ୍ୱତା ନନ୍ଦ ସରସ୍ୱତୀଙ୍କ ଦ୍ୱାରା ଦିବ୍ୟ ପ୍ରବଚନ କରିଥିଲେ ।କାର୍ଯ୍ୟକ୍ରମ ଟ୍ରଷ୍ଟ ବୋର୍ଡ ସଭାପତି ଡ଼.ହେମସାଗର୍ ସାହାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ଦିନ ଦିବ୍ୟ ପ୍ରବଚନ ଏବଂ ବେଦାନ୍ତ ଓ ଧ୍ୟାନ ପ୍ରଶିକ୍ଷଣ ଶୁଣିବାପାଇଁ କେସିଙ୍ଗା ସହର ତଥା ଆଖ ପାଖ ଗାଁ ବୋରିଂପଦର୍, ଲଇତରା, ଯୋଲକୋ, ଭାଲେଗା, କଣ୍ଠପଡ଼ା, ମହଦା, ତହସିର, କନ୍ତେଶିର ଆଦି ଗ୍ରାମ ମାନଙ୍କରୁ ବହୁ ସଂଖ୍ୟାରେ ଭାଗବତ ପ୍ରେମୀମାନେ ଉପସ୍ଥିତ ରହି ଦିବ୍ୟ ପ୍ରବଚନ ଶୁଣୁଥିଲେ । କାର୍ଯ୍ୟକ୍ରମରେ ଟ୍ରଷ୍ଟ ବୋର୍ଡ ର ମେନେଜିଂ ଟ୍ରଷ୍ଟି ହରିଶଙ୍କର ଭୋଇ, ଭଜରାମ ସାହୁ, ବେଣୁଧର ମହଲା, ପର୍ଶୁରାମ ପାଢ଼ୀ ପ୍ରମୁଖ ସହଯୋଗ କରୁଥିଲେ ।

# ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର

**କଳମପୁର, ୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ବ୍ଲକ ପରିସରରେ ଆୟୋଜିତ ହୋଇ ଯାଇଛି । ବ୍ଲକ ପ୍ରଶାସନ ଏଥିପାଇଁ ପୂର୍ବରୁ ପ୍ରସ୍ତୁତ ହେବା ସହିତ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ଜନ ସାଧାରଣଙ୍କୁ ସୂଚନା ପ୍ରଦାନ କରିଥିଲେ । ରାସ୍ତାଘାଟ ନାଳ ନର୍ଦ୍ଦମା ସଫା କରିବା ସହିତ କେତେକ କାର୍ଯ୍ୟାଳୟରେ ରଙ୍ଗବୋଳା କାର୍ଯ୍ୟ ମଧ୍ୟ ଯୁଦ୍ଧକାଳୀନ ଭିତିରେ ହୋଇଥିଲା । ସମସ୍ତଙ୍କ ପାଇଁ ସବୁ ଦିଗକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ । କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ, ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ପିଡି ଡିଆରଡିଏ ଦୟାମୟ ପାଢ଼ି, ଅତିରିକ୍ତ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଦୁର୍ଯ୍ୟୋଧନ ଭୋଇ, ଧର୍ମଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଡୋଲାମଣୀ ଭୋଇ ପ୍ରମୁଖ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଗ୍ରହଣ କରିଥିଲେ ।ଏଥିରେ ବ୍ୟକ୍ତିଗତ ୫୧, ଅନ୍ୟାନ୍ୟ ୨୨, ଘର ପାଇଁ ୧୨, ଭତ୍ତା ପାଇଁ ୩ ସମୁଦାୟ ୮୮ଟି ଅଭିଯୋଗ ପଞ୍ଜିକୃତ ହୋଇ ସମସ୍ତଙ୍କ ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ଶୁଭଶ୍ରୀ ସାହୁ ନାଏକଗୁଡା ଓ ସୁଲୋଚନା ମାଝୀ ଦେପୁରଙ୍କୁ ଜିଲ୍ଲାପାଳ ଉପସ୍ଥିତିରେ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା । ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଅବକାରୀ




ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥ୍ରୀଫେଜ ବିଦ୍ୟୁତ୍ ସଂଯୋଗ ହୋଇ ନ ପାରିବାରୁ ରୋଗୀସେବା ବ୍ୟାହତ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଜିଲ୍ଲାପାଳ ସମ୍ପୃକ୍ତ ସମସ୍ତ ବିଭାଗୀୟ କର୍ମଚାରୀଙ୍କୁ ଡାକି ଛଅ ମାସ ହେବ ବିଦ୍ୟୁତ୍ ସଂଯୋଗ ହୋଇ ନ ପାରିବା ଲଜ୍ୟାଜନକ ବିଷୟ ବୋଲି ଭର୍ତ୍ସନା କରିଥିଲେ । ସେହିଭଳି କଳମପୁର +୨ କଲେଜ ଛାତ୍ରଛାତ୍ରୀ ମାନେ କଲେଜ ପାଚେରି ଓ ମୁଖ୍ୟ ଫାଟକ ନିମନ୍ତେ ଅଭିଯୋଗ କରିଥିଲେ । କଲେଜରେ ପାଚେରି ଓ ମୁଖ୍ୟ ଫାଟକ ନ ଥିବାରୁ ଅନେକ ଅସୁବିଧା ହେଉଛି ଓ ଅସାମାଜିକ ଲୋକଙ୍କ ପ୍ରାଦୁର୍ଭାବ ବଢ଼ିବା ସହିତ ଛାତ୍ରୀଙ୍କୁ ରୋଡ ରୋମିଓମାନେ ଅସଦାଚରଣ କରୁଥିବା ଅଭିଯୋଗ କରିଥିଲେ । ଜିଲ୍ଲାପାଳ ତୁରନ୍ତ ଏଥିପାଇଁ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି +୨ ଓ+୩ କଲେଜର ଛାତ୍ରଛାତ୍ରୀ ରାସ୍ତା ପାଇଁ ଅଭିଯୋଗ କରିଥିଲେ, ରାସ୍ତା ପାଇଁ ମଧ୍ୟ ତୁରନ୍ତ ପଦକ୍ଷେପ ନେବାକୁ ସମ୍ପୃକ୍ତ ଆରଡି ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । କରୋନା କାର୍ଯ୍ୟ କରୁଥିବା ସମୟରେ କଳମପୁର ଆଶା ଦିଦି ସ୍ୱର୍ଣ୍ଣଲତାଙ୍କ ମୃତ୍ୟୁକୁ ନେଇ ମୃତକାଙ୍କ ସ୍ୱାମୀ ଲଳିତ ମୋହନ ନାଏକଙ୍କ ଅଭିଯୋଗ ଆଧାରରେ ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ନେଇ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।

# ଦୁର୍ଘଟଣାରୁ ଅଳ୍ପକେ ବର୍ତିଲେ ସାମ୍ବାଦିକ

**କୋମନା, ୮ ।୧୨(ସମିସ):** ଖବର ସଂଗ୍ରହରେ ଯାଉଥିବା ନୂଆପଡ଼ା ଜିଲ୍ଲାର ଦୁଇ ସାମ୍ବାଦିକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସୂଚନା ଅନୁସାରେ ସାମ୍ବାଦିକ ଦିଲିପ ଦଳପତି ଏବଂ ସାମ୍ବାଦିକ ତେଜୁରାମ ନାଏକ ଉଭୟେ ସୋମବାର ସକାଳରୁ ନୂଆପଡ଼ା ଅଭିମୁଖେ ଖବର ସଂଗ୍ରହରେ ଜିଲ୍ଲା ହେଡ୍ କ୍ୱାଟରକୁ ଯାଇ କୋମନା ବ୍ଲକରେ ଆୟୋଜିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଯୋଗ ଦେବାକୁ ଯାଇଥିଲେ । ସେଠାରୁ ଫେରୁଥିବା ବେଳେ ନୂଆପଡ଼ାସ୍ଥିତ ୩୫୩ ନମ୍ବର ଜାତୀୟ ରାଜପଥର ପାଣିଗ୍ରାହୀ ପେଟ୍ରୋଲ ଟାଙ୍କି ନିକଟରେ ପଛପଟୁ ଏକ ଅଜଣା ବାଇକ୍ ଧକ୍କା ଦେଇ ଫେରାର ମାରିଥିଲା । ଫଳରେ ଦୁଇ ସାମ୍ବାଦିକ ତଳେ ପଡ଼ିଯାଇ ଆହତ ହୋଇଥିଲେ । ସ୍ଥାନୀୟଲୋକେ ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ଚିକିତ୍ସା ପରେ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ଥିବା ନିଜେ ସାମ୍ବାଦିକ ଦ୍ୱୟ ପ୍ରକାଶ କରିଛନ୍ତି ।

୩ ଗାଡ଼ି ଉପରେ ମାଡିଗଲା ଟ୍ରେଲର

# ୩ ଗୁରୁତର, ଡ୍ରାଇଭର ଥାନାରେ ଅଟକ






**କୋକସରା, ୮ ।୧୨(ସମିସ)**

୨୬ ନମ୍ବର ଜାତୀୟ ରାଜପଥରର କୋକସରା ଥାନା ଚିଲିଗୁଡା ବସ୍‌ଷ୍ଟାଣ୍ଡ ବୁଲାଣିରେ ସୋମବାର ସଡ଼କ ଦୁର୍ଘଟଣା ଘଟିଛି । ବୋଲେରୋ, ଟ୍ରାକ୍ଟର ଓ ବାଇକ୍ ଉପରେ ଟ୍ରେଲର ଚଢ଼ି ଯିବାରୁ ୩ ଜଣ ଗୁରୁତର ହୋଇଛନ୍ତି । ସେମାନେ ହେଲେ ଚିଲିଗୁଡା ଗ୍ରାମର ପ୍ରଶାନ୍ତ ସିଂ, ଭୋଳା ଶଙ୍କର ନାଏକ ଓ ଶଙ୍କର ନିଆଁଳ । ସୂଚନା ଅନୁସାରେ, ସୋମବାର ମଧ୍ୟାହ୍ନରେ ଭବାନୀପାଟଣା ପଟୁ ଦ୍ରୁତ ଗତିରେ ଆସୁଥିବା ଟ୍ରେଲର ନମ୍ବର ଏନ୍‌ଏଲ୦୧ଏଜି-୮୮୭୭ ରାସ୍ତା କଡରେ ଥିବା ଏକ ବୋଲେରୋ, ଟ୍ରାକ୍ଟର ଓ ବାଇକ୍ ସମେତ ଲୋକଙ୍କ ଉପରେ ମାଡି ଯାଇଥିଲା । ଫଳରେ ୩ଜଣ ବ୍ୟକ୍ତି ଗୁରୁତର ହୋଇଥିଲେ । ସମସ୍ତ ଗୁରୁତରଙ୍କୁ ଗ୍ରାମବାସୀ ଉଦ୍ଧାର କରି କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଦୁର୍ଘଟଣା ଘଟାଇଥିବା ଟ୍ରେଲର ଡ୍ରାଇଭରକୁ କାବୁ କରି କୋକସରା ଥାନା ପୁଲିସକୁ ଖବର ଦେଇଥିଲେ ।ପୁଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରକୁ ନେଇ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି । କୋକସରା ମେଡ଼ିକାଲରେ ପ୍ରଶାନ୍ତ, ଭୋଳା ଶଙ୍କର ଓ ଶଙ୍କର କୁ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ପ୍ରଶାନ୍ତ ସିଂଙ୍କ ଅବସ୍ଥା ଜଟିଳ ଥିବାରୁ ତାଙ୍କୁ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଅଟକ ଡ୍ରାଇଭର ହେଲେ ପଞ୍ଜାବ ରାମଦାସ ଗ୍ରାମର ଗୁରଚନ ସିଂ ଓ ଟ୍ରେଲର ରାୟପୁରର ବୋଲି ସୂଚନା ମିଳିଛି । କୋକସରା ଥାନା ପୁଲିସ ଟ୍ରେଲରକୁ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି ।

# ନନ୍ଦଗାଁ ମଣ୍ଡିରେ ଚାଷୀ ସମାବେଶ

**ଧର୍ମଗଡ଼, ୮ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ନନ୍ଦଗାଁ ଧାନମଣ୍ଡିରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ନନ୍ଦଗାଁ ସେବା



ସମବାୟର ସଭାପତି ଖଗେଶ୍ୱର ବଣିଆଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ନନ୍ଦଗାଁ ସରପଞ୍ଚ ପ୍ରତିନିଧି ତଥା ଯୁବନେତା ଭବାନୀ ଶଙ୍କର ବଣିଆ, ପୂର୍ବତନ ସରପଞ୍ଚ କିଶୋର ବଣିଆ, ସମିତି ସଭ୍ୟ ଭୁବନେଶ୍ୱର ଶବର, ପାକ୍ସ ନିର୍ବାହୀ ଅଧିକାରୀ ମନୋଜ ବଣିଆ, ପେକ୍ସ ଡାଇରେକ୍ଟର ସଞ୍ଜୟ କୁମାର ପଟେଲ, ଗଣେଶ ରାମ ଶବର, ଆରଏମସି କର୍ମଚାରୀ ଅନ୍ତର୍ଯ୍ୟାମୀ ଖଡିକାର, ଚାଷୀ ପ୍ରତିନିଧି ରାଘବନନ୍ଦ ନାଏକଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ରହି ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ମଣ୍ଡିରେ ବିଗତ ଦିନମାନଙ୍କରେ ହୋଇଥିବା ଅରାଜକତା ପୁନର୍ବାର କରାଇ ଦେବୁ ନାହିଁ ଉଚିତ ଚାଷୀଙ୍କ ଧାନ ପ୍ରଥମେ ବିକ୍ରୟ କରାଯିବ ବୋଲି ଯୁବନେତା ଭବାନୀ ବଣିଆ ବକ୍ତ୍ୟବ୍ୟ ରଖିଥିଲେ । ଜିଲ୍ଲାରେ ମଣ୍ଡି ଉଦ୍‌ଘାଟନ ହୋଇ ୧୦ ଦିନ ହୋଇଥିଲେ ମଧ୍ୟ ମାତ୍ର ୨ ଜଣ ଚାଷୀଙ୍କ ଧାନ ଉଠିଛି । ପ୍ରାୟ ଚାଷୀ ଧାନଅମଳ କରି ଦେଢ଼ ମାସ ହେବ ନିଜ ଖଳାରେ ଗଛିତ ରଖି ଶୀତ କାକରରେ ଜଗୁଛନ୍ତି ବୋଲି ଚାଷୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି ।

## ବନ୍ଧପାଲି ପଞ୍ଚାୟତରେ ଅଭିଯୋଗ ଶୁଣାଣି

ଡୁଙ୍ଗୁରିପାଲି ୮।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ବନ୍ଧପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ବିଡିଓ ଦିଲ୍ଲୀପ କୁମାର ବାଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଭିଯୋଗ ଶୁଣାଣିରେ ସରପଞ୍ଚ କ୍ଷୀରୋଦ୍ରା ବୁଡ଼େକ ଓ ବ୍ଲକର ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ଉପସ୍ଥିତ ଥିଲେ। ପଞ୍ଚାୟତ ଅଧୀନସ୍ଥ ବିଭିନ୍ନ ଗ୍ରାମରୁ ୫ ଜଣ ହିତାଧିକାରୀ ଅଭିଯୋଗ କରିଥିବା ବେଳେ ନିଜର ବ୍ୟକ୍ତିଗତ ଜଣେ ଓ ସାମୁହିକ ଭାବେ ୪ଜଣ ବିଭିନ୍ନ ସମସ୍ୟାକୁ ନେଇ ଅଭିଯୋଗ ପତ୍ର ଦାଖଲ କରିଥିଲେ। ବିଭିନ୍ନ ବିଭାଗର କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

## ବଜରଙ୍ଗ ଦଳ ପକ୍ଷରୁ ସୌର୍ଯ୍ୟ ଯାତ୍ରା

ଡୁଙ୍ଗୁରିପାଲି,୮।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବିଶ୍ୱ ହିନ୍ଦୁ ବଜରଙ୍ଗଦଳ ପକ୍ଷରୁ ସୌର୍ଯ୍ୟ ଯାତ୍ରା ପାଳିତ ହୋଇଛି। ଏଥିରେ ବଜାରଙ୍ଗ ଦଳର ଶତାଧିକ କର୍ମୀ ଯୋଗଦେଇ ଡୁଙ୍ଗୁରିପାଲି ରାମ ମନ୍ଦିର ଠାରୁ ପଦଯାତ୍ରାରେ ବାହାରି ସହର ପରିକ୍ରମା କରି ଜାତୀୟ ରାଜପଥରେ ଥିବା ଶିବ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଉକ୍ତ ସୌର୍ଯ୍ୟ ଯାତ୍ରାରେ ମନେହେଲା ରିଙ୍କୁ, ସୁବ୍ରତ, ଅବିନାଶ, ରାଜା, ବୁନ୍ଦ, ବାଦଲ, ରୋହନ, ଶିବା, ଗୁଣ, ଶୁଭମ, ରିକୁ, ରାଜେଶ, ଅନିଲ, ରାହୁଳ, ରାଜ, ମହାଦେବ, ସିକୁ, ପ୍ରଭାତ, ନିରୋଜଙ୍କ ସହ ଶତାଧିକ ବଜରଙ୍ଗ ଦଳର କର୍ମୀ ସାମିଲ ହୋଇଥିଲେ।

## ବଡ଼ଫଟାମୁଣ୍ଡା ବିଦ୍ୟାଳୟରେ ସିକିଲ ସେଲ୍ ପରୀକ୍ଷା

ଡୁଙ୍ଗୁରିପାଲି,୮।୧୨(ସମିସ): ଡୁଙ୍ଗୁରିପାଲି ବ୍ଲକ୍ ଅନ୍ତର୍ଗତ ବଡ଼ଫଟାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାଗଣା ସିକିଲସେଲ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ୪୧ ଜଣ ଛାତ୍ରଛାତ୍ରୀଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟ ବିଭାଗର ନର୍ସଂ ଅଧିକାରୀ ଆରତୀ ମିଶ୍ର ମହିଳା ସ୍ୱାସ୍ଥ୍ୟକର୍ମୀ ଜ୍ୟୋସ୍ନାମୟୀ ଭୋଇ, ଆଶା ଗୀତଞ୍ଜଳି ଦିଶ୍ରୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରି ରକ୍ତ ନମୁନା ସଂଗ୍ରହ କରିଥିଲେ। ପ୍ରଧାନଶିକ୍ଷକ ଶିବପ୍ରସାଦ ରଣା, ସହକାରୀ ଶିକ୍ଷକ ଚକ୍ରଧର ବାରିକ, ଦିବ୍ୟରଞ୍ଜନ ମିଶ୍ର, ମୃତ୍ୟୁଞ୍ଜୟ ଉଦୁରକୁଲିଆ, ଶଙ୍କର ଗଡତ୍ୟା ପ୍ରମୁଖ ସହଯୋଗ କରିଥିଲେ।

## ଗୋଧନେଶ୍ୱର ମନ୍ଦିରରେ ସଙ୍କୁଳସ୍ତରୀୟ ବନବିହାର


ବୀରମହାରାଜପୁର,୮।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ସଙ୍କୁଳସ୍ତରୀୟ ବନବିହାର କାର୍ଯ୍ୟକ୍ରମ ବାବା ଗୋଧାନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୀରମହାରାଜପୁର ସଙ୍କୁଳର ୬ଟି ଶିଶୁ ବିଦ୍ୟାମନ୍ଦିରରୁ ୧୦୮ ଜଣ ଗୁରୁଜୀ ଗୁରୁମା ଓ ୪୨ଜଣ ପରିଚାଳନା ସମିତିର ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ। ସୁବଳୟା କଲେଜର ପୂର୍ବତନ ଅଧ୍ୟକ୍ଷ ଭୋଳାନାଥ କର୍ମୀ ମୁଖ୍ୟ ଅତିଥି, ସଙ୍କୁଳ ପ୍ରମୁଖ ରୁଦ୍ରାକ୍ଷ ସାହୁ ଓ ସଙ୍କୁଳ ସଂଯୋଜକ ଜନକରାମ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁଜୀ ଗରୁମାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମ୍ୟୁଜିକ ଚେୟାର ଖେଳ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସଂପାଦକ ଦିଲ୍ଲିପ ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସଭାପତି ଅନ୍ତର୍ଯ୍ୟାମୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଭ୍ୟସଭ୍ୟା ସହଯୋଗ କରିଥିଲେ।

# କୈବଲ୍ୟ ପ୍ରଧାନ ହତ୍ୟା ଘଟଣାରେ ୪ ଗିରଫ



ଶଗଡ଼ା, ୮ ।୧୨(ସମିସ): କୈବଲ୍ୟ ପ୍ରଧାନ ହତ୍ୟାକାଣ୍ଡ ଘଟଣା ୨୪ ଘଣ୍ଟା ନପୁରୁଣୁ ସମସ୍ତ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଛି ମନମୁଣ୍ଡା ପୁଲିସ। ସୂଚନା ଅନୁସାରେ ଗତ ୭ ତାରିଖ ଦିନ ଯୋଗିନ୍ଦ୍ରପୁର ଦମାମୁଣ୍ଡା ରାସ୍ତାରେ ସକାଳୁ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତ ଶରୀର ପଡ଼ିଥିଲା। ମୃତକ ଜଣଙ୍କ ଦମାମୁଣ୍ଡା ଗ୍ରାମର କୈବଲ୍ୟ ପ୍ରଧାନ ବୋଲି ପରିବାରଲୋକେ ଚିହ୍ନଟ କରିଥିଲେ। ପରେ ମନମୁଣ୍ଡା ପୁଲିସ ପହଞ୍ଚି ସନ୍ଧାନି କୁକୁର, ସାଇଣ୍ଟିଫିକ ଟିମ୍ ସହ ତଦନ୍ତ ଜାରି ରଖିଥିଲା। ଘଟଣାର ୨୪ ଘଣ୍ଟା ନ ପୁରୁଣୁ ହତ୍ୟାକାଣ୍ଡର ସମସ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମାରଣାସ୍ତ୍ର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମନମୁଣ୍ଡା ଥାନା ଦମାମୁଣ୍ଡା ଗ୍ରାମର ଉମେଶ ସଲମା (୨୪), କଳାସୁଳିଆ ଗ୍ରାମର ଅଜିତ ବାଘ (୨୧), ଦମାମୁଣ୍ଡା ଗ୍ରାମର ରାଧାକାନ୍ତ ଭୋଇ (୨୪) ଓ ଦମାମୁଣ୍ଡା ଗ୍ରାମର ରମାକାନ୍ତ ସାଲମା । ବୌଦ୍ଧ ଏସଡିପିଓ ଲରେନ ରାଉତ ରାୟ ଓ ମନମୁଣ୍ଡା ଥାନା ଅଧିକାରୀ ସସ୍ମିତା ମଗର ଉପସ୍ଥିତିରେ ଆଜି ଅଭିଯୁକ୍ତ ମାନଙ୍କ ସିନ୍ ରିକ୍ରିଏସନ କରିବା ସହ ଘଟଣାରେ ବ୍ୟବହୃତ ପଥର, ବାଇକ୍, ପ୍ୟାଣ୍ଟ ସାର୍ଟ ଓ ଜ୍ୟାକେଟ ଓ ମୋବାଇଲ ଉଦ୍ଧାର କରିଛି। କୈବଲ୍ୟଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ପୁଲିସ ଆଗରେ ସମସ୍ତ ଅଭିଯୁକ୍ତ ସ୍ୱୀକାର କରିଥିଲେ। ପୂର୍ବ ଶତ୍ରୁତାକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟାଇ ଥିବାବେଳେ ସମସ୍ତ ତଥ୍ୟ ପ୍ରମାଣ ନଷ୍ଟ କରିବାକୁ ଅଭିଯୁକ୍ତମାନେ ପ୍ରୟାସ କରିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ନେଇ ବୌଦ୍ଧ ଏସ୍‌ପି ରାହୁଲ ଗୋୟଲ ସୂଚନା ଦେଇଛନ୍ତି।

## ନୀଳଚକ୍ର ସାହିତ୍ୟ ସଂସଦର ସପ୍ତମ ବାର୍ଷିକ ଉତ୍ସବ



ବୌଦ୍ଧ,୮ ।୧୨(ସମିସ): ବୌଦ୍ଧର ସ୍ଥାନୀୟ ପାରିଜାତ ପ୍ୟାଲେସ ସମ୍ମିଳନୀ କକ୍ଷରେ ନୀଳଚକ୍ର ସାହିତ୍ୟ ସଂସଦ, ବୌଦ୍ଧଚକ୍ର ଓ ଭାବସମ୍ରାଟର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ କୁମାର ମହାପାତ୍ର ଉଦ୍‌ଘାଟକ ଭାବେ ଯୋଗଦାନ କରିଥିଲେ। ଏହି ଅଧିବେଶନରେ ଡ. ରମାକାନ୍ତ ଜେନା, ଡ.ରମେଶ ଚନ୍ଦ୍ର ପ୍ରଧାନ, ଡ. ମହେଶ୍ୱର ପାଢୀ, କାମିନୀ ନାୟକ, ପ୍ରଭାସ ଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ସୁଶାନ୍ତ କୁମାର ମହାପାତ୍ର, ଶିଶୁ ସାହିତ୍ୟିକ ମଙ୍ଗଳ ପରିଚାଳନା କରିଥିଲେ। ଡ. ସଞ୍ଜୟକୁମାର ପଣ୍ଡାଙ୍କ ସଭାପତିତ୍ୱରେ ପ୍ରଫେସର ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ, ମୁଖ୍ୟ ଅତିଥି ଭାବେ ଡକ୍ଟର ରବୀନ୍ଦ୍ର କୁମାର ବିହାରୀ, ମୁଖ୍ୟବକ୍ତା, ଡ. ଲକ୍ଷ୍ମୀନାରାୟଣ ଦାଶ, ଡ. ଅକ୍ଷୟ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦିଲୀପ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଡ. ସଞ୍ଜୟ କୁମାର ପଣ୍ଡାଙ୍କ 'ମୁଁ ଓ ମୋର ମନ୍ଥିତ ଭାବ, ରମେଶ ପ୍ରସାଦ ମିଶ୍ରଙ୍କ ମେଘ ମାଉସୀ ଦେ ବରଷି, ପ୍ରଭାତ କୁମାର ଖମାରୀଙ୍କ ଦୁହୁରି ସାଜୋ, ବୌଦ୍ଧଚକ୍ର, ତ୍ରୈମାସିକ ସାହିତ୍ୟ ପତ୍ରିକା ଉନ୍ମୋଚିତ ହୋଇଥିଲା।

ଦୁଃଖି ଶ୍ୟାମ ବେହେରାଙ୍କ ସଭାପତିତ୍ୱରେ ରମେଶ ଚନ୍ଦ୍ର ମିଶ୍ର, ମୁଖ୍ୟ ଅତିଥି, ଡ.ପ୍ରମୋଦ କୁମାର ମହାପାତ୍ର, ଅଧ୍ୟାପକ, ଦେବେନ୍ଦ୍ର ମିଶ୍ର, ପ୍ରମୋଦ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସତ୍ୟନାରାୟଣ ସାହୁ, ସନ୍ତୋଷ କୁମାର କର୍ଣ୍ଣ, ଚନ୍ଦ୍ରକାନ୍ତ ନାୟକ କବିତା ସଂଯୋଜନା କରିଥିଲେ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜନଶୁଣାଣି ଶିବିର

ପୁରୁଣାକଟକ, ୮ ।୧୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ବିଭୁତିଭୁଷଣ ନାୟକ ଓ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋୟଲ, ଉପ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ଡୁଙ୍ଗଡୁଙ୍ଗ, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଶିବିରରେ ଉପସ୍ଥିତ ଥିଲେ।

## ସାଂସଦ ଖେଳ ମହୋତ୍ସବରେ ଯୋଗଦେଲେ କନ୍ଧମାଳ ସାଂସଦ



କଣ୍ଟାମାଳ ,୮ ।୧୨(ସମିସ): ବୌଦ୍ଧ ଜିଲ୍ଲା ଅଧୀନ କଣ୍ଟାମାଳ କଲେଜ ପଡ଼ିଆଠାରେ ହେଉଥିବା ବିଧାନସଭାସ୍ତରୀୟ ସାଂସଦ ଖେଳ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିଲେ। ସେ କଣ୍ଟାମାଳ ଆସୁଥିବାବେଳେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କୁ ରୁଣ୍ଡିମହୁଲ ଠାରେ ବିଜେପି ଯୁବନେତା ସୂର୍ଯ୍ୟକାନ୍ତ ଖଟୁଆଙ୍କ ନେତୃତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୁଧୀର ଖଟୁଆ, ଦବେନ୍ଦ୍ର ସାହୁ, ଲକ୍ଷ୍ମୀକାନ୍ତ ଖଟୁଆ, ପ୍ରଶାନ୍ତ ସାହୁ, ରାମ କୁମାର ବାରିକ ଉପସ୍ଥିତ ଥିଲେ।

● ୫ ମାସର ଶିଶୁର ସ୍ୱାସ୍ଥ୍ୟ ସମସ୍ୟା

## ମେଡିକାଲ୍ ଟିମ୍ ସହ ଗାଁରେ ପହଞ୍ଚିଲେ ଜିଲ୍ଲାପାଳ



ପୁରୁଣାକଟକ,୮ ।୧୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ପୁରୁଣାକଟକ ପଞ୍ଚାୟତ ସାଲକଟା ଗ୍ରାମର ୫ ମାସର ଶିଶୁକୁ ଭେଟି ଜିଲ୍ଲାପାଳ ବିଭୂତିଭୁଷଣ ନାୟକ ପିତାମାତାଙ୍କ ଠାରୁ ଶିଶୁର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ସାଲକଟା ଗ୍ରାମ ଦଳିତ ସାହିର ଲୁଲୁ ନାଏକଙ୍କ ୫ ମାସର ଶିଶୁ କନ୍ୟା ଜନ୍ମରୁ ଅନ୍ଧ ଓ ତାର ମଳଦ୍ୱାର ନାହିଁ। ଫଳରେ ଅର୍ଥାଭାବ ଯୋଗୁଁ ଚିକିତ୍ସା କରାଇ ନ ପାରି ପରିବାର ମ୍ରିୟମାଣ ହୋଇ ପଡ଼ିଛନ୍ତି।

ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲାପାଳ ଶ୍ରୀ ନାୟକ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଂଘମିତ୍ରା ପଣ୍ଡା ଓ ଡାକ୍ତରୀ ଟିମ୍ ସହ ସାଲକଟା ଗ୍ରାମରେ ପହଞ୍ଚିଥିଲେ।

ଶିଶୁକନ୍ୟା ଓ ତାର ପିତା-ମାତା ଘରେ ଅନୁପସ୍ଥିତ ଥିବା ଓ ନିକଟସ୍ଥ ଉଦୟପୁର ଗ୍ରାମର ସମ୍ପର୍କୀୟଙ୍କ ଘରକୁ ଯାଇଥିବା ସୂଚନା ପାଇ ଜିଲ୍ଲାପାଳ ଉଦୟ ପୁର ଗ୍ରାମକୁ ଯାଇଥିଲେ। ସେଠାରେ ଶିଶୁକୁ ଦେଖିବା ସହ ତାର ପିତାମାତାଙ୍କ ସହ ଆଲୋଚନା କରି ଆବଶ୍ୟକ ଚିକିତ୍ସା ଓ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

## ବୌଦ୍ଧ ପୁସ୍ତକମେଳା ଉଦ୍‌ଯାପିତ \ 'ବୌଦ୍ଧ ବାର୍ତ୍ତାବହ' ସ୍ମରଣିକା ଉନ୍ମୋଚିତ



ବୌଦ୍ଧ,୮ ।୧୨ (ସମିସ): ସ୍ଥାନୀୟ କଚେରି ପଡ଼ିଆଠାରେ ୬ଦିନ ଧରି ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ୍ ବୌଦ୍ଧ ଦ୍ୱାରା ଆୟୋଜିତ ବିଂଶତମ ବୌଦ୍ଧ ପୁସ୍ତକମେଳା ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସରକାରୀଦଳର ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ବିଭୁତିଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପୂଜାରୀ ଭେଙ୍କଟ ରମଣ ରାଓ ଯୋଗ ଦେଇଥିଲେ। ଅତିଥିମାନଙ୍କ ସହିତ ଜର୍ଣ୍ଣାଲିଷ୍ଟ ଫୋରମ୍ ସଭାପତି ଦିବ୍ୟଶଙ୍କର ରାଉତ, ପୁସ୍ତକମେଳା କମିଟି ଆବାହକ ଦିବ୍ୟରଞ୍ଜନ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୁସ୍ତକମେଳା ମଞ୍ଚରେ ଜର୍ଣ୍ଣାଲିଷ୍ଟ ଫୋରମ୍‌ର ସ୍ମରଣିକା "ବୌଦ୍ଧ ବାର୍ତ୍ତାବହ' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। "ଦ ଷ୍ଟେଟ୍ସମେନ' ଆବାସିକ ସଂପାଦକ କେ. ରବିଙ୍କୁ ବନମାଳୀ ପାଣିଗ୍ରାହୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହିତ ସାମ୍ବାଦିକ ଦୀପକ ଅଦରଙ୍କୁ ପୁସ୍ତକମେଳା ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ବିଧାୟକ ଶ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ପୁସ୍ତକ ହେଉଛି ଜ୍ଞାନର ଭଣ୍ଡାର। ଆମେ ଯେତେ ପୁସ୍ତକକୁ ପଢିବା ସେଥିରୁ ସେତିକି ଜ୍ଞାନଆହରଣ କରିବା। ଦୀର୍ଘ ୨୦ ବର୍ଷଧରି ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ୍ ଏଭଳି ଏକ ପୁସ୍ତକମେଳା ଆୟୋଜନ କରୁଥିବାରୁ ସେ ଫୋରମ୍‌ର ସମସ୍ତ ସଦସ୍ୟମାନଙ୍କୁ ପ୍ରଶଂସା କରିଥିଲେ। ଏହାପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ତ୍ରିଶୁଳ ଭନଜା ଓ ସାଥୀ, ଗାୟକ ଆଶିଷ କୁମ୍ଭାରଙ୍କ ସମ୍ବଲପୁରୀ ଗୀତରେ ଦର୍ଶକ ଝୁମିଥିଲେ।

## ବସ୍‌ଷ୍ଟାଣ୍ଡରୁ ୭୬ ବର୍ଷୀୟ ବୃଦ୍ଧ ଉଦ୍ଧାର



ବୌଦ୍ଧ,୮ ।୧୨(ସମିସ): ବୌଦ୍ଧ ବ୍ଲକ୍ ମୁଣ୍ଡାପଡ଼ା ବସ୍‌ଷ୍ଟାଣ୍ଡରୁ ଆଜି ଅପରାହ୍ନରେ ଜଣେ ବୃଦ୍ଧଙ୍କୁ ଉଦ୍ଧାର କରିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'କାର୍ଡ'। ବ୍ରାହ୍ମଣିପାଲି ପଞ୍ଚାୟତ ଫିଙ୍ଗିଲାବେଡା ଗ୍ରାମର ଗୋକୁଳ କଲତା ((୭୬) ୧୫ ଦିନ ତଳେ କୌଣସି କାମରେ ମୁଣ୍ଡାପଡା ଆସିଥିଲେ। ହଠାତ ସେହି ଜାଗାରେ ପଡିଯିବାରୁ ତାଙ୍କର ଅଣ୍ଟାରେ ମାଡ଼ ହେବାରୁ ଆଉ ଉଠି ପାରିନଥିଲେ। ସେହିଦିନଠାରୁ ସେହି ବସ୍‌ଷ୍ଟାଣ୍ଡରେ ପଡି ରହିଥିଲେ। ମୁଣ୍ଡାପଡା ଗ୍ରାମର ପ୍ରବୀଣ ନାଏକ ଏବଂ ଦୁଷ୍ମନ୍ତ ହାତୀ ଉଭୟେ ବୃଦ୍ଧଙ୍କୁ ଖାଇବାକୁ ଦେଉଥିଲେ। ଆଜି ମୁଣ୍ଡାପଡା ପଞ୍ଚାୟତ ଅଧୀନ କନ୍ଧଧୂମାଲରେ 'କାର୍ଡ' ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଧର୍ମୁଧର ପୋଢ଼ଙ୍କୁ ଖବର ଦେଇଥିଲେ। ଖବରପାଇ ସମ୍ପାଦକ ଶ୍ରୀ ପୋଢ଼ ଓ କେୟାର ଟେକର କିରଟି ପ୍ରଧାନ, ସତ୍ୟ ମହାକୁଡ଼, ତପନ ପ୍ରଧାନ, ସତ୍ୟରଞ୍ଜନ ପୋଢ଼, ଅଙ୍ଗଦ ନାୟକ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ସୁରେଖା ଦେବି ବୃଦ୍ଧାଶ୍ରମକୁ ନେଇ ଯାଇଥିଲେ। ବୃଦ୍ଧଙ୍କ ଏକମାତ୍ର ପୁତ୍ର ଥିବା ଏବଂ ସେ ପାଗଳ ହୋଇଥିବା ବୃଦ୍ଧ ପ୍ରକାଶ କରିଛନ୍ତି।

## ଚୋରି ବାଇକ ଉଦ୍ଧାର; ଜଣେ ଗିରଫ

ତରଭା,୮।୧୨(ସମିସ): ତରଭା ଥାନା ଅଧିନସ୍ଥ ଶିବତୁଲା ନିବାସୀ ରଘୁନାଥ ଜଟିଙ୍କ ପେସନପ୍ଲସ ବାଇକ୍ (ଓଆର ୧୫ ଏଫ ୪୭୭୫)ଟି ଗତ ନଭେମ୍ବର ୧୪ ତାରିଖରେ ପିଏଚଡି କାର୍ଯ୍ୟାଳୟ ସମ୍ମୁଖରୁ ଚୋରି ହୋଇଯାଇଥିଲା। ଏସମ୍ବନ୍ଧେ ରଘୁନାଥଙ୍କ ଅଭିଯୋଗ କ୍ରମେ ଥାନାରେ ପୁଲିସ ଏକ ମାମଲା(୩୧୮/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଆଇଆଇସି ଅନିତା କିଡୋଙ୍କ ନିର୍ଦ୍ଦେଶରେ ଏକ ପୁଲିସ ଟିମ ଅଭିଯୁକ୍ତ ଶିବତୁଲାର



ଦେବହରି ଛାତ୍ରଆକୁ ଧରି ଚୋରି ବାଇକ ଉଦ୍ଧାର କରିବାକୁ ସକ୍ଷମ ହୋଇଛି। ଅଭିଯୁକ୍ତ ଦେବହରିକୁ କୋର୍ଟ ଚାଲାଣ କରାଯାଇଛି। ଦେବହରି ନାମରେ ଏହା ପୂର୍ବରୁ ଖାରବେଳନଗର ଭୁବନେଶ୍ୱର ଓ ତରଭା ଥାନା ଅଞ୍ଚଳରୁ ବାଇକ ଚୋରି କରିଥିବା ନେଇ ୩ ଟି ମାମଲା ରହିଛି। ତରଭା ଥାନା ଅଞ୍ଚଳରେ ବାଇକ ଚୋରି ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଚୋରି ବାଇକ ଉଦ୍ଧାର କରିବା ସହ ଚୋରଙ୍କୁ ଧରାଯାଇଛି। ତଥାପି ବାଇକ ଚୋରି ଥମୁନାହିଁ। ଅନ୍ୟପଟରେ ସୋମବାର ତରଭା ୱାର୍ଡ ନମ୍ବର ୫ ନିବାସୀ ଦୀପକ ମେହେରଙ୍କ ବାଇକ (ଓଡି ୧୫ ଏଫ ୧୫୭୦) କୁ ଅପରାହ୍ନ ୨ଟାରେ ତାଙ୍କର ଘର ସମ୍ମୁଖରେ ରଖିଥିବା ବେଳେ ତାହା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି।

**ଅମରପାଲି କ୍ରିକେଟ କପ୍**

## ତେଲିପାଲିକୁ ହରାଇ ବହଲପଦର ଚାମ୍ପିଅନ୍




ବୀରମହାରାଜପୁର,୮।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ଫ୍ରେଣ୍ଡସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୩୨ତମ ଅମରପାଲି କ୍ରିକେଟ କପ୍‌ର ଫାଇନାଲରେ ତେଲିପାଲି କୁ ହରାଇ ବହଲପଦର ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚଟି ତିନୋଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ବହଲପଦର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୬୨ ରନ କରିଥିଲା। ଜବାବରେ ତେଲିପାଲି ଦଳ ଆବଶ୍ୟକୀୟ ୬୩ ରନ୍‌କୁ ୨ ଉଇକେଟ ହରାଇ ନିର୍ଦ୍ଧାରିତ ୬ ଓଭରର ଶେଷ ବଲରେ ସଂଗ୍ରହ କରିଥିଲା। ଦ୍ୱିତୀୟ ଫର୍ମାଟରେ ବହଳପଦର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪ ଓଭରରେ ୨ ଉଇକେଟ ହରାଇ ୫୨ ରନ୍ କରିଥିଲା। ଜବାବରେ ତେଲିପାଲି ଦଳ ନିର୍ଦ୍ଧାରିତ ୪ ଓଭରରେ ୬ ଉଇକେଟ ହରାଇ ୨୬ ରନ୍ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏଁ ଫର୍ମାଟରେ ବିଜୟୀ ହେବାରୁ ସୁପର ଓଭର ଖେଳାଯାଇଥିଲା। ଏଥିରେ ବହଲପଦର ୧୩ ରନ୍ କରିଥିବା ବେଳେ ତେଲିପାଲି ଦଳ ୭ ରନ୍ କରିଥିଲା। ଫଳରେ ବହଲପଦର ୨-୧ ରେ ବିଜୟୀ ହୋଇ ଚାମ୍ପିଅନ୍ ହୋଇଥିଲା। ପୂର୍ବରୁ ପ୍ରଥମ ସେମିଫାଇନାଲରେ ଘିଚାପାଲିକୁ ହରାଇ ତେଲିପାଲି ଫାଇନାଲରେ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ଫର୍ମାଟରେ ପୁରୁଣାଗଡ(ରେଢାଖୋଲ) କୁ ହରାଇ ବହଳପଦର ଫାଇନାଲରେ ପ୍ରବେଶ କରିଥିଲା। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଆୟୋଜକ ସଭାପତି ବିମ୍ବାଧର ସାହୁ ଅଧ୍ୟକ୍ଷତା କରିଥିଲେ। ବୀରମହାରାଜପୁର ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟଅତିଥି ଏବଂ ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା, ବହଳପଦର ସରପଞ୍ଚ ନିରୁପମା ସେଠୀ, ଲୁତୁରପଙ୍କ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦ, ବଡ଼ମାଳ ସରପଞ୍ଚ ତୁଙ୍ଗଭଦ୍ରା ବିଶ୍ୱାଳ, ସ୍ଥାନୀୟ ସମିତିସଭ୍ୟା ସୁଗନ୍ଧା ଘିବିଲା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବହଳପଦରର ବିକାଶଙ୍କୁ ଶ୍ରେଷ୍ଠ ବୋଲର ଓ ମ୍ୟାନ୍ ଅଫ୍ ଫାଇନାଲ ଏବଂ ତେଲିପାଲିର ଆକାଶ ସାହୁଙ୍କୁ ଶ୍ରେଷ୍ଠ ବ୍ୟାଟର ଓ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଶ୍ୟାମ ସୁନ୍ଦର ପଣ୍ଡାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଚାମ୍ପିଅନ୍ ଦଳକୁ ନଗଦ ୩୦ ହଜାର ଟଙ୍କା ସହିତ କବିନ ସ୍ମାରକୀ ଟ୍ରଫି ଏବଂ ଉପବିଜେତା ଦଳକୁ ନଗଦ ୧୫ ହଜାର ଟଙ୍କା ସହିତ ତ୍ରିଲୋଚନ ସାହୁ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ଦିବସରେ ଶିକ୍ଷକ ସୁରେନ୍ଦ୍ର ଭୋଇ, କ୍ରୀଡାବିତ ଶୁଭମ ଭୋଇ, ସ୍ଥାନୀୟ ହାଇସ୍କୁଲର ଶିକ୍ଷକ ପଦ୍ମନାଭ ପ୍ରଧାନ, ହୃଷୀକେଶ ଚାନ୍ଦ, କାଳାଚାନ୍ଦ ପ୍ରଧନ, ପୂର୍ବତନ ସରପଞ୍ଚ ଡମ୍ବରୁ ଧର ସାହୁ, ଶେଷଦେବ ବାରିକ, ରବୀନ୍ଦ୍ର ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଫାଇନାଲ ଦିବସରେ ଶ୍ରୀବନ୍ତ ନାୟକ, ସୁରେଶ ବିଶି, ଗିରିଜା ଶଙ୍କର ଭଏନା, ସୁରେଶ ବିଶି ଅମ୍ପାୟାର, ଶୁଭେନ୍ଦୁ ଶେଖର ସାହୁ ସ୍କୋରିଙ୍ଗ, ଚମାରୁ ମହାକୁର ଅନଲାଇନ ସ୍କୋରିଙ୍ଗ ଓ ମାନସ ନନ୍ଦ, ଆଶିଷ ଦେଓ, ନିହାର ରଞ୍ଜନ ସାହୁ ଓ ପୀତାମ୍ବର ସାହୁ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ।

## ଡକାଡକି ହୋଇ ଚାଲିଗଲେ ତିନି ଯା'







ତରଭା,୮।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭାରେ ପାଣିଗ୍ରାହୀ ପରିବାର ହେଉଛନ୍ତି ଏକ ପ୍ରତିଷ୍ଠିତ ପରିବାର। ଏହି ପରିବାରର ତିନି ଯା', ଜଗବନ୍ଧୁ ପାଣିଗ୍ରାହୀଙ୍କ ପତ୍ନୀ ସୌରୀ(୯୦), ରାଧାଗୋବିନ୍ଦ ପାଣିଗ୍ରାହୀଙ୍କ ପତ୍ନୀ ସୁଶିଳା(୮୫) ଓ ହରିବନ୍ଧୁ ପାଣିଗ୍ରାହୀଙ୍କ ପତ୍ନୀ ଲିଲି(୭୮)। ତିନି ଯା'ଙ୍କ ମଧ୍ୟରେ ପ୍ରଗାଢ ବନ୍ଧୁତା। ତରଭା ଶ୍ରୀ ଦଧିବାବନ ମନ୍ଦିର ସମ୍ମୁଖରେ ଥିବା ସେମାନଙ୍କ ବାସଭବନର ବାରଣ୍ଡାରେ ତିନି ଯାଆ ଏକାଠି ବସି ଦୁଃଖ ସୁଖ ହେଉଥିବା, ଧର୍ମୀୟ ଆଲୋଚନା କରୁଥିବା ଏକ ନିୟମିତ ଘଟଣାଥିଲା। ଗତ ୧ ତାରିଖ ସୌରୀ ଦୁଇ ଯାଆଙ୍କୁ ଛାଡ଼ି ପରଲୋକ ଗମନ କରିଥିଲେ। ଏହାର ୫ ଦିନ ପରେ ୬ ତାରିଖ ଲିଲିଙ୍କ ପରଲୋକ ଘଟିଥିଲା। ଆଜି ସୁଶିଳା ମଧ ଇହଲୀଳା ତ୍ୟାଗ କରି ଦୁଇ ଯା'ଙ୍କ ନିକଟକୁ ଚାଲିଯିବା ପରେ ତିନି ଯା' ଡକାଡକି ହୋଇ ଚାଲିଗଲେ ବୋଲି ସହରରେ ଆଲୋଚନା ହେଉଛି।

### ସୁଶିଳା ପାଣିଗ୍ରାହୀଙ୍କ ପରଲୋକ

ତରଭା,୮।୧୨(ସମିସ): ତରଭାର ପୂର୍ବତନ ନଗରପାଳ ଆଦିକନ୍ଦ ପାଣିଗ୍ରାହୀଙ୍କ ମାତା ସୁଶିଳା ପାଣିଗ୍ରାହୀ (୮୫)ଙ୍କ ସୋମବାର ପୂର୍ବାହ୍ନ ୯ ଟାରେ ତାଙ୍କର ଗଡଭିତର ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା ପରୋପକାରୀ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତିନିପୁଅ ମଧୁସୂଦନ, ସୁବଳ, ଆଦିକନ୍ଦ, ଝିଅ ଜ୍ୱାଇଁ, ନାତିନାତୁଣୀ ଓ ପରିବର୍ଗ ଉପସ୍ଥିତ ଥିଲେ। ସୁଶିଳାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମଝିଆ ପୁଅ ସୁବଳ ମୁଖାଗ୍ନି ପ୍ରଦାନ କରିଥିଲେ। ସୁଶିଳାଙ୍କ ପରଲୋକ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

# ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଆମରଣ ଅନଶନ

**ରାଉରକେଲା, ୮ା୧୨(ସମିସ)**



ଦାବି ପୂରଣ ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଆଜି ଠାରୁ ବାଧ ହୋଇ ରାଜ୍ୟର ୭ଟି ଯାକ ଆୟୁଷ ମହାବିଦ୍ୟାଳୟର ୧୮୦୭ ଜଣ ଡାକ୍ତରୀ ଛାତ୍ରଛାତ୍ରୀ ଆମରଣ ଅନଶନରେ ବସିଛନ୍ତି। ଏହି ଆମରଣ ଅନଶନରେ ରାଉରକେଲା ହୋମିଓପାଥି କଲେଜର ଛାତ୍ରଛାତ୍ରୀମାନେ ସାମିଲ ହୋଇ କଲେଜ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ସୂଚନାଯୋଗ୍ୟ, ଗତ ନଭେମ୍ବର ୬ ତାରିଖରୁ ରାଜ୍ୟରେ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବା ସହ ଛାତ୍ରଛାତ୍ରୀମାନେ କଳା ବ୍ୟାଚ୍ ପିନ୍ଧି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରି ଆସୁଥିଲେ। ଏହା ସହିତ ଗତ ୨୪ ତାରିଖ ଠାରୁ ରାଜ୍ୟବ୍ୟାପୀ ମହାବିଦ୍ୟାଳୟ ବନ୍ଦ ଡାକରା ଦେବା ସହିତ ଗତ ୩୦ ତାରିଖ ଠାରୁ ଦିବାରାତ୍ର ଧାରଣା ଆନ୍ଦୋଳନ ଜାରି ରହିଥିଲା। ତେବେ କୌଣସି ଗୋଟିଏ ଦାବି ବି ପୂରଣ ନ ହେବାରୁ ବାଧ ହୋଇ ଅହୋରାତ୍ର ଗଛ ତଳେ ପ୍ରବଳ ଶୀତ ସତ୍ତ୍ୱେ ଆମରଣ ଅନଶନ ପାଇଁ ସେମାନେ ଚରମ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ପ୍ରକାଶ ଥାଉକି, ସମସ୍ତ ଆୟୁଷ ଡାକ୍ତର ଛାତ୍ରଛାତ୍ରୀ ରାଜ୍ୟବ୍ୟାପୀ ଧଳା କୋଟ ବର୍ଜନ କରିଥିଲେ। ଏଥିପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବ୍ରହ୍ମପୁର ଆୟୁର୍ବେଦ ମହାବିଦ୍ୟାଳୟରେ ଜଣେଙ୍କ ଛାତ୍ରଙ୍କୁ ନିଲମ୍ବନ କରାଯାଇଥିଲା। କେନ୍ଦ୍ରରେ ମୋଦୀ ସରକାର ଆୟୁଷ ବିଭାଗର ଉନ୍ନତି ପାଇଁ ବହୁମୁଖୀ ପଦକ୍ଷେପ ଗ୍ରହଣ କରୁଛନ୍ତି। ମାତ୍ର ପରିତାପର ବିଷୟ ଦୀର୍ଘ ଦିନରୁ ସରକାରଙ୍କୁ ଜଣାଇ ଆସୁଥିବା ଆୟୁଷ ଡାକ୍ତର ଛାତ୍ରଛାତ୍ରୀଙ୍କର ଏହି ନ୍ୟାୟସଙ୍ଗତ ଦାବିର କୌଣସି ଗୋଟିଏ ବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଛାତ୍ରଛାତ୍ରୀମାନଙ୍କୁ ସର୍ବଦା ଆଶ୍ୱାସନା ଦେଇ ସୁଖର ସ୍ୱପ୍ନ ଦେଖାଇ ସ୍ୱାସ୍ଥ୍ୟମନ୍ତ୍ରୀ ବର୍ତ୍ତମାନ ନୀରବ। ଛାତ୍ରଛାତ୍ରୀମାନେ ମନ୍ତ୍ରୀଙ୍କ ନିଜ ସନ୍ତାନ ତୁଲ୍ୟ ଏଭଳି ପରିସ୍ଥିତିରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାବି ପୂରଣ ତ ଦୂରର କଥା ଦେଖା କରିବାକୁ ମଧ୍ୟ ଆସୁନାହାନ୍ତି। ଏହି ପରିସ୍ଥିତିରେ ଦେଶର ପ୍ରଧାନମନ୍ତ୍ରୀ ଏବଂ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ହସ୍ତକ୍ଷେପ କରିବାକୁ ଛାତ୍ରଛାତ୍ରୀମାନେ ଅନୁରୋଧ କରିଛନ୍ତି। ଏହି ଅନଶନରେ ଯଦି କୌଣସି ଡାକ୍ତରୀ ଛାତ୍ରଙ୍କର ଗୁରୁତର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଏ, ତାହାଲେ ସରକାର ଦାୟୀ ରହିବେ ବୋଲି ଆନ୍ଦୋଳନରତ ଛାତ୍ରଛାତ୍ରୀମାନେ କହିଛନ୍ତି।

### ଚୋରି ଓ ଟ୍ରାଫିକ୍ ସମସ୍ୟା

# ବିଶ୍ୱନାଥପୁର ବଣିକ ସଂଘ ଥାନାର ଦ୍ୱାରସ୍ଥ


**ଲାଞ୍ଜିଗଡ଼, ୮ା୧୨(ସମିସ):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରରେ ଚୋରି ଓ ବଜାର ଠାରେ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। ଏହାକୁ ନେଇ ଅନେକ ଥର



ବିଶ୍ୱନାଥପୁର ବଣିକ ସଂଘ ପକ୍ଷରୁ ପୁଲିସ ପାଖରେ ଅଭିଯୋଗ କରାଯାଇଛି। ହେଲେ ବିଶ୍ୱନାଥପୁର ପୁଲିସ ଏଥିପ୍ରତି ଦୃଷ୍ଟି ନଦେଇ ନିରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ କରି ଶନିବାର ବିଶ୍ୱନାଥପୁର ବଣିକ ସଂଘ ପୁଣିଥରେ ଥାନାର ଦ୍ୱାରସ୍ଥ ହୋଇ ନିୟମିତ ନାଇଟ୍ ପାଟ୍ରୋଲିଂ କରିବା, ନାବାଳକ ମାନେ ଦ୍ରୁତ ଗତିରେ ବାଇକ ଚଳାଉଥିବା ପ୍ରତି ପୁଲିସ ରୋକ ଲଗାଇବା, ସ୍କୁଲ, କଲେଜ ସମୟରେ ଏବଂ ଶୁକ୍ରବାର ବିଶ୍ୱନାଥପୁର ସାପ୍ତାହିକ ବଜାର ଦିନରେ ନିୟମିତ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରିତ କରି ଭାରିଯାନ ଏବଂ ଦ୍ରୁତ ଗତିରେ ଚଳାଉଥିବା ଯାନବାହନ ପ୍ରତି ରୋକ ଲଗାଇବା ପାଇଁ ଅନୁରୋଧ କରିଛନ୍ତି। ଯଦି ଏଥି ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଗଲେ ଆଗାମୀ ଦିନରେ ବଣିକ ସଂଘ ଦୋକାନ ବଜାର ବନ୍ଦ କରି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ଅଭିଯୋଗକୁ ନେଇ ବିଶ୍?ନାଥପୁର ଥାନା ଭାରପ୍ରାପ୍ତ ଅଧିକାରୀ ତୁଳସୀ ରାମ ଶବରଙ୍କୁ ପଚାରିବାରୁ କର୍ମଚାରୀଙ୍କ ଅଭାବ ଯୋଗୁଁ ପାଟ୍ରୋଲିଂ କରିବା ସମ୍ଭବ ହେଉ ନଥିବା ପ୍ରକାଶ କରିଛନ୍ତି।

# ଇନ୍‌ଷ୍ଟାଗ୍ରାମ୍‌ରେ ସଟ୍ଟା କାରବାର

**କଣ୍ଟାବାଞ୍ଜି, ୮ା୧୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ଏବେ ଅନଲାଇନ ସଟ୍ଟା କାରବାର ପେଣ୍ଠସ୍ଥଳୀ ହୋଇଛି। ଯୁବପିଢିଙ୍କୁ ଟଙ୍କା ପ୍ରଲୋଭନ ଦେଖା ଏହି କାରବାର ଚାଲିଥିବାବେଳେ ଯୁବପିଢି ଲକ୍ଷଲକ୍ଷ ଟଙ୍କା ହାରି ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଥିବା ମଧ୍ୟ ନଜିର ହେଉଛି। ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମରେ ବାଲାଜୀ ଅନ୍‌ଲାଇନ ବୁକ୍ ନାରେ ଏକ ଆଇଡି କରି ସେଥିରେ ଏକ ମୋବାଇଲ ନମ୍ବର ଦିଆଯାଇଛି, ଯେଉଁଥିରେ ଲୋକେ ମେସେଜ କଲେ ହ୍ୱାଟ୍‌ସପ୍‌ରେ ଟଙ୍କା ପଠାଇବାରେ ଅପ୍‌ସନ ଆସୁଥିବା ବେଳେ ଲୋକେ ସେଥିରେ ଟଙ୍କା ପଠାଇ ଏହି ସଟ୍ଟା ଖେଳୁଛନ୍ତି। କଣ୍ଟାବାଞ୍ଜି ସହର ଜଣେ ଅଣ ଓଡ଼ିଆ ଯୁବକ ଏହି କାରବାର କରୁଥିବାବେଳେ ଅନ୍ୟ ଜଣେ ଯୁବକ ଜୟପୁରରେ ରହି ଏହି କାରବାରକୁ ନିୟନ୍ତ୍ରଣ କରୁଥିବା ଜଣାପଡ଼ିଛି। କଣ୍ଟାବାଞ୍ଜି ପୁଲିସ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।




# ଜିଲ୍ଲାସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା

**ଭବାନୀପାଟଣା, ୮ା୧୨ (ସମିସ):** ଭବାନୀପାଟଣାସ୍ଥିତ ବ୍ରଜମୋହନ ସରକାରୀ ହାଇସ୍କୁଲରେ ସୋମବାର ଜିଲ୍ଲାସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ କନିଷ୍ଠ ବିଭାଗରେ ଜିଲାର ଗୋଲାମୁଣ୍ଡା ଆଦର୍ଶ ବିଦ୍ୟାଳୟର ଶ୍ରୀତେଶ କୁମାର ମେହେର ଓ ବରିଷ୍ଠ ବିଭାଗରେ ନର୍ଲା ଆଦର୍ଶ ବିଦ୍ୟାଳୟର ଦିଶାନ୍ତ ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ଉଭୟେ ଆସନ୍ତା୧୦ ଓ ୧୧ରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ ପାଇଁ ମନୋନୀତ ହୋଇଛନ୍ତି।କୁଇଜ ପ୍ରତିଯୋଗିତାକୁ କୁଇଜ ମାଷ୍ଟର ଶିକ୍ଷକ ଶୁଭେନ୍ଦୁ ଶେଖର ବେହେରା ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ଷଷ୍ଠି କୁମାର ଝାଙ୍କର ଯୋଗଦେଇ ୨ ବିଜେତାଙ୍କୁ ପୁରସ୍କୃତ କରିଥିଲେ।ପ୍ରତିଯୋଗିତାକୁ ଶିକ୍ଷକ ମଙ୍ଗୁଳି ଚରଣ ପ୍ରଧାନ, ଶୁଭମ ଜ୍ୟୋତି ରାଉତ, ଚିନ୍ମୟୀ ବାଗ ଓ ସୀମାରାଣୀ ମାଝୀ ସହଯୋଗ କରିଥିଲେ।ଗଣନାଥପୁର ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ନେଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନ୍ମଦିନରେ ଶୀତବସ୍ତ୍ର ବାଣ୍ଟିଲେ ପୂର୍ବତନ ବ୍ଲକ ଅଧ୍ୟକ୍ଷ



**ମୁରିବାହାଲ, ୮ା୧୨(ସମିସ):** ମୁରିବାହାଲ ବ୍ଲକ ଟୁଁପାଉଡାର ଗ୍ରାମ ପଞ୍ଚାୟତ ସଦରମହକୁମା ପରଗନିଆ ପଡ଼ାଠାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନଙ୍କ ଜନ୍ମଦିନ ଉପଲକ୍ଷେ ଶୀତ ବସ୍ତ୍ର (କମ୍ବଳ) ବଣ୍ଟନ କରିଥିଲେ। ତାଙ୍କ ଧର୍ମପତ୍ନୀ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଲଳିତାଦେବୀ ଜୈନ ଦିଲୀପ ମହାନନ୍ଦ, ଲିଙ୍ଗରାଜ ମାଝୀ, ଅକ୍ରୁର ଦୀପ, ତପନ ଦୀପ, ନରେନ୍ଦ୍ର ମହାରଣା, ପିଣ୍ଟୁ ଦୀପ, କିଶନ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ଏହିପରି ଜନହିତକର କାର୍ଯ୍ୟପାଇଁ ପରଗଗିଆ ପଡ଼ାବାସୀ ପ୍ରଶଂସା କରିବା ସହିତ ତାଙ୍କର ଦୀର୍ଘାୟୁ ନିରାମୟ ଜୀବନ କାମନା କରିଥିଲେ।

### କାରଖାନା ପ୍ରଦୂଷଣରେ ଅଞ୍ଚଳବାସୀ ଅତିଷ୍ଠ

# ମାନବାଧିକାର କମିଶନରେ ଅଭିଯୋଗ

**ଭବାନୀପାଟଣା, ୮ା୧୨ (ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ତଳଯାରିଙ୍ଗ ଠାରେ ଅବସ୍ଥିତ ଇଣ୍ଡିଆନ ପୋଟାସ ଇଥାନଲ କାରଖାନା ଦ୍ୱାରା ହେଉଥିବା ଜଳ ଏବଂ ବାୟୁ ପ୍ରଦୂଷଣ ଫଳରେ ଅଞ୍ଚଳବାସୀ ଅତିଷ୍ଠ ହୋଇପଡଛନ୍ତି। ଏଥିପ୍ରତି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ସବୁ ସମସ୍ୟା ପ୍ରତି ଆଖିବୁଜି ଦେଇଛି। ଅଞ୍ଚଳବାସୀଙ୍କ ଅଭିଯୋଗକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଅଣଦେଖା କରି ମାସମାସ ଧରି କୌଣସି ପଦକ୍ଷେପ ନେଉନାହାନ୍ତି, ଓଲଟି ପୁରୁଣା ପ୍ରଦୂଷଣ ପରୀକ୍ଷା ରିପୋର୍ଟ ଧରେଇ ଦେଇ ଅଭିଯୋଗକୁ ବନ୍ଦ କରିଦେଉଛନ୍ତି। ଅଞ୍ଚଳବାସୀ ପ୍ରଦୂଷିତ ଖମାର ନାଳର ପାଣି ବ୍ୟବହାର କରି ଏବଂ କାରଖାନା ଧୂଆଁରେ ପ୍ରଦୂଷିତ ବାୟୁ ସେବନ କରି ରୋଗ ରେ ସାଧିଲେ ମଧ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର କୌଣସି ଚିନ୍ତା ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଗତ ସେପ୍ଟେମ୍ବର ମାସରେ କମ୍ପାନୀ ଦ୍ୱାରା ହେଉଥିବା ପ୍ରଦୂଷଣ ବିଷୟରେ ନାନ୍ଦୋଲ ନିବାସୀ ମାନବାଧିକାର କର୍ମୀ ଦିଲ୍ଲୀପ କୁମାର ଦାସ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ନିକଟରେ ଅଭିଯୋଗ ଦାଖଲ କରିଥିଲେ।କିନ୍ତୁ ପରିତାପର ବିଷୟ ଯେ ଦୀର୍ଘ ଦୁଇମାସାଧିକ କାଳ ଅଭିଯୋଗକୁ ଚାପି ରଖିଲା ପରେ ୮ ମାସ ତଳେ ମାର୍ଚ୍ଚ ୨୦୨୫ରେ ସଂଗ୍ରହ ହୋଇଥିବା ନମୁନାର ରିପୋର୍ଟ ପଠେଇ ଦେଇ ଅଭିଯୋଗ ଫାଇଲକୁ ଡୋରି ବାନ୍ଧି ଦେଇଛନ୍ତି। ମାର୍ଚ୍ଚ ୨୦୨୫ର ରିପୋର୍ଟରେ ସବୁ ଠିକଠାକ ଅଛି ବୋଲି ଦର୍ଶାଇ ଫାଇଲ ବନ୍ଦ କରିଦେବା ପ୍ରମାଣିତ କରୁଛି ଯେ, ମାର୍ଚ୍ଚ ମାସ ପରେ ଆଉ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର କୌଣସି ଅଧିକାରୀ କାରଖାନା ପରିଦର୍ଶନ କରିନାହାନ୍ତି। ଏପରିକି ସେପ୍ଟେମ୍ବର ମାସରେ ଅଭିଯୋଗ ପାଇଲାପରେ ମଧ୍ୟ କେହି ଅଧିକାରୀ ପ୍ରଦୂଷଣ ଯାଞ୍ଚ କରିବା ପାଇଁ ଆସିନାହାନ୍ତି। ଏଭଳି ଅବହେଳା ବୋର୍ଡ଼ କର୍ତ୍ତୃପକ୍ଷଙ୍କ ଅପାରଗତା ତଥା କମ୍ପାନୀ ପ୍ରତି ତାଙ୍କର ଆନୁଗତ୍ୟ ଥିବା ସ୍ୱଷ୍ଟ ସୂଚାଇ ଦେଉଛି। ଲୋକଙ୍କ ସମସ୍ୟା ପ୍ରତି ସରକାରୀ କଳ କେତେ ଗୁରୁତ୍ୱ ଦେଉଛନ୍ତି ତାହା ସ୍ୱଷ୍ଟ ପ୍ରମାଣିତ। ଏପରି ଅବହେଳା ଅସହ୍ୟ ହେବାରୁ ଅଭିଯୋଗକାରୀ ଦିଲ୍ଲୀପ କୁମାର ଦାସ ପୁନଶ୍ଚ ଜାତୀୟ ମାନବ ଅଧିକାର କମିଶନ ନିକଟରେ ଅଭିଯୋଗ ଦାଖଲ କରିଛନ୍ତି ଯାହା କମିଶନଙ୍କ ଦ୍ୱାରା ଡାଏରୀ ନମ୍ବର ୨୮୧୪୯ /ଆଇଏନ୍ / ୨୦୨୫ ଭାବରେ ଗୃହୀତ ହୋଇଛି।

# ପ୍ରବାସୀ ଶ୍ରମିକ ଘରେ ପହଞ୍ଚିଲା ପ୍ରଶାସନ

### ଶ୍ରମିକ ପରିବାରକୁ ସବୁ ଯୋଜନା ପହଞ୍ଚାଇ ଦିଆଯିବ



**ନୂଆପଡ଼ା, ୮ା୧୨(ସମିସ):** ନୂଆପଡ଼ା ଜିଲ୍ଲାରୁ ପ୍ରବାସୀ ଶ୍ରମିକ ପରି ଅମାନବିକ ପ୍ରଥାଲୋପ କରିବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି କୁହାଯାଉଛି। ହେଲେ ପ୍ରଶାସନ ଡାଳେ ଡାଳେ ଗଲେ ଦାଦନ ଶ୍ରମିକ ଓ ସର୍ଦ୍ଦାର ପତ୍ରେ ପତ୍ରେ ଯାଉଛନ୍ତି। ପରବର୍ତ୍ତୀ ସମୟରେ ନାନା ଦି ସମସ୍ୟା ଓ ଯନ୍ତ୍ରଣାର ଶିକାର ମଧ୍ୟ ହେଉଛନ୍ତି। ଏହା ଉପରେ ଅଙ୍କୁଶ ଲଗାଇବାକୁ ଯାଇ ଆଜି ପରିବର୍ଦ୍ଧିତ ଜନଶୁଣାଣି ଶିବିର ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ରଜନା ଗାଁ ଗସ୍ତ ସମୟରେ ଆନ୍ଧ୍ର ଫେରନ୍ତା ଜଣେ ପ୍ରବାସୀ ଶ୍ରମିକ ମିଶ୍ର ସଗରିଆଙ୍କ ଘରକୁ ଯାଇଥିଲେ। ପ୍ରବାସୀ ଶ୍ରମିକ ଜଣକ ସମସ୍ତ ଦୁଃଖ କଷ୍ଟ ସହ୍ୟ କରି ମାଟି ମା କୋଳକୁ ପୁଣି ଫେରି ଆସିଛନ୍ତି। ସେ ଆଉଥରେ ଯେମିତି ପୁଣି ଦାଦନ ଶ୍ରମିକ ନ ହୁଅନ୍ତି ତାହାକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ତାଙ୍କ ସହିତ ଏବଂ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କୁ ଏଥିରୁ ନିବୃତ୍ତ ରଖିବା ପାଇଁ ସମସ୍ତ ଲାଇନ ବିଭାଗର ବିଭିନ୍ନ ଯୋଜନାରୁ ଆବଶ୍ୟକ ସହାୟତା ଯୋଗାଇବା ସୁନିଶ୍ଚିତ କରିଥିଲେ। ଉପସ୍ଥିତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ସେମାନେ ଏମିତି ସମସ୍ତ ପରିବାରଙ୍କୁ ଚିହ୍ନଟ କରି ସେମାନଙ୍କ ବିଭାଗୀୟ ଉପଲବ୍ଧ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ କରିଛନ୍ତି।

# ଧାମନଡ଼ଙ୍ଗ ଗାଁରେ ସକ୍ରିୟ ମାଟି ମାଫିଆ



**କଣ୍ଟାବାଞ୍ଜି, ୮ା୧୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ତହସିଲ ଅଧୀନ ଧାମନଡ଼ଙ୍ଗ ଗାଁରେ ସକ୍ରିୟ ହେଲେଣି ମାଟି ମାଫିଆ। ଜେସିବି ଲଗାଇ ହଜାର ହଜାର ଟ୍ରିପ୍ ମାଟି ଚୋରାଚାଲାଣ କରୁଛନ୍ତି। ବଲାଙ୍ଗିର ଜିଲ୍ଲା ଖଣି ବିଭାଗର ମଧ୍ୟ ନଜର ନାହିଁ। ଏନେଇ କଣ୍ଟାବାଞ୍ଜି ତହସିଲଦାର ବିଶ୍ୱନାଥ ଖାଲଖୋଙ୍କୁ ଯୋଗାଯୋଗ କରାଯାଇଥିଲେ ବି ପ୍ରତିକ୍ରିୟା ମିଳିପାରିନାହିଁ।

# 'ନିଶା ମୁକ୍ତ ଭାରତ ଅଭିଯାନ' ସଚେତନତା ଶୋଭାଯାତ୍ରା

**ରାଉରକେଲା, ୮ା୧୨(ସମିସ):** ରାଉରକେଲା ବ୍ରହ୍ମାକୁମାରୀ ପକ୍ଷରୁ 'ନିଶା ମୁକ୍ତ ଭାରତ ଅଭିଯାନ' ଅନ୍ତର୍ଗତ ଏକ ସଚେତନତା ଶୋଭାଯାତ୍ରା ଆଜି ରାଉରକେଲାରେ ଆୟୋଜିତ ହୋଇଥିଲା। ଏହି ବିଶାଳ ରାଲି ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟେଡିୟମରୁ ବାହାରି ସହର ପରିକ୍ରମା କରିଥିଲା। ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ପତାକା ଦେଖାଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ, ଡିଏଫଓ ଯଶୋବନ୍ତ ସେଠୀ, ଅବକାରୀ ଅଧିକ୍ଷକ ଜସକେତନ ବରିହା, ଆରଏସ୍‌ପି ଖଣି ନିର୍ବାହୀ ନିର୍ଦ୍ଦେଶକ ବିପିନ ବିହାରୀ ଗିରି, ମାଉଣ୍ଟ ଆବୁ, ରାଜସ୍ଥାନର ରାଜଯୋଗୀ ବିକେ ବନାରସୀ ଲାଲ ଶାହ ଓ ରାଉରକେଲା ଜୋନ ପରିଚାଳିକା ରାଜଯୋଗିନୀ ବି.କେ. ବିମଳା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରା ସହରର ପ୍ରମୁଖ ପଥମାର୍ଗ ଦେଇ ବସନ୍ତୀ କଲୋନୀ ସ୍ଥିତ ବ୍ରହ୍ମାକୁମାରୀ କେନ୍ଦ୍ରରେ ସମାପ୍ତ ହୋଇଥିଲା। ଏହି ରାଲିରେ ମୋଟ ୧୬୦୬ ଜଣ ଛାତ୍ରଛାତ୍ରୀ, ଯୁବକଯୁବତୀ, ସାମାଜିକ କର୍ମୀ, ସୁରକ୍ଷା ବାହିନୀ ଓ ବିଭିନ୍ନ ସଂସ୍ଥାର ପ୍ରତିନିଧି ଭାଗ ନେଇଥିଲେ। ନଶା ମୁକ୍ତି ଓ ମୋବାଇଲ୍ ନିର୍ଭରତା ସଚେତନତା' ବିଷୟରେ ଆୟୋଜିତ ନିବନ୍ଧ ପ୍ରତିଯୋଗିତାରେ ୬୦ଟି ବିଦ୍ୟାଳୟର ୧୮୦ ଜଣ ବିଜେତା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ମୋମେଣ୍ଟୋ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

# ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଜିଲ୍ଲା ସମ୍ମିଳନୀ

**ରାଉରକେଲା, ୮ା୧୨(ସମିସ):** ସ୍ଥାନୀୟ ନୀଳମାଧବ ବିଦ୍ୟାମନ୍ଦିର ପରିସରରେ ସୁନ୍ଦରଗଡ଼ ଜିଲ୍ଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ତଥା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଓଷ୍ଟାର ଜିଲ୍ଲା ଉପସଭାପତି ମୀନକେତନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମିଳିତ ମଞ୍ଚର ଆବାହକ ତଥା ଜିଲ୍ଲା ଓଷ୍ଟାର ସମ୍ପାଦକ ସନ୍ତୋଷ କୁମାର ନାୟକ ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅନୁଦାନରୁ ବଞ୍ଚିତ ୧୯୪ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କୁ ପୁରୁଣା ବ୍ୟବସ୍ଥା ଅନୁସାରେ ପେନସନ ପ୍ରଦାନ ଓ ଅବସର ବୟସ ୬୨ ବର୍ଷ ପ୍ରଭୃତି ଦାବି ବାବଦରେ ଆଲୋଚନା ହୋଇଥିଲା। ଏହି ଦାବି ହାସଲ ପାଇଁ ଆସନ୍ତା ୧୦ ତାରିଖରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ହେଉଥିବା ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିତ୍ୟାନନ୍ଦ ବେହେରା, ପୂର୍ବତନ ସଦସ୍ୟ ରମାକାନ୍ତ ମଲ୍ଲିକ, ରାଉରକେଲା ସିଟି ଜୋନ୍‌ର ସଭାପତି ଶିଶିର ପାଣି, ସମ୍ପାଦକ ପ୍ରଫୁଲ୍ଲ ସ୍ୱାଇଁ, ବିଶ୍ରା ବ୍ଲକ ସମ୍ପାଦକ ହୃଷୀକେଶ ନାୟକ, ଲାଠିକଟା ସମ୍ପାଦକ ଅମୂଲ୍ୟ ସାମଲ, ଲୋକନାଥ ପ୍ରଧାନ, ଅଭିମନ୍ୟୁ ବାରିକ୍, ସୁଦର୍ଶନ ଦାସ ପ୍ରଭୃତି ନିଜର ବକ୍ତବ୍ୟ ରଖିଥିଲେ। ମିଳିତ ମଞ୍ଚର ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ ଶିଶିର କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

### 'ଓଶ୍ରୁ'ର ବାର୍ଷିକ ସମ୍ମିଳନୀ

# ବାପୁନି ସାହୁ ସମ୍ପାଦକ, ବିକାଶ ପାତ୍ର ସଭାପତି




**ବଲାଙ୍ଗିର, ୮ା୧୨(ସମିସ):** ଓଶ୍ରୁ ବଲାଙ୍ଗିର ଜିଲ୍ଲା ଶାଖାର ବାର୍ଷିକ ସମ୍ମିଳନୀ ରବିବାର ସ୍ଥାନିୟ ଟାଉନ୍ ବାଳିକା ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ପରେ ବାର୍ଷିକ ଆୟବ୍ୟୟର ହିସାବ ଉପସ୍ଥାପନା କରାଯାଇ ଗୃହୀତ କରାଯାଇଥିଲା। ସମ୍ମିଳନୀକୁ ଜିଲ୍ଲା ସଭାପତି ବିକାଶ ପତ୍ର, ଜିଲ୍ଲା ସମ୍ପାଦକ ବାପୁନୀ ସାହୁ ଏବଂ ରାଜ୍ୟ ଉପସଭାପତି ଅନିରୁଦ୍ଧ ମହାପାତ୍ର ପରିଚାଳନା କରିଥିଲେ। ଜିଲ୍ଲା ସମ୍ପାଦକ ବାପୁନି ସାହୁ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଜିଲ୍ଲା କୋଷାଧ୍ୟକ୍ଷ ସତ୍ୟ ନାରାୟଣ ରଥ ଆୟବ୍ୟୟର ହିସାବ ରଖିଥିଲେ। ମୁଖ୍ୟଅତିଥି ଭାବରେ ଓଶ୍ରୁର ଯୁଗ୍ମ ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ବ୍ରହ୍ମା ଓ ରାଜ୍ୟ ସମ୍ପାଦକୀୟ ମଣ୍ଡଳୀ ସଦସ୍ୟ ସାଥୀ ପ୍ରତ୍ୟୁଷ ମିଶ୍ର ସମ୍ମିଳନୀରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଶ୍ରମିକ ମାରଣ ନୀତି ଉପରେ ଆଲୋକପାତ କରି ବକ୍ତବ୍ୟ ରଖିଥିଲେ। ସମ୍ମିଳନୀରେ ଆଗାମୀ ବର୍ଷ ପାଇଁ ନୂତନ ଜିଲ୍ଲା କମିଟି ଗଠନ କରାଯାଇଛି। ସଭାପତି ଭବେ ସାଥୀ ବିକାଶ ପାତ୍ର, ଉପସଭାପତି ଭାବେ ଆକାଶ ମିଶ୍ର, ଜିଲ୍ଲା ସମ୍ପାଦକ ସାଥୀ ବାପୁନି ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ସାଥୀ ସତ୍ୟନାରାୟଣ ରଥ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସାତୀ ସତାବନ ସାହୁ, ଭରତ ଶତପଥୀ, ସୁଶାନ୍ତ ମିଶ୍ର, ସୁନୀଲ କୁମାର ପଣ୍ଡା, ଗିରିଶ ମିଶ୍ର, ଅମର ପଲେଇ, ଏମ୍.ଏ. ଖାନ, ଘନଶ୍ୟାମ ସାହୁ, ପ୍ରକାଶ ସାହୁ, ସୁଶାନ୍ତ କୁମାର ଭୋଇ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ।

# ଭାବେ ବନ୍ଧା ମୁନୁସ୍ ଜୀବନ୍ ତହଁକ ତହଁକ୍ କୁଟୁମର ଭେଟ୍



**ବଲାଙ୍ଗିର, ୮ା୧୨(ସମିସ):** ଭାବରେ ମଣିଷ ବନ୍ଧା ଭାବ ହିଁ ମଣିଷ କୁ ନିବିଡ଼ ସମ୍ପର୍କ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସ୍ଥାନୀୟ ପଥରଚେପା ପଞ୍ଚବଟୀ ଉଦ୍ୟାନରେ ତହଁକ ସାହିତ୍ୟ କୁଟୁମର ଭାବର ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟିକ ଓ ସାମ୍ବାଦିକଙ୍କ ମଧ୍ୟରେ ଭାବ ବିନିମୟ ହୋଇଥାଏ। କୋସଲି ଭାଷାର ସାମ୍ବିଧାନିକ ମାନ୍ୟତରେ ଅବହେଳା କେଉଁଠି ଏବଂ ଏହା ଉପରେ ସାମ୍ବାଦିକ ଓ ସାହିତ୍ୟକ ମାନଙ୍କ ଭୂମିକା କେତେ ଆବଶ୍ୟକ ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ କବି ଓ ସାମ୍ବାଦିକ। ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ମନୋରଞ୍ଜନ ଯୋଷୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମୁକେଶ ବହିଦାର, ବିଭୂକଲ୍ୟାଣ ଗଡ଼ତ୍ୟା, ଅଭିଲାଶ ହୋତା, ସାନୁଜ ମିଶ୍ର ଯୋଗଦେଇ ତହଁକର ଭାସା ଆନ୍ଦୋଳନ ଆଗାମୀ ଦିନରେ ନିଶ୍ଚୟ ଏକ ଉଲଗୁଲାନ ସୃଷ୍ଟି କରିବ ବୋଲି ମତ ରଖିଥିଲେ। କବି ନିରଞ୍ଜନ ପଣ୍ଡା, ନିରୁପମା ମିଶ୍ର, ଗୋପାଳ ମେହେର, ମଞ୍ଚାସୀନ ଥିବାବେଳେ କବି ଶ୍ରୀୟାକାନ୍ତ ଦାସ ସଭା ସଂଯୋଜନା କରିଥିଲେ। ସମ୍ପାଦକ ରାଜେଶ ଦଣ୍ଡସେନା ତହଁକ ପ୍ରତି ସାମ୍ବାଦିକ ମାନଙ୍କର ସହଯୋଗ ହିଁ ଅନୁଷ୍ଠାନ ଏବଂ ଭାଷା କୁ ଆଗକୁ ନେବାରେ ଉତ୍ସାହିତ କରୁଛି ବୋଲି କହିଥିଲେ, ମୁଖ୍ୟ ସମ୍ପାଦକ ଅର୍ଜୁନ କୁମାର ସାହୁ ତହଁକ କୋସଲି ଭାସାର ସୁରକ୍ଷାରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଁ ଆଗାମୀଦିନରେ ଲୋକଙ୍କ ଭିତରେ ସଚେତନ କରିବାକୁ ପ୍ରଚେଷ୍ଟା କରାଯିବ ବୋଲି ମତ ରଖିଥିଲେ। ଏହି ଅବସରରେ ମନ୍ଥନ ଖବରକାଗଜ ଜିଲ୍ଲା ପ୍ରତିନିଧି ମହେନ୍ଦ୍ର ପଧାନ ଏବଂ ଅବାହୁଡାଶର ସମ୍ପାଦକ ନିରଞ୍ଜନ ତ୍ରିପାଠୀକୁ ସମ୍ମାନିତ କରାଯାଇଥିଲା। କବି ମିଳନ ପଣ୍ଡା, ଭରତ ମେହେର, ଦିଲ୍ଲିପ ମିଶ୍ର, ସୁଦେଷ୍ଣା ମିଶ୍ର, ପ୍ରଭାସିନି ଭୋଇ, ରବୀନ୍ଦ୍ର କୁମାର ସାହୁ, ସୁଶାନ୍ତ ବାଗ ସହଯୋଗ କରିଥିବାବେଳେ କବି ଗୋପିନାଥ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବିପିୟୁଟିରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ଗ୍ରାଣ୍ଡ ଫିନାଲେ ଉଦ୍‌ଘାଟିତ

**ରାଉରକେଲା, ୮ା୧୨(ସମିସ)**

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟରେ ଆଜି ୩୬ ଘଣ୍ଟିଆ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ୨୦୨୫ର ଗ୍ରାଣ୍ଡ ଫିନାଲେ ଉଦ୍‌ଘାଟିତ ହୋଇଯାଇଛି। ଭାରତର ୧୦ଟି ରାଜ୍ୟ ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ, ଉତ୍ତର ପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ, ହରିୟାଣା, ଝାଡ଼ଖଣ୍ଡ, ତେଲେଙ୍ଗାନା ଏବଂ ପଞ୍ଜାବରୁ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଏବଂ ସେମାନଙ୍କର ପରାମର୍ଶଦାତାଙ୍କୁ ନେଇ ଗଠିତ ୨୫ଟି ଦଳ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଏହି ଦଳଗୁଡ଼ିକ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏବଂ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଚିହ୍ନଟ କରାଯାଇଥିବା ପାଞ୍ଚଟି ବାସ୍ତବ-ବିଶ୍ୱ ସମସ୍ୟାର ସମାଧାନ ବିକାଶ ଉପରେ କାର୍ଯ୍ୟ କରିବେ। ଏହି ସମସ୍ୟା ଭିତରେ ଡିଜିଟାଲ୍ ଶାସନ, ଶିକ୍ଷା, କୃଷି ଏବଂ ସାଇବର ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଅନ୍ତର୍ଭୁକ୍ତ। ବିଶ୍ୱବିଦ୍ୟାଳୟର ପାଠାଗାର ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ସମ୍ମାନିତ ଅତିଥି ଭାବେ ଇନୋଭେସନ୍ ସେଲ୍‌ଫ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ନିର୍ଦ୍ଦେଶକ ଯୋଗେଶ ଡି. ବ୍ରହ୍ମାକର ଏବଂ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ସେମାନେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନଙ୍କୁ ପରିବର୍ତ୍ତନର ସୂତ୍ରଧର ଭାବେ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରିବାକୁ ସାମୂହିକ ଭାବରେ ଉତ୍ସାହିତ କରିଥିଲେ। ବିପିୟୁଟିର କୁଳପତି ପ୍ରଫେସର ରଥ ନବସୃଜନ ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଶ୍ରୀ ବ୍ରହ୍ମାକର ଏହି କାର୍ଯ୍ୟକ୍ରମ ବିଶ୍ୱର ସର୍ବବୃହତ ନବସୃଜନ ପ୍ଲାଟଫର୍ମରେ ପରିଣତ ହୋଇଛି ବୋଲି ପ୍ରକାଶ କରିଥିଲେ। ଡ. ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ସୃଜନଶୀଳ ଭାବରେ ଚିନ୍ତା କରିବାକୁ ଏବଂ ସାମାଜିକ ଚ୍ୟାଲେଞ୍ଜର ସମାଧାନ ବିକଶିତ କରିବାକୁ କହିଥିଲେ। ମୁଖ୍ୟଅତିଥି ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ କାର୍ଯ୍ୟକ୍ରମ ପାଇଁ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିବା ସହ ଶୁଭକାମନା ଜଣାଇଥିଲେ। ଶେଷରେ ବିପିୟୁଟି କୁଳସଚିବ ନିଶି ପୁନମ୍ ମିଞ୍ଜ୍ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଏହି କାର୍ଯ୍ୟକ୍ରମର ଏକ କେନ୍ଦ୍ରୀୟ ଉଦ୍‌ଘାଟନ ଅଭାଷୀ ମାଧ୍ୟମରେ କରାଯାଇଥିଲା। ବିପିୟୁଟି ସମେତ ଯାହା ସାରା ଭାରତର ସମସ୍ତ ୬୦ଟି ନୋଡାଲ୍ କେନ୍ଦ୍ର ଏହା ସହିତ ସଂଯୋଗ ହୋଇଥିଲେ। କେନ୍ଦ୍ରୀୟ ସମାରୋହରେ ଏଆଇସିଟିଇର ଅଧ୍ୟକ୍ଷ ପ୍ରଫେସର ଟି.ଜି. ସୀତାରାମ ଏବଂ ଉପାଧ୍ୟକ୍ଷ ଡ. ଅଭୟ ଜେରେ ସମେତ ଶିକ୍ଷା ମନ୍ତ୍ରଣାଳୟ, ଏଆଇସିଟିଇ ଏବଂ ଶିଳ୍ପ ଅଂଶୀଦାରଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।





## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ଆୟ ଓ ବ୍ୟୟ ସମାନ ରହିବ। ଦାନ ଧର୍ମରେ ଦିନ ବିତିବ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପଡୋଶୀଙ୍କ ସହ ସମ୍ପର୍କ ନିବିଡ଼ ହେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେଇପାରେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିପାରେ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୬୨୫-ହଲାଣ୍ଡ ଓ ଇଂଲଣ୍ଡ ସେନା ସନ୍ଧିରେ ହସ୍ତାକ୍ଷର କଲେ।
- ୧୮୯୮-ବେଲୁର ମଠର ସ୍ଥାପନା।
- ୧୯୪୬- ସମ୍ବିଧାନ ସଭାର ପ୍ରଥମ ବୈଠକ ଅନୁଷ୍ଠିତ।
- ୧୯୯୨- ବ୍ରିଟେନ ଯୁବରାଜ ଚାର୍ଲସ୍ ଓ ଯୁବରାଣୀ ଡାଏନା ଅଲଗା ହେବା କଥା ଘୋଷଣା କଲେ।
- ୨୦୧୧- କଲିକତାର ଏକ ହସ୍‌ପିଟାଲରେ ନିଆଁ ଲାଗିଯିବାରୁ ୯୦ ଜଣ ମୃତ।



# 'ସ୍ପିରିଟ୍' ପ୍ରଭାସ ନେଇଛନ୍ତି ୧୬୦ କୋଟି

ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ଫିଲ୍ମ 'ସ୍ପିରିଟ୍'କୁ ନେଇ ଲଗାତାର ନୂଆ ନୂଆ ଖବର ଆସୁଛି। ଏହି ଫିଲ୍ମ ପାଇଁ ସାଉଥ୍ ସୁପରଷ୍ଟାର୍ ପ୍ରଭାସ ୧୬୦ କୋଟି ନେଇଥିବା ଜଣାପଡ଼ିଛି। ତେବେ 'ସ୍ପିରିଟ୍' ପାଇଁ ପ୍ରଭାସ ତାଙ୍କ କ୍ୟାରିୟରରେ ସବୁଠୁ ଅଧିକ ପାରିଶ୍ରମିକ ନେଇଛନ୍ତି। 'ବାହୁବଳି' ଓ 'ବାହୁବଳି ୨'ଫିଲ୍ମ ପରେ ପ୍ରଭାସ ଗ୍ଲୋବାଲ ଆଇକନ୍ ହୋଇଯାଇଛନ୍ତି। ଆମେରିକା, ଜାପାନ ଓ ବିଶ୍ୱର ଅନ୍ୟ ସ୍ଥାନଗୁଡ଼ିକରେ ତାଙ୍କର ଲକ୍ଷ ଲକ୍ଷ ପ୍ରଶଂସକ ଅଛନ୍ତି। ପ୍ରଭାସ 'ସ୍ପିରିଟ୍' ପାଇଁ ୧୬୦ କୋଟି ନେବା ପରେ ସେ କେବଳ ଟଲିଉଡ୍‌ରେ ନୁହେଁ ଭାରତୀୟ ସିନେମା ଜଗତରେ ସବୁଠୁ ପାରିଶ୍ରମିକ ନେଉଥିବା ହିରୋ ହୋଇଯାଇଛନ୍ତି। 'ବାହୁବଳି' ଫିଲ୍ମ ପରେ ପ୍ରଭାସ ଲଗାତାର ତାଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି। 'ଆଦିପୁରୁଷ', 'ସାଲାର', 'କଲ୍‌କୀ', 'ଦ ରାଜା ସାବ୍' ଫିଲ୍ମ ପାଇଁ ପ୍ରଭାସ ୧୦୦ରୁ ୧୫୦ କୋଟି ନେଇଛନ୍ତି। 'ସ୍ପିରିଟ୍'ରେ ପ୍ରଭାସଙ୍କ ବିପକ୍ଷରେ ତ୍ରିପ୍ତି ଡିମ୍ରି ଦେଖାଯିବେ। ସେହିଭଳି ପ୍ରକାଶରାଜ ଓ ବିବେକ ଓବରୟଙ୍କର ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ରହିଛି। ଫିଲ୍ମର ବଜେଟ୍ ୩୦୦ କୋଟି ରହିଥିବାବେଳେ ତ୍ରିପ୍ତିଙ୍କୁ ପାରିଶ୍ରମିକ ବାବଦରେ ୪ କୋଟି ମିଳିଛି।

# ପ୍ଲାଷ୍ଟିକ୍ ବର୍ଜ୍ୟକୁ କମ୍ କରିବ ଷ୍ଟିଲ୍ ପ୍ଲେଟ୍ ବ୍ୟାଙ୍କ

ବିବାହ, ବ୍ରତ କି ପାର୍ଟି ଫଙ୍କସନକୁ ପ୍ଲାଷ୍ଟିକ୍ ମୁକ୍ତ କରିବାକୁ କର୍ଣ୍ଣାଟକ, ମୈସୁରରେ ଏକ ପ୍ଲେଟ୍ ବ୍ୟାଙ୍କ ରହିଛି। ଅନନ୍ତା ପ୍ଲେଟ୍ ବ୍ୟାଙ୍କ ନାଁରେ ପରିଚିତ ଏହି ବ୍ୟାଙ୍କକୁ ଅଦମ୍ୟ ଚେତନା ଫାଉଣ୍ଡେସନ୍‌ର ମୁଖ୍ୟ ତେଜସ୍ୱିନୀ ଅନନ୍ତ କୁମାର ଆରମ୍ଭ କରିଛନ୍ତି। ଏଠାରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଦୁଇ ହଜାର ପ୍ଲେଟ୍, ଗିନା, ଗ୍ଲାସ୍, ଚାମଚ ସହ ହଜାରରୁ ଊର୍ଦ୍ଧ୍ୱ ଚା' ଏବଂ କଫି ମଗ୍ ଉପଲବ୍ଧ ରହିଛି। ବିବାହ, ଜନ୍ମଦିନ, ବନ୍ଧୁମିଳନ କାର୍ଯ୍ୟକ୍ରମରେ ଲୋକଙ୍କୁ ଏହି ବ୍ୟାଙ୍କ ମାଗଣାରେ ଏହି ଜିନିଷଗୁଡ଼ିକ ବ୍ୟବହାର କରିବାକୁ ଦେଇଥାଏ। କାମ ସରିବା ପରେ ଲୋକେ ଏହାକୁ ସଫା କରି ବ୍ୟାଙ୍କକୁ ଫେରାଇ ଦିଅନ୍ତି। ଏହି ପ୍ଲେଟ୍ ବ୍ୟାଙ୍କ ସ୍ଥାପନାରେ ଜିଏସ୍‌ଏସ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଶ୍ରୀହରୀ ଦ୍ୱାରକାନାଥଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେ କୁହନ୍ତି, ପ୍ଲାଷ୍ଟିକ୍ ବ୍ୟବହାର ଉପରେ ରୋକ୍ ଲଗାଇବା କଷ୍ଟ ନୁହେଁ। ତାଙ୍କ କଥାକୁ ଲୋକେ ମଧ୍ୟ ସମ୍ମତି ଜଣାଉଛନ୍ତି। ଏଥିପାଇଁ ଚଳିତ ବର୍ଷ ଶେଷ ସୁଦ୍ଧା ଦ୍ୱାରକା ନାଥ ୧୦,୦୦୦ ବାସନକୁସନ ଏକତ୍ରିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ବାସନକୁସନଗୁଡ଼ିକର ଦେଖାଶୁଣା ପାଇଁ ଜଣେ କର୍ମଚାରୀ ରହିଛନ୍ତି। ତେଜସ୍ୱିନୀ କୁହନ୍ତି, ଦେଶରେ ମୋଟ୍ ୩୨ଟି ପ୍ଲେଟ୍ ବ୍ୟାଙ୍କ ଥିବାବେଳେ ତନ୍ମଧ୍ୟରୁ କର୍ଣ୍ଣାଟକରେ କେବଳ ୨୭ଟି ରହିଛି। ସେ ଆହୁରି ମଧ୍ୟ କହିଛନ୍ତି, ୧୯୯୭-୯୮ ମସିହାରେ ତାଙ୍କ ସ୍ୱାମୀ ଜଣେ ପୂର୍ବତନ କେନ୍ଦ୍ର ମନ୍ତ୍ରୀଙ୍କ ସହ ଆମେରିକା ଯାଇଥିଲେ। ସେଠାରେ ସେ ୱେଷ୍ଟ ସେଗ୍ରିଗେସନ ଆଟ୍ ସୋର୍ସର ମଡେଲ ଦେଖିଥିଲେ। ସେଠାରୁ ଭାରତକୁ ଫେରି ସେ ଅଦ୍ୟମ ଚେତନା ଜରିଆରେ ବେଙ୍ଗାଲୁରୁରେ ୱେଷ୍ଟ ସେଗ୍ରିଗେସନ ଅଭିଯାନ ଆରମ୍ଭ କରିଥିଲେ। ୨୦୦୪-୦୫ରେ ବେଙ୍ଗାଲୁରୁର ସେବା ଉତ୍ସବରେ ପ୍ରଥମ ଥର ପାଇଁ ୧,୦୦୦ ଷ୍ଟିଲ୍ ପ୍ଲେଟ୍ ବଣ୍ଟା ଯାଇଥିଲା। ଏହି ମଡେଲ ପ୍ଲାଷ୍ଟିକ୍ ଜିନିଷ ବ୍ୟବହାରରୁ ରୋକିବ ବୋଲି ସେତେବେଳେ ସେ ଅନୁଭବ କରିଥିଲେ। ବର୍ତ୍ତମାନ ତାଙ୍କ ପାଖେ ପାଖାପାଖି ୩୦ ପ୍ରକାର ଷ୍ଟିଲ ବାସନକୁସନ, ଚାମଚଠୁ ନେଇ ଆଇସକ୍ରିମ କପ୍ ରହିଛି। ବର୍ତ୍ତମାନ ଏହା ଏକ ଜାତୀୟ ନେଟ୍‌ୱର୍କରେ ପରିଣତ ହୋଇଛି। ସବୁଠୁ ବଡ଼ କଥା ହେଉଛି, ଅଦ୍ୟମ ଚେତନା ଆମେରିକାରେ ମଧ୍ୟ ଦୁଇଟି ପ୍ଲେଟ୍ ବ୍ୟାଙ୍କ ୟୁନିଟ୍‌ର ଆରମ୍ଭ କରିଛି।



## ଆଜି ଆସିଥିଲେ

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର



କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଥିଲେ ଜଣେ ବହୁ ପ୍ରତିଭାଧାରୀ ବ୍ୟକ୍ତିତ୍ୱ। ସେ ଏକାଧାରରେ ଥିଲେ ଜଣେ କବି, ସଙ୍ଗୀତକାର, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ପ୍ରାବନ୍ଧିକ ଓ ଶିଶୁ ସାହିତ୍ୟିକ। ଓଡ଼ିଶାର ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ତାଙ୍କ ଲେଖନୀରୁ ନିସୃତ। କାନ୍ତକବିଙ୍କ କବିତାରେ ପ୍ରଣତି, ପ୍ରତ୍ୟୟ ଓ ସମର୍ପଣର ବାଣୀ ସ୍ପଷ୍ଟ ଥାଏ। ରମ୍ୟ ରଚନା, ଉପନ୍ୟାସ, କ୍ଷୁଦ୍ରଗଳ୍ପ ଆଦି ସବୁ ବିଭାଗରେ ସେ ଲେଖନୀ ଚାଳନା କରିଥିଲେ। 'ବୁଢ଼ା ଶଙ୍ଖାରି' ଗଳ୍ପ ହେଉ କିମ୍ବା 'ଜୀବନ ସଙ୍ଗୀତ' କବିତା, ଉଭୟ ଗଦ୍ୟ ଓ ପଦ୍ୟ ପାଇଁ ସେ ପାଠକଙ୍କ ନିକଟରେ ଆଦୃତ ହୋଇଥିଲେ। ଲକ୍ଷ୍ମୀକାନ୍ତ ମହାପାତ୍ର ୧୮୮୮ ମସିହା ଆଜିର ଦିନରେ କଟକ ଜିଲ୍ଲାର ବାଖରାବାଦର ଧୂଆଁପଡ଼ିଆଗଳିରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପୈତୃକ ଗ୍ରାମ ହେଉଛି ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅନ୍ତର୍ଗତ ତାଳପଦା। ସେ ମାଣବସା ଗୁରୁବାର ତିଥିରେ ଜନ୍ମ ନେଇଥିବାରୁ ମାତା ଲକ୍ଷ୍ମୀଙ୍କ ନାମ ଅନୁସାରେ ତାଙ୍କ ନାମ ଲକ୍ଷ୍ମୀକାନ୍ତ ବୋଲି ରଖାଯାଇଥିଲା। ତାଙ୍କ ପିତାଙ୍କ ନାମ ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର ଓ ମାତାଙ୍କ ନାମ ରାଧାମଣୀ। ଲକ୍ଷ୍ମୀକାନ୍ତ ହାଇସ୍କୁଲରେ ପଢ଼ିବା ସମୟରେ ପାଠ ଛାଡ଼ି ଇଂରେଜମାନଙ୍କ ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରି ଅନେକ ରଚନା ସୃଷ୍ଟି କରିଥିଲେ। ଉତ୍କଳ ସମ୍ମିଳନୀରେ ସେ ସଂଶ୍ଳିଷ୍ଟ ହୋଇ ପରବର୍ତ୍ତୀ କାଳରେ ସାମାଜିକ ଏକତା ଓ ସ୍ୱରାଜ୍ୟ ପାଇଁ ବହୁ ଜାତୀୟତାପୂର୍ଣ୍ଣ ସଙ୍ଗୀତ ଓ ପ୍ରବନ୍ଧ ଆଦି ଲେଖିଥିଲେ। ୧୯୧୩ରେ ସେ ରେଭେନ୍ସା କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ପ୍ରଥମେ ତାଙ୍କ ଲେଖାମାନ 'ମୁକୁର' ଓ 'ଉତ୍କଳ ସାହିତ୍ୟ' ଭଳି ପତ୍ରିକାରେ ପ୍ରକାଶ ପାଇଥିଲା। ବ୍ୟାସକବି ଫକୀରମୋହନଙ୍କ ପ୍ରେରଣା ଓ ଆଶୀର୍ବାଦ ତାଙ୍କୁ ଗଭୀର ଭାବେ ଅନୁପ୍ରାଣିତ କରିଥିଲା। ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚନାରେ ଦେଶ ଓ ଜାତିପ୍ରେମର ଅଦମ୍ୟ ଝଲକ ଦେଖିବାକୁ ମିଳିଥାଏ। ଓଡ଼ିଆ ଜାତି ମଧ୍ୟରେ ନିକୃଷ୍ଟତାକୁ ଦୂର କରି ଦୃଢ଼ ଆତ୍ମବିଶ୍ୱାସ ଜଗାଇବା ଲକ୍ଷ୍ମୀକାନ୍ତଙ୍କ କବିତାଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସେ ମାସିକ ସାହିତ୍ୟ ପତ୍ରିକା 'ଡଗର'ର ପ୍ରତିଷ୍ଠାତା ଥିଲେ। 'ଡଗର'ରେ 'ମୁଁ କାହିଁକି ଲେଖେ' ଶୀର୍ଷକ ସ୍ତମ୍ଭରେ ଓଡ଼ିଶାର ବହୁ ପ୍ରତିଷ୍ଠିତ ଲେଖକଙ୍କୁ ସେ ଲୋକଲୋଚନକୁ ଆଣିଥିଲେ। କାନ୍ତକବିଙ୍କ ରଚିତ 'ଜୀବନ ସଙ୍ଗୀତ' ଓଡ଼ିଶା ସାହିତ୍ୟ ଜଗତରେ ଏକ ଦୁର୍ଲଭ ସଙ୍ଗୀତ ଗ୍ରନ୍ଥ। କବି ନିଜ ରଚିତ ସଙ୍ଗୀତର ସ୍ୱର ନିଜେ ଦେବା ସହ ଏହାର ଇଂରାଜୀ ଅନୁବାଦ 'ସଙ୍ଗ ଅଫ୍ ଦ ସୋଲ' ନିଜେ କରିଛନ୍ତି। 'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନ ଉଡ଼ାଇବ ହେ', 'ମୋ ସକଳ ଗର୍ବ ଚୂର୍ଣ୍ଣ କରିଛ', 'ଦେ ମୋତେ ବାୟା କରି', 'କୋଟି କୋଟି କଣ୍ଠେ ଆଜି', 'ଉଡ଼ାଇ ନିଶାଣ ବଜାଇ ଭେରି', 'ବନ୍ଦେ ଉତ୍କଳ ଜନନୀ' ଭଳି ଅନେକ କାଳଜୟୀ ସଙ୍ଗୀତର ସେ ସ୍ରଷ୍ଟା। ୧୯୩୩ରେ ଭଦ୍ରକ ଉଚ୍ଚ ବିଦ୍ୟାଳୟରେ ତାଙ୍କ ସମ୍ମାନାର୍ଥେ ଆୟୋଜିତ ସଭାରେ ସର୍ବସମ୍ମତିକ୍ରମେ ତାଙ୍କୁ 'କାନ୍ତକବି' ଉପାଧି ଦିଆଯାଇଥିଲା। ଦୀର୍ଘଦିନ ରୋଗରେ ପୀଡ଼ିତ ହୋଇ ଶେଷରେ ୧୯୫୩ ମସିହା ଫେବ୍ରୁଆରୀ ୨୪ ରେ ଆଖି ବୁଜିଥିଲେ ଓଡିଆ ଜଗତର ଏହି କାଳଜୟୀ ସ୍ରଷ୍ଟା।




# ସୁବର୍ଣ୍ଣା

## ଲାଉରେ ପଟାସ୍ ପ୍ରୟୋଗ

**ଲାଉରେ ପଟାସିୟମ, ଭିଟାମିନ୍, ଖଣିଜ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଭରପୂର ରହିଥାଏ। ବଜାରରେ ଲାଉର ଚାହିଦା ସବୁବେଳେ ରୁହେ। ତେବେ ଲାଉ ଚାଷରେ ଅଧିକ ଫଳ ଆସିବାକୁ ପଟାସ ବ୍ୟବହାର କରିପାରିବେ।**

ପଟାସ ଗଛ ପାଇଁ ଏକ ଆବଶ୍ୟକୀୟ ପୋଷକତତ୍ତ୍ୱ। ମୁଖ୍ୟ ରୂପେ ଏହା ଫୁଲ ଓ ଫଳର ବିକାଶରେ ସାହାଯ୍ୟ କରିଥାଏ। ଏହା ଗଛମୂଳକୁ ଶକ୍ତ ବନାଇବା ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ତେଣୁ କୃଷି ବିଶେଷଜ୍ଞଙ୍କ ମତରେ ଲାଉ ଗଛ ମୂଳେ ଉଚିତ ପରିମାଣର ପଟାସ ପ୍ରୟୋଗ କରିପାରିବେ। ତେଣୁ ଗଛ ୩ରୁ୪ ଫୁଟ ଲମ୍ବା ହେଲେ, ପ୍ରଥମେ ଫୁଲ ଫୁଟିଥାଏ, ସେହି ସମୟରେ ପଟାସ ପ୍ରୟୋଗ କରନ୍ତୁ। ଏଥିପାଇଁ ଏକ ଚାମଚ ପଟାସକୁ ଏକ ଲିଟର ପାଣିରେ ଘୋଳ ବନାଇ ଗଛମୂଳରେ ପ୍ରୟୋଗ କରିପାରିବେ। ପ୍ରତି ୧୫ଦିନ ଅନ୍ତରରେ ଏହାକୁ ପ୍ରୟୋଗ କରିବା ଆବଶ୍ୟକ। ସେହିପରି ଗଛମୂଳରେ ଅଧିକ ମାତ୍ରାର ପଟାସ ବ୍ୟବହାର କରିବା ଅନୁଚିତ। ମାସରେ ଥରେ ଗୋବରଖତ କିମ୍ବା ଜିଆଖତ ପ୍ରୟୋଗ କରି ପାରିବେ। ଗଛରେ ଥିବା ପୁରୁଣା ପତ୍ରକୁ ବାହାର କରିଦିଆଯାଏ। ଏହି ଉପାୟ ଆପଣାଇଲେ ଗଛରେ ଲାଉ ଅଧିକ ଫଳିଥାଏ। ଚାଷୀଭାଇମାନଙ୍କ ଆୟ ବୃଦ୍ଧି ହୋଇଥାଏ।





# ଗହମ ବିହନ ବୁଣାଯନ୍ତ୍ର

ବର୍ତ୍ତମାନ କୃଷିକ୍ଷେତ୍ରରେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରାଯାଉଛି। ନୂଆ ନୂଆ କୃଷି ଉପକରଣ ଚାଷୀଙ୍କ ଶ୍ରମ ଚିନ୍ତା ଦୂର କରୁଛି। କମ୍ ସମୟରେ ଏକାଧିକ ଜମିର ଚାଷ କାର୍ଯ୍ୟକୁ ସହଜ କରୁଛି। ଏମିତି ଏକ ଆଧୁନିକ କୃଷି ଉପକରଣ ହେଉଛି ଏୟାର ସିଡର। ଏହି କୃଷି ଯନ୍ତ୍ରଟି ଚାଷୀଙ୍କ ସମୟ ବଞ୍ଚାଇବା ସହ ଫସଲ ବୁଣା ପ୍ରକ୍ରିୟାକୁ ସହଜ କରୁଛି। ଏହି ଯନ୍ତ୍ରର କାମ ହେଉଛି, ଏହା ବିହନ ଏବଂ ଉର୍ବରକକୁ ମାଟିରେ ସମାନ ରୂପେ ପକାଇଥାଏ। ଏହି ମେସିନ୍‌ରେ ବାୟୁଚାପ ଜରିଆରେ ଜମିରେ ବିହନ ବୁଣାଯାଏ। ଫଳରେ ବିହନ ମାଟିରେ ସଠିକ୍ ଗଭୀର ଏବଂ ଦୂରତ୍ୱରେ ପଡ଼ିଥାଏ। ଏହାଦ୍ୱାରା ଅଙ୍କୁରଣ ଭଲ ହୋଇଥାଏ। ସାଧାରଣତଃ ପାରମ୍ପରିକ ଭାବେ ବିହନ ବୁଣା କାମରେ ଅଧିକ ସମୟ ଲାଗିଥାଏ। ହେଲେ ଏୟାର ସିଡର ମାତ୍ର କିଛି ସମୟ ମଧ୍ୟରେ ବଡ଼ ବଡ଼ ଚାଷ ଜମିରେ ବିହନ ବୁଣିଥାଏ। ଫଳରେ ଏହା ଏକାସାଙ୍ଗେ ବିହନ ଏବଂ ଉର୍ବରକକୁ ଏକାସାଙ୍ଗେ ଜମିରେ ପହଞ୍ଚାଇ ଦେଇଥାଏ। ଏହାଦ୍ୱାରା ଫସଲକୁ ଆରମ୍ଭରୁ ପୋଷଣ ମିଳିପାରେ ଏବଂ ଉତ୍ପାଦନ ବୃଦ୍ଧି ହୋଇଥାଏ। ଏହି ବିହନ ବୁଣାଯନ୍ତ୍ର ଦ୍ୱାରା କେବଳ ସମୟ ବଞ୍ଚିପାରିବ ତାହା ନୁହେଁ, ବିହନ ନଷ୍ଟ ହୁଏ ନାହିଁ। ଆମ ଦେଶରେ ବିଭିନ୍ନ ପ୍ରକାରର ଏୟାର ସିଡର ଉପଲବ୍ଧ ରହିଛି। ଏହା ମୁଖ୍ୟରୂପେ ଆକାର, କ୍ଷମତା, କୌଶଳ ଆଧାରରେ ବାଣ୍ଟି ଦିଆଯାଇଛି। ମିନି ଏୟାର ସିଡର, ଟ୍ରାକ୍ଟର ମାଉଣ୍ଟେଡ୍ ଏୟାର ସିଡର, ଉନ୍ନତ ତଥା ଉଚ୍ଚ କ୍ଷମତା ସମ୍ପନ୍ନ ଏୟାର ସିଡର ଆଦି ଉପଲବ୍ଧ ରହିଛି। ଏହି କୃଷି ଯନ୍ତ୍ର ମାଧ୍ୟମରେ ଗୋଟିଏ ଥରରେ ଏକର ଏକର ଜମିରେ ବିହନ ଏବଂ ଖତ ଓ ଉର୍ବରକ ପ୍ରୟୋଗ କରାଯାଇପାରେ। ଏହି କୃଷି ଯନ୍ତ୍ରର ମୂଲ୍ୟ ଏହାର କ୍ଷମତା, କୌଶଳ ଏବଂ ବ୍ରାଣ୍ଡ ଉପରେ ନିର୍ଭର କରେ। ତେଣୁ ଆଗାମୀ ଦିନରେ ଏୟାର ସିଡର ଉପକରଣ ଚାଷୀ ତଥା ଚାଷୀକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ।

# ଆଳୁ ଚୋପାରୁ ପ୍ରାକୃତିକ ଖତ

**ଆଳୁ ଚୋପାରେ ଅନେକ ପୋଷକତତ୍ତ୍ୱ ରହିଥାଏ। ତେଣୁ ଏହାକୁ ନ ଫିଙ୍ଗି ଗଛ ପାଇଁ ପ୍ରାକୃତିକ ଖତ ରୂପେ ବ୍ୟବହାର କରିପାରିବେ। ଏହା ମାଟିର ଗୁଣବତ୍ତା ସହ ଗଛ ବୃଦ୍ଧି କରାଇବାରେ ସାହାଯ୍ୟ କରେ।**

ଜିଆଖତ ଏବଂ ଚା' ପତ୍ର ସହ ଆଳୁ ଚୋପାକୁ ମିଶାଇ ତରଳ କିମ୍ବା ଶୁଖିଲା ଖତ ଭାବେ ଫସଲରେ ପ୍ରୟୋଗ କରିହେବ। ଫୁଲ ଏବଂ ଫଳ ବୃଦ୍ଧି କରିବାରେ ଆଳୁ ଚୋପା ସାହାଯ୍ୟ କରେ। ଏଥିପାଇଁ ପ୍ରଥମେ ୧୦୦ ଗ୍ରାମ୍ ଆଳୁ ଚୋପାକୁ ଅଧଲିଟର ପାଣିରେ ପକାଯାଏ। ଅନ୍ୟ ପାତ୍ରରେ ୧୦୦ ଗ୍ରାମ୍ ଜିଆଖତ ଏବଂ ଆଉ ଏକ ପାତ୍ରଟିରେ ୧୦ ଗ୍ରାମ୍ ବ୍ୟବହୃତ ଚା' ପତି ପକାଯାଇଥାଏ। ଉଭୟ ପାତ୍ରରେ ଅଧ ଲିଟର ପାଣି ପକାଇ ତିନିଟି ପାତ୍ରକୁ ୨ ଦିନ ଢ଼ାଙ୍କି ଦିଆଯାଏ। ପରେ ତିନିଟି ଘୋଳକୁ ଏକ ବଡ଼ କଣ୍ଟେନରରେ ଛାଣି ଦିଆଯାଏ। ଏକ ଲିଟର ତରଳ ଖତକୁ ୪ରୁ ୫ ଲିଟର ପାଣିରେ ମିଶାଇ ୧୦ରୁ ୧୫ ଦିନ ଅନ୍ତରରେ ଫସଲରେ ପ୍ରୟୋଗ କଲେ ଫୁଲ ଫଳ ଅଧିକ ଆସେ।

ଆଳୁ ଚୋପାକୁ ୩ଦିନ ଖରାରେ ଶୁଖାଇ ଏହାକୁ ଜିଆଖତ ଏବଂ ବ୍ୟବହୃତ ଚା'ପତି ସହ ମିଶାଇ ମଧ୍ୟ ବ୍ୟବହାର କରିପାରିବେ। ଗଛ ମୂଳେ ହାଲୁକା କୋଡ଼ାଖୋସା କରି ଏହାକୁ ପ୍ରୟୋଗ କରିବା ଭଲ।



## ଚୁଟିକି ପରାମର୍ଶ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- କମ୍ ତାପମାତ୍ରା ଯୋଗୁଁ ରବି ଫସଲରେ ଶୋଷକ କୀଟ, ପତ୍ର ପୋଡ଼ା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି। ତେଣୁ ନିୟମିତ ଫସଲରେ ପୋକ ଏବଂ ରୋଗର ସର୍ବେକ୍ଷଣ କରନ୍ତୁ।
- ବର୍ତ୍ତମାନ ତାପମାତ୍ରା କମ୍ ରହୁଥିବାରୁ, ପନିପରିବା ମଞ୍ଜି ଶୀଘ୍ର ଗଜା ହେବା ପାଇଁ ତଳିଘରାରେ ପଲିଥିନ୍ ଦ୍ୱାରା ଆଚ୍ଛାଦିକରଣ ବ୍ୟବସ୍ଥା କରନ୍ତୁ। ସକାଳ ଓ ସନ୍ଧ୍ୟା ସମୟରେ ଶୀତଦିନିଆ ପନିପରିବାରେ ଜଳସିଞ୍ଚନ କରନ୍ତୁ। ରବି ପନିପରିବାରେ ଘାସ ବାଛି କୋଡ଼ାଖୋସା କରନ୍ତୁ।
- ଆଳୁ ଫସଲରେ କୋଡ଼ାଖୋସା କରି ଘାସ ବାଛି ଦିଅନ୍ତୁ। ହୁଡ଼ା ଚଉଡ଼ା ଓ ମଜବୁତ ରଖନ୍ତୁ।
- ଶୀତଋତୁରେ ମାଛଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖା ଯାଇଥାଏ। ଏହି ରୋଗମାନଙ୍କର ନିରାକରଣ ପାଇଁ ଏକ ଏକର ପୋଖରୀ ପ୍ରତି ସିଫାକ୍ସ @ ୪୦୦ ମିଲି ୪୦ ଲିଟର ପାଣିରେ ମିଶାଇ ବିଶୋଧନ କରନ୍ତୁ। ପ୍ରତିଦିନ ମାଛମାନଙ୍କୁ ତେଲ ପିଡ଼ିଆ ଖାଇବାକୁ ଦିଅନ୍ତୁ।

# ହ୍ୟାଙ୍ଗିଂ କୁଣ୍ଡ କିଣୁଥିଲେ

**ଆଜିକାଲି ଘରକୁ ନୂଆ ଲୁକ୍ ଦେବାକୁ ଅଧିକାଂଶ ଓହଳା କୁଣ୍ଡରେ ଗଛ ଲଗାଉଛନ୍ତି। ଏହା ବାଲକୋନିର ସୌନ୍ଦର୍ଯ୍ୟ ବଢ଼ାଇବା ସହ ଘରକୁ ଆଧୁନିକ ସ୍ପର୍ଶ ଦେଇଥାଏ। ତେଣୁ ହ୍ୟାଙ୍ଗିଂ କୁଣ୍ଡ କିଣୁଥିଲେ ଧ୍ୟାନ ଦିଅନ୍ତୁ।**



**ମେକ୍ରମ ହ୍ୟାଙ୍ଗିଂ କୁଣ୍ଡ:** କୁଣ୍ଡରେ ତୁଳା, ରଶି କିମ୍ବା ଝୋଟକୁ ବାନ୍ଧି ଏହି କୁଣ୍ଡ ତିଆରି କରାଯାଏ। ଏଥିରେ ସ୍ପାଇଡର ପ୍ଲାଣ୍ଟ, ମନି ପ୍ଲାଣ୍ଟ ଆଦି ଗଛ ଲଗାଯାଏ। ସ୍ଥାନର ଅଭାବ ଥିଲେ ଏହି କୁଣ୍ଡ ବ୍ୟବହାର ସବୁଠୁ ଭଲ।

**ମେଟାଲ୍ ହ୍ୟାଙ୍ଗିଂ କୁଣ୍ଡ:** ଧାତୁରୁ ନିର୍ମିତ କୁଣ୍ଡ ମଜବୁତ ଓ ସ୍ଥାୟୀ। ଏହା ବିଭିନ୍ନ ଡିଜାଇନ୍ ଏବଂ ଆକାରରେ ଉପଲବ୍ଧ। ଏହି କୁଣ୍ଡ ଅଧିକ ଦିନ ବ୍ୟବହାର କରିହୁଏ। ଭାଙ୍ଗିବାର ଆଶଙ୍କା ନ ଥାଏ। ପାଣି ନିଷ୍କାସନ ଏବଂ ବାୟୁ ଚଳାଚଳ ପାଇଁ କୁଣ୍ଡଟି ସର୍ବୋତ୍ତମ। ଏଥିରେ ଫୁଲ କିମ୍ବା ଇନ୍‌ଡୋର ପ୍ଲାଣ୍ଟ ଲଗାଇପାରିବେ।

**କାଚ କୁଣ୍ଡ:** ବାଲକୋନିକୁ ମଡର୍ଣ୍ଣ ଲୁକ୍ ଦିଏ କାଚ କୁଣ୍ଡ। ସର୍ବଦା ଏହାର ମାନ ଦେଖି କିଣିବା ଦରକାର। ଅଳଙ୍କାରିକ ପଥର, ଲାଇଟ୍ ଦେଇ କୁଣ୍ଡକୁ ଆକର୍ଷଣୀୟ କରିପାରିବେ। ଏହି କୁଣ୍ଡରେ ଲକି ବାମ୍ବୋ, ତୁଳସୀ, ପୁଦିନା, ଧଣିଆ ଆଦି ଲଗାଯାଇଥାଏ।

**ଟେରାକୋଟା କୁଣ୍ଡ:** ଟେରାକୋଟା ଓହଳା କୁଣ୍ଡ ହାଲୁକା ହୋଇଥାଏ। ସମସ୍ତ ପାଣିପାଗ ପାଇଁ ଏହି କୁଣ୍ଡ ଭଲ। ଏହି କୁଣ୍ଡରେ ଫୁଲ, ପନିପରିବା, ମନିପ୍ଲାଣ୍ଟ ଆଦି ଲଗାଇପାରିବେ।

**ବାମ୍ବୋ ହ୍ୟାଙ୍ଗିଂ ପ୍ଲାଣ୍ଟର:** ବାଲ୍‌କୋନିକୁ ପ୍ରାକୃତିକ ଲୁକ୍ ଦେବାକୁ ବାଉଁଶ ତିଆରି କୁଣ୍ଡ ବ୍ୟବହାର କରିପାରିବେ। ଏହି କୁଣ୍ଡକୁ କାନ୍ଥ କିମ୍ବା ଛାତରେ ଓହଳାଇ ପାରିବେ। ଏହା ପରିବେଶ ଅନୁକୂଳ।

### ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜ୍ ଆଜିଠୁ

# ବାରବାଟୀ ପ୍ରସ୍ତୁତ; ଆଜି ମହାମୁକାବିଲା





କଟକ, ୮।୧୨ (ତୁଷାର ସେନାପତି)

କାଉଣ୍ଟ ଡାଉନ ଶେଷ ହୋଇଛି। ପ୍ରତୀକ୍ଷାର ମଧ ଅନ୍ତ ଘଟିଛି। ରାତି ପାହିଲେ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ପ୍ରଥମ ମୁକାବିଲା ଖେଳାଯିବ। ସିରିଜର ଏହି ପ୍ରଥମ ମ୍ୟାଚ୍ ଲାଗି ଉଭୟ ଦଳ ପ୍ରସ୍ତୁତି ଶେଷ କରିଛନ୍ତି। ବାରବାଟୀ ମଧ ପ୍ରସ୍ତୁତ ରହିଛି। ପ୍ରଥମ ମ୍ୟାଚରେ ବିଜୟୀ ହୋଇ ଅଗ୍ରଣୀ ହାସଲ କରିବା ଉଭୟ ଦଳର ଲକ୍ଷ୍ୟ। ସେହିଭଳି ବର୍ଷକରେ ଦ୍ୱିତୀୟ ଅନ୍ତର୍ଜାତୀୟ ମ୍ୟାଚ୍ ବାରବାଟୀରେ ଆୟୋଜିତ ହେବାକୁ ଯାଉଥିବାରୁ ଏହାକୁ ନେଇ ଓଡ଼ିଶାର କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳିଛି।

## ଝାଳ ବୁହାଇଲେ ଗିଲ୍; ବିଶ୍ରାମ ନେଲେ କୁଲଦୀପ

ଟେଷ୍ଟ ସିରିଜକୁ ହାରିବା ପରେ ଭାରତୀୟ ଦଳ ଦିନିକିଆରେ ୨-୧ରେ ବିଜୟୀ ହୋଇ ପ୍ରତିଶୋଧ ନେଇଥିଲା। ଏହି ବିଜୟ ଟି-୨୦ ସିରିଜ ପୂର୍ବରୁ ଖେଳାଳିଙ୍କ ମନୋବଳ ମଧ ଦୃଢ଼ ରହିଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଘରୋଇ ଦଳ ସୋମବାର ବାରବାଟୀରେ ବେଶ୍ କିଛି ଘଣ୍ଟା ନେଟ୍ସରେ ଝାଳ ବୁହାଇଥିଲେ। ଅପରାହ୍ଣ ପାଖାପାଖି ୨ଟାରୁ ଆରମ୍ଭ କରି ସାଢ଼େ ୪ଟା ପର୍ଯ୍ୟନ୍ତ ଟିମ୍ ଇଣ୍ଡିଆର ଖେଳାଳିମାନେ ଫିଲ୍ଡିଂ, ବୋଲିଂ ଓ ନେଟ୍ସରେ ବ୍ୟାଟିଂ କରିଥିଲେ। ବାଉଣ୍ଡାରୀ ଲାଇନରେ ଥିବା ଦୁଇଟି ନେଟ୍ସରେ ପ୍ରଥମେ ଶୁବମନ ଗିଲ, ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ତିଲକ ବର୍ମା ଓ ସଞ୍ଜୁ ସାମସନ ବ୍ୟାଟିଂ ଅଭ୍ୟାସ କରିଥିଲେ। ବିଶେଷ କରି ଆହତ ସମସ୍ୟାରୁ ମୁକୁଳି ଥିବା ଗିଲ୍ ନେଟ୍ସରେ ବହୁତ ସମୟ ପର୍ଯ୍ୟନ୍ତ ନେଟ୍ସରେ ଦ୍ରୁତ ବୋଲରଙ୍କୁ ଖେଳିଥିଲେ। ଫଳରେ ଆସନ୍ତାକାଲି ଗିଲ୍‌ଙ୍କ ଖେଳିବା ସମ୍ଭାବନା ଉଜ୍ଜଳ ହୋଇଛି। ଅପରପକ୍ଷରେ ସ୍ପିନର କୁଲଦୀପ୍ ଯାଦବ ନେଟ୍ସରେ ବୋଲିଂ ନ କରି ବିଶ୍ରାମ କରୁଥିବାର ଦେଖିବାକୁ ମିଳିଥିଲା। ଅନ୍ୟତମ ସ୍ପିନର ବରୁଣ ଚକ୍ରବର୍ତ୍ତୀ କିନ୍ତୁ ଆରମ୍ଭରୁ ସୂର୍ଯ୍ୟକୁମାର ଓ ତିଲକଙ୍କୁ ବୋଲିଂ କରିଥିଲେ। ତେଣୁ ପ୍ରଥମ ଟି-୨୦ର ଚୂଡ଼ାନ୍ତ ଏକାଦଶରେ ରିଷ୍ଟସ୍ପିନର କୁଲଦୀପ୍‌ଙ୍କ ଖେଳିବା ଆଶା କ୍ଷୀଣ ହୋଇଛି। ସେହିଭଳି ଯଶପ୍ରୀତ୍ ବୁମ୍‌ରାଙ୍କ ସହ ଶିବମ ଦୁବେ ନେଟ୍ସରେ ବେଶ କିଛି ସମୟ ବୋଲିଂ ଅଭ୍ୟାସ କରିଥିଲେ। ତେଣୁ ବୁମରାଙ୍କ ସହ ପାଣ୍ଡ୍ୟା ନୂଆ ବଲରେ ବୋଲିଂ ଆରମ୍ଭ କରିବା ସ୍ପଷ୍ଟ ହୋଇଛି। ଦୁବେ ତୃତୀୟ ଦ୍ରୁତ ବୋଲର ଭୂମିକା ତୁଲାଇବେ। ସେହିଭଳି ବରୁଣଙ୍କ ସହ ଅକ୍ଷର ପଟେଲ ସ୍ପିନ ବିଭାଗ ସମ୍ଭାଳିବେ। ତେବେ ୱିକେଟ୍‌କିପର ଭାବେ କିଏ ଖେଳିବେ ତାହାକୁ ନେଇ ଦ୍ୱନ୍ଦ୍ୱ ରହିଛି। ଅଷ୍ଟ୍ରେଲିଆରେ ସଞ୍ଜୁ ସାମସନଙ୍କୁ ପଛରେ ପକାଇ ଜିତେଶ ଶର୍ମାଙ୍କୁ ଦଳ ଚୂଡାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ଉଭୟ ସୋମବାର ନେଟ୍ସରେ ବ୍ୟାଟିଂ କରୁଥିବାର ଦେଖିବାକୁ ମିଳିଥିଲା। ମୁଖ୍ୟ ପିଚର ସାଇଡ୍‌ରେ ରହିଥିବା ନେଟ୍ସରେ ଅଭ୍ୟାସ କରିଥିବା ଜିତେଶ ବଡ଼ ବଡ଼ ସଟ୍ ମାରି ଦର୍ଶକଙ୍କ ମନମୋହିଥିଲେ।

## 'ପ୍ରତ୍ୟେକ ପୋଜିସନରେ ବ୍ୟାଟିଂ କରିପାରିବେ ସଞ୍ଜୁ'

ସେହିଭଳି ସଞ୍ଜୁ ସାମସନଙ୍କୁ ନେଇ ସୂର୍ଯ୍ୟକୁମାର କହିଛନ୍ତି, 'ସେ ଯେତେବେଳେ ଆସିଥିଲେ ଉପର ଅର୍ଡର ବ୍ୟାଟିଂ କରିଥିଲେ। ମୁଁ ଭାବୁଛି ଓପନର୍‌ଙ୍କ ବ୍ୟତୀତ ଅନ୍ୟ ସମସ୍ତେ ସବୁ ପୋଜିସନରେ ବ୍ୟାଟିଂ କରିପାରିବାର ଦକ୍ଷତା ରଖୁଥିବା ଦରକାର। ଶୁବମନ ତାଙ୍କ ପୂର୍ବରୁ ଶ୍ରୀଲଙ୍କା ସିରିଜ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ତେଣୁ ଗିଲ୍ ସେହି ପୋଜିସନ (ଓପନିଂ) ପାଇଁ ଯୋଗ୍ୟ। ସଞ୍ଜୁଙ୍କୁ ଆମେ ମଧ ସୁଯୋଗ ଦେଇଥିଲୁ। ସେ ପ୍ରତ୍ୟେକ ପୋଜିସନରେ ଖେଳିବାକୁ ଯୋଗ୍ୟ। ଏପରି ଜଣେ ଖେଳାଳି ଦଳରେ ରହିବା ଭଲ' ବୋଲି ଅଧିନାୟକ ଯାଦବ କହିଛନ୍ତି। ଫଳରେ ଆସନ୍ତାକାଲି ଗିଲ୍ ଇନିଂସ ଓପନ୍ କରିବା ଏକପ୍ରକାର ନିଶ୍ଚିତ ହୋଇଛି।

## କଟକର ପ୍ରଶଂସକ ବେଶ ଉତ୍ସାହୀ; ମୁଁ ବି ବାମହାତରେ ଟସ୍ ପକାଇବି

ସେହିଭଳି କଟକରେ ପ୍ରଥମଥର ନାଲିମାଟିରେ ପିଚ୍ ପ୍ରସ୍ତୁତ ହୋଇଥିବା ନେଇ ସୂର୍ଯ୍ୟ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ସେ କହିଛନ୍ତି ପୂର୍ବରୁ ଏଠାରେ ଆମେ 'କଳା ମାଟି'ର ପିଚରେ ଖେଳିଛୁ। ବର୍ତ୍ତମାନ ସୁଦ୍ଧା ମୁଁ ଗ୍ରାଉଣ୍ଡକୁ ଯାଇନି। ପିଚ୍ ଯଦି ନାଲି ମାଟି ହୋଇଥିବ ତେବେ ଆହୁରି ଭଲ। ନାଲି ମାଟିରେ ପିଚ୍ ଫାଷ୍ଟ ରହିଥାଏ। ସେହିଭଳି ବାରବାଟୀରେ ପ୍ରଥମଥର ଖେଳିବାକୁ ଯାଉଥିବା ସୂର୍ଯ୍ୟ କହିଛନ୍ତି, 'ଏଠାରେ ମୁଁ ପୂର୍ବରୁ ଆଇପିଏଲ୍ ଓ ଘରୋଇ କ୍ରିକେଟ୍ ମ୍ୟାଚ୍ ଖେଳିଛି। ଏଠାକାର ପ୍ରଶଂସକ ବେଶ ଉତ୍ସାହୀ। ଲୋକେଶ ରାହୁଲ ତୃତୀୟ ଦିନିକିଆରେ ବାମହାତରେ ଟସ୍ ପକାଇ ଯେଉଁଭଳି ବିଜୟୀ ହୋଇଥିଲେ ମୁଁ ମଧ କାଲି ବାରବାଟୀରେ ବାମହାତରେ ଟସ୍ ପକାଇବି' ବୋଲି ମଜାରେ ସାମ୍ବାଦିକଙ୍କୁ କହିଥିଲେ ସୂର୍ଯ୍ୟକୁମାର।

**ଖେଳ ଆରମ୍ଭ : ରାତି ୭ଟା**

**ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

## ଟସ୍ ନେବ ଗୁରୁତ୍ୱପୂର୍ଣ୍ଣ ଭୂମିକା

ଆସନ୍ତାକାଲି ବାରବାଟୀରେ ଖେଳାଯିବାକୁ ଥିବା ପ୍ରଥମ ଟି-୨୦ ମ୍ୟାଚରେ ଟସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ। ଯେତେହୁ ବର୍ତ୍ତମାନ ଓଡ଼ିଶାରେ ଶୀତର ଲହରି ଜାରି ରହିଛି ତେଣୁ ମ୍ୟାଚରେ କାକର ବୋଲରଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ରାତି ୮ଟାରୁ କାକରର ପରିମାଣ ବଢ଼ିବ। 'ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟା ୩୦ରୁ ବାରବାଟୀରେ କାକର ପଡ଼ିବାର ସମ୍ଭାବନା ରହିଛି। ରାଜ୍ୟରେ ବର୍ତ୍ତମାନ ଥଣ୍ଡା ପାଗ ସାଙ୍ଗକୁ କାକର ପାଇଁ ପାଗ ଅନୁକୂଳ ରହିଛି। ରାଜ୍ୟକୁ ଏବେ ବଙ୍ଗୋପସାଗର ପଟୁ କିଛିକାଂଶରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଆସୁଥିବାରୁ ଏହା କାକର ପାଇଁ ଅନୁକୂଳ ପାଗ ସୃଷ୍ଟି କରିଛି। ମ୍ୟାଚ୍ ଦିନ ସମାନସ୍ଥିତି ଜାରି ରହିବ' ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଯଦି କାକରର ପରିମାଣ ୮ଟା ପରେ ବଢ଼ିବ ତେବେ ଏଥିରେ ଦ୍ୱିତୀୟ ଇନିଂସରେ ଫିଲ୍ଡିଂ କରୁଥିବା ଦଳ ସମସ୍ୟାର ସମ୍ମୁଖୀନ ହେବ। କାକର ଯୋଗୁ ବଲ୍ ଓଦା ହୋଇ ହାତରୁ ଖସିବ। ଫଳରେ ବଲ୍‌କୁ ଗ୍ରୀପ୍ କରିବାରେ ସ୍ପିନରଙ୍କୁ ଅସୁବିଧା ହେବ। ଏ ସବୁ କାରଣରୁ ଟସ୍ ଜିତିଲେ ପ୍ରଥମେ ଫିଲ୍ଡିଂ କରିବାକୁ ଉଭୟ ଦଳ ପସନ୍ଦ କରିବେ। ସେହିଭଳି ସୋମବାର ସାମ୍ବାଦିକ ସମ୍ମିଳନୀରେ ଅଧିନାୟକ ସୂର୍ଯ୍ୟକୁମାର କାକରକୁ ନେଇ କହିଛନ୍ତି ଯେ ଏହା ଆମ ହାତରେ ନାହିଁ। କାକର ପାଇଁ ଆମେ ସେତେଟା ବ୍ୟସ୍ତ ନାହୁଁ। ଆଇପିଏଲ୍ ସମେତ ଏକାଧିକ ଦିବା-ରାତ୍ର ମ୍ୟାଚରେ କାକରରେ କେଉଁଭଳି ଖେଳାଯିବ ଆମେ ସେଥିରେ ଅଭ୍ୟସ୍ତ ହୋଇଗଲୁଣି।

## ଦଳ ସହ ଅଭ୍ୟାସକୁ ଆସିଲେନି ପାଣ୍ଡ୍ୟା

ତାରକା ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ସୋମବାର ଦଳ ସହ ପ୍ରାକ୍ଟିସ କରିବାକୁ ବାରବାଟୀ ଷ୍ଟାଡିୟମକୁ ଆସି ନ ଥିଲେ। ଶନିବାରଠୁ ଭୁବନେଶ୍ୱରରେ ପହଞ୍ଚିଥିବା ପାଣ୍ଡ୍ୟା ପ୍ରଥମ ଖେଳାଳି ଭାବେ ରବିବାର ଏକାକୀ ସନ୍ଧ୍ୟାରେ ବାରବାଟୀରେ ବେଶ୍ କିଛି ସମୟ ଅଭ୍ୟାସ କରିଥିଲେ। କିନ୍ତୁ ସୋମବାର ସେ ଟିମ୍ ସହ ଅଭ୍ୟାସକୁ ନ ଆସି ବିଶ୍ରାମ ନେବାକୁ ଉଚିତ ମଣିଥିଲେ। ଫଳରେ ବାରବାଟୀରେ ଉପସ୍ଥିତ ହଜାର ହଜାର କ୍ରିକେଟ୍ ପ୍ରେମୀ ଆଜି ପାଣ୍ଡ୍ୟାଙ୍କ ଝଲକ ପାଇବାରୁ ବଞ୍ଚିତ ହୋଇଥିଲେ।

## ସମ୍ଭାବ୍ୟ ଖେଳାଳି

**ଭାରତ**: ଅଭିଷେକ ଶର୍ମା, ଶୁବମନ ଗିଲ୍, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା (ୱିକେଟ ରକ୍ଷକ), ଯଶପ୍ରୀତ୍ ବୁମ୍‌ରା, ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବ।
**ବେଞ୍ଚ୍**: ସଞ୍ଜୁ ସାମସନ, ଅର୍ଶଦୀପ ସିଂହ, ୱାଶିଂଟନ ସୁନ୍ଦର, ହର୍ଷିତ ରାଣା।
**ଦକ୍ଷିଣ ଆଫ୍ରିକା**: ଆଇଡେନ୍ ମାରକ୍ରମ (ଅଧିନାୟକ), କ୍ୱିଣ୍ଟନ ଡି କକ୍, ଟୋନି ଡି ଜୋର୍ଜି/ ରୀଜା ହେଣ୍ଡ୍ରିକ୍ସ, ଡିୱାଲ୍ଡ ବ୍ରେଭିସ୍, ଟ୍ରିଷ୍ଟାନ ଷ୍ଟବ୍ସ, ଡେଭିଡ ମିଲର, ମାର୍କୋ ଜାନସେନ, କର୍ବିନ ବୋଷ୍ଟ, କେଶବ ମହାରାଜ, ଲୁନ୍‌ଗି ଏନ୍‌ଗିଡି, ଆନରିଚ୍ ନୋର୍ଜେ। **ବେଞ୍ଚ**: ଡୋନୋଭାନ ଫେରେରା, ଜର୍ଜ ଲିଣ୍ଡେ, ଓଟ୍‌ନେଲ ବାର୍ଟମ୍ୟାନ୍, କ୍ୱେନା ମାଫକା।



## ଗିଲ୍, ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନ ଦଳରେ ସନ୍ତୁଳନ ଆଣିଛି: ସୂର୍ଯ୍ୟ

'ହାର୍ଦ୍ଦିକ ପାଣ୍ଡ୍ୟା ଓ ଶୁବମନ ଗିଲ୍ ଉଭୟ ସୁସ୍ଥ ଫିଟ୍ ଦେଖାଯାଉଛନ୍ତି। ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନ ଫଳରେ ଦଳରେ ସନ୍ତୁଳନ ଆଣିଛି। ଗତ ଏସିଆ କପ୍‌ରେ ପାଣ୍ଡ୍ୟା ଯେତେବେଳେ ନୂଆ ବଲରେ ବୋଲିଂ କରିଥିଲେ ସେତେବେଳେ ଆମର ଚୂଡ଼ାନ୍ତ ଏକାଦଶ ଲାଗି ଅନେକ ବିକଳ୍ପ ଓ କମ୍ବିନେଶନ ଖୋଲା ହୋଇଯାଇଥିଲା। ପାଣ୍ଡ୍ୟାଙ୍କ ସାମିଲ ହେବା ଫଳରେ ଦଳକୁ ଏହି ସମସ୍ତ ଲାଭ ମିଳିଥାଏ। ତାଙ୍କର ଅଭିଜ୍ଞତା, ସମସ୍ତ ବଡ଼ ବଡ଼ ମ୍ୟାଚ୍ ଏବଂ ଆଇସିସି ଓ ଏସିସି ଟୁର୍ଣ୍ଣାମେଣ୍ଟରେ ସେ ଯେଉଁଭଳି ପ୍ରଦର୍ଶନ କରିଛନ୍ତି ମୁଁ ଭାବୁଛି ସେହି ଅଭିଜ୍ଞତା ଦଳ ପାଇଁ ବହୁତ ଉପଯୋଗୀ ହେବ। ପାଣ୍ଡ୍ୟାଙ୍କ ଉପସ୍ଥିତି ନିଶ୍ଚିତ ଭାବରେ ଦଳରେ ଏକ ଭଲ ସନ୍ତୁଳନ ରକ୍ଷା କରିବ' ବୋଲି ସୋମବାର ଅଭ୍ୟାସ ସେସନ ପୂର୍ବରୁ ଅଧିନାୟକ ସୂର୍ଯ୍ୟକୁମାର ସାମ୍ବାଦିକ ସମ୍ମିଳନୀ ଏହା କହିଛନ୍ତି।



## ଅଭିଷେକଙ୍କୁ ଅଟକାଇବା ପାଇଁ ସ୍ୱତନ୍ତ୍ର ପ୍ଲାନ କରିଛୁ: ମାରକ୍ରମ

ଟି-୨୦ ଫର୍ମାଟ୍ ସମ୍ପୂର୍ଣ୍ଣ ଅଲଗା। ଏଥିରେ ଅନ୍ୟ ଫର୍ମାଟ୍ ତୁଳନାରେ ଭିନ୍ନ ଧରଣର ଲଢ଼େଇ ହୋଇଥାଏ। ଆମେ ରେକର୍ଡ ଉପରେ ବିଶ୍ୱାସ କରୁନୁ। କିନ୍ତୁ ଆସନ୍ତାକାଲି ଆମେ ଆମର ଶ୍ରେଷ୍ଠତ୍ୱ ଦେବୁ ଏବଂ ଖେଳର ମଜା ଉଠାଇବୁ' ବୋଲି ସୋମବାର ଅଭ୍ୟାସ ପୂର୍ବରୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ଆଇଡେନ ମାରକ୍ରମ କହିଛନ୍ତି। ସେହିଭଳି ବିସ୍ଫୋରକ ଭାରତୀୟ ଓପନର୍ ଅଭିଷେକ ଶର୍ମାଙ୍କୁ ମାରକ୍ରମ ବେଶ୍ ପ୍ରଶଂସା କରିଛନ୍ତି। 'ଦିନିକିଆ ସିରିଜ୍‌ରେ ଫର୍ମରେ ଥିବା ଦୁଇ ଭାରତୀୟ ଖେଳାଳି ବିରାଟ କୋହଲି ଓ ରୋହିତ୍ ଶର୍ମାଙ୍କ ବିନା ଭାରତ ଟି-୨୦ ସିରିଜ ଖେଳୁଥିବାରୁ ଉଭୟଙ୍କ ଅନୁପସ୍ଥିତି ନିଶ୍ଚୟ ଅନୁଭୂତ ହେବ। ତେବେ ଅଭିଷେକ ଜଣେ ଦୁର୍ଦ୍ଦଷ ଖେଳାଳି। ଆମେ ତାଙ୍କୁ ଅଟକାଇବା ଲାଗି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛୁ।' ଦକ୍ଷିଣ ଆଫ୍ରିକା ଖେଳାଳିମାନେ ସନ୍ଧ୍ୟା ୫ଟାରୁ ଓ ଫ୍ଲଡ ଲାଇଟ୍‌ରେ ରାତି ସାଢ଼େ ୭ଟା ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ନେଟ୍ସରେ ଝାଳ ବୁହାଇଥିଲେ। ସେଣ୍ଟର ପିଚ୍ ନିକଟରେ ଥିବା ନେଟ୍ସରେ ଡେଭିଡ୍ ମିଲର ଓ କୋର୍ବିନ ବୋଷ୍ଟ ବଡ଼ ବଡ଼ ଛକା ମାରି ମ୍ୟାଚ୍ ପୂର୍ବରୁ ନିଜକୁ ପ୍ରସ୍ତୁତ କରିଥିଲେ। ସେହିଭଳି ଲୁନ୍‌ଗି ଏନ୍‌ଗିଡି ବାଉଣ୍ଡାରୀ ଲାଇନରେ ଉଚ୍ଚ କ୍ୟାଚ ଅଭ୍ୟାସ କରୁଥିବାର ଦେଖିବାକୁ ମିଳିଥିଲା।

## ଭାରତ ଲାଗି ତୃତୀୟଥର ଭାଗ୍ୟବାନ ହେବ କି ବାରବାଟୀ

ଭୁବନେଶ୍ୱର, ୮।୧୨ (ସମିସ): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତାକାଲିଠାରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମୁକାବିଲା ଆସନ୍ତାକାଲିଠାରୁ ଆରମ୍ଭ ହେବ। ବାରବାଟୀରେ ସିରିଜ୍ ଆରମ୍ଭ ହେଉଥିବାରୁ ଓଡ଼ିଶା ଦର୍ଶକ କିଛିଟା ଅଧିକ ଉତ୍ସାହିତ ରହିବା ସ୍ୱାଭାବିକ୍। କିନ୍ତୁ ଉଭୟ ଦଳ ଏଠାରେ ପରସ୍ପର ସହ ତୃତୀୟ ଟି-୨୦ ମୁକାବିଲାରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି। ଏହି ମ୍ୟାଚ୍ ଭାରତ ଲାଗି ଲକି ସାବ୍ୟସ୍ତ ହେବ କି ଦଳ ହ୍ୟାଟ୍ରିକ୍ ପରାଜୟ ବରଣ କରିବ ତାହାକୁ ନେଇ ବେଶ ଚର୍ଚ୍ଚା ଚାଲିଛି। ପୂର୍ବରୁ ୨୦୧୫ ଓ ୨୦୨୨ରେ ଖେଳାଯାଇଥିବା ଦୁଇଟିଯାକ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପରାଜିତ ହୋଇଛି। ଏଠାରେ ଦଳକୁ ଭାଗ୍ୟଦେବୀ ସହାୟ ହେବ କି ନାହିଁ ତାହା ଆସନ୍ତାକାଲି ମ୍ୟାଚ୍ ପରେ ଜଣା ପଡ଼ିବ। ସେହିପରି ଉଭୟ ଦଳ ନୂଆ ଅଧିନାୟକ ଓ କିଛି ନୂଆ ଖେଳାଳିଙ୍କୁ ନେଇ ଏହି ସିରିଜ୍ ଖେଳିବ। ବିଶ୍ୱକପ୍ ପୂର୍ବରୁ ଏହାକୁ ମିଶାଇ ଆଉ ୧୦ଟି ମ୍ୟାଚ୍ ଖେଳାଯିବାକୁ ଥିବାରୁ ଏବେ ଉଭୟ ଚାମ୍ପିଅନ ଓ ରନର୍ସ ଅପ୍ ଦଳ ଏବେଠାରୁ ଚୂଡାନ୍ତ ପର୍ଯ୍ୟାୟ ପ୍ରସ୍ତୁତି ଆରମ୍ଭ କରିବେ ବୋଲି ଯୋଜନା ରଖିଛନ୍ତି।

### କ'ଣ ହୋଇପାରେ ରେକର୍ଡ

ଭାରତ ଏଠାରେ ଆସନ୍ତାକାଲିର ମ୍ୟାଚ୍ ଜିତିଲେ ଭାରତ ପରାଜିତ ହେବାର ଧାରା ଭାଙ୍ଗିବ। ଦଳ ଓ ଦର୍ଶକଙ୍କ ଲାଗି ସିରିଜ୍‌ର ପ୍ରଥମ ମ୍ୟାଚ୍ ବିଜୟ ବେଶ ଉତ୍ସାହ ଆଣିଥାଏ।

**ଯଶପ୍ରୀତ୍ ବୁମ୍‌ରା** : ସେହିପରି ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଯଦି ଏଠାରେ ଆଉ ଗୋଟିଏ ୱିକେଟ ନିଅନ୍ତି ତେବେ ଏହି ଫର୍ମାଟରେ ସେ ୧୦୦ତମ ୱିକେଟ ହାସଲ କରିବେ। କିନ୍ତୁ ସେ ବିଶ୍ୱର ମାତ୍ର ପଞ୍ଚମ ବୋଲର ଭାବେ ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ୩ଟି ଯାକ ଫର୍ମାଟରେ ୧୦୦ କିମ୍ବା ତା'ଠାରୁ ଅଧିକ ୱିକେଟ ନେବାର ବିରଳ ରେକର୍ଡର ଅଧିକାରୀ ହେବେ।

ଏହି ଫର୍ମାଟରେ ୯୮ଟି ୱିକେଟ ନେଇଥିବା ହାର୍ଦ୍ଦିକ ପାଣ୍ଡ୍ୟା ଆଉ ଦୁଇଟି ୱିକେଟ ଅକ୍ତିଆର କଲେ ଏହି ଫର୍ମାଟରେ ୧୦୦ ୱିକେଟ ପୂରଣ କରିବେ।



### ଜାତୀୟ କିକ୍ ବକ୍ସିଂ ଚାମ୍ପିଅନସିପ୍ ଉଦ୍‌ଯାପିତ

# ସିନିଅର ଓ ସବ୍‌ଜୁନିଅର ବିଭାଗରେ ଓଡ଼ିଶା ଚାମ୍ପିଅନ

ଭୁବନେଶ୍ୱର, ୮।୧୨ (ସମିସ)

ଇଣ୍ଡିଆନ ଆସୋସିଏସନ ଅଫ କିକ୍ ବକ୍ସିଂ ଅର୍ଗାନାଇଜେସନ (ଆଇକେଓ) ପକ୍ଷରୁ ନିଖିଳ ଓଡିଶା କିକ ବକ୍ସିଂ ଆସୋସିଏସନ ସହାୟତାରେ ଭୁବନେଶ୍ୱରଠାରେ ୪ ଦିନ ଧରି ଚାଲିଥିବା ଜାତୀୟ କିକ ବକ୍ସିଂ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଟାଉନ ହାଉସରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ (ସିନିଅର) ଓ ଉପକନିଷ୍ଠ (ସବଜୁନିଅର) ବର୍ଗରେ ଓଡ଼ିଶା ଦଳଗତ ଚାମ୍ପିଅନ ହୋଇଥିଲା ବେଳେ କନିଷ୍ଠ (ଜୁନିୟର) ବର୍ଗରେ କେରଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସେହିପରି କର୍ଣ୍ଣାଟକର ପରିତୋଷ ମେଘାଳୟର ରୟାଲସନ କୁ ପରାସ୍ତ କରି ପ୍ରଥମ ଆଇଏସ୍‌କେଏ ଜାତୀୟ ପ୍ରୋ କୁଁ ଖମେର ଟାଇଟଲ ହାସଲ କରିଛନ୍ତି। ପ୍ରୋ କିକ ବକ୍ସିଂ ୫୦ କିଲୋ ବର୍ଗରେ ଓଡ଼ିଶାର ରାହୁଲ ଘଡେଇ ଓ ୬୦ କିଲୋ ବର୍ଗରେ କେରଳର ନିହାଲ କରିମ ବେଲ୍ଟ ହାସଲ କରିଥିବା ନେଇ ଆୟୋଜକ କମିଟି ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଆୟୋଜକ କମିଟି ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଓଡ଼ିଶା ଅଲିମ୍ପିକ ଆସୋସିଏସନ ସଭାପତି ସମୀର ମହାନ୍ତି ମୁଖ୍ୟଅତିଥି, ରୋଟାରୀ ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ ମନୋଜ ତ୍ରିପାଠୀ, ଆଇଏକେଓ ସଭାପତି ଇଂ ପ୍ରବୋଧ ମହାନ୍ତି, ସମାଜସେବୀ ରୋଜାଲିନ ପାଟ୍ଟଶାଣୀ ମିଶ୍ର, ରୋଟାରୀ ଜିଲା ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଯୋଗ ଦେଇଥିଲେ।




## ମନ୍ଥର ବୋଲିଂ ଲାଗି ଭାରତ ଦଣ୍ଡିତ

ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆରେ ମନ୍ଥରଗତିରେ ବୋଲିଂ କରିଥିବା ଭାରତୀୟ ଦଳକୁ ଦଣ୍ଡ ପ୍ରଦାନ କରାଯାଇଛି। ଦକ୍ଷିଣ ଆଫ୍ରିକା ଇନିଂସରେ ବୋଲିଂ କରିଥିବା ଭାରତ ନିର୍ଦ୍ଧାରିତ ସମୟରେ ୨ ଓଭର କମ୍ ବୋଲିଂ କରିଥିଲା। ଅମ୍ପାୟାରଙ୍କ ରିପୋର୍ଟ ପାଇବା ପରେ ମ୍ୟାଚ୍ ରେଫରୀ ରିଚି ରିଚାର୍ଡସନ ଖେଳାଳିମାନଙ୍କର ୧୦ ଶତକଡ଼ା ମ୍ୟାଚ୍ ଫି କାଟି ନେଇଛନ୍ତି। ଏହି ମ୍ୟାଚ୍‌କୁ ଦକ୍ଷିଣ ଆଫ୍ରିକା ଜିତି ସିରିଜ୍‌କୁ ୧-୧ ସମାନ ସ୍ଥିତିକୁ ଆଣିଥିଲା। ଏହି ଅର୍ଥ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ପାଇଁ ମଧ ଲାଗୁ ହେବ ବୋଲି ରିଚାର୍ଡସନ ସ୍ପଷ୍ଟ କରିଛନ୍ତି।

## ଆଜିଠାରୁ ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର, ୮।୧୨ (ସମିସ): କଟକର ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଆସନ୍ତାକାଲି ବା ମଙ୍ଗଳବାରଠାରୁ ଓଡ଼ିଶା ମାଷ୍ଟର୍ସ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ତୃତୀୟ ସଂସ୍କରଣ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟକୁ ମିଳିତ ଭାବେ ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆ (ବାଇ), ଓଡ଼ିଶା ବ୍ୟାଡମିଣ୍ଟନ ସଂଘ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆୟୋଜନ କରୁଛନ୍ତି। ଆସନ୍ତା ୧୪ ତାରିଖଯାଏ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ୨୨ଟି ଦେଶରୁ ୫୭୮ ଜଣ ପ୍ରତିଯୋଗୀ ୫ଟି ଭିନ୍ନ ଭିନ୍ନ ବିଭାଗରେ ଅଂଶଗ୍ରହଣ କରିବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହା ମଧ୍ୟରେ ଭାରତରୁ ସର୍ବାଧିକ ୩୧୦ରୁ ୩୩୦, ମାଲେସିଆରୁ ୪୫ରୁ ୫୫, ଇଣ୍ଡୋନେସିଆରୁ ୪୦ରୁ ୫୦, ଚାଇନିଜ୍ ତାଇପେରୁ ୨୫ରୁ ୩୫ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଏସିଆ, ୟୁରୋପ, ଆମେରିକା, ଅଷ୍ଟ୍ରେଲିଆ ଆଦି ମହାଦେଶରୁ ଖେଳାଳିମାନେ ଅଂଶଗ୍ରହଣ କରୁଛନ୍ତି। ଏହା ମଧ୍ୟରେ ଓଡ଼ିଶାରୁ ୧୩ ଜଣ ଖେଳାଳି ସମସ୍ତ ବିଭାଗରେ ଭାଗ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଆୟୁଷ ଦାଶ, ଆର୍ଯ୍ୟ ମାଝୀ, ମହିଳା ସିଙ୍ଗଲ୍ସରେ ହର୍ଷିତା ରାଉତ ଓ ଜାତୀୟ ଜୁନିଅର ଚାମ୍ପିଅନ ତନ୍‌ଭୀ ପତ୍ରୀ, ପୁରୁଷ ଡବଲ୍ସରେ ଅବିନାଶ ମହାନ୍ତି, ଆୟୂଷ ପଟ୍ଟନାୟକ, କେ. ମୁରଲୀ କ୍ରିଷ୍ଣା, ଅଭିଜିତ ମହାରାଣା, ମହିଳା ଡବଲ୍ସରେ ରତ୍ନପର୍ଣ୍ଣା ପଣ୍ଡା, ଶ୍ୱେତପର୍ଣ୍ଣା ପଣ୍ଡା, ହର୍ଷିତା ରାଉତ୍, ପୂର୍ବା ପ୍ରତ୍ୟାଶା ପଣ୍ଡା, ବିଶାଖା ଟପ୍ପୋ, ମିକ୍ସଡ ଡବଲ୍ସରେ ଆୟୁଷ ଦାଶ-ପୂର୍ବା ପ୍ରତ୍ୟାଶା ପଣ୍ଡା, ହର୍ଷିତା ରାଉତ-ତନ୍ମୟ କୁମାର ସାହୁ ଅଂଶଗ୍ରହଣ କରିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ଲାଭ କରିଥିବା ବୁଲଗାରିଆର ଷ୍ଟୋଏଭା ସିଷ୍ଟର୍ସ, ଇଣ୍ଡୋନେସିଆର ମହିଳା ଡବଲ୍ସ ଯୋଡି ଆପ୍ରିୟାନୀ ରାହାୟୁ-ସିତି ଫାଦିଆ, ଥାଇଲାଣ୍ଡର ଲାଲିନରାତ ଚାଇୱାନ୍, ଇଣ୍ଡୋନେସିଆର ମହମ୍ମଦ୍ ରିଆନ୍ ଆଡ୍ରିଆଣ୍ଟୋ ଅଂଶଗ୍ରହଣ କରୁଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS